# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, November 2/2023 Page 16 ₹ 7.00

୪୯ଶ ଭାଗ ୩୩୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 337 ମୂଲ୍ୟ ₹୭/-






ଗଞ୍ଜାମ ଜିଲ୍ଲା

୨୫୧ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୫ ହଜାର ୭୦୬ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ସୁବର୍ଣ୍ଣପୁର ଜିଲ୍ଲା

୫୪ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୧ ହଜାର ୪୧୯ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଶୁଭାରମ୍ଭ

୨ ନଭେମ୍ବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0049/2324

## ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୩ ଯବାନ ଆହତ

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟରେ ବୁଧବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ୩ ଜଣ ସେନା ଯବାନ ଆହତ ହୋଇଛନ୍ତି। ଯବାନମାନେ ମେନ୍ଧାର ସେକ୍ଟର ଅନ୍ତର୍ଗତ ଫଗୱାରି ଗଲିରେ ପାଟ୍ରୋଲିଂ କରୁଥିବାବେଳେ ଲ୍ୟାଣ୍ଡମାଇନ୍ ସକ୍ରିୟ ହୋଇଯାଇଥିଲା ବୋଲି ପ୍ରାଥମିକ ତଥ୍ୟରୁ ଜଣାପଡ଼ିଛି। ଆହତ ଯବାନମାନଙ୍କୁ ନିକଟବର୍ତ୍ତୀ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ରାଜୌରୀସ୍ଥିତ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଛୁରାମାଡ଼

**ୱାଶିଂଟନ,୧।୧୧:** ଆମେରିକାର ଇଣ୍ଡିଆନା ପ୍ରଦେଶ ଅନ୍ତର୍ଗତ ଭାଲପାରାଇସୋ ସହରରେ ଜଣେ ୨୪ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ଗୁଳିମାଡ଼ ହୋଇଛି। ଗୁରୁତର ଛାତ୍ରଙ୍କୁ ଫୋର୍ଟ ୱାନେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ଏକ ପବ୍ଲିକ୍ ଜିମ୍‌ରେ କମ୍ପ୍ୟୁଟର ସାଇନ୍ସ ପଢୁଥିବା ଭାରତୀୟ ଛାତ୍ର ପି. ବରୁଣ ରାଜାଙ୍କ ମୁଣ୍ଡକୁ ଜୋର୍ଡାନ୍ ଆଣ୍ଡ୍ରେସ୍ ନାମକ ଯୁବକ ଛୁରାମାଡ଼ କରିଛନ୍ତି। ଆକ୍ରମଣର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି।

### ତଦନ୍ତରେ ସହଯୋଗ ପାଇଁ ତିସ୍ତାଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧।୧୧(ପି.ଟି.):** ପାଣ୍ଠି ହେରଫେର ମାମଲାରେ ସମ୍ପୃକ୍ତ ଆକ୍ଟିଭିଷ୍ଟ ତିସ୍ତା ସିତଲୱାଡ୍ ଓ ତାଙ୍କ ସ୍ୱାମୀ ଜାଭେଦ ଆନନ୍ଦଙ୍କୁ ତଦନ୍ତରେ ଗୁଜରାଟ ପୋଲିସକୁ ସହଯୋଗ କରିବା ପାଇଁ ସୁପ୍ରିମକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାଙ୍କୁ ପୂର୍ବରୁ ମିଳିଥିବା ଆଗୁଆ ଜାମିନ୍‌ରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଏହି ଦମ୍ପତି ତଦନ୍ତରେ ସହଯୋଗ କରୁ ନ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଅଦାଲତଙ୍କୁ ଜଣାଇବା ପରେ ଜଷ୍ଟିସ୍ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ପି.କେ. ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସହଯୋଗ କରୁ ନ ଥିବାରୁ ଉକ୍ତ ମାମଲାରେ ଏପର୍ଯ୍ୟନ୍ତ ଚାର୍ଜଶିଟ୍ ଦାଖଲ ହୋଇପାରି ନ ଥିବା ରାଜୁ କହିଥିଲେ।


ତିସ୍ତା ସିତଲୱାଡ୍

### ଆଜି ମହୁଆଙ୍କୁ ଜେରା କରିବ ଏଥିକ୍ସ କମିଟି

**ନୂଆଦିଲ୍ଲୀ,୧।୧୧:** ପାର୍ଲାମେଣ୍ଟରେ ପ୍ରଶ୍ନ ପଚାରିବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ଲୋକ ସଭାର ଏଥିକ୍ସ କମିଟି ଗୁରୁବାର ଜେରା କରିବ। କମିଟିରେ ଦାଖଲ ହୋଇଥିବା ଦସ୍ତାବିଜ୍ ଓ ତଥ୍ୟପ୍ରମାଣ ସହ ୩ କେନ୍ଦ୍ରୀୟ ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟିର ରିପୋର୍ଟ ଆଧାରରେ ଟିଏମ୍‌ସି ଏମ୍‌ପିଙ୍କୁ ଜେରା କରାଯିବ। ସ୍ୱରାଷ୍ଟ୍ର, ସୂଚନା ପ୍ରଯୁକ୍ତି ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ନେଇ କମିଟି ଗଠନ କରାଯାଇଥିଲା। ଗତ ୨୬ରେ ଏଥିକ୍ସ କମିଟି ବୈଠକ ବସିବା ପରେ ୩ ମନ୍ତ୍ରଣାଳୟରୁ ତଥ୍ୟ ମଗାଯାଇଥିଲା। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ମହୁଆଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ମହୁଆଙ୍କ ସଂସଦୀୟ ଆକାଉଣ୍ଟ ଦୁବାଇରୁ ପ୍ରାୟ ୪୭ ଥର ଲଗ୍‌ଇନ୍ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ପାର୍ଲାମେଣ୍ଟ ଆଇଡି ଏବଂ ପାସ୍‌ୱାର୍ଡ ସେ ହୀରାନନ୍ଦାନୀଙ୍କୁ ଦେଇଥିବା କଥା ପୂର୍ବରୁ ସ୍ୱୀକାର କରିଥିଲେ।

### ମାଲୟାଲମ ଅଭିନେତ୍ରୀ ପ୍ରିୟାଙ୍କ ହୃଦ୍‌ଘାତରେ ମୃତ୍ୟୁ



**ଥିରୁଭାନନ୍ତପୁରମ୍,୧।୧୧:** ଅଭିନେତ୍ରୀ ରେଞ୍ଜୁଶା ମେନନ୍‌ଙ୍କ ମୃତ୍ୟୁର ଦୁଇଦିନ ପରେ ମାଲୟାଲମ୍ ଟେଲିଭିଜନ ଅଭିନେତ୍ରୀ ଡ. ପ୍ରିୟାଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୩୫ ବର୍ଷ ହୋଇଥିଲା ଓ ସେ ୮ ମାସର ଗର୍ଭବତୀ ଥିଲେ। ସେ ତାଙ୍କ ଗର୍ଭାବସ୍ଥାର ଚେକ୍‌ଅପ୍ ପାଇଁ ଏକ ଘରୋଇ ହସ୍ପିଟାଲକୁ ଯାଇଥିବାବେଳେ ସେଠାରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ତାଙ୍କ ନବଜାତ ଶିଶୁକୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ରଖାଯାଇଛି। ସୋମବାର ସକାଳେ ମାଲୟାଲମ ଅଭିନେତ୍ରୀ ରେଞ୍ଜୁଶାଙ୍କ ମୃତଦେହ ତାଙ୍କ ଥିରୁଭାନନ୍ତପୁରମ୍ ଫ୍ଲାଟ୍‌ରୁ ମିଳିଥିଲା। ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଥିଲା।

## ନନ୍ଦିନୀ ଦାସଙ୍କୁ ବ୍ରିଟିଶ୍ ଏକାଡେମୀ ବୁକ୍ ପ୍ରାଇଜ୍



ଭାରତରେ ଜନ୍ମିତ ନନ୍ଦିନୀ ଦାସ ୨୦୨୩ ବର୍ଷର ମର୍ଯ୍ୟାଦାଜନକ ବ୍ରିଟିଶ୍ ଏକାଡେମୀ ବୁକ୍ ପ୍ରାଇଜ୍ ବିଜୟିନୀ ହୋଇଛନ୍ତି। ଏହି ୪୯ ବର୍ଷୀୟା ଇଂଲିଶ୍ ପ୍ରଫେସର ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡରେ ପ୍ରାଧ୍ୟାପନା କରନ୍ତି। ନନ୍ଦିନୀ ତାଙ୍କ ପୁସ୍ତକ ‘କୋର୍ଟିଂ ଇଣ୍ଡିଆ: ଇଂଲଣ୍ଡ, ମୋଗଲ ଇଣ୍ଡିଆ ଆଣ୍ଡ୍ ଦି ଓରିଜିନ୍ ଅଫ୍ ଏମ୍ପାୟାର’ ପାଇଁ ବ୍ରିଟିଶ୍ ଏକାଡେମୀ ବୁକ୍ ପ୍ରାଇଜ୍ ଫର୍ ଗ୍ଲୋବାଲ କଲ୍‌ଚରାଲ ଅଣ୍ଡରଷ୍ଟାଣ୍ଡିଂ ପୁରସ୍କାର ବାବଦରେ ୨୫,୦୦୦ ପାଉଣ୍ଡ ମିଳିବ। ସପ୍ତଦଶ ଶତାବ୍ଦୀରେ ମୋଗଲ ଶାସନ କାଳରେ ଭାରତକୁ ବ୍ରିଟେନ୍‌ର ପ୍ରଥମ କୂଟନୈତିକ ମିଶନରେ ଆସିଥିବା ରାଷ୍ଟ୍ରଦୂତ ସାର୍ ଥୋମାସ୍ ରୋଏଙ୍କ ଉପରେ ଏହି ଇଣ୍ଟରନ୍ୟାଶନାଲ ନନ୍-ଫିକ୍ସନ୍‌ର କାହାଣୀ ଗତିଶୀଳ ହୋଇଛି।

## ହାସିନାଙ୍କ ଝିଅ ଡବ୍ଲ୍ୟୁଏଚ୍‌ଓ ରିଜିଓନାଲ ଡାଇରେକ୍ଟର

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଝିଅ ସାଇମା ୱାଜେଦ୍ ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଦକ୍ଷିଣ-ପୂର୍ବ ଏସିଆ ରିଜିୟନ୍ ପାଇଁ ନୂଆ ଆଞ୍ଚଳିକ ନିର୍ଦ୍ଦେଶିକା ନିର୍ବାଚିତ ହୋଇଛନ୍ତି। ସେ ୨୦୨୪ରୁ ୪ ବର୍ଷ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବେ। ଏହି ନିର୍ବାଚନ ଜନସ୍ୱାସ୍ଥ୍ୟ ପ୍ରତି ୫୦ ବର୍ଷୀୟା ସାଇମାଙ୍କ ପ୍ରତିବଦ୍ଧତା ଓ ନେତୃତ୍ୱ ନେବାର ଦକ୍ଷତାକୁ ପ୍ରମାଣିତ କରିଛି। ଡବ୍ଲ୍ୟୁଏଚ୍‌ଓ ରିଜିଓନାଲ କମିଟି ଫର୍ ସାଉଥ୍-ଇଷ୍ଟ ଏସିଆ ରିଜିୟନ୍‌ର ୭୬ତମ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ତାଙ୍କ ସପକ୍ଷରେ ଭୋଟ ଦେଇଥିଲେ। ଦୌଡ଼ରେ ଥିବା ନେପାଳର ଶମ୍ଭୁ ପ୍ରସାଦ ଆଚାର୍ଯ୍ୟଙ୍କୁ ସାଇମା ପରାସ୍ତ କରିଛନ୍ତି।


ସାଇମା ୱାଜେଦ୍

# ନେତାନ୍ୟାହୁଙ୍କ ଘାତକ ପ୍ଲାନ୍

## ସିନାଇରେ ଗାଜାବାସୀଙ୍କ ପାଇଁ ହେବ ନୂଆ ବସତି


ଗାଜା ଷ୍ଟ୍ରିପ୍ ସଂଲଗ୍ନ ରାଫାହ ସୀମା ଦେଇ ଇଜିପ୍ଟକୁ ପ୍ରବେଶ କରୁଛନ୍ତି ପାଲେଷ୍ଟିନୀୟ ଶରଣାର୍ଥୀ।

**ଜେରୁଜେଲମ୍,୧।୧୧**

ହମାସ୍ ସହ ଯୁଦ୍ଧ ଚାଲିଥିବାବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏକ ଘାତକ ଯୋଜନା ପ୍ରଘଟ ହୋଇଛି। ସୂଚନାନୁସାରେ ଇସ୍ରାଏଲ ଗାଜାବାସୀଙ୍କୁ ଇଜିପ୍ଟର ସିନାଇ ଉପଦ୍ୱୀପକୁ ସ୍ଥାନାନ୍ତର ପାଇଁ ଯୋଜନା କରିଛି। ଇସ୍ରାଏଲର ଗୋଇନ୍ଦା ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ୧୦ ପୃଷ୍ଠା ସମ୍ବଳିତ ଏହି ବିବାଦୀୟ ଦସ୍ତାବିଜ ସମ୍ପର୍କରେ ୱିକିଲିକ୍ସ ପକ୍ଷରୁ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଏକ୍ସ’ରେ ଏକ ପୋଷ୍ଟ କରାଯାଇଛି। ଲିକ୍ ଦସ୍ତାବିଜ ଯୋଗୁ ବଡ଼ ବିବାଦ ମୁଣ୍ଡ ଟେକିଛି।

ପ୍ରଘଟ ଦସ୍ତାବିଜ ଅନୁସାରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଅଜାଣତରେ ଏପରି ଯୋଜନା କରାଯାଇପାରିବ ନାହିଁ। ଏଥିରେ ଗାଜାବାସୀଙ୍କୁ ଇଜିପ୍ଟର ସିନାଇକୁ ପଠାଇବା ପାଇଁ ପ୍ଲାନ୍ ହୋଇଥିବା ଉଲ୍ଲେଖ କରାଯାଇଛି। ଗାଜା ଉପରେ ସ୍ଥଳଭାଗରେ ଇସ୍ରାଏଲୀ ସୈନ୍ୟଙ୍କ ଆକ୍ରମଣ ପୂର୍ବରୁ ସେମାନଙ୍କୁ ପ୍ରଥମେ ଉତ୍ତର ଗାଜାରୁ ଦକ୍ଷିଣ ଗାଜାକୁ ଯିବାପାଇଁ ନିର୍ଦ୍ଦେଶ ଦିଆଯିବା ସମ୍ପର୍କରେ ଅବତାରଣା କରାଯାଇଛି। କେବଳ ଏତିକି ନୁହେଁ, ଆକ୍ରମଣ ବଢ଼ାଇବା ସହ ସେମାନଙ୍କୁ ସ୍ଥାନାନ୍ତର ହେବା ପାଇଁ ବାଧ କରାଯିବ। ସିନାଇର ଉତ୍ତର ଭାଗରେ ଗାଜାବାସୀଙ୍କ ପାଇଁ ଏକ ବସତି ସ୍ଥାପନ କରାଯିବ। ମେକୋମିଟ୍ ନାମକ ଏକ ହେବ୍ରୁ ୱେବ୍‌ସାଇଟ୍‌ରେ ପ୍ରଥମେ ଏହି ଦସ୍ତାବିଜ ଦେଖିବାକୁ ମିଳିଥିଲା। ଉକ୍ତ ୱେବ୍‌ସାଇଟ୍ ଅନୁସାରେ ଏହି ଦସ୍ତାବିଜକୁ ଗୋଇନ୍ଦା ମନ୍ତ୍ରଣାଳୟର ଅନୁମୋଦନ ମିଳିଛି। ତେବେ ନେତାନ୍ୟାହୁଙ୍କ ଅଫିସ୍ ଏହାକୁ ଏକ କାଳ୍ପନିକ ବିଷୟ କହି ଖଣ୍ଡନ କରିଛି। ଇସ୍ରାଏଲ ଗାଜାର ସମସ୍ୟାକୁ ଇଜିପ୍ଟର ସମସ୍ୟାରେ ପରିଣତ କରିବାକୁ ଚାହୁଁଥିବା କାଏରୋ ମନେକରୁଛି। କାରଣ ଏତେ ବିସ୍ଥାପିତ ଲୋକ ସିନାଇରେ ସ୍ଥାୟୀ ବସତି ସ୍ଥାପନ କଲେ ତାହା ଇଜିପ୍ଟ ପାଇଁ ଆଉ ଏକ ସଙ୍କଟ ସୃଷ୍ଟି କରିବ। ଅନ୍ୟପକ୍ଷେ ଏହି ଯୋଜନା ଦ୍ୱାରା ଗାଜାକୁ ସମ୍ପୂର୍ଣ୍ଣ ଭାବେ ଦଖଲ କରିବାକୁ ଇସ୍ରାଏଲ ଚାହୁଁଥିବା ପାଲେଷ୍ଟାଇନ୍ ସମାଲୋଚନା କରିଛି। ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ମୁଖ୍ୟ ମହମୁଦ୍ ଅବାସ୍‌ଙ୍କ ମୁଖପାତ୍ର ନାଇବ ଅବୁ ରୁଦାଇନେହ କହିଛନ୍ତି, ଆମେ ଏପରି ଭାବେ ଲୋକଙ୍କୁ ଅନ୍ୟତ୍ର ପଠାଇବାକୁ ଚାହୁଁନାହୁଁ। ଏହି ଉଦ୍ୟମ ସଫଳ ହେଲେ ୧୯୪୮ରେ ଯାହା ଘଟିଥିଲା, ତା’ର ପୁନରାବୃତ୍ତି ହେବ। ପ୍ରକାଶ ଯେ, ୧୯୪୮ରେ ଇସ୍ରାଏଲ ଗଠନ ହେବା ପୂର୍ବରୁ ଚାଲିଥିବା ଯୁଦ୍ଧବେଳେ ପ୍ରାୟ ୭ ଲକ୍ଷ ପାଲେଷ୍ଟିନୀୟଙ୍କୁ ଘର ଛାଡ଼ି ଲେବାନନ୍, ସିରିଆ ଓ ଜୋର୍ଡାନକୁ ପଳାୟନ କରିବାକୁ ପଡ଼ିଥିଲା। ପଳାୟନକାରୀମାନେ ଫେରିପାରି ନ ଥିବାବେଳେ ସେହି ଅଞ୍ଚଳ ଏବେ ଇସ୍ରାଏଲ ଭୂଖଣ୍ଡ ପାଲଟିଛି।



“ଗାଜା ଷ୍ଟ୍ରିପ୍‌ରେ ଲଢ଼େଇ ସମୟରେ ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ସତ୍ତ୍ୱେ ଯନ୍ତ୍ରଣାଦାୟକ କ୍ଷତି ସହିଛେ। ତଥାପି ହମାସ୍‌କୁ ସମୂଳେ ନାଶ ନ କରିବା ଯାଏ ଏହି ଯୁଦ୍ଧ ଜାରି ରହିବ।

–ବେଞ୍ଜାମିନ୍ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ

### ୨୬ ଦିନରେ ଯୁଦ୍ଧ

➡ଇସ୍ରାଏଲ-ହମାସ୍ ଯୁଦ୍ଧ ବୁଧବାର ୨୬ ଦିନରେ ପହଞ୍ଚିଥିବାବେଳେ ଗାଜା ସିଟିର ଦକ୍ଷିଣଭାଗରେ ପାଲେଷ୍ଟିନୀୟ ଫାଇଟର୍ସ ଏବଂ ଇସ୍ରାଏଲୀ ବଳ ମୁହାଁମୁହିଁ ହୋଇଛନ୍ତି। ଗାଜା ଷ୍ଟ୍ରିପ୍‌ର ୨.୩ ନିୟୁତ ଲୋକଙ୍କୁ ଇଜିପ୍ଟର ସିନାଇ ଉପଦ୍ୱୀପକୁ ପଠାଇବା ପାଇଁ ଇସ୍ରାଏଲ ଯୋଜନା କରିଛି। ଅନ୍ୟପକ୍ଷେ ଏହି ବିସ୍ଥାପନ ଯୋଜନାକୁ ହମାସ୍ ପ୍ରତ୍ୟାଖ୍ୟାନ କରିଛି।

➡ଇସ୍ରାଏଲର ରକେଟ୍ ମାଡ଼ରେ ଆହତ ହୋଇଥିବା ୮୧ ଜଣ ପାଲେଷ୍ଟିନୀୟଙ୍କୁ ଚିକିତ୍ସା ପାଇଁ ଇଜିପ୍ଟ ନିଜ ଭୂଖଣ୍ଡକୁ ପ୍ରବେଶ ଅନୁମତି ଦେଇଛି। ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲର ଆକ୍ରମଣକୁ ଇଜିପ୍ଟ ନିନ୍ଦା କରିବା ପରେ ଏହି ନିଷ୍ପତ୍ତି ନେଇଛି। ଜବାଲିଆ ଆକ୍ରମଣକୁ କାତାର, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ନିନ୍ଦା କରିଛନ୍ତି।

➡ଉତ୍ତର ଗାଜାସ୍ଥିତ ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲୀ ଆକ୍ରମଣରେ ପ୍ରାୟ ୪୦୦ ଜଣ ମୃତାହତ ହୋଇଥିବା ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

➡ଇସ୍ରାଏଲୀ ସୈନ୍ୟ ହମାସ୍ ବିରୋଧୀ ଅପରେଶନ୍‌କୁ ବ୍ୟାପକ କରିବାକୁ ଯାଇ ଟ୍ୟାଙ୍କ ସହ ଗାଜା ଷ୍ଟ୍ରିପ୍‌ର ଗୋଟିଏ ପଟୁ ୧୦ କି.ମି. ଓ ଅନ୍ୟ ଏକ ପଟୁ ୪୧ କି.ମି. ଭିତରକୁ ପ୍ରବେଶ କରିଛନ୍ତି।

➡ଶରଣାର୍ଥୀଙ୍କ ପାଇଁ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଗାଜାରେ ଅସ୍ତ୍ରବିରତି ଏବଂ ଇସ୍ରାଏଲୀ ଦଖଲ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି।

➡ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲର ସାମରିକ ଦମନକୁ ବୋଲିଭିଆ ନିନ୍ଦା କରିବା ସହ ଇସ୍ରାଏଲ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି। ଏଥିସହ ଗାଜାକୁ ମାନବୀୟ ସହାୟତା ପ୍ରେରଣ କରାଯିବ ବୋଲି ବୋଲିଭିଆ ମିନିଷ୍ଟର ଅଫ୍ ପ୍ରେସିଡେନ୍ସି ମରିଆ ନେଲା ପ୍ରାଡା ଘୋଷଣା କରିଛନ୍ତି।

➡ଗାଜା ମୃତ୍ୟୁସଂଖ୍ୟା ୮,୫୦୦ ଅତିକ୍ରମ କରିଥିବାବେଳେ ଅନ୍ୟ ୨ ଲାଟିନ୍ ଆମେରିକୀୟ ରାଷ୍ଟ୍ର କଲମ୍ବିଆ ଓ ଚିଲି ମଧ୍ୟ ଇସ୍ରାଏଲରୁ ନିଜ ନିଜ ରାଷ୍ଟ୍ରଦୂତଙ୍କୁ ପ୍ରତ୍ୟାହାର କରିନେଇଛନ୍ତି।

## ଇସ୍ରାଏଲକୁ ତୈଳ, ଖାଦ୍ୟ ଯୋଗାଅ ନାହିଁ

### ମୁସଲିମ୍ ଦେଶଗୁଡ଼ିକୁ ଇରାନ୍‌ର ଆହ୍ୱାନ

ଗାଜା ଷ୍ଟ୍ରିପ୍‌ରେ ବୋମାବର୍ଷା ବନ୍ଦ ଦାବିରେ ଇସ୍ରାଏଲକୁ ତୈଳ ଓ ଖାଦ୍ୟ ଯୋଗାଣ ବନ୍ଦ କରିବାକୁ ଇରାନ୍ ସୁପ୍ରିମଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ମୁସଲିମ୍ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଗାଜାରେ ଇହୁଦୀ ରାଷ୍ଟ୍ରର ବମ୍ବିଂ ତୁରନ୍ତ ବନ୍ଦ ହେବା ଜରୁରୀ ବୋଲି ଖାମେନେଇ କହିଛନ୍ତି। ପ୍ରକାଶ ଯେ, ଇସ୍ରାଏଲକୁ ଅକ୍ଟୋବର ୭ରେ ପ୍ରଥମେ ଆକ୍ରମଣ କରି ୧,୪୦୦ ଲୋକଙ୍କ ଜୀବନ ନେଇଥିବା ହମାସ୍ ଆତଙ୍କବାଦୀଙ୍କୁ ଇରାନ୍ ସମର୍ଥନ ଦେଇଆସୁଛି।


ଆୟାତୋଲ୍ଲା ଅଲୀ ଖାମେନେଇ

## ଜେଟ୍ ଏୟାରୱେଜ୍‌ର ୫୩୮ କୋଟି ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

### ମନିଲଣ୍ଡରିଂ ମାମଲା

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଜେଟ୍ ଏୟାରୱେଜ୍‌ର ପ୍ରତିଷ୍ଠାତା ନରେଶ ଗୋୟଲ ଏବଂ ତାଙ୍କ ପରିବାର ସଦସ୍ୟ ତଥା କମ୍ପାନୀର ଲଣ୍ଡନ, ଦୁବାଇ ଓ ଭାରତରେ ଥିବା ୫୩୮.୦୫ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି। ବ୍ୟାଙ୍କ ଋଣ ଜାଲିଆତି ଅଭିଯୋଗରେ ଇଡି ଉକ୍ତ ଏୟାରଲାଇନ୍ସ ବିରୋଧରେ ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଛି। ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ରହିଛି ୧୭ଟି ଆବାସିକ ଫ୍ଲାଟ୍, ବଙ୍ଗଳା ଏବଂ ବ୍ୟବସାୟିକ ବିଲ୍ଡିଂ। ଜବତ ସମ୍ପତ୍ତିଗୁଡ଼ିକ ଜେଟ୍ ଏୟାର ପ୍ରା.ଲିଃ, ଜେଟ୍ ଏଣ୍ଟରପ୍ରାଇସେସ୍ ପ୍ରା.ଲିଃ., ଗୋୟଲ,ତାଙ୍କ ସ୍ତ୍ରୀ ଅନୀତା ଏବଂ ପୁଅ ନିବାନ୍‌ଙ୍କ ନାମରେ ରହିଛି। ଗତ ସେପ୍ଟେମ୍ବର ୧ରେ ଇଡି ଗୋୟଲଙ୍କୁ ଗିରଫ କରିଥିବାବେଳେ ମଙ୍ଗଳବାର ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଗୋୟଲ ଏବେ ମୁମ୍ବାଇର ଅର୍ଥର ରୋଡ୍ ଜେଲ୍‌ରେ ରହିଛନ୍ତି।


ନରେଶ ଗୋୟଲ

ସୂଚନାଯୋଗ୍ୟ, ଆର୍ଥିକ ସଙ୍କଟ ଯୋଗୁ ଜେଟ୍ ଏୟାରୱେଜ୍ ୨୦୧୯ ଏପ୍ରିଲରୁ ବିମାନସେବା ବନ୍ଦ କରିଦେଇଥିଲା। ପରେ ଗୋୟଲ ଉକ୍ତ ଏୟାରଲାଇନ୍ସର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ମୁମ୍ବାଇ କାନାରା ବ୍ୟାଙ୍କ୍‌ର ଅଭିଯୋଗ ଆଧାରରେ ସିବିଆଇ ତାଙ୍କ ବିରୋଧରେ ଋଣ ଜାଲିଆତି ମାମଲା ରୁଜୁ କରିଥିଲା।

## ମରାଠାଙ୍କୁ ମିଳିବ ସଂରକ୍ଷଣ: ଶିନ୍ଦେ

**ମୁମ୍ବାଇ,୧।୧୧**

ମହାରାଷ୍ଟ୍ରର ଅନ୍ୟ ସମ୍ପ୍ରଦାୟଗୁଡ଼ିକୁ ମିଳୁଥିବା ସଂରକ୍ଷଣ ସୁବିଧାକୁ ଅପରିବର୍ତ୍ତିତ ରଖି ମରାଠାମାନଙ୍କୁ ସଂରକ୍ଷଣ ଯୋଗାଇଦେବା ଲାଗି ବୁଧବାର ସର୍ବଦଳୀୟ ବୈଠକରେ ସହମତି ହୋଇଥିବା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଘୋଷଣା କରିଛନ୍ତି। ମରାଠାମାନଙ୍କୁ ସଂରକ୍ଷଣ ଯୋଗାଇଦେବା ଦାବିରେ ଆକ୍ଟିଭିଷ୍ଟ ମନୋଜ ଜରାଙ୍ଗେ ଗତ ୨୫ ତାରିଖରୁ ଅନଶନରେ ବସିଛନ୍ତି। ତାଙ୍କୁ ଅନଶନରୁ ଓହରିଯିବାକୁ ମୁଖ୍ୟମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀ ଜରିଆରେ ଅନୁରୋଧ କରିବା ସହ ସମସ୍ୟାର ସମାଧାନ ଲାଗି ସରକାରଙ୍କୁ କିଛିଦିନ ସମୟ ଦେବା ଲାଗି କହିଛନ୍ତି। ସଂରକ୍ଷଣ ଦାବିରେ ଆନ୍ଦୋଳନ ତେଜିବା ପରେ ମୁଖ୍ୟମନ୍ତ୍ରୀ ଏହା ଉପରେ ଆଲୋଚନା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ସରକାର ମରାଠୱାଡ଼ିର ମରାଠାମାନଙ୍କୁ ଓବିସି ସୁବିଧା ଦେବା ଲାଗି ସେମାନଙ୍କୁ କୁନ୍‌ବି ଜାତି ପ୍ରମାଣପତ୍ର ଯୋଗାଇ ଦେଉଛନ୍ତି। ଦ୍ୱିତୀୟରେ ତ୍ରୁଟିଶୂନ୍ୟ ସଂଶୋଧିତ ପିଟିଶନ ଦାଏର ଲାଗି ମଧ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ମରାଠା ସଂରକ୍ଷଣ ଦୁଇ ପର୍ଯ୍ୟାୟରେ ଯୋଗାଇ ଦିଆଯିବ ବୋଲି ଶିନ୍ଦେ କହିଛନ୍ତି। କୋଟା ପାଇଁ କିଛିଦିନ ହେଲା ଚାଲିଥିବା ହିଂସାତ୍ମକ ଆନ୍ଦୋଳନକୁ ନେଇ ସର୍ବଦଳୀୟ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ହିଂସା କୋଟା ଆନ୍ଦୋଳନରେ ଏକ ଦାଗ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମରାଠାମାନଙ୍କ ପାଇଁ ସଂରକ୍ଷଣ ଦାବିରେ ହିଂସାତ୍ମକ ଆନ୍ଦୋଳନକୁ ନେଇ ୧୪୧ ମାମଲା ରୁଜୁ ହେବା ସହ ୧୬୮ ଜଣଙ୍କୁ ଗିରଫ କରାଯାଇଥିବା ମହାରାଷ୍ଟ୍ର ପୋଲିସ ମହାନିର୍ଦ୍ଦେଶକ (ଡିଜି) ରଜନିଶ ସେଠ୍ କହିଛନ୍ତି। ଅକ୍ଟୋବର ୨୪ରୁ ୩୧ ମଧ୍ୟରେ ବିଡ୍ ଜିଲାରେ ହୋଇଥିବା ହିଂସାକାଣ୍ଡ ପାଇଁ ୭ ହତ୍ୟା ଉଦ୍ୟମ ମାମଲା ସମେତ ମୋଟ ୨୦ଟି ମାମଲା ରୁଜୁ ହୋଇଛି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ ୧ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମୁତୟନ କରାଯିବା ସହ ଛତ୍ରପତି ସାମ୍ଭାଜୀ ନଗର(ଗ୍ରାମୀଣ) ଜଲ୍‌ନା ଏବଂ ବିଡ୍ ଜିଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ୮ ଦିନର ଆନ୍ଦୋଳନ ସମୟରେ ରାଜ୍ୟର ମୋଟ ୧୨ କୋଟି ଟଙ୍କାର ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହୋଇଛି। ସିଆର୍‌ପିସିର ଧାରା ୪୧ରେ ୧୪୬ ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ପଠାଯାଇଥିବା ଡିଜି କହିଛନ୍ତି। ସୂଚନାଯୋଗ୍ୟ, ବିଡ୍ ଜିଲାରେ ଆନ୍ଦୋଳନ ବେଳେ ବିକ୍ଷୋଭକାରୀମାନେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଧାୟକ ପ୍ରକାଶ ସୋଲାଙ୍କେ ଏବଂ ସନ୍ଦିପ୍ କ୍ଷୀରସାଗରଙ୍କ ଘର ଜାଳିଦେଇଥିଲେ। ସେହିପରି ଛତ୍ରପତି ସାମ୍ଭାଜୀନଗର ଜିଲାରେ ବିକ୍ଷୋଭକାରୀମାନେ ଜଣେ ଭାଜପା ବିଧାୟକଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ମାଜାଲଗାଁଓ ସହରର ମ୍ୟୁନିସିପାଲ କାଉନ୍‌ସିଲ୍ ବିଲ୍ଡିଂର ପ୍ରଥମ ମହଲାରେ ବିକ୍ଷୋଭକାରୀ ନିଆଁ ଲଗାଇଦେବା ସହ ଟେକାମାଡ଼ କରିଥିଲେ।


ମରାଠା ସଂରକ୍ଷଣ ଦାବିରେ ମରାଠା କ୍ରାନ୍ତି ମୋର୍ଚ୍ଚାର କର୍ମୀମାନେ ବୁଧବାର ପୁଣେ-ସୋଲାପୁର ରାଜପଥରେ ଟାୟାର ଜାଳୁଛନ୍ତି।

■ଅନ୍ୟ ସମ୍ପ୍ରଦାୟର କୋଟା ପ୍ରଭାବିତ ହେବ ନାହିଁ

■ହିଂସାତ୍ମକ ଆନ୍ଦୋଳନକୁ ନେଇ ୧୪୧ ମାମଲା ରୁଜୁ, ୧୬୮ ଗିରଫ

■ଇଣ୍ଟରନେଟ୍ ସେବା ବନ୍ଦ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨/୨୦୨୩ | Bhubaneswar, Thursday, November 2/2023 | ପୃଷ୍ଠା-୧




## ଡୁସେନ ଶ୍ରେଷ୍ଠ

ଦିନିକିଆ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ।

୧୩

୧୦

## ଧୂମଧାମରେ ପାଳିବେ ଜନ୍ମଦିନ

ଚଳିତବର୍ଷର ସମସ୍ତ ଚଳଚ୍ଚିତ୍ରର ସଫଳତା ପାଇଁ ବଲିଉଡ୍ କିଙ୍ଗ ଖାନ୍ ତାଙ୍କ ୫୮ତମ ଜନ୍ମଦିନକୁ ଧୂମଧାମରେ ପାଳିବାକୁ ନିଷ୍ପତ୍ତି ନେଇଛନ୍ତି।



**ଆଜିର ସମ୍ପାଦକୀୟ** ଲକ୍ଷ୍ମୀ ଓ ଅଲକ୍ଷ୍ମୀ


**ଭିତର ପୃଷ୍ଠାରେ**

| | | |
|---|---|---|
| ବିଶ୍ୱବିଦ୍ୟାଳୟରେ ମିଳିବ ମାଗଣା ୱାଇଫାଇ | ଅଲିଭ୍ ରିଡ୍ଲେ ସୁରକ୍ଷା ପାଇଁ ୭ ମାସ ମାଛଧରା କଟକଣା | ଅକ୍ଟୋବରରେ ୧.୭୨ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ |


# ଆର୍‌ବିଆଇରେ ଇଓଡବ୍ଲ୍ୟୁ, ଇଡି ତନାଘନା

## ୨ ହଜାରିଆ ନୋଟ୍ ବଦଳାଇବାକୁ ସାଧାରଣ ଲୋକଙ୍କୁ ଢାଲ

ଭୁବନେଶ୍ୱର,୧।୧୧
(ସତ୍ୟଜିତ୍ ରାଉତ)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ୨ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ସାଧାରଣ ଲୋକଙ୍କ ଲମ୍ବା ଧାଡ଼ି ଲାଗିବା ଘଟଣାର ବୁଧବାର ତଦନ୍ତ ଆରମ୍ଭ ହୋଇଛି। ସାଧାରଣ ଲୋକଙ୍କୁ ଢାଲ କରି କେତେଜଣ ବ୍ୟକ୍ତି ୨ହଜାର ଟଙ୍କିଆ ବଦଳାଉଥିବା ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ବେଆଇନ ଆର୍ଥିକ କାରବାର ସଂକ୍ରାନ୍ତରେ ସକ୍ରିୟ ହୋଇଛି। ପୂର୍ବାହ୍ନରେ ଇଓଡବ୍ଲ୍ୟୁର ଦୁଇ ଜଣିଆ ଟିମ୍ ଏବଂ ମଧ୍ୟାହ୍ନରେ ଇଡିର ଦୁଇ ଜଣିଆ ଟିମ୍ ପର୍ଯ୍ୟାୟକ୍ରମେ ଆର୍‌ବିଆଇରେ ପହଞ୍ଚି ଲୋକଙ୍କୁ ପଚରାଉଚରା କରିବା ସହ ତନାଘନା ଆରମ୍ଭ କରିଛି। ଟଙ୍କା ବଦଳାଉଥିବା ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବା ପରିବର୍ତ୍ତେ ଖୁଚୁରା ଛୋଟ ନୋଟ ଦିଆଯାଉଥିବାରୁ କେତେକ ବଡ଼ବଡ଼ିଆ ସାଧାରଣ ଲୋକଙ୍କୁ ବ୍ୟବହାର କରୁଥିବା କୁହାଯାଉଛି। ଇଓଡବ୍ଲ୍ୟୁ ଏବଂ ଇଡିର ଏହି ଯାଞ୍ଚ ପରେ



ବୁଧବାର ଭୁବନେଶ୍ୱର ଆର୍‌ବିଆଇ ପରିସରରେ ୨ହଜାରିଆ ନୋଟ୍ ବଦଳାଇବାକୁ ଆସିଥିବା ଲୋକଙ୍କ ଭିଡ଼। **(ଫଟୋ: ବିକାଶ ନାୟକ)**

ଟଙ୍କା ବଦଳାଇବା ଘଟଣା ପଛରେ କିଏ ସବୁ ରହିଛନ୍ତି ତାହା ଜଣାପଡ଼ିବ ବୋଲି ଆଲୋଚନା ହେଉଛି।

ସକାଳ ପ୍ରାୟ ୮ଟାରୁ ୨ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ଆର୍‌ବିଆଇ ସାମ୍ନାରେ ଶତାଧିକ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ବେଳେ ଜଣେ ମହିଳା ଅଧିକାରୀଙ୍କ ସମେତ ଦୁଇ ଜଣିଆ ଇଓଡବ୍ଲ୍ୟୁ ଟିମ୍ ପହଞ୍ଚି ଧାଡ଼ିରେ ଥିବା ଲୋକଙ୍କୁ ପଚରାଉଚରା କରିଥିଲେ। ଏହା ଦେଖି କିଛି ଲୋକ ଛତ୍ରଭଙ୍ଗ ଦେଇଥିଲେ। ଇଓଡବ୍ଲ୍ୟୁ ଟିମ୍ ଲୋକମାନଙ୍କ ଠିକଣା, ସେମାନେ କେତେ ଖଣ୍ଡ ନୋଟ ଆଣିଛନ୍ତି, କିଏ ପଠାଇଛନ୍ତି ଆଦି ପଚାରି ବୁଝିବା ସହ ଆଧାର କାର୍ଡ ଯାଞ୍ଚ କରିଥିଲେ। ଏହାପରେ ଆର୍‌ବିଆଇ ଅଫିସ ମଧ୍ୟକୁ ଯାଇ ମଧ୍ୟ ଆଲୋଚନା କରିଥିଲେ। ସେହିଭଳି ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ବେଳେ ଇଡିର ଦୁଇ ଜଣିଆ ଟିମ୍ ସେଠାରେ ପହଞ୍ଚି ଛାନ୍‌ଭିନ କରିବା ସହ ଆର୍‌ବିଆଇ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏପରି କିଛି ଲୋକଙ୍କୁ ମଧ୍ୟ ପଚରାଉଚରା ☞ପୃଷ୍ଠା-୨

## ଏବେ ଏତେ ଭିଡ଼ କାହିଁକି

୨ ହଜାରିଆ ନୋଟ ବଦଳାଇବା ପାଇଁ ଜନସାଧାରଣଙ୍କୁ ପ୍ରଥମେ ୩ ମାସ ଅର୍ଥାତ ସେପ୍ଟେମ୍ବର ୩୦ ଯାଏ ସମୟ ଦିଆଯାଇଥିଲା। ପରେ ଏହି ଅବଧି ଅକ୍ଟୋବର ୭ ଯାଏ ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ କେବଳ ଆର୍‌ବିଆଇରେ ଏହି ନୋଟ୍‌ର ବଦଳ ବ୍ୟବସ୍ଥା ରହିଛି। ତେବେ ପୂର୍ବରୁ ଦିଆଯାଇଥିବା ସମୟ ମଧ୍ୟରେ କେବେବି ଏଭଳି ଭିଡ଼ ବ୍ୟାଙ୍କଗୁଡ଼ିକରେ ଦେଖିବାକୁ ମିଳି ନ ଥିଲା, ଯାହା ଏବେ ଆର୍‌ବିଆଇ ପରିସରରେ କିଛିଦିନ ଧରି ଦେଖିବାକୁ ମିଳୁଛି। ଲୋକେ ନୋଟ୍ ବଦଳାଇବାକୁ ଦିନତମାମ ଖରାରେ ଧାଡ଼ିରେ ଠିଆହେବା ପଛରେ କିଛି ଭିତିରିଆ ଅଭିସନ୍ଧି ଥିବା ମନେହେଉଥିବା ବେଳେ ତାହା ଲୋକଲୋଚନକୁ ଆଣିବା ତଦନ୍ତକାରୀ ସଂସ୍ଥା ପାଇଁ ଚାଲେଞ୍ଜ ହୋଇଛି।






## କମର୍ସିଆଲ୍ ଏଲ୍‌ପିଜି ୧୦୦ ଟଙ୍କା ବଢ଼ିଲା



ନୂଆଦିଲ୍ଲୀ,୧।୧୧

କମର୍ସିଆଲ୍ ଏଲ୍‌ପିଜି ଦାମ୍ ୧୦୦ ଟଙ୍କା ବଢ଼ାଇବା ପାଇଁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ନିଷ୍ପତ୍ତି ନେଇଛନ୍ତି। ବୁଧବାରଠାରୁ ଏହା ତତ୍କାଳ ଲାଗୁ ହୋଇଛି। ଦୁଇ ମାସ ମଧ୍ୟରେ ବ୍ୟବସାୟିକ ରନ୍ଧନ ଗ୍ୟାସ୍ ଦରରେ ଏହା ଦ୍ୱିତୀୟ ବୃଦ୍ଧି। ଉଭୟ ଘରୋଇ ଏବଂ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡର ଦର ପ୍ରତି ମାସର ପ୍ରଥମ ଦିନରେ ସଂଶୋଧନ କରାଯାଇଥାଏ। ବର୍ତ୍ତମାନର ସଂଶୋଧନ ସହ ୧୯ କିଲୋଗ୍ରାମ୍ ଓଜନର କମର୍ସିଆଲ ସିଲିଣ୍ଡର ଦାମ୍ ଦିଲ୍ଲୀରେ ୧,୭୩୧ରୁ ୧,୮୩୩ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ମୁମ୍ବାଇରେ ୧,୭୮୫ ଟଙ୍କା ୫୦ ପଇସା, କୋଲକାତାରେ ୧,୯୪୩ ଏବଂ ଚେନ୍ନାଇରେ ୧,୯୯୯ ଟଙ୍କା ୫୦ ପଇସାରେ ଏହା ଉପଲବ୍ଧ ହେବ।

# ଘରେ ପଢୁଥିବା ବେଳେ ନାବାଳକଙ୍କୁ ହତ୍ୟା

## ଭିଡିଓ ଗେମ୍‌ରୁ ଚରମ ନିଷ୍ପତ୍ତି ନେଇଥିବା ଆଲୋଚନା

ଜଟଣୀ,୧।୧୧
(ରବୀନ୍ଦ୍ର ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ଥାନା ଅଧୀନ ବେଣାପଞ୍ଝରୀ ଗ୍ରାମ ଗଡ଼ସାହିରେ ନାବାଳକ ଛାତ୍ର ଘରେ ପାଠ ପଢୁଥିବା ସମୟରେ ଜଣେ ଦୁର୍ବୃତ୍ତ ଘରେ ପଶି ଛାତ୍ରଙ୍କୁ ଛୁରିରେ ଆକ୍ରମଣ କରିଛନ୍ତି। ଏଥିରେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଉଛନ୍ତି ଉକ୍ତ ଗ୍ରାମର ମନୋଜ କୁମାର ପାଲଟାସିଂଙ୍କ ପୁଅ ଶୁଭମ୍ ସ୍ୱରୂପ ପାଲଟାସିଂହ(୧୪)। ସେ ଜଟଣୀ ଷଣ୍ଢପୁରସ୍ଥ ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢୁଥିଲେ। ତାଙ୍କର କାହା ସହିତ କୌଣସି ତିକ୍ତତା ନ ଥିବା ସମ୍ପର୍କୀୟ ମନୋରଞ୍ଜନ ପ୍ରତିହାରୀ କହିଥିବାବେଳେ



ଶୁଭମ୍ ସ୍ୱରୂପ ପାଲଟାସିଂହ

କିଏ ଓ କାହିଁକି ତାଙ୍କୁ ହତ୍ୟା କଲେ ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଭିଡିଓ ଗେମ୍ ଖେଳରୁ ଛାତ୍ର ଜଣକ ଏଭଳି ଚରମ ନିଷ୍ପତ୍ତି ନେଇଥିବା ନେଇ ମଧ୍ୟ ଆଲୋଚନା ହେଉଛି।

ଶୁଭମ୍ ସନ୍ଧ୍ୟାରେ ଘରର ତଳ ମହଲାରେ ଏକ କୋଠରିରେ ପାଠ ପଢୁଥିବାବେଳେ ଜଣେ ଦୁର୍ବୃତ୍ତ ଘରେ ହଠାତ୍ ପଶି ଏକ ଛୁରିରେ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇ ଚିତ୍କାର କରିବାରୁ ମା' ଆସି ଦେଖିବା ବେଳକୁ ଜଣେ ଦୁର୍ବୃତ୍ତ ଦୌଡ଼ି ବାହାରକୁ ପଳାଇ ଯାଇଥିଲେ। ପୁଅର ରକ୍ତ ଜୁଡୁବୁଡୁ ଅବସ୍ଥା ଦେଖି ମା' ଚିତ୍କାର କରିବା ପରେ ପାଟି ଶୁଣି ଉପର ମହଲାରେ ଛାତ୍ରୀଛାତ୍ରଙ୍କୁ ଟ୍ୟୁଶନ କରୁଥିବା ବାପା, ଭଉଣୀ ଏବଂ ସମସ୍ତ ଉପସ୍ଥିତ ଛାତ୍ରୀଛାତ୍ର ତଳକୁ ଆସି ଦେଖନ୍ତି, ଗୁରୁତର ଆହତ ଛାତ୍ର ଛଟପଟ ହେଉଥିଲା। ପରିବାର ଲୋକେ ଗୁରୁତର ଶୁଭମ୍‌ଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅକୁ କେହି ଛୁରି ଭୁସି ମାରି ଦେଇଥିବା ମା' ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୨

# ୧୪ ହାତୀ, ୬ କଲରାପତରିଆ ଗାଏବ

## ରାୟଗଡ଼ା ଜଙ୍ଗଲ

ଜଙ୍ଗଲ ଅବକ୍ଷୟ ସାଙ୍ଗକୁ ଶିକାରୀଙ୍କ ଦୌରାତ୍ମ୍ୟ ରାୟଗଡ଼ା ଜିଲାକୁ ଏକପ୍ରକାର ବନ୍ୟପ୍ରାଣୀଶୂନ୍ୟ କରିଦେଇଛି। ଏହି ଜଙ୍ଗଲରେ ପୂର୍ବରୁ ଥିବା ୧୪ ହାତୀ ଓ ୬ କଲରାପତରିଆ ବାଘଙ୍କୁ ଆଉ ଦେଖିବାକୁ ମିଳୁନାହିଁ। ହାତୀ ଓ ବାଘଙ୍କ ସମ୍ପର୍କରେ ବନ ବିଭାଗ ନିକଟରେ କୌଣସି ତଥ୍ୟ ନାହିଁ, ଯାହାକି ବନ୍ୟପ୍ରାଣୀ ପ୍ରେମୀଙ୍କୁ ବ୍ୟଥିତ କରିଛି।

ରାୟଗଡ଼ା,୧।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଥିବା ଜଙ୍ଗଲରୁ ୧୪ ହାତୀ ଏବଂ ୬ କଲରାପତରିଆ ବାଘ ନିଖୋଜ ଥିବା ଜଣାପଡ଼ିଛି।





ଜଙ୍ଗଲରେ ଥିବା ହାତୀ ଓ ବାଘ କେଉଁଆଡ଼େ ଚାଲିଯାଇଛନ୍ତି ନା, ଶିକାର ହୋଇଛନ୍ତି ସେ ନେଇ ଜିଲା ବନ ବିଭାଗ ନିକଟରେ ତଥ୍ୟ ନାହିଁ। ୨୦୧୭ରେ ବନ ବିଭାଗ ପକ୍ଷରୁ ହାତୀ ଓ ବ୍ୟାଘ୍ର ଗଣନା ଅନୁସାରେ, ଜିଲାର ୩ଟି ରେଞ୍ଜ ଗୁଡ଼ାରି, ମୁନିଗୁଡ଼ା ଓ କଲ୍ୟାଣସିଂପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ମୋଟ ୧୬ ହାତୀ ଓ ୬ଟି କଲରାପତରିଆ ବାଘ ଥିଲେ। ଚଳିତ ବର୍ଷ ଅକ୍ଟୋବରରେ ବନ ବିଭାଗର ଗଣନା ଅନୁସାରେ ଜଙ୍ଗଲରେ ୨ଟି ହାତୀ ଥିବା ତଥ୍ୟ ରହିଥିବା ବେଳେ ୧୪ ହାତୀ ନିଖୋଜ ଅଛନ୍ତି। ସେହିପରି ରାୟଗଡ଼ା ଜିଲା ଜଙ୍ଗଲରେ ଗୋଟିଏ ହେଲେ କଲରାପତରିଆ ବାଘଙ୍କ ପତ୍ତା ମିଳୁନାହିଁ। ମାତ୍ର ୬ ବର୍ଷ ଭିତରେ ୧୪ ହାତୀ ଏବଂ ୬ଟି ବାଘ କେଉଁଆଡ଼େ ଉଭାନ ହୋଇଗଲେ ସେ ନେଇ ବନ ବିଭାଗ ନିକଟରେ କୌଣସି ତଥ୍ୟ ନ ଥିବା ରାୟଗଡ଼ା ବନଖଣ୍ଡ କାର୍ଯ୍ୟାଳୟ ☞ପୃଷ୍ଠା-୨




ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨ ନଭେମ୍ବର, ୨୦୨୩

**ଆଜିର ମନ୍ତବ୍ୟ**

ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଭାରତ-ବାଂଲାଦେଶର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିପାରିବ, ଯାହାକୁ ନୂଆଦିଲ୍ଲୀ ସହାୟତାରେ ବାଂଲାଦେଶରେ ନିର୍ମିତ ୩ ପ୍ରକଳ୍ପ ପ୍ରମାଣିତ କରିଛି।
-ଶେଖ୍ ହାସିନା, ବାଂଲାଦେଶ ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାଙ୍ଗରା ମୁଣ୍ଡରେ ମହଣ ପାଡିଆ;**
**ଉଞ୍ଚ କପାଳରେ ଟିକିଲି,**
**ଟାକୁଆ ଗାଲକୁ ବାହାଡ଼ା ଦାନ୍ତ**
**ନାକ ଛିଣ୍ଡାଠେଇଁ ରସିଲି।**

ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ , ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ ତାହା ବିପରୀତବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବା କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଙ୍ଗଣ ଘୋଡ଼ା,**
**ଚାଲି ସରସ ଲଦନ ଥୋଡ଼ା।**

ବହୁ ମୂଲ୍ୟର ଘୋଡ଼ା ପିଛା ଖର୍ଚ୍ଚ ଅଧିକ କିନ୍ତୁ ଭାର ଲଦିବା ଅପେକ୍ଷାକୃତ କମ୍। ପରୋକ୍ଷରେ ଯେଉଁମାନଙ୍କଠାରୁ ଖର୍ଚ୍ଚ ତୁଳନାରେ ଉପକାର କମ୍ ମିଳେ ସେମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ମଙ୍ଗଳବାର ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ନେଇଥିବା ରଘୁବର ଦାସ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ‘ଜେଏସ୍‌ଡବ୍ଲ୍ୟୁକୁ ଜମି ଦେବୁ ନାହିଁ’

**ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀ ଜନଶୁଣାଣି**

- **ଭତ୍ତା ବାବଦ ୮୮ ହଜାର ଟଙ୍କା ମିଳି ନ ଥିବା ଅଭିଯୋଗ**
- **ଏକର ପିଛା ୨ରୁ ୪ କୋଟି ଟଙ୍କା ଦେବାକୁ ଦାବି**
- **ଟାଉନଶିପ ବଦଳରେ ସହଯୋଗୀ ଶିଳ୍ପ କରାଯାଉଛି**

କୁଜଙ୍ଗ,୧।୧୧ (ମନୋଜ ପ୍ରଧାନ)

ଏରସମା ତହସିଲ ଅନ୍ତର୍ଗତ ଗଡ଼କୁଜଙ୍ଗ ମୌଜାର ୧୦୨ ଏକର ବ୍ୟକ୍ତିଗତ ଜମି ଶିଳ୍ପ ନିମନ୍ତେ ଅଧିଗ୍ରହଣ ସଂକ୍ରାନ୍ତରେ ଇଡ୍‌କୋ ପକ୍ଷରୁ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗଡ଼କୁଜଙ୍ଗସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି ଶିବିରକୁ ୯୦ ଭାଗ ଚାଷୀ ଆସି ନ ଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ ଶିବିରରେ ଯୋଗଦେଇଥିବା ବହୁ ଚାଷୀ ଜେଏସ୍‌ଡବ୍ଲ୍ୟୁକୁ ଜମି ଦେବାକୁ ମନା କରିଦେଇଛନ୍ତି। ଆଉ କେତେଜଣ ପାରିପାର୍ଶ୍ୱିକ ଉନ୍ନୟନ ସହ ଏକର ପିଛା ୨ରୁ ୪ କୋଟି ଟଙ୍କା ଦେଲେ ଜମି ଛାଡ଼ିବା କଥା ଚିନ୍ତା କରାଯିବ ବୋଲି କହିଥିଲେ।

ସ୍ଥାନୀୟ ସରପଞ୍ଚ କବିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ କହିଥିଲେ, ପୋସ୍କୋ ସମୟରେ ପାନବରଜ ଭାଙ୍ଗି ଦିଆଯାଇଥିଲା। ସେଥିପାଇଁ ଅନେକ ଶ୍ରମିକ ଓ ଗରିବ ଲୋକ ଜୀବିକା ହରାଇଥିଲେ। ସେମାନଙ୍କୁ ପ୍ରକଳ୍ପ ହେବା ପର୍ଯ୍ୟନ୍ତ ମାସିକ ୨୨୦୦ ଟଙ୍କା ଭତ୍ତା ପ୍ରଦାନ ପାଇଁ କୁହାଯାଇଥିଲା, ମାତ୍ର ତାହା ଦିଆଯାଇ ନ ଥିଲା। ଜେଏସ୍‌ଡବ୍ଲ୍ୟୁ ଆସିବାପରେ ଯେଉଁ ଗରିବ ଲୋକଙ୍କର ରାଶନକାର୍ଡ ଅଛି, ସେମାନଙ୍କୁ ଭତ୍ତା ବାବଦ ୮୮ ହଜାର ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଗଡ଼କୁଜଙ୍ଗ ପଞ୍ଚାୟତ ଅଧୀନ ୯ଟି ୱାର୍ଡର ୬୦୦ ରାଶନକାର୍ଡଧାରୀ ପରିବାର ଏହି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟ ୨ ପଞ୍ଚାୟତ ଢିଙ୍କିଆ ଓ ନୂଆଗାଁର ଅଧିବାସୀମାନେ ୨ବର୍ଷ ତଳୁ ଏହି ଟଙ୍କା ପାଇସାରିଛନ୍ତି। ଏନେଇ ଲୋକେ ସରପଞ୍ଚଙ୍କୁ ଟାହିଟାପରା କରୁଛନ୍ତି ବୋଲି ଖଟୁଆ କହିଥିଲେ। ତେଣୁ ଆମେ ଯେତିକି ଜମି ଦେବୁ, ଅନ୍ୟ ସ୍ଥାନରେ ଆମକୁ ସେତିକି ଜମି ଦିଆଯାଉ ବୋଲି ସେ ଦାବି କରିଥିଲେ। ସେହିପରି ଗ୍ରାମର ସଞ୍ଜୟ ମହାପାତ୍ର କହିଥିଲେ, ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ପ୍ରଥମେ ଭତ୍ତା ବାବଦ ଟଙ୍କା ଦିଆଯିବା ପରେ ଜମି ଦେବା ନଦେବା କଥା ଆଲୋଚନା ହେଉ। ଧୀରେନ୍ଦ୍ର ମହାପାତ୍ର କହିଥିଲେ, ଗତବର୍ଷ ଗଡ଼କୁଜଙ୍ଗ ସ୍କୁଲର ୭୦ଜଣ ଛାତ୍ରୀଛାତ୍ରଙ୍କୁ ଜେଏସ୍‌ଡବ୍ଲ୍ୟୁ ଗୋଟିଏ ଲେଖାଏଁ ଟେଷ୍ଟପେପର ଦେଇଥିଲା। ଚଳିତ ବର୍ଷ କମ୍ପାନୀ ଅଧିକାରୀଙ୍କ ସହ ଟେଷ୍ଟ ପେପର ଦେବା ସମ୍ପର୍କରେ ଆଲୋଚନା କରିବାରେ ସେ କହିଥିଲେ, ଆମର ବଜେଟରେ ନାହିଁ। ଏନେଇ କମ୍ପାନୀ ଉପରେ ଆମର ଭରସା ପାଉନାହିଁ, ତେଣୁ ଏଭଳି କମ୍ପାନୀକୁ ଜମି ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, କମ୍ପାନୀ ପକ୍ଷରୁ ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ କୁଞ୍ଜବିହାରୀଙ୍କ ମନ୍ଦିରର ଉନ୍ନତି ପାଇଁ କୌଣସି ଟଙ୍କା ଦିଆଯାଇ ନଥିବାବେଳେ ଲୋକଙ୍କୁ କ’ଣ ଦିଆଯିବ ତାହା ସ୍ପଷ୍ଟ ବାରି ହୋଇପଡୁଛି। ସଂଗ୍ରାମ କେଶରୀ ବେହେରା କହିଥିଲେ, କମ୍ପାନୀ ପକ୍ଷରୁ ପ୍ରତି ପରିବାରରୁ ଜଣେ ଲେଖାଏଁଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦିଆଯାଉଛି। ମାତ୍ର ତାହା ପୂରଣ ହେଉନାହିଁ। ଆମ୍ଭେମାନେ ପୈତୃକ ସମ୍ପତ୍ତି ଦେଲାପରେ ଏବେ ଭିକ୍ଷା ମାଗିବା ଛଡା ଆଉ କିଛି ବାଟ ନାହିଁ ବୋଲି ସେ କହିଥିଲେ। ନଳିନୀ ବେହେରା କହିଥିଲେ, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଯେତିକି ଜଙ୍ଗଲ ନଷ୍ଟ କରାଯାଇଛି ପ୍ରଥମେ ସେତିକି ଜଙ୍ଗଲ ସୃଷ୍ଟି କରାଯାଉ। ପୂର୍ବତନ ସରପଞ୍ଚ ସମ୍ପଦ ବାରିକ କହିଥିଲେ, କମ୍ପାନୀ ପକ୍ଷରୁ ପ୍ରଥମେ ଗଡ଼କୁଜଙ୍ଗ ମୌଜାର ଟାଉନଶିପ ହେବ ବୋଲି କୁହାଯାଇଥିଲା। ମାତ୍ର ଏବେ ସେଠାରେ ସହଯୋଗୀ ଶିଳ୍ପ ହେବ ବୋଲି କୁହାଯାଉଛି। ଆମକୁ ଚିଠି ହୋଇଛି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ନିମନ୍ତେ ଜନ ଶୁଣାଣି ହେବ। ଆଜି ଏଠାରେ କୁହାଯାଉଛି ଇଡ୍‌କୋ ଜମି ଅଧିଗ୍ରହଣ କରିବ। ତେବେ କେଉଁ କମ୍ପାନୀ ପାଇଁ ଅଧିଗ୍ରହଣ କରାଯିବ ତାହା ପ୍ରଶାସନ ପ୍ରଥମେ ସ୍ପଷ୍ଟ କରୁ। ଅପରପକ୍ଷେ ଜନବସତିଠାରୁ ୧୦୦ ମିଟର ଦୂରରେ ଜମି ଅଧିଗ୍ରହଣ କରି ଶିଳ୍ପ ପ୍ରତିଷ୍ଠା ହେଲେ ଜନଜୀବନ ଦୁର୍ବିଷହ ହୋଇପଡ଼ିବ ବୋଲି ସେ କହିଥିଲେ।

ଏହି ଅବସରରେ ଜିଲା ପ୍ରଶାସନ ତରଫରୁ ଜଗତ୍‌ସିଂହପୁରର ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ କହିଥିଲେ,୨୦୧୩ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବ। ତେବେ କେଉଁ ଉଦ୍ଦେଶ୍ୟରେ ଗଡ଼କୁଜଙ୍ଗ ମୌଜାର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ ତାହା କହିପାରିବେ ନାହିଁ। ମାତ୍ର ଇଡ୍‌କୋ ଲ୍ୟାଣ୍ଡ ବ୍ୟାଙ୍କକୁ ଜମିଯିବ। ପରେ କାହାକୁ ଦିଆଯିବ ସ୍ଥିର କରାଯିବ। ଏହି ଶିବିରରେ ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଇଡ୍‌କୋର ଭୂ ଅର୍ଜନ ଅଧିକାରିଣୀ ସ୍ୱାତୀ ମିଶ୍ର, ଏରସମା ତହସିଲଦାର ସନ୍ଧ୍ୟାଞ୍ଜଳି ମାଝି, ଜଗତ୍‌ସିଂହପୁରର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କମଳେଶ ମହନ୍ତ, ଅତିରିକ୍ତ ଭୂ-ଅଧିକାରୀ ପୁରୁଷୋତ୍ତମ ଦାସ, ଢେକରର ବରିଷ୍ଠ ଉପସଭାପତି ଶିବବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଦିନିଆ ମୟୂରଭଞ୍ଜ ଗସ୍ତରେ ଆସିବେ ରାଷ୍ଟ୍ରପତି

ବାରିପଦା,୧।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ ଦିନିଆ ମୟୂରଭଞ୍ଜ ଗସ୍ତରେ ଆସିବେ ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ଆସନ୍ତା ୨୦,୨୧ କିମ୍ବା ୨୧,୨୨ ତାରିଖରେ ରାଷ୍ଟ୍ରପତି ତାଙ୍କ ଜନ୍ମସ୍ଥାନ ରାଇରଙ୍ଗପୁର ଆସିବେ। ଏନେଇ ରାଷ୍ଟ୍ରପତି ଭବନରୁ ବିଧିବଦ୍ଧ ସୂଚନା ମିଳି ନ ଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ରାଷ୍ଟ୍ରପତିଙ୍କ ରହିବା, ଖାଇବା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ, ଅଗ୍ନିଶମ, ଆମ୍ବୁଲାନ୍ସ ବିଭାଗ କର୍ମଚାରୀଙ୍କୁ ସଜାଗ ରହିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଲେଖଯୋଗ୍ୟ, ଗତ ମେ ମାସ ୪,୫ ଓ ୬ ତାରିଖରେ ରାଷ୍ଟ୍ରପତି ୩ ଦିନିଆ ମୟୂରଭଞ୍ଜ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ୬ ଲକ୍ଷ ଟଙ୍କା ସହ କନ୍‌ଷ୍ଟେବଲଙ୍କୁ ଧରିଲା ଭିଜିଲାନ୍ସ

**ଗଞ୍ଜେଇ ଚାଷୀଙ୍କଠାରୁ ବଟି ଆଦାୟ କରୁଥିଲେ**

ଫୁଲବାଣୀ/ବୌଦ୍ଧ/ବଘିଆପଡ଼ା,୧।୧୧ ( ରାକେଶ କୁମାର ରାଉତ/ ଅଜିତ କୁମାର ବାରିକ/ ଶ୍ରୀକାନ୍ତ ସାହୁ)


କନ୍‌ଷ୍ଟେବଲ ହରିଶଚନ୍ଦ୍ର ସାହୁ

ଭିଜିଲାନ୍ସ ବିଭାଗ ପକ୍ଷରୁ ବୁଧବାର ବୌଦ୍ଧ ଜିଲାର ବଘିଆପଡ଼ା ଅଞ୍ଚଳରେ ଚଢାଉ କରାଯାଇ ଡାଇରେକ୍ଟ ଭଲ୍ୟୁଣ୍ଟାରି ଫୋର୍ସ (ଡିଭିଏଫ୍) କନ୍‌ଷ୍ଟେବଲ ହରିଶଚନ୍ଦ୍ର ସାହୁଙ୍କଠାରୁ ୬ ଲକ୍ଷ ଟଙ୍କା ସହ ଏକ ବନ୍ଧୁକ ଜବତ କରାଯାଇଛି । ଜଣେ କନ୍‌ଷ୍ଟେବଲଙ୍କଠାରୁ ଏତେ ପରିମାଣର ଟଙ୍କା ଜବତ ହେବା ପରେ ଜିଲାରେ ଚୋରା ଗଞ୍ଜେଇ ବ୍ୟବସାୟ ସହ ପୋଲିସର ସମ୍ପୃକ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ବେଆଇନ କାରବାରରେ ଆଉ କେଉଁ ଅଧିକାରୀମାନେ ସମ୍ପୃକ୍ତ ଅଛନ୍ତି, ଉପଯୁକ୍ତ ତଦନ୍ତ କଲେ ତାହା ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସୂଚନା ମୁତାବକ, ଡିଭିଏଫ୍ କନ୍‌ଷ୍ଟେବଲ ହରିଶଚନ୍ଦ୍ର ଗଞ୍ଜେଇ କାରବାରରେ ସମ୍ପୃକ୍ତି ନେଇ ଭିଜିଲାନ୍ସ ସ୍କାନରରେ ରହିଥିଲେ। ବୁଧବାର ଅପରାହ୍ନରେ ସେ ଗଞ୍ଜେଇ ବ୍ୟବସାୟୀଙ୍କ ସହ ଟଙ୍କା କାରବାର କରୁଥିବା ସୂଚନା ପାଇ ବ୍ରହ୍ମପୁର ଓ ବୌଦ୍ଧ ଭିଜିଲାନ୍ସ ବିଭାଗ ପକ୍ଷରୁ ବଘିଆପଡ଼ା ଫାଣ୍ଡି ଉପରେ ମିଳିତ ଚଢ଼ାଉ ଯୋଜନା କରାଯାଇଥିଲା। ଭିଜିଲାନ୍ସ କର୍ମଚାରୀମାନେ ଫାଣ୍ଡି ନିକଟରେ ଜଗିଥିବାବେଳେ ହରିଶଚନ୍ଦ୍ର ଏକ ବାଇକ୍‌ରେ ସେହି ବାଟ ଦେଇ ଯାଉଥିଲେ। ସେମାନେ ହରିଶଚନ୍ଦ୍ରଙ୍କୁ ଅଟକାଇ ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ଏକ ପିସ୍ତଲ ଓ ୬ ଲକ୍ଷ ଟଙ୍କା ଜବତ କରିଥିଲେ। ଜଣେ ସରକାରୀ କର୍ମଚାରୀ ହୋଇ ଏତେ ଟଙ୍କା ଧରି କେଉଁଠାରୁ ଆସୁଥିଲେ ସେ ନେଇ ହରିଶଚନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ସେ ଡିଭିଏଫ୍ ସ୍କ୍ୱାଡ୍ କର୍ମଚାରୀ ହୋଇଥିବାରୁ ଏହି ଅର୍ଥ ଗଞ୍ଜେଇ ବ୍ୟବସାୟୀ ଓ ଗଞ୍ଜେଇ ଚାଷୀଙ୍କୁ କାରବାର ଲାଗି ସୁଯୋଗ ଦେବାକୁ ଆଣିଥିବା ତଦନ୍ତରୁ ଜଣାପଡ଼ିଛି। କିନ୍ତୁ ତାଙ୍କଠାରୁ ସୂଚନା ପାଇ ଭିଜିଲାନ୍ସ ବିଭାଗ ପକ୍ଷରୁ ତିନୋଟି ସ୍ଥାନରେ ଚଢ଼ାଉ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ହରିଶଚନ୍ଦ୍ରଙ୍କ କଣ୍ଟାମାଳ ଘର ସମେତ ବୌଦ୍ଧରେ ଥିବା ସରକାରୀ ବାସଭବନ ଓ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦସ୍ଥିତ ଶଶୁରଘରେ ମଧ୍ୟ ଏକକାଳୀନ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଡିଏସ୍‌ପି ହେମନ୍ତ କୁମାର ମହାନ୍ତି କହିଛନ୍ତି। ଚଢ଼ାଉରେ ବୌଦ୍ଧ ଡିଏସ୍‌ପି ସୁରେଶ କୁମାର କହଁର, ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟର ଏଏସ୍‌ଆଇ ମନୋଜ କୁମାର ନାୟକ, ଲୋକନାଥ ସାହୁଙ୍କ ସମେତ କେତେଜଣ ଭିଜିଲାନ୍ସ କର୍ମଚାରୀ ସାମିଲ ଥିଲେ । ହରିଶଚନ୍ଦ୍ରଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବାଲି ଭିଜିଲାନ୍ସ ଏସ୍‌ପି ଗଣେଶ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଏକ (ନଂ. ୨୦/୨୩) ମାମଲା ରୁଜୁ କରିଛି ।

## ୧୪ ହାତୀ, ୬ କଲରାପତରିଆ...

ସୂଚନାରୁ ଜଣାପଡ଼ିଛି । ୨୦୧୭ ହାତୀ ଗଣନା ଅନୁସାରେ ଗୁଡ଼ାରି ଜଙ୍ଗଲରେ ୮, ମୁନିଗୁଡ଼ା ବନାଞ୍ଚଳରେ ୬ ଏବଂ କଲ୍ୟାଣସିଂହପୁର ବନାଞ୍ଚଳରେ ୨ଟି ହାତୀ ଥିଲେ। ସେହିଭଳି ୨୦୧୬ ବ୍ୟାଘ୍ର ଗଣନା ଅନୁସାରେ ରାୟଗଡ଼ା ରେଞ୍ଜ ଅଧୀନ ଗୁମ୍ମା ସେକ୍ସନର ନାଥମା ଅଞ୍ଚଳରେ ୨, ମୁନିଗୁଡ଼ା ରେଞ୍ଜ ଅଧୀନ ପୋଖରୀରେ ୧, ଅମ୍ବାଦଳାରେ ୧ ଏବଂ ଚନ୍ଦ୍ରପୁର ଜଙ୍ଗଲରେ ୨ ବାଘ ରହିଥିବା ରାୟଗଡ଼ା ବନଖଣ୍ଡ କାର୍ଯ୍ୟାଳୟରୁ ଜଣାପଡ଼ିଛି। ୨୦୨୩ ଅକ୍ଟୋବରରେ ଶେଷ ହୋଇଥିବା ବାଘ ଗଣନା ଅନୁସାରେ ଜିଲାର କୌଣସି ଜଙ୍ଗଲରେ ଗୋଟିଏ ହେଲେ କଲରାପତରିଆ ବାଘ ନ ଥିବା ସୂଚନା ମିଳିଛି। ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱରେ ଅବହେଳା କାରଣରୁ ବାଘ ଓ ହାତୀବଂଶ ଲୋପ ପାଇବାକୁ ବସିଥିଲେ ମଧ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ବନ ବିଭାଗ ପକ୍ଷରୁ ସେଭଳି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି । କେବଳ ହାତୀ ଓ ବାଘ ନୁହେଁ, ଜଙ୍ଗଲ ଅବକ୍ଷୟ ଓ ଶିକାରୀଙ୍କ ଦୌରାତ୍ମ୍ୟ କାରଣରୁ ଜିଲାରୁ ଅନ୍ୟ ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି। ଗତ ଏପ୍ରିଲ ୧୦ ତାରିଖରେ ଗୋଟିଏ କୁଟୁରା ବାଟବଣା ହୋଇ ସହର ଭିତରକୁ ଆସିଥିବାବେଳେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ କୌଣସ ସୂଚନା ନ ଥିଲା । ସ୍ଥାନୀୟ ଲୋକେ ଏହାକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ । କୁକୁରଙ୍କ ଆକ୍ରମଣରେ କ୍ଷତାକ୍ତ ହୋଇଥିବାରୁ କୁଟୁରାର ମୃତ୍ୟୁ ଘଟିଥିଲା । ଏକଦା ହାତୀ ଓ ବାଘର ସୁରକ୍ଷିତ ଜଙ୍ଗଲ ଭାବେ ପରିଚିତ ରାୟଗଡ଼ା ଜିଲାରେ ଏବେ ହାତୀ ଓ ବାଘ ବଂଶ ଲୋପ ପାଇବାକୁ ବସିଥିଲେ ମଧ୍ୟ ଏ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ସେମାନଙ୍କ ସୁରକ୍ଷା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଜିଲାରେ ବନ୍ୟଜନ୍ତୁଙ୍କ ଅବସ୍ଥିତି ଓ ସୁରକ୍ଷାକୁ ନେଇ ରାୟଗଡ଼ା ବନଖଣ୍ଡ ଭାରପ୍ରାପ୍ତ ଡିଏଫ୍‌ଓ ଏସ୍.ଆନନ୍ଦଙ୍କୁ ପଚାରିବାରୁ ବନ୍ୟଜନ୍ତୁଙ୍କ ନିୟମିତ ଟ୍ରାକିଂ କରିବା ସହ ଜନ ସଚେତନତା କରାଯାଉଛି। ଜନବସତି ଅଞ୍ଚଳଙ୍କୁ ହାତୀ ଓ ବାଘ ପଶି ଆସିଲେ ସେମାନଙ୍କୁ ଆକ୍ରମଣ ନ କରି ତୁରନ୍ତ ବନ ବିଭାଗକୁ ସୂଚନା ଦେବା ପାଇଁ ସଚେତନ କରାଯାଉଛି । ଏଥିସହ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସୂଚନା ପାଇଁ ରେଲୱେ ଓ ବିଦ୍ୟୁତ୍ ବିଭାଗ ସହ ସମ୍ପର୍କ ସ୍ଥାପନ କରାଯାଉଥିବା ଡିଏଫ୍‌ଓ ଆନନ୍ଦ କହିଛନ୍ତି। ତେବେ ଗଣନା ବେଳେ ହାତୀ ଓ କଲରାପତରିଆ ବାଘ ନିଖୋଜ ହେବା ଘଟଣାର ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି ।

## ଘରେ ପଢୁଥିବା ବେଳେ ...

ମୃତ ଛାତ୍ରଙ୍କ ଶରୀରରେ ୫ରୁ ୬ ସ୍ଥାନରେ ଗଭୀର କ୍ଷତ ହୋଇଥିବା ଦେଖାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଜଟଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଦୁଇଟି ଟିମ ଗଠନ କରି ବେଣାପଞ୍ଜରୀ ଗ୍ରାମ ଏବଂ ଖୋର୍ଦ୍ଧା ମେଡିକାଲରେ ତଦନ୍ତ କରାଯାଉଥିବା ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ତେବେ ଶୁଭମ୍‌ଙ୍କୁ କେହି ହତ୍ୟା ନା ସେ ଆତ୍ମହତ୍ୟା କରିଛନ୍ତି ସେନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ମୃତ ଛାତ୍ରଙ୍କ ପରିବାର ଉକ୍ତ ଗ୍ରାମର ଜଣେ ଶିକ୍ଷିତ ଏବଂ ଭଦ୍ର ପରିବାର ଅଟନ୍ତି। ମୃତ ଛାତ୍ରଙ୍କ ପିତା ଏବଂ ଅନ୍ୟ ସଦସ୍ୟ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କର କାହା ସହିତ କୌଣସି ଶତ୍ରୁତା ନ ଥାଇପାରେ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ବିଭିନ୍ନ ଭିଡିଓ ଗେମ୍ ଖେଳରୁ ଛାତ୍ର ଜଣକ ଏଭଳି ଚରମ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ସ୍ଥାନୀୟ ଗ୍ରାମରେ ଆଲୋଚନା ହେଉଥିବାରୁ ଘଟଣାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଶୁଭମ୍‌ଙ୍କ ମା’ କହିଛନ୍ତି ଯେ, ପୁଅ ଅପରାହ୍ନ ୫ଟାରେ ସ୍କୁଲରୁ ଘରକୁ ଫେରିଥିଲା। ତାକୁ ଖାଇବାକୁ ଦେଇଥିଲି। ପରେ ମୁଁ ପିଲାଙ୍କୁ ଟ୍ୟୁଶନ କରୁଥିବାବେଳେ ପୁଅ ଚିତ୍କାର ଶୁଣିଥିଲି। ଆସି ଦେଖିବା ବେଳକୁ ରକ୍ତାକ୍ତ ଅବସ୍ଥାରେ ପୁଅ ପଡ଼ିଥିବାବେଳେ ଏକ ଛୁରି ନିକଟରେ ପଡ଼ିଥିଲା। ସେ ଛୁରି ଆମର ନୁହେଁ ବୋଲି ମା’ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ଆର୍‌ବିଆଇରେ ଇଓଡବ୍ଲ୍ୟୁ...

ପ୍ରଥମ ପୃଷ୍ଠାରୁ...

କରିଥିଲେ। ଏ ସଂକ୍ରାନ୍ତରେ ଆର୍‌ବିଆଇ ଭୁବନେଶ୍ୱର ଆଞ୍ଚଳିକ ଶାଖା ନିର୍ଦ୍ଦେଶକ ସାରଦା ପ୍ରସନ୍ନ ନାୟକ କହିଛନ୍ତି, ଏହି ବଡ଼ ନୋଟ ବଦଳାଉଥିବା ସମସ୍ତ ଲୋକଙ୍କ ତଥ୍ୟ ରହିଛି। ଏଥିସହ ଏହାର ସିସିଟିଭି ଫୁଟେଜ ମଧ୍ୟ ରଖାଯାଉଛି। ଯେକୌଣସି ତଦନ୍ତକାରୀ ସଂସ୍ଥା ଆଲୋଚନା କଲେ ସବୁ ପ୍ରକାର ସହଯୋଗ କରାଯିବ ବୋଲି ସେ କହିଛନ୍ତି। ଏହି ନୋଟ୍ ବଦଳ କାରବାରରେ ବଡ଼ ବ୍ୟବସାୟୀ, ରାଜନେତା ପ୍ରମୁଖଙ୍କ ହୋଇଥିବା କୁହାଯାଉଥିବା ବେଳେ ଏଜେଣ୍ଟଙ୍କ ଦ୍ୱାରା ଦିନମଜୁରିଆଙ୍କୁ ନିୟୋଜିତ କରାଯାଇ ବଦଳାଯାଉଥିବା ଜଣାପଡ଼ିଛି। ତେବେ ଏହି କାରବାର ପଛରେ ଥିବା ବଡ଼ବଡ଼ିଆଙ୍କୁ ଧରିବା ତଦନ୍ତକାରୀ ସଂସ୍ଥା ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ଗରିବଙ୍କୁ ମୋହରା କରି କଳା ଟଙ୍କାକୁ ଧଳା କରୁଥିବା କାର୍ପେଟଦାରଙ୍କ ପାଖରେ ତଦନ୍ତକାରୀ ସଂସ୍ଥା ପହଞ୍ଚିପାରିବ କି ନାହିଁ ତାହା ସାଧାରଣରେ ଚର୍ଚ୍ଚା ହେଉଛି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ବ୍ୟାଙ୍କଗୁଡ଼ିକରେ ୨ ହଜାରିଆ ନୋଟ ବଦଳାଇବା ସମୟସୀମା ଅକ୍ଟୋବର ୭ ରହିଥିଲା। ଏହା ପରଠୁ ଆର୍‌ବିଆଇର ୧୯ଟି ଆଞ୍ଚଳିକ କାର୍ଯ୍ୟାଳୟରେ ଏହି ନୋଟ୍‌କୁ ବଦଳାଯାଇପାରିବ। ଜଣେ ବ୍ୟକ୍ତି ୧୦ ଖଣ୍ଡ ନୋଟ୍ ଅର୍ଥାତ ୨୦ହଜାର ଟଙ୍କା ବଦଳାଇପାରିବେ କିମ୍ବା ଡିପୋଜିଟ୍ କରିପାରିବାର ଗାଇଡଲାଇନ୍ ରହିଛି। ତେବେ ଯେଉଁମାନେ ଟଙ୍କା ବଦଳାଉଛନ୍ତି, ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯିବାର ବ୍ୟବସ୍ଥା ରହିଛି। ତେବେ ଉକ୍ତ ବ୍ୟବସ୍ଥା ନ ଆପଣାଇ ଲୋକଙ୍କୁ ୨ହଜାର ଟଙ୍କିଆ ବଦଳରେ ଖୁଚୁରା ଟଙ୍କା ଦିଆଯାଉଥିବାରୁ, ପରବର୍ତ୍ତୀ ସମୟରେ ସେ ଟଙ୍କାର ହିସାବ ନେଇ ତଥ୍ୟ ଉପଲବ୍ଧ ହେବା କଷ୍ଟକର ହୋଇପଡ଼ିବ ବୋଲି ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କହିଛନ୍ତି। ଆର୍‌ବିଆଇର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ବର୍ତ୍ତମାନ ସୁଦ୍ଧା ଦେଶର ୯୭% ନୋଟ୍ ଫେରି ଆସିଲାଣି। ବଜାରରେ ଆଉ ୩% ଅର୍ଥାତ ପ୍ରାୟ ୧୦ ହଜାର କୋଟି ଟଙ୍କାର ୨ହଜାରିଆ ନୋଟ୍ ରହିଥିବା ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଏବଂ ଅଭାବବୋଧ ବିଶେଷ ବାଧିବ ନାହିଁ। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସାମାଜିକ ସ୍ତରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ।

**ବୃଷ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଗତି କଲେ ମଧ୍ୟ କିଛି ଅସୁବିଧା ହେବନି। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ଲୁଚି ରହିଥିବା ମନର ଦୁଃଖକୁ ଲୁଚାଇ ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। କର୍ମକ୍ଷେତ୍ରରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ସାମୟିକ ଭାବରେ ମନରେ ଆଶ୍ୱସ୍ତି ଭରିପାରେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ କୃତକାର୍ଯ୍ୟ ମଧ୍ୟ ହେବେ।

**କର୍କଟ** ଅତୀତ ଦିନରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଆକସ୍ମିକ ଭାବରେ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟା ଗୁଡ଼ିକର ମୁକାବିଲା କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ** ପାରିବାରିକ କ୍ଷେତ୍ରର ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ବନ୍ଧୁଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। ଈର୍ଷାପରାୟଣ ମନୋଭାବ ନେଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା** ପରିସ୍ଥିତିକୁ ସମ୍ଭାଳିବା ପରିପ୍ରେକ୍ଷୀରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କରିବେ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା** ଅତୀତର କୌଣସି ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିବା ଦ୍ୱାରା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ଧନୁ** ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସିଆଲି କାମରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ସାମୟିକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଅନ୍ୟମନସ୍କ ହୋଇ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହି ସମାଲୋଚିତ ହେବେ, ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ।

**କୁମ୍ଭ** କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ବନ୍ଧୁମାନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ସାମୟିକ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିପାରେ।

**ମୀନ** ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଏବଂ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଅସମର୍ଥିତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ନିକଟରୁ ଦୂରେଇ ରହିବା ଭଲ ହେବ।

ଆଜି କାର୍ତ୍ତିକ କୃଷ୍ଣ ୫ମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୨ ତାରିଖ, ଭଜନସମ୍ରାଟ ଭିକାରୀବଳଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୫୧ମି. ଗତେ ଘ.୦୭.୨୧ମି. ମଧ୍ୟେ, ଘ.୦୧.୨୨ମି. ଗତେ ଘ.୦୨.୫୩ମି. ମଧ୍ୟେ ଶୁଭଶୁଭ ବେଳା। ଅପରାହ୍ନ ଘ.୧୨.୫୪ମି. ଗତେ ଘ.୦୨.୧୯ମି. ମଧ୍ୟେ ରାହୁକାଳ।

# ଘରେ ଘରେ ଖୁସି ଆଣିବ ଲକ୍ଷ୍ମୀ



କଳାହାଣ୍ଡିରେ ଶୁଭାରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

ଭବାନୀପାଟଣା,୧।୧୧
(ଉତ୍ତମ କୁମାର ଦାଶ)

- କଳାହାଣ୍ଡି ପ୍ରତିଷ୍ଠା ଦିବସରେ ଜିଲାବାସୀଙ୍କୁ ୧୨ ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି
- ଲକ୍ଷ୍ମୀ ବସ୍, ଶହୀଦ ରେଣ୍ଡୋ ମାଝି ମେଡ଼ିକାଲ କଲେଜର ଲୋକାର୍ପଣ
- ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନାଁରେ ନାମିତ ହେଲା କଳାହାଣ୍ଡି ବିଶ୍ୱବିଦ୍ୟାଳୟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କଳାହାଣ୍ଡି ଗସ୍ତରେ ଆସି ଜିଲାବାସୀଙ୍କୁ ପ୍ରତିଷ୍ଠା ଦିବସରେ ୧୨ ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ଏଥିରେ ସେ ୩ଶହ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଏବଂ ୯ଶହ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ କରିଥିଲେ। ଏହା ଦ୍ୱାରା ଜିଲାର ବିକାଶ ଗତିକୁ ଆହୁରି ଜୋରଦାର କରିବ ବୋଲି ସେ କହିଥିଲେ। ସେହିପରି ଭଙ୍ଗାବାରୀସ୍ଥିତ ଶହୀଦ ରେଣ୍ଡୋ ମାଝି ମେଡ଼ିକାଲ କଲେଜ, ଭବାନୀପାଟଣାସ୍ଥିତ ଆଦର୍ଶ ବସ୍ ଟର୍ମିନାଲ ଲୋକାର୍ପଣ କରିବା ସହ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଥିଲେ। ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଲକ୍ଷ୍ମୀ ଯୋଜନା ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଜିଲାବାସୀଙ୍କୁ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲକ୍ଷ୍ମୀ ଯୋଜନାରେ ଜିଲାରେ ୬୩ଟି ବସ ଚାଲିବ ଓ ସବୁ ପଞ୍ଚାୟତକୁ ବସ ଯିବ। ଲକ୍ଷ୍ମୀ ଘରେ ଘରେ ଖୁସି ଆଣିବ ଓ ବିକାଶର ଗାଡିକୁ ଆହୁରି ଜୋରରେ ଆଗକୁ ନେବ। ଘର ପାଖକୁ ଆସିବ ଲକ୍ଷ୍ମୀ ବସ୍। ପିଲାଙ୍କୁ ସ୍କୁଲ, ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ ବସ୍। ଏହି ବସ୍‌ରେ ଗାଁରୁ ବ୍ଲକ ପର୍ଯ୍ୟନ୍ତ ଲୋକେ ସୁବିଧାରେ ଯାଇପାରିବେ। ସାରା ରାଜ୍ୟରେ ଏହି ଯୋଜନାରେ ୧୦୦୦ଟି ବସ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରିଥିଲେ। ଏହା ପୂର୍ବରୁ ଭଙ୍ଗାବାରୀଠାରେ ଥିବା ନବନିର୍ମିତ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ ମୁଖ୍ୟମନ୍ତ୍ରୀ।

ଦୀର୍ଘ ଦୁଇ ଦଶନ୍ଧି ଧରି ଜିଲାବାସୀଙ୍କ ମେଡିକାଲ କଲେଜ ଆଶା ପୂରଣ ହୋଇଛି। ଭବାନୀପାଟଣା ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲକୁ ୧୦୦ ସିଟରେ ନାମଲେଖା ପାଇଁ ଏନ୍‌ଏମ୍‌ସିଠାରୁ ଅନୁମତି ମିଳିଛି। ଏହି ମେଡିକାଲ କଲେଜ ଓ ହସ୍ପିଟାଲଟିର ନାମ କଳାହାଣ୍ଡି ଜିଲାର ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲ ରଖାଯାଇଛି। କଳାହାଣ୍ଡି ଆଜି ରୂପାନ୍ତରଣରେ ଉଦାହରଣ ସାଜିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କଳାହାଣ୍ଡି ଆଜି ନିଜ ଇତିହାସକୁ ପରିବର୍ତ୍ତନ କରିଛି। ସଫଳତାର ନୂଆ କାହାଣୀ ଯୋଡ଼ିଛି। ସାରା ଦେଶକୁ ଆଜି କଳାହାଣ୍ଡି ଚାଉଳ ଯୋଗାଉଛି। ଇନ୍ଦ୍ରାବତୀ ପ୍ରୋଜେକ୍ଟ କଳାହାଣ୍ଡି ବିକାଶର ଇଞ୍ଜିନ ବୋଲି ମତଦେଇ ସେ କହିଥିଲେ ଯେ, ଏହି ପ୍ରୋଜେକ୍ଟ କଳାହାଣ୍ଡିର ଚେହେରାକୁ ଉଜ୍ଜ୍ୱଳ କରିଛି। ଖୁବଶୀଘ୍ର ଏଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହେବ। ସବୁ ପଞ୍ଚାୟତକୁ ମିଳିବ ୫୦ ଲକ୍ଷ ଟଙ୍କା। ଆମ ସଂସ୍କୃତି ଓ ଆଧୁନିକ ଭିତ୍ତିଭୂମି ପାଇଁ ଏହି ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ସମସ୍ତଙ୍କ ସହଯୋଗରେ ଆଗାମୀ ଦିନରେ କଳାହାଣ୍ଡିର ବିକାଶ ଯାତ୍ରା ଆହୁରି ଆଗକୁ ଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ନର୍ଲା ବିଧାୟକ ଭୂପିନ୍ଦର ସିଂ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସେହିପରି ଶହୀଦ ରେଣ୍ଡୋ ମାଝି ମେଡିକାଲ ଲୋକାର୍ପଣ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ଏମ୍‌ପି ବସନ୍ତ ପଣ୍ଡା, କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏନଏଚଏମ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସଭା ପରିଚାଳନା କରିଥିଲେ।

# ଭାରତ ଓ ୟୁଏଇ ମଧ୍ୟରେ ଷ୍ଟ୍ରାଟେଜିକ୍ ସମ୍ପର୍କ ଶିଖରକୁ ନେବା ଆମ ଲକ୍ଷ୍ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧।୧୧(ସୁନିତ୍ ମିଶ୍ର)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୟୁଏଇ ଗସ୍ତର ପ୍ରଥମ ଦିନରେ ୟୁଏଇ ଶିକ୍ଷାମନ୍ତ୍ରୀ ଅହମ୍ମଦ ଅଲ୍ ଫଲାସୀଙ୍କ ସହ ବୈଠକ କରି ଆବୁଧାବୀରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଷ୍ଟ୍ରାଟେଜିକ୍ ସମ୍ପର୍କକୁ ଶିଖରକୁ ନେବା ଆମର ଲକ୍ଷ୍ୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ସମୟରେ ଶିକ୍ଷା ଓ ଦକ୍ଷତା ସମେତ ଅନେକ କ୍ଷେତ୍ରରେ ଭାରତ ଏବଂ ୟୁଏଇ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ଷ୍ଟ୍ରାଟେଜିକ୍ ଭାଗୀଦାରି ତଥା ବିଶେଷ ଭାବେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇଛି। ୟୁଏଇରେ ଆଇଆଇଟି ଖୋଲାଯାଉଛି ଏବଂ ଭାରତର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡିକ ଏଠାରେ ଅବସ୍ଥାପିତ ଅଛି। ଭବିଷ୍ୟତରେ ମଧ୍ୟ ଅନେକ ବିଶ୍ୱବିଦ୍ୟାଳୟ ୟୁଏଇରେ ଖୋଲାଯିବା ସମ୍ଭାବନା ରହିଛି। ଭାରତର ପ୍ରମୁଖ ଜାତୀୟ ଶିକ୍ଷା ବୋର୍ଡ ସିବିଏସ୍‌ଇର ୧୦୦ରୁ ଅଧିକ ବିଦ୍ୟାଳୟ ୟୁଏଇରେ କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ଏଠାରେ ଏକ ସିବିଏସ୍‌ଇ କାର୍ଯ୍ୟାଳୟ ଖୋଲାଯିବା ଯୋଜନା ରହିଛି। ୟୁଏଇ ଶିକ୍ଷାମନ୍ତ୍ରୀଙ୍କ ସହ ହୋଇଥିବା ବୈଠକ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ୨ ଦେଶର ପାରସ୍ପରିକ ସ୍ୱାର୍ଥର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବ। ଏହି ଗସ୍ତକାଳରେ କେନ୍ଦ୍ରମନ୍ତ୍ରୀ '୪୨ ଆବୁଧାବୀ' ସ୍କୁଲ ପରିଦର୍ଶନ କରିଥିଲେ। ଉକ୍ତ କୋଡିଂ ସ୍କୁଲରେ ପ୍ରକଳ୍ପ ଭିତ୍ତିକ ପାଠ୍ୟକ୍ରମ ମାଧ୍ୟମରେ ଇନୋଭେଶନକୁ ପ୍ରୋତ୍ସାହନ ଦେବା, ସୃଜନଶୀଳତା ଏବଂ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଥିବା ଦେଖି ଖୁସିବ୍ୟକ୍ତ କରିଛନ୍ତି। ଉପସାଗରୀୟ ଦେଶରେ ପ୍ରଥମ ଥର ପାଇଁ ଏହି ଟେକ୍ନୋଲୋଜି ଆଧାରିତ ସ୍କୁଲ ଭବିଷ୍ୟତର ସ୍ୱପ୍ନ ସାକାର କରିବା ପାଇଁ ଶିକ୍ଷା ପ୍ରତି ଥିବା ପ୍ରତିବନ୍ଧକକୁ ଦୂରକରିବା ଉପରେ ଗୁରୁତ୍ୱ ଦେଉଛି। ଏହି ଅନୁଷ୍ଠାନ ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କର କାର୍ଯ୍ୟସୂଚୀ ଅନୁଯାୟୀ ଶିକ୍ଷା ଦେବା ସହ ରୋଜଗାର କରିବା ଉପରେ ଉତ୍ତମ ବାତାବରଣ ପ୍ରଦାନ କରିବା ପ୍ରଶଂସନୀୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପିକ୍‌ଅପ୍ ଭ୍ୟାନ୍-ବୁଲେଟ୍ ମୁହାଁମୁହିଁ, ୨ ମୃତ

କେନ୍ଦୁଝର,୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ମଣ୍ଡୁଆ ପୋଲ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଭ୍ୟାନ ସହ ବୁଲେଟ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ମୟୂରଭଞ୍ଜ ଜିଲା ଇନ୍ଦୁପୁର ଗ୍ରାମର ଅନିକେତ ପତି ଓ ଘଟଗାଁ ଥାନା ଅଧୀନ ଗୋଲାବନ୍ଧ ଗ୍ରାମର ଜ୍ୟୋତିରଞ୍ଜନ ଦେହୁରୀ। ଗୁରୁତର ଜଣଙ୍କ ହେଲେ ହରିଚନ୍ଦନପୁର ବ୍ଲକ୍ ଅଞ୍ଚଳର ଅଜୟ ଓଝା(୨୯)। ସୂଚନା ଅନୁଯାୟୀ, ଅନିକେତ ଓ ଅଜୟ ବୁଲେଟ ଯୋଗେ କେନ୍ଦୁଝରରୁ ନରଣପୁର ଆଡ଼କୁ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ ତାଙ୍କୁ ସମ୍ମୁଖ ଭାଗରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବୁଲେଟରେ ଥିବା ୨ ଜଣ ଛିଟିକି ପଡ଼ିଥିବା ବେଳେ ଭ୍ୟାନଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଅନିକେତ ଓ ପିକ୍‌ଅପ୍ ଡ୍ରାଇଭର ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ୨ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ପୋଲିସ ତଦନ୍ତ ଚଳାଇଛି।






# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆବେଦନ ଆରମ୍ଭ

**ଭୁବନେଶ୍ୱର, ୧।୧୧(ଅସମାପିକା ସାହୁ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ରାଜ୍ୟରେ ଥିବା ୩୧୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେବେ। ଉପଲବ୍ଧ ଥିବା ସମସ୍ତ ସିଟ୍ ମଧ୍ୟରୁ ୫୦ପ୍ରତିଶତ ସିଟ୍ ଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିଛି। ଛାତ୍ରୀଛାତ୍ର www.oav.edu.in ୱେବ୍‌ସାଇଟ୍‌ରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୧୧୭ଟି ଆଦର୍ଶ ବିଦ୍ୟାଳୟରେ ଛାତ୍ରୀନିବାସ କାର୍ଯ୍ୟକ୍ଷମ ହେଉଛି। ସିବିଏସ୍‌ଇ ଢାଞ୍ଚାରେ ଏଠାରେ ଶିକ୍ଷାଦାନ କରାଯାଉଥିବାବେଳେ ପ୍ରଶିକ୍ଷିତ ଓ ଅଭିଜ୍ଞ ଶିକ୍ଷକ ପାଠପଢ଼ା ପାଇଁ ନିୟୋଜିତ ଅଛନ୍ତି।

# ପୂର୍ବତନ ମନ୍ତ୍ରୀଙ୍କ ପରଲୋକ

ବରଗଡ଼,୧।୧୧
(ପ୍ରେମାନନ୍ଦ ଖମାରୀ)



ସ୍ୱର୍ଗତା ସରସ୍ୱତୀ ପ୍ରଧାନ

ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟା ସରସ୍ୱତୀ ପ୍ରଧାନଙ୍କ ବୁଧବାର ଭୁବନେଶ୍ୱରରେ ପରଲୋକ ହୋଇଛି। ତାଙ୍କୁ ୯୮ବର୍ଷ ବୟସ ହୋଇଥିଲା। ବରଗଡ଼ ଜିଲା କେନ୍ଦୁପାଲି ଗ୍ରାମର ସ୍ୱର୍ଗତ ରାୟ ସାହେବ ମଦନ ମୋହନ ପ୍ରଧାନଙ୍କ ଝିଅ ସ୍ୱର୍ଗତା ପ୍ରଧାନ ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ନିବାସୀ ସ୍ୱର୍ଗତ ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ବିବାହ କରିଥିଲେ। ସ୍ୱର୍ଗତା ପ୍ରଧାନ ୧୯୬୧ ଏବଂ ୧୯୬୭ ମସିହାରେ ଭଟଲି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ନିର୍ବାଚିତ ହୋଇଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ବୀରେନ ମିତ୍ର, ସଦାଶିବ ତ୍ରିପାଠୀଙ୍କ ଶାସନ କାଳରେ ଶିକ୍ଷାବିଭାଗରେ ଉପମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେହିପରି ୧୯୭୨ରୁ ୧୯୭୮ ମସିହା ପର୍ଯ୍ୟନ୍ତ ସ୍ୱର୍ଗତା ପ୍ରଧାନ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ଜୀବନକାଳରେ ବରଗଡ଼ ଜର୍ଜ ହାଇସ୍କୁଲରେ ଶିକ୍ଷକତା କରିଥିବାବେଳେ କମଗାଁ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ମଧ୍ୟ ସମ୍ପାଦନ କରିଥିଲେ। ସେ ଦୀର୍ଘଦିନ ହେଲା ଭୁବନେଶ୍ୱରରେ ପୁଅଙ୍କ ପାଖରେ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ବରଗଡ଼ ଜିଲାରେ ଶୋକପ୍ରକାଶ ପାଇଛି। ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଶୋକବାର୍ତ୍ତାରେ କହିଛନ୍ତି, ଓଡ଼ିଶା ଜଣେ ଶ୍ରେଷ୍ଠ ନାରୀନେତ୍ରୀ ତଥା ଜନସେବିକାଙ୍କୁ ହରାଇଲା। ବରଗଡ଼ ଅଞ୍ଚଳରେ ନାରୀ ଜାଗରଣର ସେ ଅନ୍ୟତମ ପ୍ରାଣକେନ୍ଦ୍ର ଥିଲେ। ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ସ୍ୱର୍ଗତା ପ୍ରଧାନଙ୍କ ବିୟୋଗରେ ଶୋକପ୍ରକାଶ କରି ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।

# ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ଆବେଦନ ଅବଧି ବଢ଼ିଲା

**ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ ଅଧ୍ୟକ୍ଷ ଏବଂ କାରିଗରଙ୍କ ଅନୁରୋଧକ୍ରମେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର-୨୦୨୨ ପାଇଁ ଆବେଦନ ତାରିଖ ନଭେମ୍ବର ୧୦କୁ ବୃଦ୍ଧି କରାଯାଇଛି। ହସ୍ତଶିଳ୍ପ କୃତିର ପ୍ରସ୍ତୁତି ନିମନ୍ତେ ପର୍ଯ୍ୟାପ୍ତ ସମୟର ଆବଶ୍ୟକତାକୁ ଉପଲବ୍ଧି କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏହି ଅବଧିକୁ ବଢାଇଛି। ସୂଚନାଯୋଗ୍ୟ, ଏହି ପୁରସ୍କାର ପାଇଁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଯୋଗ୍ୟତା ସମ୍ପନ୍ନ ହସ୍ତଶିଳ୍ପ କାରିଗରଙ୍କଠାରୁ ସେପ୍ଟେମ୍ବର ୨ରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆବେଦନ ପତ୍ର ସହିତ ପ୍ରସ୍ତୁତ କୃତିକୁ ସମ୍ପୃକ୍ତ ଜିଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୩୧କୁ ଘୁଞ୍ଚା ଯାଇଥିଲା।

# ବିଶ୍ୱବିଦ୍ୟାଳୟରେ ମିଳିବ ମାଗଣା ୱାଇଫାଇ

ଭୁବନେଶ୍ୱର, ୧।୧୧
(ଅସମାପିକା ସାହୁ)

ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟରେ ୱାଇଫାଇ ସେବା ମିଳିବ। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସୁବିଧା ପାଇଁ ମାଗଣାରେ ୱାଇଫାଇ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ଡିଜିଟାଲ ମାଧ୍ୟମରେ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଇ-ଲାଇବ୍ରେରି ସହିତ କମ୍ପ୍ୟୁଟର ଲ୍ୟାବ୍ ଖୋଲିବା ପରେ ଏବେ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ପରିସରକୁ ୱାଇଫାଇ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ବୁଧବାର ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର ପରିସର ୱାଇଫାଇଯୁକ୍ତ ହେବ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କୁ ୱାଇଫାଇ ସୁବିଧା ମାଗଣାରେ ମିଳିପାରିବ। ଏହି ସୁବିଧା ମିଳିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ସୁବିଧା ହେବ। ବର୍ତ୍ତମାନ ସମୟରେ ଅଧିକାଂଶ ପାଠ୍ୟପୁସ୍ତକ ଅନ୍‌ଲାଇନ୍‌ରେ ଉପଲବ୍ଧ ରହୁଛି। ମାଗଣା ଇଣ୍ଟରନେଟ୍ ସୁବିଧା ଦିଆଯିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଏହା ସହାୟକ ହେବ। ଫଳରେ ଶୈକ୍ଷିକ ବାତାବରଣରେ ଉନ୍ନତି ଆସିପାରିବ। ତେଣୁ ଛାତ୍ରୀଛାତ୍ରଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ଏଥିପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ୱାଇଫାଇ ନେଟ୍‌ୱର୍କ ଇନ୍‌ଷ୍ଟଲେଶନ ବା ସ୍ଥାପନ ଲାଗି ବ୍ୟୟ ଅଟକଳ ପ୍ରସ୍ତାବ ଦେବା ପାଇଁ କୁଳସଚିବମାନଙ୍କୁ କୁହାଯାଇଛି।

# ସୁଶାନ୍ତ ନନ୍ଦଙ୍କୁ ପିସିସିଏଫ୍(ବନ୍ୟପ୍ରାଣୀ) ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,
୧।୧୧(ଅସମାପିକା ସାହୁ)



ରାଜ୍ୟ ସରକାର ଭାରତୀୟ ବନ ସେବା(ଆଇଏଫ୍‌ଏସ୍) ଅଫିସରଙ୍କ ଦାୟିତ୍ୱ ବୃଦ୍ଧି କରିଛନ୍ତି। ଏ ନେଇ ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇଏଫ୍‌ଏସ୍ ଅଧିକାରୀ ସୁଶାନ୍ତ ନନ୍ଦଙ୍କୁ ପିସିସିଏଫ୍(ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୁଶୀଲ କୁମାର ପୋପଲି ମଙ୍ଗଳବାର ଚାକିରିରୁ ଅବସର ନେବା ପରେ ପିସିସିଏଫ୍(ବନ୍ୟପ୍ରାଣୀ) ପଦ ଖାଲି ପଡ଼ିଥିଲା। ତେବେ ପିସିସିଏଫ୍ (ଏଫ୍‌ଡି) ଥିବା ସୁଶାନ୍ତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପିସିସିଏଫ୍(ବନ୍ୟପ୍ରାଣୀ) ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ଆଇଏଫ୍‌ଏସ୍ ମନୋଜ ଭି ନାୟାରଙ୍କୁ ଅତିରିକ୍ତ ଭାବେ ସିଡିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ବନ ସଂରକ୍ଷକ ପ୍ରଦୀପ୍ତ କୁମାର ସାହୁଙ୍କୁ ଏମ୍ ଇ ଆଣ୍ଡ୍ ଆଇ ଭି ୱିଙ୍ଗ୍ ମୁଖ୍ୟ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆଇଏଫ୍‌ଏସ୍ ଓମ୍ ପ୍ରକାଶ ସିଂ ଚାକିରିରୁ ଅବସର ନେବା ପରେ ଏହି ପଦବୀ ଖାଲି ପଡ଼ିଥିଲା।




“ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। –ଶ୍ରୀମା



# ଲକ୍ଷ୍ମୀ ଓ ଅଲକ୍ଷ୍ମୀ



ଦେବଦତ୍ତ ପଟ୍ଟନାୟକ

କେତେଜଣ କୁହନ୍ତି, ଲକ୍ଷ୍ମୀ ପେଚା ଉପରେ ବସି ଯାତ୍ରା କରନ୍ତି। ଆଉ କେତେକେ ବିଶ୍ୱାସ କରନ୍ତି, ଯେତେବେଳେ ଲକ୍ଷ୍ମୀ ହାତୀ ଉପରେ ବସି ଯାଆନ୍ତି, ସେତେବେଳେ ପେଚା କେବଳ ତାଙ୍କ ସହିତ ରହିଥାଏ। ହାତୀ ହିଁ ଲକ୍ଷ୍ମୀଙ୍କର ଉପଯୁକ୍ତ ବାହନ; ଯାହା ଧନ, ଶକ୍ତି ଏବଂ ରାଜକୀୟ ବୈଭବ ସହିତ ଜଡିତ। ପେଚାମାନେ ଅନ୍ୟ ପ୍ରାଣୀଙ୍କଠାରୁ ଦୂରେଇ ରହି ଏକୁଟିଆ ରହିବାକୁ ଭଲପାଆନ୍ତି। ସେମାନେ ଦିନସାରା ଶୋଇଥା'ନ୍ତି ଏବଂ ରାତିରେ ବାହାରି ଶିକାର କରନ୍ତି। ଦିନରେ ଶୋଇ ରାତିରେ ଚଳପ୍ରଚଳ ହେବା ଏବଂ କର୍କଶ ଡାକ ଯୋଗୁ ସେମାନଙ୍କୁ ଦୁର୍ଭାଗ୍ୟ ଏବଂ ମୃତ୍ୟୁର ପ୍ରତୀକ ଭାବେ ଗଣାଯାଏ। ଏଥିରୁ ନିଷ୍କର୍ଷରେ ପହଞ୍ଚିବାକୁ ହୁଏ ଯେ, ପେଚା ଲକ୍ଷ୍ମୀଙ୍କ ବଡ଼ ଯାଆଁଳା ଭଉଣୀ, ଯିଏ ବିବାଦ ଏବଂ ଦୁର୍ଭାଗ୍ୟର ଦେବୀ। କିନ୍ତୁ ପେଚାର ଗୋଲାକାର ଆଖି ଥିବାରୁ ଏହା କେବେ ବି ଆଗକୁ ଗତି କରେ ନାହିଁ ଏବଂ ସିଧା ଆଗକୁ ଚାହିଁପାରେ ନାହିଁ। ପେଚା ଦୁନିଆର ଅନେକ ଅଞ୍ଚଳରେ ବିଶେଷକରି ପ୍ରାଚୀନ ଗ୍ରୀସ୍‌ରେ ଜ୍ଞାନର ପ୍ରତୀକ ଥିଲା। ସେଠାରେ ଏହା ଜ୍ଞାନର ଦେବୀ ଆଥେନା ସହିତ ଜଡିତ ଥିଲା। ଗୋଲାକାର ଆଖି ଥିବା ଦେବତା ବା ଚକାଡୋଳା ଶବ୍ଦ ଓଡ଼ିଶାର ପୁରୀରେ କୃଷ୍ଣ-ବିଷ୍ଣୁଙ୍କ ରୂପରେ ପୂଜା ପାଉଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ବ୍ୟବହାର କରାଯାଇଛି। ଏଥିରୁ କଳ୍ପନା କରାଯାଉଛି ଯେ, ପେଚା ଲକ୍ଷ୍ମୀଙ୍କ ସ୍ୱାମୀ ବିଷ୍ଣୁଙ୍କୁ ସୂଚିତ କରେ। ଏହି ବିଚାରଧାରାକୁ ସମର୍ଥନ କରିବାର ବାସ୍ତବତା ହେଉଛି, ହିନ୍ଦୁ ପୁରାଣରେ ଦେବୀଙ୍କର ସହଯୋଗୀ ସର୍ବଦା ପୁରୁଷ, ନାରୀ ନୁହେଁ। ଲକ୍ଷ୍ମୀ ନିଜ ସ୍ୱାମୀଙ୍କୁ ବାହନ କରିବା ସିଦ୍ଧାନ୍ତ ନାରୀବାଦୀଙ୍କ ପାଇଁ ଗ୍ରହଣୀୟ, କିନ୍ତୁ ପରମ୍ପରାବାଦୀଙ୍କ ପାଇଁ ସ୍ୱୀକାର୍ଯ୍ୟ ନୁହେଁ। ସେମାନେ ଜିଦ୍ ଧରିଛନ୍ତି ଯେ, ପେଚା ଦେବୀଙ୍କ ସହିତ ରହେ; ସେ ଏହା ଉପରେ ବସି ବୁଲନ୍ତି ନାହିଁ। ଯଦି ସେ ପେଚାରେ ବସି ଯାଆନ୍ତି ନାହିଁ, ତେବେ ଏହା ବିଷ୍ଣୁ କିମ୍ବା ଅଲକ୍ଷ୍ମୀ ହୋଇପାରେ। କିନ୍ତୁ ବିଷ୍ଣୁ କେବେ ଲକ୍ଷ୍ମୀଙ୍କୁ ଅନୁସରଣ କରନ୍ତି ନାହିଁ; ବରଂ ଲକ୍ଷ୍ମୀ ତାଙ୍କୁ ଅନୁସରଣ କରନ୍ତି। ସେ ଯେଉଁଆଡେ ଯାଆନ୍ତି ବ୍ୟବସ୍ଥା କିମ୍ବା ଧର୍ମକୁ ସମର୍ଥନ ବା ପାଳନ କରନ୍ତି। ଅନ୍ୟପଟେ ଅଲକ୍ଷ୍ମୀ ସର୍ବଦା ଲକ୍ଷ୍ମୀଙ୍କ ସାଙ୍ଗରେ ଥାଆନ୍ତି, କାରଣ ସେ ବଡ଼ ଭଉଣୀ। ଛବିରେ ଉଭୟ ବିଷ୍ଣୁ ଏବଂ ପେଚା ସହିତ ଲକ୍ଷ୍ମୀ ଦୃଶ୍ୟ ହୋଇଥା'ନ୍ତି। ଚିତ୍ରକଳା ବିଶ୍ଳେଷକମାନେ ମତ ଦିଅନ୍ତି ଯେ, ଯେହେତୁ ଅଲକ୍ଷ୍ମୀଙ୍କୁ ଚିତ୍ରଣ କରିବା ଅଶୁଭ, ସେଥିପାଇଁ ଚିତ୍ରକରମାନେ ତାଙ୍କୁ ଏକ ପେଚା ଭାବେ ଦର୍ଶାଇବାକୁ ଚାହିଁଛନ୍ତି।



ଲକ୍ଷ୍ମୀଙ୍କର ଯାଆଁଳା ଭଉଣୀ ଥିବାର କଳ୍ପନା ଏକ ପ୍ରାଚୀନ ବିଚାର। କେହି କେହି କୁହନ୍ତି, ଲକ୍ଷ୍ମୀ ବ୍ରହ୍ମାଙ୍କ ମୁହଁରୁ ଜନ୍ମ ହୋଇଥିବାବେଳେ ଅଲକ୍ଷ୍ମୀ ତାଙ୍କ ପିଠିରୁ ଜାତ ହୋଇଥିଲେ। ଆଉ କେତେକେ କୁହନ୍ତି, ଦେବତାମାନେ କ୍ଷୀରସାଗରକୁ ମନ୍ଥନ କରୁଥିବାବେଳେ ଅମରତ୍ୱର ରସ (ଅମୃତ) ସହିତ ଲକ୍ଷ୍ମୀ ଆବିର୍ଭାବ ହୋଇଥିଲେ। ସେହି ସମୟରେ ଦୁନିଆକୁ ଧ୍ୱଂସ କରିବାର ଶକ୍ତି ନେଇ ଉତ୍କଟ ବିଷ (ହଳାହଳ) ସହିତ ଅଲକ୍ଷ୍ମୀ ବି ପ୍ରକାଶ ହୋଇଥିଲେ। ଅଲକ୍ଷ୍ମୀଙ୍କୁ ଅନେକ ଭାବରେ ସମ୍ବୋଧନ କରାଯାଏ, ଯଥା: ଦାରିଦ୍ର୍ୟ, ଯାହା ଗରିବୀକୁ ବ୍ୟକ୍ତ କରେ; କଳହ, ଯାହା ସଂଘର୍ଷକୁ ପ୍ରକାଶ କରେ; କାଳିକାନି, ଯାହା ଝଗଡ଼ାକୁ ସୂଚିତ କରେ; ନ୍ରିତି ଯିଏ କ୍ଷୟର ଦେବୀ। ଶିବ ପୁରାଣରେ ଅଲକ୍ଷ୍ମୀ ହେଉଛନ୍ତି କାଳୀ। ସେ ଶକ୍ତିଙ୍କର ଭୟାନକ ରୂପ ହୋଇଥିବାବେଳେ ଲକ୍ଷ୍ମୀ ହେଉଛନ୍ତି ଗୌରୀ, ଯିଏ ଶକ୍ତିଙ୍କର ଶାନ୍ତ ଓ ପ୍ରେମମୟ ରୂପ। ବିଷ୍ଣୁ ପୁରାଣରେ ଲକ୍ଷ୍ମୀ ଧର୍ମ (ସହାନୁଭୂତିରୁ ଜନ୍ମିତ)କୁ ଆଦର କରୁଥିବାବେଳେ ଅଲକ୍ଷ୍ମୀ ଅଧର୍ମ (ଶୋଷଣରୁ ଜାତ କାର୍ଯ୍ୟ)କୁ ପସନ୍ଦ କରନ୍ତି। ଏହିପରି ଲକ୍ଷ୍ମୀ ଏବଂ ଅଲକ୍ଷ୍ମୀ ଏକ ପୂର୍ଣ୍ଣ ସୃଷ୍ଟିର ଦୁଇଟି ଭାଗ। ଲକ୍ଷ୍ମୀ ହେଉଛନ୍ତି ସେହି ଫଳ, ଯାହାକି ସ୍ୱାଦିଷ୍ଟ ଓ ସଞ୍ଚିତ ହୋଇଥିବାବେଳେ ଅଲକ୍ଷ୍ମୀ ହେଉଛି ନଷ୍ଟ କରିବା, ଯାହାକି ପରିହାରଯୋଗ୍ୟ। ଦୁହେଁ ଏକ ପୂର୍ଣ୍ଣତା ଭାବରେ ବିଦ୍ୟମାନ; ସେ ଦୁହେଁ ନ ଥିଲେ ସୃଷ୍ଟିର କିଛି ନାହିଁ ବୋଲି ବୁଝାଯିବ।

ପୁରାଣରେ ଲକ୍ଷ୍ମୀ କୌଣସି ମୂଲ୍ୟଯୁକ୍ତ ବିଚାର ରଖନ୍ତି ନାହିଁ। ଗିନାଏ ଭାତ ଜଣେ ସାଧୁ ଏବଂ ପାପୀର ଭୋକ ମେଣ୍ଟାଏ; ଜଣେ ବିଚାରପତିଙ୍କ ହାତରେ ଟଙ୍କିକିଆ ମୁଦ୍ରାର ମୂଲ୍ୟ ଯାହା, ଜଣେ ହତ୍ୟାକାରୀର ହାତରେ ତାହାର ମୂଲ୍ୟ ସମାନ। କିନ୍ତୁ ଲକ୍ଷ୍ମୀ ସବୁବେଳେ ନିଜ ଭଉଣୀ ଅଲକ୍ଷ୍ମୀକୁ ସାଥିରେ ନେଇ ଆସନ୍ତି। ଅଲକ୍ଷ୍ମୀଙ୍କୁ ଚିହ୍ନିବାରେ ବିଫଳତା ହିଁ ବିପଜ୍ଜନକ, କାରଣ ସେ ସମସ୍ତ ନକାରାତ୍ମକ ଶକ୍ତିକୁ ପ୍ରତିନିଧିତ୍ୱ କରନ୍ତି, ଯାହା ଯେକୌଣସି ଧନ ସମ୍ପତ୍ତି ସହିତ ଆସିଥାଏ। ଏଣୁ ସମସ୍ତେ ଜାଣନ୍ତି ଯେ ଟଙ୍କା ଝଗଡ଼ା ଓ ଈର୍ଷା ସୃଷ୍ଟି କରେ। ଅଲକ୍ଷ୍ମୀ ଧନର ସେହି ଖରାପ ବିଷୟକୁ ଧାରଣ କରେ। ସେ ହିଁ ଧନୀ ଭାଇମାନଙ୍କ ମଧ୍ୟରେ ଝଗଡା କରେ। ସେ ପରିବାରକୁ ଭାଙ୍ଗି ଛାରଖାର କରିଦିଏ। ସେ ସୁନାର ସଂସାରରେ ଶାନ୍ତି ଆସିବାକୁ ଦିଏ ନାହିଁ। ଅଲକ୍ଷ୍ମୀକୁ ଦୁର୍ବଳ କରିବାର ଏକମାତ୍ର ଉପାୟ ହେଉଛି ତା' ବିଷୟରେ ନିରନ୍ତର ସଚେତନ ହେବା; ତା' ଭଉଣୀ(ଲକ୍ଷ୍ମୀ)ଙ୍କ ପରି ତାକୁ ଜୀବନରେ ସ୍ୱୀକାର କରିବା। ସାଧାରଣତଃ ରୀତିନୀତି ଅନୁଯାୟୀ, ଘର ଭିତରେ ଲକ୍ଷ୍ମୀଙ୍କୁ ମିଠା ଅର୍ପଣ କରାଯାଉଥିବାବେଳେ ଘର ବାହାରେ ରଖାଯାଇଥିବା ଲେମ୍ବୁ ଏବଂ ଚିଲି ଅଲକ୍ଷ୍ମୀ ପାଇଁ ଉଦ୍ଦିଷ୍ଟ ଥାଏ। ଶାସ୍ତ୍ରଗୁଡ଼ିକରେ କୁହାଯାଇଛି ଯେ, ଲକ୍ଷ୍ମୀ ତାଙ୍କ ଭଉଣୀ ବିନା କୌଣସି ସ୍ଥାନକୁ ଯାଆନ୍ତି ନାହିଁ। ଅନ୍ୟ ଅର୍ଥରେ, ଧନ କଦାପି ବିବାଦର ମଞ୍ଜି ବିନା କୌଣସି ସ୍ଥାନକୁ ଯାଏ ନାହିଁ।

କାହାଣୀଟିଏ ଅଛି। ଥରେ ଜଣେ ବ୍ୟବସାୟୀଙ୍କୁ ଦେଖା କରି ଲକ୍ଷ୍ମୀ ଏବଂ ଅଲକ୍ଷ୍ମୀ ପଚାରିଲେ– ସେମାନଙ୍କ ମଧ୍ୟରେ କିଏ ଅଧିକ ସୁନ୍ଦର? ବ୍ୟବସାୟୀ ଜଣକ ଉଭୟଙ୍କୁ ଅସନ୍ତୁଷ୍ଟ କରିବାକୁ ଡରୁଥିଲେ। ତେଣୁ ସେ ଉଭୟଙ୍କୁ ଖୁସି କରିବା ଭଳି ଏକ ଚତୁର ଉତ୍ତର ଦେଲେ। କହିଲେ, ଲକ୍ଷ୍ମୀ ଯେତେବେଳେ ମୋ ଆଡ଼କୁ ଆସନ୍ତି ସେତେବେଳେ ସୁନ୍ଦର ଦେଖାଯାଆନ୍ତି ଓ ଅଲକ୍ଷ୍ମୀ ଯେତେବେଳେ ମୋ'ଠାରୁ ଦୂରେଇ ଯାଆନ୍ତି ସେତେବେଳେ ସୁନ୍ଦର ଲାଗନ୍ତି। ଏହି ଉତ୍ତରରେ ସନ୍ତୁଷ୍ଟ ହୋଇ ସମ୍ପତ୍ତି ବ୍ୟବସାୟୀ ପାଖକୁ ଗଲାବେଳେ କଳହ ତାଙ୍କଠାରୁ ଦୂରେଇଗଲା।

ଏବେ ଆମ ଘରେ ଝଗଡ଼ାକୁ ଆମନ୍ତ୍ରଣ କରୁଥିବା ପରି ମନେହେଉଛି। ଝଗଡ଼ା ଖବର ପ୍ରକାଶ ପାଉଛି। ବିବାଦ ଉପରେ ଆଧାରିତ ଟେଲିଭିଜନ ଶୋ' ଚାଲୁଛି। କହିବାକୁ ଗଲେ ସମସ୍ତେ କଳହରେ ଲିପ୍ତ। ଯୁବକମାନେ ରିଆଲିଟି ଶୋ'ରେ ଲଢୁଛନ୍ତି ଏବଂ ଦର୍ଶକ ତାହାକୁ ଭଲ ପାଆନ୍ତି। ବିଚାରପତିମାନେ ଓ ଗାୟକମାନେ ବି ଝଗଡ଼ା କରୁଛନ୍ତି ଏବଂ ଆମେ ଏହି ଚିନ୍ତାଧାରାକୁ ଆମ ପରିବାରରେ ଡିନର ସମୟରେ ଆନନ୍ଦରେ ଆଲୋଚନା କରୁଛୁ। ଝଗଡ଼ାକୁ ମନୋରଞ୍ଜନ ଭାବରେ ଉପସ୍ଥାପନ କରାଯାଉଛି। ବଳାତ୍କାର, ନିର୍ଯାତନା ଏବଂ ହତ୍ୟା କାହାଣୀ ବିଭିନ୍ନ ପ୍ରକାରର ରୋମାଞ୍ଚ ସୃଷ୍ଟି କରୁଛି। ଭାରତ ଉଦାରୀକରଣର ଲାଭ ଉଠାଉଥିବାବେଳେ ଏସବୁ ଘଟୁଛି। ଅନୁମାନ, ଆମେ ସବୁବେଳେ ଲକ୍ଷ୍ମୀଙ୍କୁ ଅନୁସରଣ କରି ଅଲକ୍ଷ୍ମୀଙ୍କୁ ଭଲପାଇବା ଏବଂ ସମ୍ମାନ ଦେଖାଇବାକୁ ଭୁଲିଯାଇଛୁ।

–devduttofficial@gmail.com

# ଗ୍ରାମୀଣ ଜୀବନ



ବିପିନ ବିହାରୀ ମହାନ୍ତି

ଗ୍ରାମାଞ୍ଚଳର ବିଶାଳ କଇଁ ପୋଖରୀ କେଉଁଠି ପୋତିହୋଇ ଗଲାଣି ତ ଆଉ କେଉଁଠି କଇଁଫୁଲକୁ ସଫାକରି ମାଛଚାଷ କରାଗଲାଣି। କଦବା କ୍ୱଚିତ୍ ଯେଉଁଠି କଇଁଫୁଲ ପୋଖରୀଟିଏ ରହିଛି ତାହା ଧୀରେଧୀରେ ଗାଁ ଲୋକଙ୍କ ସଚେତନତା ଅଭାବରୁ ଅଳିଆଗଦାର ଭ୍ରମ ସୃଷ୍ଟି କଲାଣି। ନାଳ, ଖାଲ, ଖମା, ଯୋର ଗାଡ଼ିଆ ଯେଉଁଠି କଇଁଫୁଲ ଫୁଟୁଥିଲା ସେସବୁକୁ ଗ୍ରାମାଞ୍ଚଳରେ ସକ୍ରିୟ ଥିବା ଭୂ-ମାଫିଆମାନେ ନିଜ ଚାଷଜମିରେ ମିଶାଇ ସାରିଲେଣି ବା ପୋତି ପକାଇଲେଣି। ଗାଁ ମାଟିର କ୍ଷତାକ୍ତ ପରିବେଶକୁ ବର୍ଣ୍ଣନା କରିବା ପାଇଁ କଇଁଫୁଲର ଦୁର୍ଦ୍ଦଶା ଏଠାରେ ପ୍ରତିକାତ୍ମକ ପ୍ରସଙ୍ଗଟିଏ।

ଗାଁ ଶେଷ ମୁଣ୍ଡରେ ଥିବା ବିସ୍ତୀର୍ଣ୍ଣ ପଡ଼ିଆର କଥା କୁହନ୍ତୁ କିମ୍ବା ଏହି ପଡ଼ିଆରେ ଥିବା ଘଞ୍ଚ କିଆବୁଦାର କଥା, ଗାଁଠାରୁ ଗହୀର ଆଡ଼କୁ ଲମ୍ବିଯାଇଥିବା ରାସ୍ତାର ମାଳ ମାଳ ତାଳଗଛର କଥା କୁହନ୍ତୁ କିମ୍ବା ଏଇ ତାଳଗଛରେ ଝୁଲୁଥିବା ବାଇଚଢ଼େଇର ବସାର କଥା; ସମସ୍ତେ ଯେମିତି ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ସଂଘର୍ଷରତ। ଆଉ କିଛିଦିନ ଗଲେ ହେଟାବାଘ, ବିଲୁଆ, ଶାଳିଆପତନି, କୋକି, ନେଉଳ ଇତ୍ୟାଦିଙ୍କୁ ଆମେ କେବଳ ନନ୍ଦନକାନନରେ ହିଁ ଦେଖିବାକୁ ପାଇବା। କାରଣ ଏମାନେ ବଞ୍ଚିରହିବା ପାଇଁ ଯେଉଁ ପରିବେଶର ଆବଶ୍ୟକତା ରହିଛି ତାହା ପ୍ରାୟ ଉଜୁଡ଼ି ଗଲାଣି। ଗ୍ରାମାଞ୍ଚଳରେ ଦେଖାଯାଉଥିବା ଅନେକ ପକ୍ଷୀ ଉଚ୍ଚବୃକ୍ଷର ଅଭାବରୁ ଆଉ ବସାବାନ୍ଧି ପାରୁନାହାନ୍ତି। ଫଳରେ ସେମାନେ ମଧ୍ୟ ଧୀରେ ଧୀରେ ନିଶ୍ଚିହ୍ନ ହେବାକୁ ବସିଲେଣି।

ସାଧାରଣତଃ ଗ୍ରାମାଞ୍ଚଳରେ ନିଶା ରାତିକୁ ଭୟ ଲାଗିଥାଏ। କିନ୍ତୁ ଆଜି ନିଶାରାତି ଅପେକ୍ଷା ନିଶାଡ଼ିମାନେ ଗ୍ରାମାଞ୍ଚଳରେ ବେଶି ଭୟର ବାତାବରଣ ସୃଷ୍ଟି କରୁଛନ୍ତି। କଥା କଥାକେ ଗଣ୍ଡଗୋଳ ମାରପିଟ। ଦିନଥିଲା ଗାଁର ବଡ଼ ବଡ଼ ବିବାଦ ଭାଗବତ ଟୁଙ୍ଗିରେ ସମାଧାନ ହେଉଥିଲା। କିନ୍ତୁ ଆଜି ବାଡ଼ିରୁ ଭେଣ୍ଡି, ବାଇଗଣ ଚୋରି ହେଲେ ଲୋକେ ଥାନାର ଦ୍ୱାରସ୍ଥ ହେଉଛନ୍ତି। ଗ୍ରାମୀଣ ନ୍ୟାୟିକ ବ୍ୟବସ୍ଥା ସଂପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିଛି। ପ୍ରତ୍ୟେକ ଗ୍ରାମରେ ରାଜନୀତି ପ୍ରବେଶ କଲାଣି। ଲୋକେ ଆଉ ଆଗଭଳି ସତ୍ୟ ଏବଂ ନ୍ୟାୟର ସମର୍ଥନ କରୁ ନାହାନ୍ତି। ଫଳରେ ପ୍ରତିଟି ଗାଁରେ ବିଶୃଙ୍ଖଳା ସୃଷ୍ଟି ହେଉଛି ଏବଂ ଧୀରେ ଧୀରେ ଏହା ଉଗ୍ରରୂପ ଧାରଣ କରି ଗ୍ରାମୀଣ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଗାଁରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଗଭଳି ଲୋକମାନଙ୍କ ମଧ୍ୟରେ ଏକତା କି ଆଗ୍ରହ ନାହିଁ। ପାଲା, ଦାସକାଠିଆ, ଧୁଡୁକି ନାଚ, ଘୋଡ଼ା ନାଚ, କଣ୍ଢେଇ ନାଚ ଭଳି ପ୍ରାଚୀନ ସାଂସ୍କୃତିକ କାର୍ଯ୍ୟକ୍ରମ କଥା ଶୁଣିଲେ ଗାଁ ଲୋକମାନେ ନାକ ଟେକୁଛନ୍ତି। ଆଗଭଳି ଗାଁର ପ୍ରତ୍ୟେକ ପରିବାରରେ ଗୋରୁ ପାଳୁ ନାହାନ୍ତି। ଏକଥା ସତ୍ୟ ଯେ, କୃଷି କ୍ଷେତ୍ରରେ ଟ୍ରାକ୍ଟରର ପ୍ରୟୋଗ ଫଳରେ ବଳଦଙ୍କର ଆଉ ଆବଶ୍ୟକତା ପଡୁ ନାହିଁ। କିନ୍ତୁ ଆମେ ଘରେ ଗାଈଟିଏ ତ ପାଳି ପାରିବା। ହେଲେ ଗାଁ ଲୋକମାନେ ଧୀରେ ଧୀରେ ଗୋପାଳନ ପ୍ରତି ବିମୁଖ ହେଲେଣି। ବାଡ଼ିରେ ହାଟ ବସାଇବା ଉକ୍ତିଟି ଆଜି ଗ୍ରାମାଞ୍ଚଳରେ ଅପ୍ରାସଙ୍ଗିକ ମନେହୁଏ। ଏକ ସମୟରେ ପ୍ରତ୍ୟେକ ପରିବାରର ବାଡ଼ିରେ ପନିପରିବା ଚାଷ ହେଉଥିଲା। କିନ୍ତୁ ଆଜି ତାହା ମଧ୍ୟ ଦେଖିବାକୁ ମିଳୁ ନାହିଁ। ଯେଉଁମାନେ ପରିବା ଚାଷ କରୁଛନ୍ତି ସେମାନେ ବ୍ୟବସାୟିକ ଦୃଷ୍ଟିରୁ କରୁଛନ୍ତି, ବାକି ଲୋକମାନେ ନିଜ ଆଳସ୍ୟଗୁଣ ତଥା କର୍ମ ବିମୁଖତା ପାଇଁ ହାଟରୁ ପନିପରିବା କିଣୁଛନ୍ତି। ଫଳରେ ବର୍ଷସାରା ପରିବା ମୂଲ୍ୟରେ ହାତ ମାରି ହେଉ ନାହିଁ। ଉପରୋକ୍ତ ଆଲୋଚନାରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଗ୍ରାମୀଣ ଜୀବନ ଆଜି ଅବକ୍ଷୟମୁଖୀ। ଏହାର କାରଣ ହେଲା ଭୌତିକ ସୁଖକୁ ଜୀବନର ସର୍ବୋଚ୍ଚ ସୁଖ ବୋଲି ଧରିନେବା ଏବଂ ଏହି ସୁଖ କେବଳ ସହରରେ ଉପଲବ୍ଧ ବୋଲି ଅନୁଭବ କରିବା। ଯେଉଁମାନେ ସହରକୁ ଚାଲିଗଲେ ସେମାନେ ସେହି ସୁଖର ଅଧିକାରୀ ବୋଲି ଗର୍ବ କଲେ ଆଉ ଯେଉଁମାନେ ନ ଯାଇପାରି ଗାଁରେ ରହିଗଲେ ସେମାନେ ସେହି ସୁଖକୁ ଅନୁକରଣ କଲେ। ଏହି ଦୁଇ ଗୋଷ୍ଠୀର ମଣିଷମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହିଁ ଗ୍ରାମ୍ୟ ପରିବେଶ ବା ଗ୍ରାମ୍ୟ ସଂସ୍କୃତିର ଧ୍ୱଂସର କାରଣ।

ସାହାଡ଼ା, ଜାନକାଦେଇପୁର, ବୋରିକିନା, ଜଗତ୍‌ସିଂହପୁର, ମୋ:୯୪୩୮୨୮୨୮୨୫

## ଏଇ ଭାରତରେ

ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ନେବା ଲାଗି ପ୍ରତି ବର୍ଷ ପ୍ରାୟ ୨ ଲକ୍ଷ ଛାତ୍ରୀଛାତ୍ର ରାଜସ୍ଥାନ କୋଟାର ବିଭିନ୍ନ କୋଚିଂ ସେଣ୍ଟରରେ ନାମ ଲେଖାଉଛନ୍ତି। ଉଦ୍‌ବେଗର ବିଷୟ ହେଉଛି, ସେଠାରେ ପଢ଼ାଚାପ ଯୋଗୁ ଅନେକ ପିଲା ଆତ୍ମହତ୍ୟା କରୁଛନ୍ତି। ଏପରି କି ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସେଠାରେ ୨୫ ଜଣ ପ୍ରତ୍ୟାଶୀ ଆତ୍ମହତ୍ୟା କରିସାରିଲେଣି। ଏଭଳି ସ୍ଥିତିରେ ପିଲାମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ କୋଟାର ସହକାରୀ ପୋଲିସ ଅଧୀକ୍ଷକ ଚନ୍ଦ୍ରଶିଲ ଠାକୁର ଏକ ବଡ଼ ଅଭିଯାନ ଆରମ୍ଭ କରିଛନ୍ତି। ସେ ବିଗତ ୮ ବର୍ଷ ହେଲା କୋଟାରେ ଯୁବକଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରି ସଫଳ ହେବା ପରେ ଏହି ଅଭିଯାନ ପାଇଁ ସମର୍ପିତ ରହିଛନ୍ତି। ସେ ସ୍ପେଶାଲ ଷ୍ଟୁଡେଣ୍ଟ ସେଲ୍ ଗଠନ କରିବା ସହ ଏକ ୩ ଜଣିଆ ଟିମ୍ ଗଠନ କରି ପିଲାମାନଙ୍କ ମଧ୍ୟରୁ ଚାପ ଦୂରକରିବା ଲାଗି ପ୍ରୟାସ କରୁଛନ୍ତି। ମହିଳା ଓ ପୁରୁଷ ପୋଲିସ ଅଧିକାରୀମାନେ ବି ଏଥିରେ ସାମିଲ ହୋଇଛନ୍ତି। ଏକ ୨୪ ଘଣ୍ଟିଆ ହେଲ୍‌ପଲାଇନ ଖୋଲିଛନ୍ତି। ପ୍ରତିଦିନ ପାଖାପାଖି ୭ଟି କଲ୍ ସେ ପାଉଛନ୍ତି। ୪ ମାସ ମଧ୍ୟରେ ୫୦୦ରୁ ଅଧିକ କଲ୍ ପାଇଛନ୍ତି। ଷ୍ଟୁଡେଣ୍ଟ ସେଲ୍ ଏଯାବତ ୮୦,୦୦୦ ଛାତ୍ରୀଛାତ୍ରଙ୍କୁ ଭେଟି ସେମାନଙ୍କ ସମସ୍ୟା ଦୂର କରିବାକୁ ଚେଷ୍ଟା କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୯୮

- ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଆଧୁନିକୀକରଣ ସାଇଟ ଅନ୍ତର୍ଗତ କ୍ୟାଲସିନିଂ ପ୍ଲାଣ୍ଟ-୨ର ବଙ୍କର ଭୁଶୁଡ଼ି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି।
- ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଘେନି ଗ୍ରୀଡ୍‌କୋର ନିଷ୍ପତ୍ତି ହାଇକୋର୍ଟଙ୍କ ଦ୍ୱାରା ଖାରଜ।
- ହଣ୍ଡୁରା ଓ ନିକାରାଗୁଆରେ ପ୍ରବଳ ସାମୁଦ୍ରିକ ଝଡ଼ ପ୍ରବାହିତ ହେବା ଫଳରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 6 | | | | | | 1 | 7 | |
| | 5 | | | | 9 | | | |
| 1 | | 4 | | 3 | 6 | | | |
| 2 | | | | | | | 3 | 1 |
| 5 | | 8 | 4 | | | | | 2 |
| | | | 9 | 2 | | | | |
| | | | | | | 5 | | |
| | | 1 | | | | 4 | | 3 |
| | 2 | | 8 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 5 | 2 | 4 | 9 | 1 | 7 | 8 |
| 1 | 8 | 4 | 3 | 6 | 7 | 2 | 9 | 5 |
| 9 | 7 | 2 | 1 | 5 | 8 | 4 | 6 | 3 |
| 5 | 9 | 8 | 4 | 2 | 1 | 6 | 3 | 7 |
| 4 | 2 | 6 | 7 | 8 | 3 | 9 | 5 | 1 |
| 3 | 1 | 7 | 5 | 9 | 6 | 8 | 4 | 2 |
| 2 | 4 | 9 | 8 | 7 | 5 | 3 | 1 | 6 |
| 8 | 5 | 3 | 6 | 1 | 4 | 7 | 2 | 9 |
| 7 | 6 | 1 | 9 | 3 | 2 | 5 | 8 | 4 |

ଗତକାଲିର ଉତ୍ତର

# ଦ୍ୱନ୍ଦ୍ୱରେ ଶିକ୍ଷକ



ଡ. ମନୋରଞ୍ଜନ ପ୍ରଧାନ

ଜଣେ ଅଭିଭାବକ ବା ଅଧ୍ୟାପକ ଭାବରେ ବିଭିନ୍ନ ସମୟରେ ଶିକ୍ଷକ ଅଭିଭାବକ ସମ୍ମିଳନୀରେ ଯୋଗଦେବା ପାଇଁ ସୁଯୋଗ ମିଳିଥାଏ। ବିଦ୍ୟାଳୟ ଓ ପରିବାର ମଧ୍ୟରେ ସମ୍ପର୍କ, ସମ୍ବନ୍ଧ ଓ ସମନ୍ୱୟ ସ୍ଥାପନା ଦିଗରେ ଅଭିଭାବକ ସମ୍ମିଳନୀ ଏକ ସୁଦୃଢ଼ ସେତୁ। ଏହା ଦ୍ୱାରା ଉଭୟ ଶିକ୍ଷାନୁଷ୍ଠାନ ଓ ଶିକ୍ଷାର୍ଥୀମାନଙ୍କର ଅଶେଷ ମଙ୍ଗଳ ହୁଏ। ଶିକ୍ଷକ ଶିକ୍ଷୟିତ୍ରୀ ଶିଶୁମାନଙ୍କ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିପାରନ୍ତି। ଫଳରେ ଉପଯୁକ୍ତ ଶିକ୍ଷାଦାନ ଓ ଶିଶୁମାନଙ୍କର ଆଚରଣ ପରିମାର୍ଜିତ ସକାଶେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଶେଷ ସୁବିଧା ଓ ସହାୟତା ପ୍ରଦାନ କରେ। ଅପରପକ୍ଷେ ଅଭିଭାବକମାନଙ୍କ ପ୍ରତ୍ୟକ୍ଷ ସହଭାଗିତା ବିଦ୍ୟାଳୟଗୁଡ଼ିକର ସମସ୍ୟାକୁ ସହଜ ଓ ସୁଚାରୁରୂପେ ସମାଧାନ କରିବାରେ ବିଶେଷ ସହାୟତା ପ୍ରଦାନ କରେ। କିନ୍ତୁ ସମ୍ମିଳନୀଗୁଡ଼ିକରେ ଅଭିଭାବକମାନଙ୍କ ଦ୍ୱାରା ଆସୁଥିବା ଅନେକ ପ୍ରସ୍ତାବ, ପରାମର୍ଶ ଓ ଅନୁରୋଧ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଦିଏ। କେତେକ ବାସ୍ତବ ଉଦାହରଣ ଏଠାରେ ଉପସ୍ଥାପନ କରୁଛି।

ପ୍ରଥମତଃ, ଶିକ୍ଷାର୍ଥୀମାନଙ୍କୁ ଆକଟ କରିବା ପାଇଁ ଅନେକ ଅଭିଭାବକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଦଣ୍ଡବିଧାନ ପାଇଁ ପ୍ରସ୍ତାବ ଦିଅନ୍ତି, ଯାହାକି ଆଇନତଃ ଗ୍ରହଣୀୟ ନୁହେଁ। ସେମାନଙ୍କ କହିବା କଥା, ଆମେ ଛାଟ ଖାଇଥିଲୁ ବୋଲି ଆଜି ଶୃଙ୍ଖଳିତ ସଭ୍ୟ ମଣିଷ ଭାବରେ ସମାଜରେ ବସବାସ କରିପାରୁଛୁ। ସାମାନ୍ୟ ତ୍ରୁଟି ବା ଅନୁଶାସନହୀନ କାର୍ଯ୍ୟ ପାଇଁ ଆମେ ଶିକ୍ଷାଦାତାଙ୍କ ଦ୍ୱାରା ଦଣ୍ଡିତ ହେଉଥିଲୁ। କିନ୍ତୁ ଆଜି ଦଣ୍ଡମୁକ୍ତ ଅଞ୍ଚଳ ଯୋଗୁ ପିଲାମାନେ ଭୟମୁକ୍ତ ଓ ଭକ୍ତିଶୂନ୍ୟ ହୋଇଯାଉଛନ୍ତି। ଏପରିକି ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ପ୍ରତି ସାମାନ୍ୟ ସମ୍ମାନବୋଧ ନାହିଁ। ଏହା ସତ୍ୟ ଯେ, ଆଜିକାଲି ବିଦ୍ୟାଳୟଗୁଡ଼ିକରେ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ପିଲାଙ୍କୁ ଆକଟ କରିବା ପାଇଁ ମାଡ଼ ମାରିବା ବା ଗାଳି କରିବା ତ ଦୂରର କଥା, ଆଖି ଦେଖେଇବାକୁ ମଧ୍ୟ ଡରୁଛନ୍ତି। କାରଣ ଏହା ଆଇନତଃ ଅପରାଧ ଓ ମାନବିକ ଅଧିକାରର ବିରୋଧାଭାସ। ଅପରପକ୍ଷେ, ଶିକ୍ଷାଧିକାରୀମାନେ ବାଚନିକ ଭାବେ କହନ୍ତି ପିଲାମାନେ ବହୁତ ଦୁଷ୍ଟ ହେଉଛନ୍ତି, ଆପଣମାନଙ୍କର ନିୟନ୍ତ୍ରଣ ନାହିଁ ସେମାନଙ୍କ ଉପରେ, ଇତ୍ୟାଦି। ଏ ସମ୍ପର୍କରେ ଯଦି ଶିକ୍ଷକ/ ଶିକ୍ଷୟିତ୍ରୀ ମୁହଁ ଖୋଲି କହନ୍ତି ଆକଟ କରିବୁ କେମିତି! ସାଧାରଣ ଦଣ୍ଡ (ବାଚନିକ ବା ମାନସିକ ବା ଶାରୀରିକ) ଦେବା ଆଇନତଃ ଅପରାଧ। ସେତେବେଳେ ଅଧିକାରୀମାନେ କଥା ଛଳରେ କହନ୍ତି, ତୁମକୁ ଚୋଟ ମାରିବାକୁ ମନା କରାଯାଇଛି ସିନା ଫଣାଟେକି ଫଁ କରିବାକୁ କିଏ ମନା କରିଛି? ଏ କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦ୍ୱନ୍ଦ୍ୱରେ। ଏଣେ ମାରିଲେ ଗୋହତ୍ୟା, ତେଣେ ମାରିଲେ ବ୍ରହ୍ମହତ୍ୟା। କାରଣ ଅନୁଶାସନ ପାଇଁ ଯଦି କୌଣସି ସାମାନ୍ୟ ପଦକ୍ଷେପ ନିଅନ୍ତି, ସବୁ ଠିକ୍‌ଠାକ୍ ଚାଲିଥିଲେ କିଛି ଅସୁବିଧା ନାହିଁ। ଯଦି ସାମାନ୍ୟ ସ୍ୱାର୍ଥ ହାନି ହେଲା ନା ଅଭିଭାବକ ନା ଅଫିସର କେହି ପିଠିରେ ପଡ଼ିବେ ନାହିଁ। ସେତେବେଳେ ସମସ୍ତେ ଆଇନ ବିଶାରଦ ବନିଯିବେ। ବିଚରା ଶିକ୍ଷକ ଆଇନ ଫାଶରେ ଛନ୍ଦି ହେଉଥିବ।

ଦ୍ୱିତୀୟରେ, ଆମେ ପାଠ ପଢ଼ିବା ବେଳେ ବିଦ୍ୟାଳୟ ସଫେଇଠାରୁ ବଗିଚା କାମ ଭଳି ଅନେକ କାମ କରୁଥିଲୁ। ସେତେବେଳେ ଆମେ କେବେ ନିଜକୁ ମୂଲିଆ ଭାବୁନଥିଲୁ କି ଆମ ସ୍ୱାଭିମାନ ନଷ୍ଟ ହେଉଛି ବୋଲି ବିଚାର ହିଁ ନଥିଲା। ବରଂ ଶ୍ରମର ମହତ୍ତ୍ୱକୁ ବୁଝିପାରୁଥିଲୁ। ମା'ବାପାମାନେ ମଧ୍ୟ ଏଭଳି କାମକୁ ପ୍ରୋତ୍ସାହନ ଦେଉଥିଲେ। ଆଜି କିନ୍ତୁ ଠିକ୍ ଓଲଟା। ଆଜିର ପରିସ୍ଥିତିରେ ପିଲାଙ୍କୁ ଭୁଲ୍‌ବଶତଃ ଯଦି ଏଭଳି କାମରେ ଲଗାଯାଇଥାଏ,



ଗଣମାଧ୍ୟମଠାରୁ ଅଭିଭାବକ ପର୍ଯ୍ୟନ୍ତ ସବୁ ମହଲରେ ଭର୍ତ୍ସନା ଶୁଣିବାକୁ ପଡ଼େ। ବେଳେବେଳେ ଅଭିଭାବକ ସମ୍ମିଳନୀରେ ମାତାପିତାମାନେ ପିଲାମାନଙ୍କୁ ବଗିଚା କାମ ଭଳି କିଛି କାର୍ଯ୍ୟ କରିବାକୁ କହନ୍ତି। କିନ୍ତୁ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। କାରଣ ସବୁ ମା'ବାପାଙ୍କ ସମାନ ବିଚାର ନ ଥାଏ।

ତୃତୀୟରେ, ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାମ୍ବିଧାନିକ କର୍ତ୍ତବ୍ୟ। ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଓ ଅଧୁନା ଜାତୀୟ ଶିକ୍ଷା ନୀତି ୨୦୨୦ ବିଶେଷକରି ବିଦ୍ୟାଳୟ ସ୍ତରରେ କୋମଳମତି ବାଳକ ବାଳିକାମାନଙ୍କ ନିମନ୍ତେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରାବଧାନ ରହିଛି। ହେଲେ ଏ କ୍ଷେତ୍ରରେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। କେମିତି? ପ୍ରଥମତଃ, ଆଜି ମଧ୍ୟ ଆମ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ ଶିକ୍ଷକ-ଛାତ୍ର ଅନୁପାତ ଠିକ୍ ନୁହେଁ। ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଶିକ୍ଷକ ଅଭାବର ବିକଳ ରୂପ କାହାକୁ ଅଛପା ନାହିଁ। ଏଭଳି ପରିସ୍ଥିତି ଓ ପରିପ୍ରେକ୍ଷୀରେ ବିଦ୍ୟାଳୟରେ ନିୟୋଜିତ ସୀମିତ ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବେ ନା ଅଫିସରମାନଙ୍କ ନାଲି ଆଖିରୁ ତ୍ରାହି ପାଇବା ପାଇଁ ଫାଇଲ ଚାଷ କରିବେ? କାରଣ ବିଦ୍ୟାଳୟଗୁଡ଼ିକରେ ଅଫିସ୍ କାମ ପାଇଁ କିରାଣି ବା ସହଯୋଗୀ କାହିଁ? ଯଦି ଶିକ୍ଷକ ଧର୍ମ ପାଳନ କରି ପିଲାଙ୍କୁ ଦେଖିବେ ଶିକ୍ଷା ଅଧିକାରୀମାନଙ୍କ କ୍ରୋଧର ଶିକାର ହେବା ଥୟ। ଆଉ ଯଦି ଅଧିକାରୀମାନଙ୍କୁ ସନ୍ତୁଷ୍ଟ କରିବେ ପିଲାମାନେ ହତାଦର, ଅନାଦର ଓ ଅବହେଳିତ ହେବେ। ଫଳରେ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ ଭଳି ଅଭିଯାନ ଆରମ୍ଭ କରିବାକୁ ପଡ଼ିବ। ଏ କ୍ଷେତ୍ରରେ ମଧ୍ୟ ଶିକ୍ଷକ ଦ୍ୱନ୍ଦ୍ୱରେ।

ଚତୁର୍ଥରେ, କେଉଁ ପଦ୍ଧତି ବା ପ୍ରଣାଳୀ ଅବଲମ୍ବନ କରି ପାଠଦାନ କରିବେ ସେଥିପାଇଁ ମଧ୍ୟ ଶିକ୍ଷକ ଦ୍ୱନ୍ଦ୍ୱରେ। କିପରି? ନିୟମ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟର ଉପଲବ୍ଧ ସମ୍ବଳ, ପାଠ୍ୟଖସଡ଼ା, ପାଠ୍ୟ ପୁସ୍ତକ ଏବଂ ସର୍ବୋପରି ଶିଶୁମାନଙ୍କ ଦକ୍ଷତା, ଇଚ୍ଛା ଓ ଆବଶ୍ୟକତା ଦେଖି ଶିକ୍ଷାଦାନ ଦେବା କଥା। ବିଶେଷକରି ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୂର୍ଣ୍ଣ ସ୍ୱତନ୍ତ୍ରତା ଦେଲେ ଉଦ୍ୟମୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆବଶ୍ୟକତା ଆଧାରରେ ଶିକ୍ଷାଦାନ କୌଶଳ ଅବଲମ୍ବନ କରି ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିପାରନ୍ତେ। କିନ୍ତୁ ବାସ୍ତବରେ ତାହା ହେଉନାହିଁ ବୋଲି ଏ ଲେଖକଙ୍କ ବ୍ୟକ୍ତିଗତ ମତ। ବିଦ୍ୟାଳୟ ସ୍ତରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବର୍ଷସାରା ଯେତିକି ପ୍ରଶିକ୍ଷଣ ବ୍ୟବସ୍ଥା ହେଉଛି, ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। ନାନା ମୁନି ନାନା ମତ ଭଳି ବେଳେବେଳେ ପ୍ରଶିକ୍ଷକଗଣ ନିଜ ପାଣ୍ଡିତ୍ୟ ଓ ପ୍ରଭାବ ବିଚରା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପରେ ଲଦିବାକୁ ଚେଷ୍ଟା କରିଥା'ନ୍ତି। ଫଳରେ ଶିକ୍ଷାଦାତାମାନେ ବୁଝିପାରନ୍ତି ନାହିଁ ଯେ ନିଜ ବିଦ୍ୟାଳୟର ପିଲାଙ୍କ ଆବଶ୍ୟକତା ଭିତ୍ତିରେ ପାଠ ପଢ଼େଇବେ ନା ପ୍ରଶିକ୍ଷଣ ପାଇଥିବା ଆଧାରରେ ପଢ଼େଇବେ। ଏଠି ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। ହେଲେ ଏସବୁ ଦ୍ୱନ୍ଦ୍ୱର କୁପରିଣାମ ବିଚରା କୁନିକୁନି ପିଲାମାନଙ୍କ ଭାଗ୍ୟ ଓ ଭବିଷ୍ୟତ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପଡୁଛି। ଏସବୁ ବିଷୟରେ ଗଭୀର ଭାବରେ ଚିନ୍ତନ କରିବା ସମୟ ଉପନୀତ।

ସହକାରୀ ପ୍ରାଧ୍ୟାପକ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ: ୯୪୩୭୯୧୪୮୧୮

## ଚିରନ୍ତନୀ

କମନୀୟ କମଳର
ସୁକୋମଳ ବୁକୁରେ
ଝଡ଼ିପଡ଼େ ନୀଳଜଳ-ମୁକୁରେ!
କାଶ ଫୁଲେ ହସିହାସି
ଝରାଇ ଶେଫାଳି ରାଶି
ଦୂରବନ- ସୁଚିକଣ ଚିକୁରେ
ଢଳିପଡ଼େ ନୀଳଜଳ ମୁକୁରେ!
–(ଶିଶିର-ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଜନାର ସଫଳ ରୂପାୟନ ହେଉ

ମହାଶୟ,

ଜନସାଧାରଣଙ୍କର ସୁବିଧା ନିମନ୍ତେ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସରକାରୀ ସୁବିଧା ପାଇବାକୁ ଆଶାୟୀ। କୃଷକ, ମହିଳା,ରୋଗୀ, ବେକାରୀ, କଳାକାର ଏମିତି ଅନେକ କ୍ଷେତ୍ରରେ ସରକାରୀ ସୁବିଧା ଉପଲବ୍ଧ ହେଉଛି। ପୁଣି ଅନେକ ନୂଆ ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସରକାର ତତ୍ପର । ମାତ୍ର ସମସ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହେଉଥିବା ଜନତା କ'ଣ ସରକାରୀ ସୁବିଧା ପାଇବା ନିମନ୍ତେ ଯୋଗ୍ୟ? ଏହାର ଉତ୍ତର ନା, ବୁଦ୍ଧିବଳ ଓ କୌଶଳ ଲଗାଇ ଅନେକ ଅଯୋଗ୍ୟ ହୀତାଧିକାରୀ ସରକାରୀ ସୁବିଧା ସୁଯୋଗ ପାଉଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ମାନେ ଏହି ଯୋଜନା ଦୌଡ଼ରେ ସାମିଲ ହୋଇ ପାରୁନାହାନ୍ତି। ଫଳରେ ସରକାରୀ ସୁବିଧା ତାଙ୍କ ପାଇଁ ଦିବା ସ୍ୱପ୍ନ ହୋଇ ରହିଯାଉଛି। ଏଣୁ ଯୋଜନା ଯେତେ ହେଉନା କାହିଁକି, ସମସ୍ତ ଯୋଜନାର ସଫଳ ରୂପାୟନ କରିବା ହେଉଛି ସରକାରୀ କର୍ମଚାରୀଙ୍କର ମୁଖ୍ୟ ଦାୟିତ୍ୱ। କର୍ମଚାରୀ ଦୁର୍ନୀତି କଲେ କୌଣସି ଯୋଜନା ଫଳପ୍ରଦ ହୋଇପାରିବ ନାହିଁ। ଦଳମତ ନିର୍ବିଶେଷର ସରକାର ଏ ବିଷୟରେ ଗମ୍ଭୀରତାର ସହ ବିଚାର କରିବାର ଆବଶ୍ୟକତା ଅଛି।

–ଅଶୋକ ରାଉଳ, ଅଢ଼ଙ୍ଗ, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପର୍ଯ୍ୟଟକଙ୍କୁ ପ୍ରାକୃତିକ ପରିବେଶର ସମ୍ଭାର

# ୪ ସ୍ଥାନରେ ଆରମ୍ଭ ହେଲା ଇକୋ ରିଟ୍ରିଟ୍






## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ଡିସେମ୍ବର ୧ରେ ଭିତରକନିକା, ୧୫ରେ କୋଣାର୍କରେ ଖୋଲିବ

**ଭୁବନେଶ୍ୱର,୧।୧୧(ଅନିଲ ଦାସ)**

ପର୍ଯ୍ୟଟକଙ୍କୁ ପ୍ରାକୃତିକ ପରିବେଶରେ ଅବସର ବିନୋଦନ ପାଇଁ ରାଜ୍ୟ ସରକାର ଗତ କିଛି ବର୍ଷ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଇକୋ ରିଟ୍ରିଟ୍ ବ୍ୟବସ୍ଥା କରିଛନ୍ତି। ଏହା ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଚଳିତ ବର୍ଷ ଇକୋ ରିଟ୍ରିଟ୍ ୨୦୨୩-୨୪ର ୫ମ ସଂସ୍କରଣ ଆରମ୍ଭ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି।

ପ୍ରଥମ ପର୍ଯ୍ୟାୟରେ କୋରାପୁଟର ପୁଟସିଲ, ଦାରିଙ୍ଗବାଡ଼ି, ସାତକୋଶିଆ ଏବଂ ହୀରାକୁଦରେ ଏହା ଆରମ୍ଭ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଇକୋ ରିଟ୍ରିଟ୍‌ର ୪ଟି ସଂସ୍କରଣ ସଫଳତାର ସହ ଆୟୋଜନ ପରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଏହି ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିଛି। ପର୍ଯ୍ୟଟକଙ୍କୁ ପ୍ରାକୃତିକ ପରିବେଶରେ ପଞ୍ଚତାରକା ରିସର୍ଟର ସୁବିଧା ଯୋଗାଇଦେଇ ପାରିଛି। ଭିତରକନିକା ଏବଂ ସୋନାପୁର ବିଚ୍ ଇକୋ ରିଟ୍ରିଟ୍ ଡିସେମ୍ବର ୧ ଏବଂ କୋଣାର୍କଠାରେ ଡିସେମ୍ବର ୧୫ ତାରିଖରେ ଉଦ୍‌ଘାଟନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲାର ବିଧାୟକ, ଜିଲାପାଳ, ଏସ୍‌ପି, ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି, ବ୍ଲକ ଅଧ୍ୟକ୍ଷ ଏବଂ ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

୨୦୧୯ରେ ପ୍ରଥମ ଥର ପାଇଁ ଇକୋ ରିଟ୍ରିଟ୍ କୋଣାର୍କର ରାମଚଣ୍ଡୀଠାରେ ଆରମ୍ଭ କରାଯାଇଥିଲା। ୨୦୨୦ରେ ସାତକୋଶିଆର ବାଲିଫୁଟ, ଭିତରକନିକା, ଦାରିଙ୍ଗବାଡ଼ି ଏବଂ ହୀରାକୁଦଠାରେ ଆରମ୍ଭ କରାଯାଇଥିଲା। ୨୦୨୨ରେ ଆଉ ୨ଟି କୋରାପୁଟର ପୁଟସିଲ ଓ ସୋନାପୁର ବିଚ୍‌କୁ ସାମିଲ କରାଯାଇଥିଲା। ଚଳିତ ବର୍ଷ ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟକଙ୍କ ସକାଶେ ୱାଟର ସ୍ପୋର୍ଟସ ଏବଂ ଅବସରବିନୋଦନ ଲାଗି ଅନେକ ନୂତନ ଆକର୍ଷଣୀୟ ବ୍ୟବସ୍ଥା କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ପରିବେଶକୁ କୌଣସି କ୍ଷତି ନ ପହଞ୍ଚାଇ ରାଜ୍ୟ ସରକାର ପରିବେଶ ପର୍ଯ୍ୟଟନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପ୍ରାକୃତିକ ସମ୍ପଦ ଉପରେ ଯେପରି କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ ରିଟ୍ରିଟ୍ ପର୍ଯ୍ୟଟନ ବ୍ୟବସ୍ଥା ଆରମ୍ଭ କରାଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଗାଇଡ୍‌ଲାଇନ ଅନୁଯାୟୀ ଇକୋ ରିଟ୍ରିଟ୍‌ଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି। ୪ଟି ସ୍ଥାନରେ ସ୍ଥାପନ କରାଯାଇଥିବା ଇକୋ ରିଟ୍ରିଟ୍‌ରେ ୨୫ଟି ଟେଣ୍ଟ ରହିଛି। ହୀରାକୁଦଠାରେ ଥିବା ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟକମାନେ ଡେବ୍ରିଗଡ଼ ବନ୍ୟଜନ୍ତୁ ଉଦ୍ୟାନ ସହ ଜଳଭଣ୍ଡାର ଏବଂ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟର ମଜା ନେଇପାରିବେ। ସେହିପରି ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିଠାରେ ଥିବା ଇକୋ ରିଟ୍ରିଟ୍‌ର ହିଲ୍‌ଷ୍ଟେଶନର ଚାରିପାଖରେ ଥିବା କଫି ଓ ପିପର ଗାର୍ଡେନ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ପର୍ଯ୍ୟଟକମାନେ ମିଧୁମନ୍ଦ ୱାଟରଫଲ ଏବଂ ଦାରିଙ୍ଗବାଡ଼ି କଫି ଗାର୍ଡେନ ପରିଦର୍ଶନ କରି ଆନନ୍ଦ ନେଇପାରିବେ। ଏହାଛଡ଼ା ଟ୍ରାକିଂ, ସାଇକ୍ଲିଂ, ଶୁଟିଂ, ଭଲିବଲ ଖେଳିବା ଆଦି ବ୍ୟବସ୍ଥା ମଧ୍ୟ ସେଠାରେ ରହିଛି। ସେହିପରି ସାତକୋଶିଆ ଇକୋ ରିଟ୍ରିଟ୍ ମହାନଦୀ ଅବବାହିକାର ବାୟୋ ଡାଇଭରସିଟି ଏବଂ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ରହିଛି। ଏହା ଇଷ୍ଟର୍ନଘାଟ ଓ ଡେକାନ ଉପତ୍ୟକାର ସଙ୍ଗମ ସ୍ଥଳ। ଏହା ପର୍ଯ୍ୟଟକମାନଙ୍କୁ ପରିବେଶ କୋଳରେ ରହିବାର ଅସୀମ ଆନନ୍ଦ ପ୍ରଦାନ କରିବାରେ ସହାୟକ ହେବ। ଏଠାରେ ଭଲିବଲ, ତୀରଚାଳନା, ରାଇଫଲ ଶୁଟିଂ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି।

# ଅଲିଭ ରିଡ୍‌ଲେ ସୁରକ୍ଷା ପାଇଁ ୭ ମାସ କଟକଣା

### ମତ୍ସ୍ୟଜୀବୀ ପରିବାରକୁ ମିଳିବ ଆର୍ଥିକ ସହାୟତା

**ଭୁବନେଶ୍ୱର, ୧।୧୧ (ଅସମାପିକା ସାହୁ)**

ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବୁଧବାରଠାରୁ ସମୁଦ୍ରରେ ମାଛଧରା ନେଇ କଟକଣା ଜାରି କରାଯାଇଛି। ଏହି କଟକଣା ଆସନ୍ତା ୭ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ମତ୍ସ୍ୟସମ୍ପଦ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉପକୂଳଠାରୁ ସମୁଦ୍ର ଭିତରକୁ ୨୦ କିଲୋମିଟର ପର୍ଯ୍ୟନ୍ତ ଆଗାମୀ ମେ' ୩୧ ଯାଏ ମାଛ ନ ଧରିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଋଷିକୂଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରୁ ମାଛ ମାରିବାକୁ ବାରଣ କରାଯାଇଛି। ସମୁଦ୍ର କୂଳଠାରୁ ୨୦ କିଲୋମିଟର ପର୍ଯ୍ୟନ୍ତ କୌଣସି ଯନ୍ତ୍ରଚାଳିତ ଡଙ୍ଗା କିମ୍ବା ଟ୍ରଲର ମାଛ ଧରିପାରିବେ ନାହିଁ। କାରଣ ଅଣ୍ଡାଦାନ କରିବା ପାଇଁ ଲକ୍ଷାଧିକ କଇଁଛ ଦୂର ସମୁଦ୍ରରୁ କୂଳକୁ ଆସିଥାନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ସେପଟେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଦୀ ମୁହାଣରେ ଶିବିର ଖୋଲାଯିବ। ଏହି ଶିବିରଗୁଡ଼ିକରେ ବନ ବିଭାଗର କର୍ମଚାରୀଙ୍କୁ ମୁତୟନ କରାଯିବ। ଏମାନେ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଦାୟିତ୍ୱ ନେବେ। ପ୍ରାୟ ୭ ମାସ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ସମୁଦ୍ରରୁ ମାଛ ନ ଧରିବା ପରେ ସେମାନଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହୋଇଯିବ। ତେଣୁ ପ୍ରଶାସନ ତରଫରୁ ସମ୍ପୃକ୍ତ ମତ୍ସ୍ୟଜୀବୀ ପରିବାରକୁ ଆର୍ଥିକ ସହଯୋଗ ଦିଆଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ଏଭଳି କଟକଣା ଲଗାଯାଇଥାଏ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

**ଘଟଗାଁ(ରାଜେନ୍ଦ୍ର କୁମାର ପଟ୍ଟନାୟକ)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ),୧।୧୧**

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଉପରଡ଼ିହା ଗ୍ରାମର ଚଟୁରିସାହିରେ ବୁଧବାର ହାତୀ ଆକ୍ରମଣରେ ଜଣେ ବିଧବା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ ବେଲ ମୁଣ୍ଡା(୬୦)। ବନ ବିଭାଗ ପକ୍ଷରୁ ସମ୍ପର୍କୀୟଙ୍କୁ ୬୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ବେଲ ମଙ୍ଗଳବାର ଜଙ୍ଗଲକୁ ପତ୍ର ଗୋଟାଇବାକୁ ଯାଇଥିଲେ। ତାଙ୍କର ୨ ଝିଅ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବିବାହିତ। ଫଳରେ ବେଲ ଘରେ ଏକା ରହୁଥିବାରୁ କେହି ଖୋଜି ନ ଥିଲେ। ବୁଧବାର ପଡ଼ୋଶୀ ଜଙ୍ଗଲ ଯାଇଥିବା ବେଳେ ବେଲଙ୍କୁ ହାତୀ ଦଳି ମାରିଦେଇଥିବା ଦେଖି ବନ ବିଭାଗକୁ ଜଣାଇଥିଲେ। ଘଟଗାଁ ରେଞ୍ଜ ଦାୟିତ୍ୱରେ ରହିଥିବା ଏସିଏଫ୍ ପ୍ରଭାତ କୁମାର କୁଅଁର, ଫରେଷ୍ଟର ଯତୀନ୍ଦ୍ର କୁମାର ସାହୁ, ଫରେଷ୍ଟ ଗାର୍ଡ ଶ୍ରବଣ ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପ୍ରାଥମିକ ଭାବେ ବିବାହିତ ଝିଅ ସାବିତ୍ରୀ ମୁଣ୍ଡାକୁ ୬୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଜଙ୍ଗଲରେ ୧ସପ୍ତାହ ଧରି ହାତୀପଲ ଡେରା ପକାଇଛନ୍ତି।

# ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

### ମେକାନିକାଲ ଇଞ୍ଜିନିୟର ଗିରଫ

**ଭୁବନେଶ୍ୱର,୧।୧୧ (ସତ୍ୟଜିତ୍ ରାଉତ)**

କଟକ ଜିଲା ଟିଗିରିଆ ଥାନା ଅଞ୍ଚଳରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଜଣେ ମେକାନିକାଲ ଇଞ୍ଜିନିୟରଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ସୂର୍ଯ୍ୟକାନ୍ତ ମନ୍ତ୍ରୀ (୩୨)। ତାଙ୍କଠାରୁ ଏସ୍‌ଟିଏଫ୍ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ବୁଧବାର ଅଭିଯୁକ୍ତ ସୂର୍ଯ୍ୟକାନ୍ତଙ୍କୁ ଆଠଗଡ଼ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସୂର୍ଯ୍ୟକାନ୍ତ ବିପୁଳ ପରିମାଣରେ ବ୍ରାଉନସୁଗାର ରଖିଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ସେ ତାଙ୍କ ବାଇକ୍‌ରେ ବ୍ରାଉନସୁଗାର ଧରି ସ୍ଥାନୀୟ କଳିବୀର ବ୍ରିଜ ନିକଟରେ ଜଣେ ଡିଲରଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ସୂର୍ଯ୍ୟକାନ୍ତଙ୍କୁ କାବୁ କରିଥିଲା। ଯାଞ୍ଚ ପରେ ତାଙ୍କଠାରୁ ୧ କେଜି ୨୨ ଗ୍ରାମ୍‌ର ବ୍ରାଉନସୁଗାର ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ସୂର୍ଯ୍ୟକାନ୍ତ ଏତେ ପରିମାଣର ବ୍ରାଉନସୁଗାର କେଉଁଠୁ ଆଣିଲେ ଓ ତାଙ୍କ ର୍‍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ, ତାହା ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ କରୁଛି।

# ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ

### ୯୦ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଚଣ୍ଡିଖୋଲ/ବଡ଼ଚଣା, ୧।୧୧(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ ମହାନ୍ତି)**

ଯାଜପୁର ଜିଲା ବଡ଼ଚଣା ଥାନା ପୋଲିସ ଗଞ୍ଜେଇ ଚାଲାଣ କରୁଥିବା ଏକ ଆମ୍ବୁଲାନ୍ସକୁ ଜବତ କରିଛି। ସେଥିରୁ ୯୦ କିଲୋ ଗ୍ରାମ୍ ଗଞ୍ଜେଇ, ୨ ମୋବାଇଲ୍ ଫୋନ୍ ଓ ନଗଦ ଅର୍ଥ ଜବତ କରାଯାଇଛି। ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମେଦିନିପୁର ଅଞ୍ଚଳର ସଞ୍ଜୁ ପାତ୍ର(୨୭) ଓ ମୟୂରଭଞ୍ଜ ଜିଲା ବାଙ୍ଗିରପୋଷୀ ଅଞ୍ଚଳର ଯୋଗେଶ୍ୱର କାହାଳିଆ(୩୨)।

ସୂଚନା ମୁତାବକ, ମଙ୍ଗଳବାର ସକାଳେ ଜାତୀୟ ରାଜପଥର ବଡ଼ଚଣା ଛକ ପେଟ୍ରୋଲ ପମ୍ପ ନିକଟରେ ପୋଲିସ ଗାଡ଼ିମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ଏକ ଆମ୍ବୁଲାନ୍ସ ନମ୍ବର (ଡବ୍ଲ୍ୟୁବି-୪୩-୦୦୪୦) ଆସୁଥିବାବେଳେ ଭାରସାମ୍ୟ ହରାଇ ଜାତୀୟ ରାଜପଥ କଡ଼ ବାଡ଼ାରେ ପିଟ ହୋଇ ଯାଇଥିଲା। ଏହାଦେଖି ପୋଲିସ କର୍ମଚାରୀମାନେ ଆମ୍ବୁଲାନ୍ସ ନିକଟକୁ ଦୌଡ଼ି ଆସିଥିଲେ। ଏହି ସମୟରେ ଆମ୍ବୁଲାନ୍ସରେ ଥିବା ଉପରୋକ୍ତ ୨ ବ୍ୟକ୍ତି ଗାଡ଼ି ଛାଡି ପାଖ ଧାନ ବିଲକୁ ଦୌଡ଼ି ପଳାଇଥିଲେ। ପୋଲିସ ସେମାନଙ୍କୁ କାବୁ କରିଥିଲା। ଧରାପଡ଼ିବା ପରେ ସେମାନେ ଆମ୍ବୁଲାନ୍ସରେ ଗଞ୍ଜେଇ ଥିବା କହିଥିଲେ। ପୋଲିସ ନମ୍ବର ୩୨୭/୨୩ରେ ଏକ ମାମଲା ରୁଜୁକରି ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଥିଲା। ସେମାନେ ଜାତୀୟ ରାଜପଥର କଟକ ମଙ୍ଗୁଲିଛକରୁ ଆମ୍ବୁଲାନ୍ସ ଯୋଗେ ପଶ୍ଚିମବଙ୍ଗର ମେଦିନିପୁର ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିଲେ ବୋଲି କହିଛନ୍ତି। ଜବତ ଆମ୍ବୁଲାନ୍ସରେ ରୋଗୀ ସେବା କରାଯାଉ ନ ଥିଲା। ଏହି ଘରୋଇ ଆମ୍ବୁଲାନ୍ସରେ ରୋଗୀ ନେବାପାଇଁ ଆବଶ୍ୟକ ସରଞ୍ଜାମ ନାହିଁ। କେବଳ ଏକ ପୁରୁଣା ଷ୍ଟ୍ରେଚର ପଡ଼ିଛି। ତେଣୁ ଏହି ଆମ୍ବୁଲାନ୍ସରେ ବେଆଇନ କାରବାର ଚାଲୁଥିବା ସ୍ପଷ୍ଟ ହୋଇଛି ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଆମ୍ବୁଲାନ୍ସ ମାଲିକଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।



ଜବତ ଆମ୍ବୁଲାନ୍ସ

# ଖୋଲିଲା କୁଳଡ଼ିହା ଅଭୟାରଣ୍ୟ

### ପ୍ରଥମଦିନରେ ୩୪ ପର୍ଯ୍ୟଟକଙ୍କୁ ସ୍ୱାଗତ

**ନୀଳଗିରି, ୧।୧୧(ପ୍ରଶାନ୍ତ ବିଶ୍ୱାଳ)**

ଜୁନ୍ ୧୫ତାରିଖରୁ ବନ୍ଦ ରହିଥିବା ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର କୁଳଡିହା ଅଭୟାରଣ୍ୟ ବୁଧବାରଠାରୁ ଖୋଲାଯାଇଛି। ପ୍ରଥମ ଦିନରେ ୩୪ଜଣ ପର୍ଯ୍ୟଟକ ଆସିଥିବା ବେଳେ ସମସ୍ତଙ୍କୁ ବନବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଚନ୍ଦନ ଲଗାଇ ଓ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଳିକ ଉପସ୍ଥିତ ରହି ଫିତା କାଟିଥିଲେ। ବାଲେଶ୍ୱର ବନବିଭାଗର ଏସିଏଫ୍ ସସ୍ମିତା ସାହୁ ଗେଟ୍ ଖୋଲିବା ପରେ ପର୍ଯ୍ୟଟକମାନେ ପ୍ରବେଶ କରିଥିଲେ। କୁଳଡ଼ିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର ସୌମ୍ୟରଞ୍ଜନ ମାଝୀ, ବିଜୟ କୁମାର ସାହୁ, ଭାଗ୍ୟଶ୍ରୀ ଦ୍ୱିବେଦୀ, ଅଜୟ କୁମାର ଜେନାଙ୍କ ସହ ଫରେଷ୍ଟ ଗାର୍ଡ଼ ଓ ସବୁଜବାହିନୀ ପ୍ରମୁଖ ଉପସ୍ଥିତ ଥିଲେ।


ନୀଳଗିରି ଉପ-ଜିଲାପାଳ ମନ୍ଦରଧର ମହାଳିକ ଫିତା କାଟୁଛନ୍ତି।

ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକମାନେ ପୂର୍ବ ରାତିରେ ପଞ୍ଚଲିଙ୍ଗେଶ୍ୱର ପୀଠ ନିକଟ ହୋଟେଲରେ ରାତ୍ରିଯାପନ କରିବା ପରେ ବୁଧବାର ପ୍ରଥମ ଦିନରେ ଟୁରିଷ୍ଟଗାଇଡ୍ ମନୋରଞ୍ଜନ ଦାସଙ୍କ ସହିତ ଅଭୟାରଣ୍ୟର ବାଲିଆନାଳ ଫାଟକ ନିକଟରେ ପହଞ୍ଚିଥିଲେ। ପ୍ରଥମ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ଶୁଭାକର ଖାଟୁଆ, ଦ୍ୱିତୀୟ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ଇନ୍ଦ୍ରଜିତ୍ ସେନଗୁପ୍ତା ଓ ତୃତୀୟ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ଅମିତାଭ ବାନାର୍ଜୀ ସହ ୯ଟି ଚାରିଚକିଆ ଗାଡ଼ିରେ ମୋଟ୍ ୩୪ଜଣ ପର୍ଯ୍ୟଟକ ଆସିଥିଲେ। ଚଳିତବର୍ଷ ବନବିଭାଗ ପକ୍ଷରୁ ଅଭୟାରଣ୍ୟର ଗୋହିରାଭୋଳଠାରେ ଥିବା ନେଚର୍ସ ପାର୍କକୁ ଅଧିକ ଆକର୍ଷଣୀୟ କରାଯାଇଛି। ଏହାସହ 'ଋଷିଆ ପ୍ରକୃତି ନିବାସ'ରେ ୯ଟି ତମ୍ବୁଘର, ପର୍ଯ୍ୟଟକମାନେ ବୁଲିବା ବେଳେ ୪ଟି କୃତ୍ରିମ ସଲ୍ଟପିଟ୍, ୫ଟି ୱାଚ୍ ଟାୱାରରେ ଅତି ନିକଟରୁ କୁଳଡ଼ିହା ଅଭୟାରଣ୍ୟ ପଶୁପକ୍ଷୀଙ୍କୁ ଦେଖିବାର ବ୍ୟବସ୍ଥା ସହ ରୁଚିକର ଖାଦ୍ୟ ସହ ନେଚର୍ସ କ୍ୟାମ୍ପ ଅନୁଭୂତି ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରିଛି।

# ବିଧାୟକ ପ୍ରତାପଙ୍କୁ ଅଦାଲତରୁ ଆଶ୍ୱସ୍ତି

### ମାହାଙ୍ଗା ଡବଲ ମର୍ଡର ଘଟଣା

### ୧୮ରେ ପରବର୍ତ୍ତୀ ଶୁଣାଣି

**ମାହାଙ୍ଗା,୧।୧୧ (ଯଯାତି ସିଂ)**

କଟକ ଜିଲା ମାହାଙ୍ଗା ବହୁ ଚର୍ଚ୍ଚିତ ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କୁ ଆଶ୍ୱସ୍ତି ମିଳିଛି। ଏହି ଘଟଣାରେ ସାଲେପୁର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଜେଏମ୍ଏଫ୍‌ସି) କୋର୍ଟ ସଂରକ୍ଷିତ ରଖିଥିବା ରାୟ ବୁଧବାର ପ୍ରକାଶ ପାଇଛି। ଏଥିରେ ପ୍ରତାପଙ୍କ ଓକିଲ ଆବେଦନ କରିଥିବା ହାଜର ମିଆଦକୁ ୨ ସପ୍ତାହ ପର୍ଯ୍ୟନ୍ତ ବଢ଼ାଇବାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖରେ ହେବ ବୋଲି ସେଥିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍ଏଫ୍‌ସି କୋର୍ଟ ପକ୍ଷରୁ ଅକ୍ଟୋବର ୩୧ରେ ପ୍ରତାପଙ୍କୁ ବ୍ୟକ୍ତିଗତଭାବେ ହାଜର ହେବା ପାଇଁ ସମନ ପଠାଯାଇଥିଲା। ମାତ୍ର ସେ ଅସୁସ୍ଥତା କାରଣ ଦର୍ଶାଇ କୋର୍ଟରେ ହାଜର ହୋଇ ନ ଥିଲେ। ଓକିଲ ମିଳନ୍ କାନୁନ୍‌ଗୋ ଓ ତାଙ୍କ ସହଯୋଗୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ମାଧ୍ୟମରେ ହାଜର ମିଆଦକୁ ବଢ଼ାଇବାକୁ ମଙ୍ଗଳବାର କୋର୍ଟରେ ଆବେଦନ କରିଥିଲେ। ଏନେଇ କୋର୍ଟରେ ପ୍ରତାପଙ୍କ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ମଧ୍ୟରେ ବିତର୍କ ହୋଇଥିଲା। ପ୍ରତାପଙ୍କ ହାଜର ମିଆଦ ଆବେଦନକୁ ଅଗ୍ରାହ୍ୟ କରିବା ପାଇଁ ପ୍ରତିପକ୍ଷ ଓକିଲ ପ୍ରବୀଣ କାନୁନ୍‌ଗୋ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ଏଥିସହ ମୂଳ ଜିଆର୍ କେସରେ ତାଙ୍କ ନାମ ଯୋଡ଼ିବା ପାଇଁ ପିଟିଶନ ଦାଖଲ କରିଥିଲେ। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଜେଏମ୍ଏଫ୍‌ସି କୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଅପରପକ୍ଷେ କୋର୍ଟଙ୍କ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶକୁ ବିରୋଧ କରି ପ୍ରତାପ ହାଇକୋର୍ଟଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି।

# ବେଆଇନ ବାଣ ତିଆରି ସମ୍ପର୍କରେ ସୂଚନା ଦେବାକୁ ହେଲ୍ପଲାଇନ୍ ନମ୍ବର ଜାରି

**ଭୁବନେଶ୍ୱର,୧।୧୧ (ସୂର୍ଯ୍ୟକାନ୍ତ ବେହେରା)**

ଦୀପାବଳି ପାଇଁ ଏବେ ଚାରିଆଡେ ବେଆଇନ ବାଣ କାରବାର ବଢ଼ିଚାଲିଛି। ବିନା ଲାଇସେନ୍ସରେ ବାଣ ତିଆରି ଓ ବିକ୍ରି ମନା ହୋଇଥିଲେ ମଧ୍ୟ ବ୍ୟବସାୟୀମାନେ ଏହାକୁ ଉଲ୍ଲଂଘନ କରୁଛନ୍ତି। ଫଳରେ ଅନେକ ସମୟରେ ବାଣ ବିସ୍ଫୋରଣରେ ଧନଜୀବନ ହାନି ହେବା ସହ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ଘଟୁଛି। ତେବେ ଏହି ବେଆଇନ ବାଣ କାରବାର ଉପରେ କିଭଳି ରୋକ ଲଗାଇଯାଇପାରିବ ସେନେଇ କମିଶନରେଟ ପୋଲିସ ସମସ୍ତଙ୍କ ସହଯୋଗ ଲୋଡ଼ିଛି। ବେଆଇନ ବାଣ ତିଆରି ଓ ବିକ୍ରି ସମ୍ପର୍କରେ ସୂଚନା ଦେବାକୁ ହେଲ୍ପଲାଇନ ନମ୍ବର ଜାରି କରିଛି। ହେଲ୍ପଲାଇନ ନମ୍ବର ୭୦୭୭୭୯୮୧୧୧କୁ ଫୋନ୍ କରି ସୂଚନା ଦେବାକୁ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସୂଚନା ଦେଇଥିବା ଲୋକଙ୍କ ନାଁ ଗୋପନ ରଖାଯିବ। ଏଥିସହ ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନରେ ଚଢାଉ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ନିକଟରେ ଜଟଣୀ ଅଞ୍ଚଳରେ ଘର ଭିତରେ ବାଣ ତିଆରି ସହ ଗଚ୍ଛିତ ରଖିବା ଅଭିଯୋଗରେ ୨ ଭାଇଙ୍କୁ ଗିରଫ କରିଥିଲା କମିଶନରେଟ ପୋଲିସ।

# ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସମୀକ୍ଷା

**ଭୁବନେଶ୍ୱର, ୧।୧୧(ସୁନିତ୍ ମିଶ୍ର):** ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ଉନ୍ନୟନ କମିଶନର ଅନୁ ଗର୍ଗ ବୁଧବାର ଅପରାହ୍ନରେ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି। ନିର୍ମାଣାଧୀନ ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପ କିପରି ଶୀଘ୍ର ସମ୍ପୂର୍ଣ୍ଣ କରାଯାଇ ଏହାଦ୍ୱାରା ଚାଷୀ ଉପକୃତ ହେବେ, ସେନେଇ ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ରହିଥିବା ସମସ୍ୟାର ସମାଧାନ କରିବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀ, ଆଠଗଡ଼ ଉପଜିଲାପାଳ, ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ଅନ୍ୟ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ନିର୍ମାଣାଧୀନ ପ୍ରକଳ୍ପ କେତେ ଶେଷ ହୋଇଛି, ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ କ'ଣ ସବୁ ସମସ୍ୟା ରହିଛି, ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନାକରି ପରବର୍ତ୍ତୀ ପଦକ୍ଷେପ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।

**PARADIP PORT AUTHORITY**
**e-TENDER CALL NOTICE**
File No.-CE/R&B/ACCTS-30/23/371 Dt.27/10/23
**Name of the Work: Special repair of JB/JC qtrs in port township.** Estimated cost: **Rs.3,81,10,678.98.** Last Date & time of submission of bid: **20.11.2023 upto 18:00 Hrs.,**
Refer our Website for details: https://eprocure.gov.in/eprocure/app
Sd/-Executive Engineer
Roads & Building Divsion
PPA/PR/56/2023-2024 dtd.01.11.2023

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ସଂ. MCS/Stores/E-Procure/Tender Notice/280, ତା.18.10.2023ରିଖ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।
**କ୍ରମ ସଂ. 1 - ଟେଣ୍ଡର ସଂ. 92235911**
ବିବରଣୀ : ପାର୍ଟ ନଂ. 4F-125187 ନିମନ୍ତେ ବ୍ରେକ୍ ସିଲିଣ୍ଡର-PBACM 254-130, ମେକ୍-FAIVELEY, ପରିମାଣ : 08 ଗୋଟି।
ୱାରେଣ୍ଟି ଅବଧି : ବିତରଣ ହେବା ତାରିଖ ପର ଠାରୁ 36 ମାସ।
**କ୍ରମ ସଂ. 2 - ଟେଣ୍ଡର ସଂ. 92235912**
ବିବରଣୀ : ପାର୍ଟ ନଂ.4F-130199 ନିମନ୍ତେ ବ୍ରେକ୍ ଆକ୍ଟ୍ୟୁଏଟର ଟାଇପ୍ PBEC (90 Deg), ମେକ୍-FAIVELEY, ପରିମାଣ : 08 ଗୋଟି।
ୱାରେଣ୍ଟି ଅବଧି: ବିତରଣ ହେବା ତାରିଖ ପର ଠାରୁ 30 ମାସ।
**କ୍ରମ ସଂ. 3 - ଟେଣ୍ଡର ସଂ. 92235916**
ବିବରଣୀ : ଡ୍ରଇଂ/ବିନିର୍ଦ୍ଦେଶ ICF ଡ୍ରଇଂ ନଂ.T-0-5-667, Alt. No.j/Nil ନିମନ୍ତେ ନନ୍-ଏସି କୋଚ୍‌ଗୁଡ଼ିକର ବୋଲଷ୍ଟର ସସ୍ପେନ୍‌ସନ ପାଇଁ ଲୋୱରିଙ୍ଗ୍ ବିମ୍ ଆରେଞ୍ଜମେଣ୍ଟ, ପରିମାଣ : 200 ଗୋଟି।
ୱାରେଣ୍ଟି ଅବଧି: ବିତରଣ ହେବା ତାରିଖ ପର ଠାରୁ 60 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 13.11.2023, 1500 ଘଣ୍ଟିକାରେ (ସମସ୍ତ କ୍ରମ ସଂ. ପାଇଁ)।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର
PR-718/O/23-24

Annexure-A
**TENDER CALL NOTICE**
**No.k-26:**Quotations/ Tenders are invited from the intending eligible Bidders to provide one Vehicle (Honda City/SUV) on monthly rent basis for a period of 6 (Six) months in Labour & ESI Dept., Kharavela Bhawan, Bhubaneswar.
For details please visit www.labour.odisha.gov.in.
**Last date of Receiving applications is 16.11.2023 at 03.30 PM.**
OIPR-17001/11/0004/2324

**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର
No.PP-51:ତା ୦୨.୦୯.୨୦୨୩ ରିଖରେ ବିଭିନ୍ନ ଖବର କାଗଜରେ ପ୍ରକାଶିତ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟଗୁଡିକରେ ଆବେଦନ ଓ ପ୍ରତିକୃତି ଦାଖଲ କରିବାର ସମୟସୀମା ତା ୧୦.୧୧.୨୦୨୩ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ।
OIPR-31034/11/0004/2324 ସ୍ୱା./-ନିର୍ଦ୍ଦେଶିକା

**ଓଡ଼ିଶା ସାହିତ୍ୟ ଏକାଡେମୀ**
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
E-mail:odishasahityaakademi@gmail.com
ଦୂରଭାଷ-୦୬୭୪-୨୪୩୧୮୪୦, ମୋ:୯୬୬୮୩୦୯୯୩୮
**ବିଜ୍ଞପ୍ତି**
No.RR-43:ଓଡ଼ିଶା ସାହିତ୍ୟ ଏକାଡେମୀର ପୁସ୍ତକ ଏବଂ ଆସବାବପତ୍ରଗୁଡିକୁ ଗଚ୍ଛିତ କରି ରଖିବା ନିମନ୍ତେ ୨୫୦୦ରୁ ୩୦୦୦ ବର୍ଗଫୁଟ (ହଲ୍ କିମ୍ବା କୋଠରି) ଆକୃତିର ଏକ ଭଣ୍ଡାରଗୃହ ଯାହାକି ଏକାଡେମୀ କାର୍ଯ୍ୟାଳୟ ନିକଟରୁ ୩ କି.ମି. ଦୂରତା ମଧ୍ୟରେ ରହିଥିବା ଆବଶ୍ୟକ । ଇଚ୍ଛୁକ ଆବେଦନକାରୀ ବିଜ୍ଞାପନ ପ୍ରକାଶନର ୭ଦିନ (ତା.୦୨.୧୧.୨୦୨୩ଠାରୁ ତା.୦୮.୧୧.୨୦୨୩ରିଖ) ମଧ୍ୟରେ ପ୍ରତି ବର୍ଗଫୁଟ ଦର କିମ୍ବା ମାସିକ ଭଡା ଜଉମୁଦା ଦିଆ ଲଫାପାରେ ଏକାଡେମୀ କାର୍ଯ୍ୟାଳୟ ସମୟରେ ଦାଖଲ କରିପାରିବେ ।
ସ୍ୱା./-ସଚିବ
OIPR-03006/11/0002/2324 ଓଡ଼ିଶା ସାହିତ୍ୟ ଏକାଡେମୀ

**ପୂର୍ବ ତଟ ରେଳପଥ**
(1) ଇ-ଟେଣ୍ଡର ସଂ. 31-SBP-TRD-OT-2023-24, ତା.20.10.2023ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ତୀକ୍ଷ୍ଣ (Sharp) RRA ସ୍ଥାନରେ ଆଙ୍କର ସ୍ପାନ ବୃଦ୍ଧି ଦ୍ୱାରା ଟ୍ରାକ୍‌ସନ୍ ବିଦ୍ୟୁତ୍ ଯୋଗାଣର ବୃଦ୍ଧି।
ଆନୁମାନିକ ମୂଲ୍ୟ : ₹ 44,25,452.65, EMD : ₹88,500/-, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।
(2) ଇ-ଟେଣ୍ଡର ସଂ. 32-SBP-TRD-OT-2023-24, ତା.20.10.2023ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ M/s IMFA ସାଇଡିଙ୍ଗ୍ ଠାରେ ରେକ୍ ଅନଲୋଡିଙ୍ଗ ପାଇଁ ନିରାପତ୍ତା ବୃଦ୍ଧି କରିବା ନିମନ୍ତେ ଅତିରିକ୍ତ ଆଇସୋଲେଟର ର ବ୍ୟବସ୍ଥା।
ଆନୁମାନିକ ମୂଲ୍ୟ : ₹ 7,01,788.66, EMD : ₹14,000/-, କାର୍ଯ୍ୟ ଶେଷ ହେବା ଅବଧି: 04 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.11.2023ରିଖ 1530 ଘଟିକା (ଉଭୟ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-722/O/23-24

**TP SOUTHERN ODISHA DISTRIBUTION LIMITED**
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER** Dt.: 02.11.2023
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Whatsapp Business API solution for TPSODL. | TPSODL/OT/2023-24/059 | 2,00,000 | 5,000 | 13.11.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

## ସଂକ୍ଷେପରେ

### ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ସହାୟତା



ରାଜନଗର, ୧।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ଯଦୁଚନ୍ଦ୍ରପୁର ଗାଁର ଶ୍ରୀକାନ୍ତ ପରିଡ଼ା ହାଇଦ୍ରାବାଦରେ ସେପ୍ଟେମ୍ବର ୨୩ରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ୩୯ ବର୍ଷୀୟ ଶ୍ରୀକାନ୍ତଙ୍କ ମୃତ୍ୟୁ ପରେ ଘରେ ତାଙ୍କ ସ୍ତ୍ରୀ ଓ ୩ ଛୋଟ ଝିଅ ଅସହାୟ ହୋଇ ପଡିଛନ୍ତି। ଏହି ଖବର ପାଇବା ପରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଚାନ୍ଦିବାଉଁଶମୂଳ ୧୯୯୯ ବ୍ୟାଚର ସଚ୍ଚିଦାନନ୍ଦ ସାହୁ, ସଞ୍ଜୟ ପାତ୍ର, ଅଜୟ ଦାସ, ରତ୍ନାକର ବେହେରା, ସତ୍ୟଜିତ ମହାପାତ୍ର, ନିର୍ମଳ ରାଉତ, ବିଚିତ୍ର ରାଉତ, ମଞ୍ଜୁଲତା ବାରିକ, ପ୍ରଭାତ ଭୂୟାଁ, ସୁବାସ ପ୍ରଧାନ ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ପରିବାରକୁ ଭେଟି ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ ୩ ଛୋଟ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ପ୍ରଦୂଷଣ ବଳୟରେ ଛଟପଟ ପଥଚାରୀ

- ବିପଦକୁ ଡାକୁଛି ଖାଲଢିପ ଭରା ମାନପୁର ବ୍ରିଜ୍
- ରେଲୱେ ସାଇଡିଂ ମାନୁନି ଏସ୍‌ପିସିବିର ନୀତିନିୟମ

ଯାଜପୁର, ୧।୧୧ (ହର୍ଷବର୍ଦ୍ଧନ ବେହେରା) : ଜିଲା ପ୍ରଶାସନ ଏବଂ ଶିଳ୍ପ କାରଖାନା କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଆଗରେ ଜନସାଧାରଣଙ୍କ ସ୍ୱାର୍ଥ କିପରି ବଳି ପଡେ ତାହାର ଜ୍ୱଳନ୍ତ ଉଦାହରଣ ମାନପୁର ବ୍ରିଜ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଛି। ଆର୍ଥିକ ଅଭିବୃଦ୍ଧିର ସ୍ୱାଦ୍ କ'ଣ ଚାଖିବେ ଗତ ୨୦ ବର୍ଷ ମଧ୍ୟରେ ଶିଳ୍ପ କାରଖାନାର କଞ୍ଚାମାଲ ପରିବହନରୁ ସୃଷ୍ଟି ବାୟୁ ପ୍ରଦୂଷଣରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଲୋକେ ଛଟପଟ ହେଉଛନ୍ତି । ବିଶେଷକରି ମାନପୁର ବ୍ରିଜ୍ ଏବଂ ଏହାର ଉଭୟ ପାର୍ଶ୍ୱରେ ବାୟୁ ପ୍ରଦୂଷଣ ଉତ୍କଟ ହେଉଛି। ଏଥିରେ କଳିଙ୍ଗନଗର ଶିଳ୍ପ କାରଖାନା ଏବଂ ସୁକିନ୍ଦା ଖଣି ଅଞ୍ଚଳକୁ ଯାତାୟତ କରୁଥିବା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମାନପୁର ବ୍ରିଜ୍ ପାର୍ଶ୍ୱରେ ବନ୍ଦ ପଡିଥିବା ମେସ୍କୋ ଷ୍ଟିଲ କାରଖାନାର ମୁଖ୍ୟ ଗେଟ୍ ସମ୍ମୁଖରେ ପ୍ରାୟ ଦେଢ ଫୁଟ୍ ଗଭୀର ପର୍ଯ୍ୟନ୍ତ ବାଲି, କୋଇଲା, ଜିପ୍‌ସନ ଆଦି ବିଷାକ୍ତ ଗୁଣ୍ଡ ପଡି ରହିଛି। ଏହି ରାସ୍ତାରେ ମେସ୍କୋ ସାଇଡିଂରୁ ମାନପୁର ବ୍ରିଜ୍ ଉପର ଦେଇ ମାଲ୍ ପରିବହନ ହେଉଥିବାରୁ ପ୍ରାୟ ୨୪ ଘଣ୍ଟା ଧୂଳି ଉଡୁଥିବା ଦେଖିବାକୁ ମିଳିଛି। ଏହି ବାୟୁ ପ୍ରଦୂଷଣ ସହ ମାନପୁର ବ୍ରିଜ୍ ଉପରେ ଶତାଧିକ ଖାଲ ଢିପ ଲୋକଙ୍କୁ ମରଣମୁହଁକୁ ଠେଲି ଦେଇଛି ବୋଲି ମତପ୍ରକାଶ ପାଇଛି।



ମାନପୁର ବ୍ରିଜ୍ ଏବଂ ରେଲ୍‌ୱେ ସାଇଡିଂ ଅଞ୍ଚଳରେ ଧୂଳି ଧୂଆଁ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି ମାନପୁର ବ୍ରିଜ୍ ନିକଟସ୍ଥ କାରଖାନା ଏବଂ ରେଲୱେ ସାଇଡିଂ କର୍ତ୍ତୃପକ୍ଷଙ୍କ ମନମାନି ସାଧାରଣ ଲୋକଙ୍କୁ ଭୋଗିବାକୁ ପଡିଛି । ପୂର୍ବରୁ ଏନେଇ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ, ହାଇକୋର୍ଟ, ମାନବାଧିକାର କମିଶନଙ୍କ ତାଗିଦା ମଧ୍ୟ ଏଯାଏ ଫଳପ୍ରଦ ହୋଇ ପାରିନାହିଁ। ଏହିକ୍ରମରେ ପ୍ରଦୂଷଣ ନିୟନ୍ତ୍ରଣ ଅଭାବରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାୟୁ, ଜଳ ଓ ଧୂଳିଧୂଆଁଜନିତ ପ୍ରଦୂଷଣରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । କାରଖାନା ଏବଂ ରେଲୱେ ସାଇଡିଂରେ ଆକ୍ୟୁମ୍ସ ମେଶିନ ଠିକ୍ ଭାବେ କାର୍ଯ୍ୟକାରୀ ନ ହେବା, କ୍ଲିନର ବୈଷୟିକ ତ୍ରୁଟି, ଫିଲଟର ବ୍ୟାଗ୍ କାମ ନ କରିବା, ଇଏସ୍‌ପି ମେଶିନକୁ ନିୟମିତ ଭାବେ ଚଲା ନ ଯିବା, ନିୟମିତ ଭାବେ ରାସ୍ତାରେ ପାଣି ସିଞ୍ଚନ ନ କରିବା, ବାୟୁ ପ୍ରଦୂଷଣକୁ ରୋକିବାକୁ ଆବଶ୍ୟକ ଚାରା ରୋପଣ ନ ହେବା ଇତ୍ୟାଦି କାରଣରୁ ଏଭଳି ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ମତପ୍ରକାଶ ପାଇଛି । ମେସ୍କୋ ରେଲୱେ ସାଇଡିଂରେ ଆଇନର ଉଲ୍ଲଂଘନ ପରିସ୍ଥିତିକୁ ଆହୁରି ଜଟିଳ କରୁଛି । ଏହି ବେଆଇନ କାର୍ଯ୍ୟ ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଙ୍କୁଶ ଲଗାଇବା ପରିବର୍ତ୍ତେ ଓଲଟା ପ୍ରଦୂଷଣକାରୀଙ୍କ ସହାୟକ ହେଉଥିବାରୁ ଅକାଳରେ ଲୋକେ ମରଣ ମୁହଁକୁ ଠେଲି ହୋଇଯାଉଥିବା ଅଭିଯୋଗ ହୋଇଛି ।

ଗତ ପ୍ରାୟ ୮ବର୍ଷ ହେଲା ଲୋକଙ୍କ ବିରୋଧ ଓ ଗ୍ରୀନ ଟ୍ରିବ୍ୟୁନାଲର ହସ୍ତକ୍ଷେପ ଯୋଗୁ ଯଖପୁରା ରେଲୱେ ସାଇଡିଂ ବନ୍ଦ ରହିଛି । କିନ୍ତୁ ଏବେ ମେସ୍କୋ ଷ୍ଟିଲ ଏବଂ ସୁକିନ୍ଦା ରେଲୱେ ସାଇଡିଂରେ କୋଇଲା, ଲୁହାପଥର, ଜିପସ୍‌ନ, ଡୋଲମାଇଟ, ପିଗ୍ ଆଇରନ ଆଦି ପରିବହନ ଯୋଗୁ ବାୟୁ ପ୍ରଦୂଷଣ ସୀମା ଲଂଘିଛି। ଅନ୍ୟପକ୍ଷେ ମାନପୁର ବ୍ରିଜ୍ ପାର୍ଶ୍ୱରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣରେ କଚ୍ଛପ ଗତି ଲୋକଙ୍କୁ ଆହୁରି ବିପଦରେ ପକାଇଛି। କଳିଙ୍ଗନଗର ମୁଖ୍ୟ ରାସ୍ତାର ମାନପୁର ବ୍ରିଜ୍ ଦେଇ ଯାତାୟତ କରିବା ଏବେ ଲୋକଙ୍କ ପାଇଁ କଷ୍ଟକର ହୋଇ ପଡିଛି ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଦାନଗଦିରୁ ମାନପୁର ବ୍ରିଜ୍ ଅତିକ୍ରମ କରିବା ପରେ ବାମ ପାର୍ଶ୍ୱରେ ବାଇକ୍ ପାର୍କିଂ ରାସ୍ତାକୁ ଅତି ସଙ୍କୁଚିତ କରୁଥିବାରୁ ଯାତାୟତ ସହଜ ହୋଇ ପାରୁ ନ ଥିବା ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ ମାନପୁର ବ୍ରିଜରେ ବାୟୁ ପ୍ରଦୂଷଣକୁ ସ୍ୱୀକାର କରି କହିଛନ୍ତି ଏହାକୁ ରୋକିବାକୁ ଜେସିଡିଏ(ଯାଜପୁର କ୍ଲଷ୍ଟର ଡେଭଲପମେଣ୍ଟ ଅଥରିଟି)କୁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଯାଇଛି।

## ଗଛରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଯାଜପୁରରୋଡ୍, ୧।୧୧ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ରୋଡ୍ ଥାନା ଅଧୀନ ବ୍ୟାସନଗର ସହର ବସଷ୍ଟାଣ୍ଡସ୍ଥିତ ପାନ ଗଳି ନିକଟରେ ଜଣେ ଯୁବକ ଏକ ଗଛରେ ରଶି ଲଗାଇ ବୁଧବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିଚୟ ମିଳି ପାରିନାହିଁ। ସ୍ଥାନୀୟ ବ୍ୟବସାୟୀ ଏହା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ ବିଭାଗ ଓ ସାଇଣ୍ଟିଫିକ ଟିମକୁ ଖବର ଦେଇଥିଲା। ଯାଜପୁରରୋଡ୍ ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକଙ୍କ ମୃତଦେହକୁ ଗଛରୁ ଓହ୍ଲାଇଥିଲେ। ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଯୁବକ ଜଣଙ୍କ ମଙ୍ଗଳବାର ଉକ୍ତ ଅଞ୍ଚଳରେ ଅସ୍ୱାଭାବିକ ବ୍ୟବହାର କରିବା ସହ ଲୋକଙ୍କ ଉପରକୁ ଟେକା ପଥର ଫିଙ୍ଗୁଥିଲେ। କଥାବାର୍ତ୍ତାରୁ ସେ ଜଣେ ବଙ୍ଗାଳି ବୋଲି ଜଣାପଡୁଥିଲା। ମୃତଦେହ ନିକଟରୁ ପୋଲିସ ଏକ ମୋବାଇଲ ଫୋନ ଜବତ କରିଛି। ତେଣୁ ଫୋନ୍ ମାଧ୍ୟମରେ ତାଙ୍କ ପରିବାର ସହ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି। ଏନେଇ ଥାନାରେ ନମ୍ବର ୪୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଏଏସ୍‌ଆଇ ଅନିରୁଦ୍ଧ ବିଶ୍ୱାଳ କହିଛନ୍ତି।

## ଆଲୋଚନା ପାଇଁ ପ୍ରଶାସନିକ ତତ୍ପରତା ନାହିଁ

### ରାଜୀବ ଗାନ୍ଧୀ ଷ୍ଟାଡିୟମ ଉନ୍ନତୀକରଣ ପାଇଁ ଆମରଣ ଅନଶନ ଜାରି

ଯାଜପୁରରୋଡ୍, ୧।୧୧ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌରାଞ୍ଚଳସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ ଦାବି ନେଇ କ୍ରୀଡ଼ାବିତ ବିଏସକେ ସାମଲ ଗତ ମାସ ୨୪ ତାରିଖରୁ ଦେଇଥିବା ଆମରଣ ଅନଶନ ବୁଧବାର ୯ ଦିନରେ ପହଞ୍ଚିଛି। ଏହାକୁ ବ୍ୟାସନଗର ସହରର ବହୁ ସଂଗଠନ, ସ୍ଥାନୀୟ ବୁଦ୍ଧିଜୀବୀ ଓ କ୍ରୀଡ଼ାବିତ ପୂର୍ଣ୍ଣ ସମର୍ଥନ କରିଛନ୍ତି। ଅଦ୍ୟାବଧି ଜିଲା କିମ୍ବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଧାରଣା ସ୍ଥଳକୁ ଆଲୋଚନା କରିବାକୁ ଆସୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ କୌଣସି ଜନପ୍ରତିନିଧି ଧାରଣାସ୍ଥଳକୁ ଯାଇ ନ ଥିବାବେଳେ ବିରୋଧୀ କଂଗ୍ରେସ ଓ ଭାଜପା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଭାଜପା ନେତା ଆଲେକଜାଣ୍ଡାର ଦାସ, କୋରେଇର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ, କୋରେଇ ସଂଗ୍ରାମ ସମିତି ଉପସଭାପତି ଆଲୋକ ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଦାବିକୁ ଜିଲା ପ୍ରଶାସନ ନିକଟରେ ଉତ୍ଥାପନ କରିବା ସହ ଦାବିପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ନିରଞ୍ଜନ ଘଡ଼ାଇ, ଯୁବନେତା ପ୍ରଶାନ୍ତ ବୋଇତାଇ, ଓକିଲ ସଂଘ ସଭାପତି ଅଚ୍ୟୁତାନନ୍ଦ ଦାସ, ଶହୀଦ ଭଗତ ସିଂ ଯୁବକ ସଂଘ ସମ୍ପାଦକ ହେମନ୍ତ କୁମାର ଧୀର, ରାକେଶ ରାଉତ, ପ୍ରକାଶ ଜେନା, ସୁଭାଶିଷ ଦାସ ମହାପାତ୍ର, ପ୍ରସନ୍ନ ପରିଜା ଏବଂ ବ୍ୟାସନଗର ମହାବିଦ୍ୟାଳୟର ଏନ ସିସି ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଅନଶନରେ ଯୋଗଦାନ କରିଥିଲେ। ଗତ ମାସ ୨୯ ତାରିଖରେ ଯାଜପୁରରୋଡ୍ ସିଭିଲ ସୋସାଇଟି ପକ୍ଷରୁ ସହରର ବିଭିନ୍ନ ସଂଗଠନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମିଳିତ ଗଣସଂଗଠନ ପକ୍ଷରୁ ଆସନ୍ତା ୨ ତାରିଖରୁ ଅନଶନକାରୀଙ୍କ ସହ ଯୋଗ ଦେବାସହ ୭ ତାରିଖରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତି ଓ ଉପଦେଷ୍ଟା ବିଦ୍ୟାଧର ମହାନ୍ତି ଚେତାବନୀ ଦେଇଛନ୍ତି।



ଅନଶନସ୍ଥଳରେ ଭାଜପା ନେତା ବିଶ୍ୱଜିତ ନାୟକ ଓ ଅନ୍ୟମାନେ।




ଏସ୍‌ୟୁସିଆଇ ପକ୍ଷରୁ ଯାଜପୁର ମେଡିକାଲ ଛକରୁ ପ୍ରତିବାଦ ଶୋଭାଯାତ୍ରା କରାଯାଉଛି ।

## ଏସ୍‌ୟୁସିଆଇର ପ୍ରତିବାଦ ଶୋଭାଯାତ୍ରା

### ଗାଜା ଉପରେ ଇସ୍ରାଏଲର ଆକ୍ରମଣକୁ ବିରୋଧ

ଯାଜପୁର ଟାଉନ, ୧।୧୧
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ପାଲେଷ୍ଟାଇନର ଗାଜା ଉପରେ ୨୬ଦିନ ଧରି ଇସ୍ରାଏଲର ଭୟଙ୍କର ବୋମାମାଡ଼ ତଥା ଗଣହତ୍ୟା ବିରୋଧରେ ବୁଧବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲା କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭକାରୀମାନେ ସ୍ଥାନୀୟ ଯାଜପୁର ମେଡିକାଲ ଛକରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କଲା ପରେ ଗାନ୍ଧି ଛକ ନିକଟରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ। ସୁରେନ୍ଦ୍ର ମଲ୍ଲିକ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ଼ ସଦାଶିବ ଦାସ, ରାଜ୍ୟ କମିଟି ସଭ୍ୟ କମ୍ରେଡ଼ ଅଚ୍ୟୁତ ପ୍ରଧାନ, ସୁବାସ ମଲ୍ଲିକ ପ୍ରମୁଖ ବକ୍ତାମାନେ ଯୋଗଦେଇ ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଦ୍ୱାରା ଏପର୍ଯ୍ୟନ୍ତ ୪ ହଜାର ଶିଶୁଙ୍କ ସମେତ ୧୦ ହଜାର ଲୋକଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣ ଅତ୍ୟନ୍ତ ଅମାନବିକ ଓ ବର୍ବରୋଚିତ ଅଟେ। ଏହାକୁ ଆମେ ତୀବ୍ର ନିନ୍ଦା କରିବା ସହ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ଦାବି କରିଥିଲେ। ଅକ୍ଟୋବର ୨୭ ଠାରୁ ଗାଜା ଭୂମିରେ ଶହଶହ ଲଡୁଆ ଟ୍ୟାଙ୍କ ପ୍ରବେଶ କରି ଗ୍ରାମ ସହର ଜନପଦଗୁଡିକ ଉପରେ ଗୋଳା ବର୍ଷଣ କରି ଧ୍ୱଂସ ବିଧ୍ୱସ୍ତ କରିଛି। ଜାତିସଂଘର ଯୁଦ୍ଧ ବନ୍ଦ ଆହ୍ୱାନକୁ ଇସ୍ରାଏଲ କର୍ଣ୍ଣପାତ ନ କରି ଧ୍ୱଂସ ତାଣ୍ଡବଲୀଳା ଗାଜାରେ ଚଳାଇଛି। ଏପରିକି ମିଳିତ ଜାତିସଂଘର ଯୁଦ୍ଧ ବିରତି ପ୍ରସ୍ତାବ ଉପରେ ଭାରତ ସରକାର ଭୋଟ ଦେବାରୁ ବିରତ ରହିବାକୁ ଏସ୍‌ୟୁସିଆଇ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହି ଅମାନବିକ, ଅନ୍ୟାୟ ତଥା ଭୟାନକ ଯୁଦ୍ଧକୁ ବନ୍ଦ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କମିଟି ସଭ୍ୟ ଜଗବନ୍ଧୁ ମଲ୍ଲି, ଅଭିମନ୍ୟୁ ମଲ୍ଲି, ସୁଲୋଚନା ପ୍ରଧାନ, ରାଧାବଲ୍ଲଭ ମଲ୍ଲିକ, ଅକ୍ଷୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡ଼େନ୍ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାବିନ୍‌ଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

## ମା' କୁଆଁଶ ମଙ୍ଗଳା ପୀଠରେ ଭକ୍ତଙ୍କ ଭିଡ଼

ପାଣିକୋଇଲି, ୧।୧୧ (ବିକାଶ ମଲ୍ଲିକ):



ମା'ମଙ୍ଗଳାଙ୍କ ୫ ପାଳି ଓଷା ବୁଧବାର ଶେଷ ହୋଇଥିବାରୁ ପଥରପଦା ପଞ୍ଚାୟତ ଅନ୍ତର୍ଗତ ନୂଆପଦା ଗ୍ରାମସ୍ଥିତ ମା' କୁଆଁଶ ମଙ୍ଗଳା ପୀଠରେ ସକାଳୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଓଷା ରକ୍ଷା କରିଥିବା ମହିଳାମାନେ ସପରିବାରେ ପୀଠରେ ପହଞ୍ଚି ବ୍ରତ ଶେଷ କରିଛନ୍ତି। ପ୍ରତିବର୍ଷ ଏକ ମାସ ଧରି ଆଶ୍ୱିନରୁ କାର୍ତ୍ତିକ ମାସ ପର୍ଯ୍ୟନ୍ତ ମାନସିକ ରଖି ଏହି ଓଷା କରାଯାଏ। ଶହ ଶହ ବର୍ଷର ପୁରୁଣା ମଙ୍ଗଳାପୀଠରେ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୁଏ। ଭିଡ଼କୁ ଦେଖି ମନ୍ଦିର କମିଟି ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ସୁବନ୍ଦୋବସ୍ତ କରାଯାଇଥିଲା। ପୂଜକ ରବିନାରାୟଣ ପଣ୍ଡାଙ୍କ ସମେତ ବ୍ରଜ ନନା ଓ ସୌମ୍ୟ ନନା ସହିତ ଭିଡ କମାଇବାରେ ସହଯୋଗ କରିଥିଲେ।

## ଗୁରୁକୁଳ ପବ୍ଲିକ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ

ଧର୍ମଶାଳା, ୧।୧୧ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ପରିଡ଼ା ତାଙ୍କର ଅଭିଭାଷଣରେ ଗୁରୁକୁଳର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଏକତା ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ପରେ ଅଧ୍ୟକ୍ଷ ପିଲାମାନଙ୍କୁ ଶପଥ ପାଠ କରାଇଥିଲେ। ସିଇଓ ପ୍ରବୀର କୁମାର କରଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚଳାନରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।




ଅତିଥି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

## ଭିନ୍ନକ୍ଷମ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ, ୧।୧୧
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲାର ଭିନ୍ନକ୍ଷମ ସଂଘ ପକ୍ଷରୁ ବୁଧବାର ବିଭିନ୍ନ ଦାବିକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେଥିମଧ୍ୟରୁ ମୁଖ୍ୟତଃ ସେମାନଙ୍କୁ ମୋଟର ଚାଳିତ ଗାଡି ଯୋଗାଇ ଦେବାକୁ ଦାବି ରଖିଛନ୍ତି। ଫଳରେ ସେମାନେ ଅନ୍ୟ କାହାରି ଉପରେ ନିର୍ଭରଶୀଳ ହେବେ ନାହିଁ। ନିଜ କାର୍ଯ୍ୟ ନିଜେ କରିପାରିବେ ବୋଲି ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ନିଜର ପରିବାର ପ୍ରତି ପୋଷଣ କରିପାରିବେ। ଅନ୍ୟପକ୍ଷରେ ଓଡ଼ିଶାର ଭଦ୍ରକ, କେନ୍ଦୁଝର, ବରଗଡ଼, ପୁରୀ, ସୁନ୍ଦରଗଡ଼ ପ୍ରଭୃତି ବିଭିନ୍ନ ଜିଲାଗୁଡିକରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯାଉଛି। ହେଲେ ଯାଜପୁର ଜିଲାରେ କାହିଁକି ଦିଆଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି। ଏଣୁ ଯାଜପୁର ଜିଲାରେ ଭିନ୍ନକ୍ଷମମାନଙ୍କୁ ମୋଟର ଚାଳିତ ଜାନ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ନାରାୟଣ ସାହୁ, ସରୋଜ ସାହୁ, ଉପେନ୍ଦ୍ର ରାଓ, ଦେବରାଜ ନାୟକ, କାମିନି ଖଟୁଆ, ପୁଷ୍ପାଞ୍ଜଳି ଶତପଥୀ, ଗୁଣନିଧି ଦୋରା, ସୁରୋକ୍ତି ଦାସ, ସୁବାସ ମଳିକ, ପ୍ରସନ୍ନ ମଳିକ, ଭବାନୀ ଦାସ, ରଘୁନାଥ ମଳିକ, ଜ୍ଞାନରଞ୍ଜନ ସାହୁ, ପୂର୍ଣ୍ଣିମା ସିଂ ପ୍ରଭୃତି ଜିଲାର ବିଭିନ୍ନ ବ୍ଲକରୁ ୩୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତି ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଦିବ୍ୟାଙ୍ଗମାନେ।

## ପ୍ରଶାସନିକ ତଦନ୍ତ ଆରମ୍ଭ

### ଗୋଟିଏ ପରିବାରକୁ ୬ ଆବାସ ପ୍ରଦାନ ପ୍ରସଙ୍ଗ

- ପିଇଓ, ବିପିସିଙ୍କୁ ତଦନ୍ତ ଦାୟିତ୍ୱ
- ସ୍ୱଚ୍ଛତା ନେଇ ସାଧାରଣରେ ପ୍ରଶ୍ନ

ଯାଜପୁର, ୧।୧୧ (ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲାର ଦଶରଥପୁର ବ୍ଲକରେ ଗ୍ରାମୀଣ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କ ନିର୍ଦ୍ଦେଶମତେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ପ୍ରଶାନ୍ତ ମିଶ୍ର ଓ ବ୍ଲକ ପ୍ରୋଗ୍ରାମ କୋର୍ଡିନେଟର(ବିପିସି) ରଶ୍ମିତା ଦାସ ଏହାର ତଦନ୍ତ କରୁଥିବା ସୂଚନା ମିଳିଛି। ଗତ ୨୯ ତାରିଖ ଧରିତ୍ରୀରେ ୭ ପରିବାରର ୨୬ ଜଣଙ୍କୁ ଆବାସ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଏତାଦୃଶ ତତ୍ପରତା ପ୍ରକାଶ ପାଇଛି। ତେବେ ଏହି ତଦନ୍ତ କେବଳ ଲୋକ ଦେଖାଣିଆ ହେବ ନା ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଯାଜପୁର ଜିଲାରେ ଗ୍ରାମୀଣ ଆବାସ ଯୋଜନାରେ ଦୁର୍ନୀତି ସୀମା ଟପିବାକୁ ଲାଗିଲାଣି । ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ମଧ୍ୟ ଏଠାରେ ଫିକା ପଡିଛି ବୋଲି କୁହାଯାଉଛି । ଜିଲାର ୧୦ଟି ବ୍ଲକରେ କେତେଜଣ ପ୍ରଭାବଶାଳୀ ନେତାଙ୍କ ଚାପରେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ଗ୍ରାମୀଣ ଆବାସ ଯୋଗାଇ ଦିଆଯାଇଛି । ଅନ୍ୟପକ୍ଷେ ଶତାଧିକ ଗରିବ ବ୍ୟକ୍ତି ସରକାରୀ ଆବାସ ନ ପାଇ ପଲିଥିନ ତଳେ ରହିବାକୁ ବାଧ୍ୟ ହେଉଛନ୍ତି । ବନ୍ୟା ସମୟରେ ଏଭଳି ଏକାଧିକ ଦୃଶ୍ୟ ବିଞ୍ଝାରପୁର, ଦଶରଥପୁର, ଯାଜପୁର, ବରୀ, କୋରେଇ, ଧର୍ମଶାଳା ଆଦି ବ୍ଲକରେ ଦେଖିବାକୁ ମିଳୁଛି। ଏଥିରେ ଖୋଦ ବିଡିଓ, ଯନ୍ତ୍ରୀ ଓ ଭିଏଲ୍‌ଡବ୍ଲ୍ୟୁ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିବାବେଳେ ସେମାନଙ୍କୁ ପୁଣି ଏହି ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦିଆଯାଉଛି । ଆବାସ ଦୁର୍ନୀତି ଅଭିଯୋଗ ହେଲେ କୌଣସି ଠାରେ ନିରପେକ୍ଷ କର୍ତ୍ତୃପକ୍ଷଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଉ ନାହିଁ। ଫଳରେ ତଦନ୍ତ ରିପୋର୍ଟର ସ୍ୱଚ୍ଛତା ନେଇ ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଞ୍ଝାରପୁର, ଧର୍ମଶାଳା ବ୍ଲକ ପରେ ଏବେ ଦଶରଥପୁର ବ୍ଲକରେ ଏଭଳି ଅଭିଯୋଗ ହୋଇଛି। ଏହି ବ୍ଲକର ଜାଫରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗତ ୫ ବର୍ଷ ମଧ୍ୟରେ ୭ ପରିବାରର ୨୬ ଜଣଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି। ଏହାବାଦ ଯୋଗ୍ୟ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନରେ ଅନିୟମିତତା ହେଉଛି। ଏନେଇ ଗ୍ରାମବାସୀ ଗତ ସେପ୍ଟେମ୍ବରରେ ଯାଜପୁର ଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ଓ ସଚିବ, ମୁଖ୍ୟ ଶାସନ ସଚିବ, ଦଶରଥପୁର ବିଡିଓ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଜିଲା ପରିଷଦର ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ତଦନ୍ତ ଚାଲିଛି। କିନ୍ତୁ ଅଭିଯୋଗ ହୋଇଥିବା ଘଟଣାସ୍ଥଳକୁ ତଦନ୍ତରେ ନ ଯାଇ କେବଳ କାଗଜପତ୍ର ଯାଞ୍ଚ କରି ରିପୋର୍ଟ ଦେବାକୁ ପ୍ରସ୍ତୁତ ଚାଲିଥିବା ଜଣାପଡିଛି। ଏଥିରୁ ଦୁର୍ନୀତି ଅଭିଯୋଗକୁ କଳେବଳେ କୌଶଳେ ଚାପି ଦିଆଯାଉଛି ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି ଆବାସ ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଛି। ତଦନ୍ତ ସରିବା ପରେ ରିପୋର୍ଟ ପ୍ରଦାନ କରାଯିବ। ଏଥିପାଇଁ ପୁରୁଣା ଫାଇଲ ସବୁ ତନଖି କରାଯାଉଛି।

## ସଂକ୍ଷେପରେ

### ଗଛରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଯାଜପୁରରୋଡ୍, ୧।୧୧ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ଥାନା ଅଧୀନ ବ୍ୟାସନଗର ସହର ବସଷ୍ଟାଣ୍ଡସ୍ଥିତ ପାନ ଗଳି ନିକଟରେ ଜଣେ ଯୁବକ ଏକ ଗଛରେ ରଶି ଲଗାଇ ବୁଧବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିଚୟ ମିଳି ପାରିନାହିଁ। ସ୍ଥାନୀୟ ବ୍ୟବସାୟୀ ଏହା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ ବିଭାଗ ଓ ସାଇଣ୍ଟିଫିକ ଟିମକୁ ଖବର ଦେଇଥିଲା। ଯାଜପୁରରୋଡ୍ ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକଙ୍କ ମୃତଦେହକୁ ଗଛରୁ ଓହ୍ଲାଇଥିଲେ। ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଯୁବକ ଜଣଙ୍କ ମଙ୍ଗଳବାର ଉକ୍ତ ଅଞ୍ଚଳରେ ଅସ୍ୱାଭାବିକ ବ୍ୟବହାର କରିବା ସହ ଲୋକଙ୍କ ଉପରକୁ ଟେକା ପଥର ଫିଙ୍ଗୁଥିଲେ। କଥାବାର୍ତ୍ତାରୁ ସେ ଜଣେ ବଙ୍ଗାଳି ବୋଲି ଜଣାପଡୁଥିଲା। ମୃତଦେହ ନିକଟରୁ ପୋଲିସ ଏକ ମୋବାଇଲ ଫୋନ ଜବତ କରିଛି। ତେଣୁ ଫୋନ୍ ମାଧ୍ୟମରେ ତାଙ୍କ ପରିବାର ସହ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି। ଏନେଇ ଥାନାରେ ନମ୍ବର ୪୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଏଏସ୍ଆଇ ଅନିରୁଦ୍ଧ ବିଶ୍ୱାଳ କହିଛନ୍ତି।

### ଉଚ୍ଚ ବିଦ୍ୟାଳୟ ଇ-ଲାଇବ୍ରେରିରୁ କମ୍ପ୍ୟୁଟର ଚୋରି

ରସୁଲପୁର/ବ୍ରହ୍ମବରଦା, ୧।୧୧ (ରଞ୍ଜିତ ରାଉତ/ଯଯାତି କେଶରୀ ବେହେରା)

ବ୍ରହ୍ମବରଦା ଥାନା ଅଧୀନରେ ଥିବା ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣା ଗ୍ରାମର ଦର୍ଶନ ଉଚ୍ଚ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟାଳୟ ଶ୍ରେଣୀଗୃହ ତାଲା ଭାଙ୍ଗି ଇ-ଲାଇବ୍ରେରି କକ୍ଷରୁ ୪ କମ୍ପ୍ୟୁଟର, ଗୋଟିଏ ଘଣ୍ଟି, ଖେଳ ସାମଗ୍ରୀ ଓ କିଛି ପୁସ୍ତକ ଚୋରି କରି କରିଛନ୍ତି। ଏନେଇ ପ୍ରଧାନଶିକ୍ଷକ ସୁଷମା ସାମଲ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣା ସମ୍ପର୍କରେ ଥାନାରେ ନମ୍ବର ୧୩୭/୨୩ରେ ଏକ ମାମଲା ରୁଜୁ ହୋଇଛି। ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ କୁହନ୍ତି, ଉକ୍ତ ବିଦ୍ୟାଳୟରେ ୫/୬ ମାସ ତଳେ ଜଣେ ୱାଚମ୍ୟାନ ନିଯୁକ୍ତି ପାଇଁ ସୂଚନା ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ୱାଚ୍‌ମ୍ୟାନ୍ ନିଯୁକ୍ତି ହୋଇ ପାରିନାହାନ୍ତି। ସେଥିପାଇଁ ଚୋରି ହେଉଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରୁ ଏକାଧିକ ଥର ଚୋରି ହେଉଥିବା ଅଭିଯୋଗ ହେଉଛି। ତେଣୁ ପୋଲିସ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରିବାକୁ ଦାବି ହେଉଛି।

# ସାତଭାୟାରେ ସୃଷ୍ଟି ହୋଇଛି ନୂଆ ବେଳାଭୂମି

- ବିରଳ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ଚିନ୍ତା
- ସାମୁଦ୍ରିକ କଟକଣା ଆରମ୍ଭ
- ପ୍ଲାଷ୍ଟିକ୍ ପ୍ରଦୂଷଣ, ତଟକ୍ଷୟ ସମସ୍ୟା ସୃଷ୍ଟି କରିବ

କେନ୍ଦ୍ରାପଡ଼ା, ୧।୧୧ (ଜଗନ୍ନାଥ ଧଳ)

ବିଶ୍ୱ ପ୍ରସିଦ୍ଧ ଗହୀରମଥାର ସାମୁଦ୍ରିକ ଅଞ୍ଚଳରେ ଥିବା ପ୍ରଚୁର ଖାଦ୍ୟ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ ଆକର୍ଷିତ କରୁଛି। ପ୍ରତିବର୍ଷ ୪ରୁ ୫ଲକ୍ଷ କଇଁଛ ଏଠାକୁ ଆସି ଅଣ୍ଡାଦାନ କରୁଛନ୍ତି। ତେବେ ଇଣ୍ଟରନ୍ୟାଶନାଲ ୟୁନିୟନ ଫର କଞ୍ଜରଭେଶନ ଅଫ ନେଚର (ଆଇୟୁସିଏନ୍)ର ରେଡ୍ ଡାଟା ଲିଷ୍ଟରେ ଥିବା ଏହି ଜୀବଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ଅହେତୁକ ମାତ୍ରାରେ ଜେଲି ଫିସ ସଂଖ୍ୟା ବୃଦ୍ଧି ଘଟୁଛି। ଶୈବାଳ ଉଦ୍ୟାନ ନଷ୍ଟ ହେଉଥିବା ବେଳେ ମାଛ ବଂଶ ବିଭିନ୍ନ କାରଣରୁ କମିଯାଉଛି। ତଟକ୍ଷୟ, ବନ ବିଭାଗର ସ୍ପିଡ ବୋଟ୍ ଅଚଳ, ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ, ସମୁଦ୍ର ତଟରକ୍ଷା ବାହିନୀ ସହିତ ଭାବ ବିନିମୟରେ ଅଭାବରୁ ମତ୍ସ୍ୟଜୀବୀଙ୍କ ବେଆଇନ ପ୍ରବେଶ, ଗାଞ୍ଜି ଜାଲରେ ଅଲିଭ୍‌ରିଡ୍‌ଲେ କଇଁଛ ଧରାପଡିବା ଆଦି ସମସ୍ୟା ବନ ବିଭାଗର ସୁରକ୍ଷା ଦେବା କ୍ଷେତ୍ରରେ ଏକ ଚ୍ୟାଲେଞ୍ଜ ପାଲଟିଛି। ଚଳିତବର୍ଷ ସାତଭାୟାରେ ସୃଷ୍ଟି ହୋଇଥିବା ନୂଆ ବେଳାଭୂମିରେ ଅଲିଭ୍‌ରିଡ୍‌ଲେ ଆସିପାରନ୍ତି ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍ ଖୁସି ପ୍ରକଟ କରିଛନ୍ତି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଜଗନ୍ନାଥ ଦାସ, ଦୋଳଗୋବିନ୍ଦ ଜେନା, ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, କଇଁଛ ସୁରକ୍ଷା ପାଇଁ ବୁଧବାରଠାରୁ ମେ ୩୧ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କ ପାଇଁ ସାମୁଦ୍ରିକ



କଟକଣା ଆରମ୍ଭ ହେଉଛି। ପ୍ରତିବର୍ଷ ୪ରୁ ୫ ଲକ୍ଷ ପର୍ଯ୍ୟନ୍ତ ଅଲିଭ୍‌ରିଡ୍‌ଲେ ଏହି ଅଞ୍ଚଳକୁ ପ୍ରଜନନ ସ୍ଥଳ ଭାବେ ବାଛିବା ବିଶ୍ୱ ପ୍ରକୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ୧୪୩୫ ବର୍ଗ କିଲୋମିଟରର ଏହି କଇଁଛଙ୍କ ଅନ୍ତୁଡ଼ିଶାଳ ବିଭିନ୍ନ କାରଣରୁ ଦୁର୍ବଳ ହେଉଥିବା ବେଳେ ଏହି ବିରଳ ଜୀବ ଆଇୟୁସିଏନ୍‌ର ରେଡ ଡାଟାବୁକ୍‌ରେ ଅଛି। ୧ହଜାର ଶାବକଙ୍କ ମଧ୍ୟରୁ ମାତ୍ର ଗୋଟିଏ ପୂର୍ଣ୍ଣବୟସ୍କ ହେଉଥିବା ଆଇୟୁସିଏନ ଦର୍ଶାଇଥିବା ବେଳେ କଇଁଛ ମୃତ୍ୟୁକୁ ନେଇ ଉଦ୍‌ବେଗର କାରଣ ସାଜିଛି। ରାଜ୍ୟ ସରକାରଙ୍କ ବନ ଓ ପରିବେଶ ବିଭାଗ ୧୯୯୭ ସେପ୍ଟେମ୍ବର ୨୭ରେ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରୁ ଅଲଗା କରି ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛନ୍ତି। ଗହୀରମଥା ସାମୁଦ୍ରିକ ଅଞ୍ଚଳ ୧୪୩୫ ବର୍ଗ କିମି ମଧ୍ୟରୁ ମାତ୍ର ୨୭ ବର୍ଗ କିମି ସ୍ଥଳଭାଗ। ତେବେ ଏହି ସ୍ଥଳଭାଗ ସାମୁଦ୍ରିକ ତଟକ୍ଷୟର ଶିକାର ହେଉଛି। ଗତବର୍ଷ ଅଗରନାସୀ ଦ୍ୱୀପ ସମ୍ପୂର୍ଣ୍ଣ ସମୁଦ୍ରରେ ଲୀନ ହେବା ସହ ବିଗତ ବର୍ଷଗୁଡ଼ିକରେ ନାଶୀ, ବାବୁବାଲି, ଏକକୁଳା ଆଦି ସ୍ଥାନଗୁଡ଼ିକର ଆକାର କମିଛି। ସାତଭାୟାର ବିସ୍ତୀର୍ଣ୍ଣ ବେଳାଭୂମିକୁ ଏହି କଇଁଛ ଅନ୍ତୁଡ଼ିଶାଳ କରିବା ସମ୍ଭାବନା ଅଛି। ପ୍ରଜନନ ସ୍ଥାନ ଅଭାବ ପାଇଁ କଇଁଛଙ୍କ ଅକାଳ ମୃତ୍ୟୁ ଏବେ ସମସ୍ୟା ହୋଇଛି। ଏହି ନିଷିଦ୍ଧାଞ୍ଚଳରେ ବହୁ ସମୟରେ ବେଆଇନ ମାଛଧରା ସେମାନଙ୍କ ଜୀବନ ପ୍ରତି ବିପଦ ସାଜିଛି। ବନ ବିଭାଗ ନିକଟରେ ବେଆଇନ ଭାବେ ପ୍ରବେଶ କରୁଥିବା ଟ୍ରଲରକୁ ଧରିବା ପାଇଁ ଉପଯୁକ୍ତ ଇଞ୍ଜିନ ବିଶିଷ୍ଟ ବୋଟ୍ ନାହିଁ। ଜିଲାରେ ଥିବା ୩ ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ ରହିଛି। ସେହିପରି ତଟ ସୁରକ୍ଷା ବାହିନୀ ସହ ସମ୍ପର୍କ ରଖିବାରେ ବହୁ ସମୟରେ ବନ ବିଭାଗ ବିଫଳ ହେଉଛି। ଏହାବ୍ୟତୀତ ପ୍ଲାଷ୍ଟିକ ପ୍ରଦୂଷଣ ବଢ଼ି ଚାଲିଛି, ଯାହା ସାମୁଦ୍ରିକ ଶୈବାଳ ଉଦ୍ୟାନକୁ ନଷ୍ଟ କରୁଛି। ଶିଳ୍ପାଞ୍ଚଳ ଓ ଚିଙ୍ଗୁଡି ଘେରିର ବର୍ଜ୍ୟବସ୍ତୁ ଓ ଜଳ ଶୈବାଳ ଉପରେ ପ୍ରଭାବ ପକାଇଛି। ଫଳରେ ଜେଲି ଫିଶ୍ ସଂଖ୍ୟା ବଢୁଛି। ଏହାସହ ବିଭିନ୍ନ କାରଣରୁ ପ୍ରତିବର୍ଷ ନିଷିଦ୍ଧାଞ୍ଚଳରେ ହଜାରରୁ ଅଧିକ କଇଁଛଙ୍କ ମୃତ୍ୟୁ ହେଉଛି। ସୁରକ୍ଷା ବ୍ୟବସ୍ଥା ଗହୀରମଥାରେ କାର୍ଯ୍ୟକାରୀ ହେଉ ନ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ପ୍ରଦୋଷ ମହାରଣା କହିଛନ୍ତି, ବିରଳ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। କଟକଣା ସମୟରେ ମତ୍ସ୍ୟଜୀବୀଙ୍କ ଅନୁପ୍ରବେଶ ରୋକିବା ପାଇଁ କ୍ୟାମ୍ପ ସହିତ ନିରୀକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଗତ କଟକଣା ସମୟରେ ବେଆଇନ ଭାବେ ପ୍ରବେଶ କରିଥିବା ବୋଟ ଓ ଟ୍ରଲରକୁ ଜବତ କରାଯାଇଥିବା ବେଳେ ୪୫୦ରୁ ଅଧିକ ଲୋକଙ୍କ ନାମରେ ମାମଲା ରୁଜୁ ହୋଇଥିଲା ବୋଲି ସେ କହିଛନ୍ତି।

# 'ପିଲାଙ୍କ ପାଇଁ ଦୁନିଆ ଦେଖିବାର ବଡ଼ ଝରକା ହେଲା ସୁରଭି'



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ଓଡ଼ିଶା ମିଲେଟ୍ ପ୍ରତିଯୋଗିତା**

ଜଗତ୍‌ସିଂହପୁର, ୧।୧୧ (ପ୍ରମୋଦ କୁମାର ନାୟକ)

ଆଜିର ଶିଶୁ କାଲିର ଭବିଷ୍ୟତ। ଶିଶୁ ହସିଲେ ଦୁନିଆ ହସିବ। ପିଲାମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭା ବିକଶିତ ହୋଇପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ବୁଧବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଏଭଳି ମତପ୍ରକାଶ ପାଇଥିଲା। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପୌରୋହିତ୍ୟ କରି ସୁରଭିକୁ ପିଲାମାନଙ୍କ ପାଇଁ ଦୁନିଆ ଦେଖିବାର ବଡ଼ ଝରକା ବୋଲି ସମ୍ବୋଧିତ କରିଥିଲେ। ଉତ୍ସବରେ ଜିଲାପାଳ ପାରୁଲ ପଟାୱରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ହାରଜିତକୁ ଭୁଲି ପ୍ରତ୍ୟେକେ ଏଥିରୁ ଜୀବନର ଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପ୍ରତିଟି ପିଲା ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଥାନ୍ତି । ତେଣୁ କୌଣସି ସଙ୍କୋଚ ବା ଭୟ ନ କରି ଆଗକୁ ବଢି ସମସ୍ତେ ପ୍ରତିଯୋଗିତାରେ ଭାଗ ନେବା ଉଚିତ ବୋଲି କହିଥିଲେ। ଏଥିସହ ଚଳିତବର୍ଷ ନୂଆକରି ଓଡ଼ିଶା ମିଲେଟ ପ୍ରତିଯୋଗିତା କରାଯାଉଥିବାରୁ ଉତ୍ସାହିତ କରିଥିଲେ। ପିଲାମାନଙ୍କୁ ସୁଷମ ଖାଦ୍ୟରେ ମିଲେଟର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୀବ କୁମାର ମୁଦୁଲି ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ୨୦୨୩କୁ ମିଲେଟ ବର୍ଷ ଭାବେ ଘୋଷଣା କରାଯାଇଛି। ବାଜରା, ମାଣ୍ଡିଆ, ସୁଆଁ ଆଦି ମିଲେଟକୁ ଖାଦ୍ୟରେ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲାର ବିରିଡ଼ି ବ୍ଲକ ଏହି ମିଶନରେ ଅନ୍ତର୍ଭୁକ୍ତ ହୋଇଛି। ଆସନ୍ତା ୯ ଓ ୧୦ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ମିଲେଟ ମେଳାରେ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ବିଭିନ୍ନ ମେଳା ଓ କାର୍ଯ୍ୟକ୍ରମରେ ମିଲେଟ ପ୍ରସ୍ତୁତ ଖାଦ୍ୟର ପ୍ରତିଯୋଗିତା, କୁଇଜ ପ୍ରତିଯୋଗିତା ସହ ମିଲେଟ ମିଶନ କାର୍ଯ୍ୟକ୍ରମକୁ ଜିଲାର ଅନ୍ୟ ବ୍ଲକକୁ ସମ୍ପ୍ରସାରଣ କରାଯିବ ବୋଲି ସେ କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ଏହି ମହୋତ୍ସବରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୨୮୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ବିଶେଷକରି ତର୍କ, ପ୍ରବନ୍ଧ, କୁଇଜ୍, ସୃଜନାତ୍ମକ ଲେଖନୀ, ଚିତ୍ରାଙ୍କନ, ସଙ୍ଗୀତ, ଇଲୋକ୍ୟୁଶନ୍, ଏମ୍‌ଡିଏମ୍ ଆର୍ଟ ଆଣ୍ଡ କ୍ରାଫ୍ଟ, ସାଂସ୍କୃତିକ ନୃତ୍ୟ ଏବଂ ମିଲେଟ ଉପରେ ଆଧାରିତ ଥିଲା। ସମଗ୍ର ଶିକ୍ଷାର ପ୍ରୋଗ୍ରାମର ଚନ୍ଦ୍ରଜିତ ପରିଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଜିଲା ଶିକ୍ଷା ଅଧିକାରୀ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ଆଳିରେ ୬୫ ଡେସିବେଲ୍‌ରେ ବାଜିବ ସାଉଣ୍ଡ ସିଷ୍ଟମ


ଖବରଦାତା ସମ୍ମିଳନୀରେ ଆଳି-କନିକା ସାଉଣ୍ଡ ଆଣ୍ଡ ଲାଇଟ୍ ଆସୋସିଏଶନର ସଦସ୍ୟ।

ଆଳି, ୧।୧୧ (ବନମାଳୀ ସେନାପତି)

ଆଳି ଅଞ୍ଚଳରେ ପ୍ରତ୍ୟେକ ଶୋଭାଯାତ୍ରା, ଉତ୍ସବରେ ସାଉଣ୍ଡ ସିଷ୍ଟମ ୬୫ ଡେସିବେଲ୍‌ରେ ବାଜିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଆଳି-କନିକା ସାଉଣ୍ଡ ଆଣ୍ଡ ଲାଇଟ୍ ଆସୋସିଏଶନ ପକ୍ଷରୁ କୁହାଯାଇଛି। ନବଗଠିତ ଆଳି-କନିକା ସାଉଣ୍ଡ ଆଣ୍ଡ ଲାଇଟ ଆସୋସିଏଶନ ପକ୍ଷରୁ ବୁଧବାର କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ଏକ ମାର୍ଟର ସମ୍ମିଳନୀ କକ୍ଷରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସେମାନେ କହିଥିଲେ ଯେ, ସାଧାରଣ ଲୋକମାନଙ୍କର ସୁବିଧା ପାଇଁ ଆଳି-କନିକା ଅଞ୍ଚଳରେ ଯେତେ ଶୋଭାଯାତ୍ରା ହେବ, ଏ ସମସ୍ତ କାର୍ଯ୍ୟକ୍ରମରେ ସାଉଣ୍ଡ ସିଷ୍ଟମ ସରକାରୀ ନୀତି ନିୟମ ଅନୁସାରେ ମାତ୍ର ୬୫ ଡେସିବେଲ୍‌ରେ ବାଜିବ। ଏହାଠାରୁ ଅଧିକ ଜୋରରେ ବାଜିବ ନାହିଁ। ଆଳି-କନିକା ବାହାରେ ଥିବା ଏହିପରି ଆସୋସିଏଶନକୁ ସେମାନେ ଏ ବିଷୟରେ ଅବଗତ କରାଇବେ। ଯେତେବେଳେ ଅଞ୍ଚଳ ବାହାରୁ କୌଣସି ସାଉଣ୍ଡ ସିଷ୍ଟମ ଆସିବ, ଆସୋସିଏଶନ ସେମାନଙ୍କୁ ଏହି ନିୟମ ବିଷୟରେ ଅବଗତ କରାଇବେ। ଯଦି ସେମାନେ ଅଧିକ ଜୋରରେ ସିଷ୍ଟମ ବଜାଇବେ, ତେବେ ଏହି ଅନୁଷ୍ଠାନ ପ୍ରଶାସନର ସାହାଯ୍ୟ ଲୋଡ଼ି ଏହାକୁ ସମାଧାନ କରିବ। ଜନସାଧାରଣଙ୍କ ସହଯୋଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି ଆଶା ପୋଷଣ କରିଥିଲେ। ଏହି ଅବସରରେ ସେମାନେ ସେମାନଙ୍କ ନବ ନିର୍ବାଚିତ ସଦସ୍ୟମାନଙ୍କ ନାମ ପ୍ରକାଶ କରିଥିଲେ। ସଭାପତି ଭାବରେ ଆଳିର ବିଶ୍ୱନାଥ ମଲିକ, ଉପସଭାପତି ଭାବରେ ରାଜକନିକାର ଭାଗବତ କରଣ, ସମ୍ପାଦକ ଭାବେ ଓଳାଭରର ବିକାଶ କୁମାର ପଣ୍ଡା, ସହସମ୍ପାଦକ ଭାବେ ଆଳିର ମାନସ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଭାବେ ପତ୍ରପୁରର ରଶ୍ମିରଞ୍ଜନ ସୂତାର ଓ ସହ କୋଷାଧ୍ୟକ୍ଷ ଭାବେ ଓଳାଭରର ଦିବ୍ୟାଂଶୁ ବିଶ୍ୱାଳଙ୍କୁ ମନୋନୟନ କରାଯାଇଛି।

ପାରାଦୀପ ବନ୍ଦରରୁ ହାଇଡ୍ରୋସେନ ଷ୍ଟ୍ରକ୍ଟର ନାମକ ଶିଳ୍ପ ସାମଗ୍ରୀ ଇଣ୍ଡିଆନ ଅଏଲ ରିଫାଇନେରି ଅଭିମୁଖେ ନିଆଯାଉଛି।



# ବିଜେଡି ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର

**ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ**

ରଘୁନାଥପୁର, ୧।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଛକ ନିକଟସ୍ଥ ଏକ ମଣ୍ଡପରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡିର ୩ ଦିନ ବ୍ୟାପୀ ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଶୁଭାରମ୍ଭ ହୋଇଛି। ବିଧାୟକ ବିଜୟ ଶଙ୍କର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ରାଉଳଙ୍କ ନେତୃତ୍ୱରେ ଆସିଥିବା ୨୧ଟି ପଞ୍ଚାୟତର ୮୦୦ରୁ ଊର୍ଦ୍ଧ୍ୱ ଜନପ୍ରତିନିଧି ଓ କର୍ମୀଙ୍କୁ ୨ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରକୁ କ୍ୟାମେରା ଓ ମୋବାଇଲ ନେବାକୁ ନିଷେଧ କରାଯାଇଥିଲା। ତେବେ ଆଭାସି ମାଧ୍ୟମରେ ଦଳୀୟ ଅନୁଶାସନ ଓ ଶୃଙ୍ଖଳାକୁ ଗୁରୁତ୍ୱ ଦେବାକୁ ସଚେତନ କରାଯିବା ସହ ୱାର୍ଡସ୍ତରରେ ସାଧାରଣ ଜନତାଙ୍କ ନିକଟତର ହୋଇ ସେବା ଯୋଗାଇବାକୁ ପରାମର୍ଶ ଦିଆଯାଇଥିବା ଶୁଣାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ବିଜେଡି ସଭାପତି ରବିନାରାୟଣ ଜେନା, ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ବିରିଡି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଓ ଉପାଧ୍ୟକ୍ଷ ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ ଓ ସଭ୍ୟ ଚନ୍ଦ୍ରଶେଖର ଦାସ, ରମାକାନ୍ତ ଭୋଇ, ସୁଧାଂଶୁ ଜେନା, କାଳନ୍ଦୀ ବସ୍ତିଆ, ଧନେଶ୍ୱର ବେହେରା, ଶିବପ୍ରସାଦ ଜେନା, ଅଭୟ ଜେନା, ସୁକାନ୍ତ ମଲ୍ଲିକ, ପ୍ରତାପ ରାୟଙ୍କ ସହ ବହୁ ଛାମୁଆ କର୍ମୀ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ ଅବସରରେ ବିଧାୟକ ବିଜୟ ଶଙ୍କର ଦାସ ଓ ଅନ୍ୟମାନେ।

# ଅନ୍ଧାରରେ ଆଲୋକୀକରଣ: ୯ ଲକ୍ଷ ପାଣିରେ ପଡ଼ିଲା

ପଟ୍ଟାମୁଣ୍ଡାଇ, ୧।୧୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ତଥା କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ଥିବା ଧୋୟାଞ୍ଚଳର ପ୍ରବେଶ ଦ୍ୱାର କୁହାଯାଉଥିବା ବ୍ରାହ୍ମଣୀ ସେତୁକୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଆଲୋକୀକରଣ ବ୍ୟବସ୍ଥା ହୋଇଥିଲା। ହେଲେ ଏବେ ଲୋକେ ଅନ୍ଧାରରେ ଯିବାଆସିବା କରୁଛନ୍ତି। ଏତେ ଟଙ୍କା ଖର୍ଚ୍ଚ ପରେ ଆଲୋକ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆ ନ ଯିବା ଏବଂ ସମସ୍ତ ସୌରଚାଳିତ ଲାଇଟ୍ ଚୋରି ହୋଇଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

ସାମାଜିକ କର୍ମୀ ଚିତ୍ତରଞ୍ଜନ ମଲ୍ଲିକ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳ ଅଳପୁଆ, ତରଡିପାଳ, ପେଣ୍ଠପାଳ, ସିଂହଗାଁ, ଅଣ୍ଡରା, ଅମୃତମଣୋହି, ବଲୁରିଆ ପଞ୍ଚାୟତକୁ ସଂଯୋଗ କରୁଥିବା ନାହିଆଡିଆ ବ୍ରାହ୍ମଣୀ ବ୍ରିଜ ଉପରେ ଆଲୋକୀକରଣ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା। ଏ ନେଇ କେନ୍ଦ୍ରାପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ବିଧାୟକ ଆଞ୍ଚଳିକ ପାଣ୍ଠିରୁ ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ୨୦୨୧ ଅକ୍ଟୋବର ୯ରେ ସୌରଚାଳିତ ଆଲୋକୀକରଣ


ଆଲୋକୀକରଣ ଉଦ୍‌ଘାଟନ ଉତ୍ସବରେ ଯୋଗାଦଇଥିବା ଅତିଥି ଓ ଅନ୍ୟମାନେ। (ଫାଇଲ ଫଟୋ)

ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରି ଉଦ୍‌ଘାଟନ କରିଥିଲେ। ମାତ୍ର ଉଦ୍‌ଘାଟନର ପ୍ରାୟ ଏକ ବର୍ଷ ମଧ୍ୟରେ ସେତୁରେ ଗୋଟିଏ ବି ଲାଇଟ୍ ନ ଥିବା ଦେଖିବାକୁ ମିଳୁଛି। ପୋଲର ଗୋଟିଏ ହେଲେ ଲାଇଟ ଜଳୁ ନ ଥିବା ବେଳେ ରାତିରେ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧୋୟାଞ୍ଚଳ ଅଳପୁଆ ଗ୍ରାମର ନରେନ୍ଦ୍ର ଧଳ କୁହନ୍ତି, ଏହି ନାହିଆଡିଆ ବ୍ରାହ୍ମଣୀ ସେତୁ ଉପରେ କେନ୍ଦ୍ରାପଡ଼ା ଜିଲା ସମେତ ପଡୋଶୀ ଯାଜପୁର, ଭଦ୍ରକ ଜିଲାର ଲୋକମାନେ ନିର୍ଭର କରିଥା'ନ୍ତି। ଏହି ସେତୁ ଦେଇ ଦୈନିକ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଯାନବାହନ ଯିବା ଆସିବା କରୁଛି। ୨ବର୍ଷ ପୂର୍ବରୁ ଏହି ସେତୁର ଆଲୋକୀକରଣ କରାଯାଇଥିଲା। ବର୍ତ୍ତମାନ ଗୋଟିଏ ବି ଲାଇଟ ପୋଲ ଉପରେ ନ ଥିବା ଦେଖିବାକୁ ମିଳିଛି। ବିଭାଗ ପକ୍ଷରୁ ଦୃଷ୍ଟି ଦିଆ ନ ଯିବା ହେତୁ ସମସ୍ତ ଲାଇଟ ଚୋରି ହେବା ବିଡ଼ମ୍ବନାର ବିଷୟ ବୋଲି ମତ ପ୍ରକାଶ ପାଇଛି। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ବିଧାୟକ ବେହେରାଙ୍କୁ ପଚାରିବାରେ ନାହିଆଡିଆ ସେତୁରେ ଆଲୋକୀକରଣ ହେବା ପରେ ଧୋୟାଞ୍ଚଳ ୭ ପଞ୍ଚାୟତର ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଥିଲା। ସେହି ପୋଲ ଏକ ସୁନ୍ଦର ଛୋଟ ସହର ଭଳି ଦୃଶ୍ୟମାନ ହେଉଥିଲା। ମାତ୍ର କିଛିଦିନ ଭିତରେ ସବୁ ଲାଇଟ ସହ ପୋଲ ଚୋରି ହୋଇଯାଇଛି। ଲୋକମାନଙ୍କ ମଧ୍ୟରେ ଦିନକୁଦିନ ସାମାଜିକ ଦାୟିତ୍ୱ ଓ ନୈତିକତା ଲୋପ ପାଇଲାଣି। ନିଜ ସୁବିଧାକୁ ନିଜେ ହାତଛଡା କରୁଛନ୍ତି ବୋଲି ସେ କହିଥିଲେ।

## ୧୩ ନିଶାସକ୍ତ ଚାଳକ ଗିରଫ

ଛତ୍ରପୁର,(ଦିଲ୍ଲୀପ ସାମଲ): ମଦ୍ୟପାନ କରି ଗାଡି ଚଲାଉଥିବା ଅଭିଯୋଗରେ ଗଞ୍ଜାମ ପୋଲିସ ୧୩ ଜଣଙ୍କୁ ଗିରଫ କରିଛି। ବିଭିନ୍ନ ସମୟରେ ଏହି ଚଢାଉ ଜାରି ରଖାଯାଇଥିବା ବେଳେ ମଙ୍ଗଳବାର ରାତିରେ ଗଞ୍ଜାମ ଏସପି ଜଗମୋହନ ମିନାଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ପୋଲିସ ଜିଲାର ଜଗନ୍ନାଥପ୍ରସାଦ, ସୋରଡ଼ା, ଧରାକୋଟ, ରମ୍ଭା, ଚମାଖଣ୍ଡି, ପୋଲସରା, ଭଞ୍ଜନଗର, କବିସୂର୍ଯ୍ୟନଗର ଓ ଆସିକା ଥାନା ଅଞ୍ଚଳରେ ୧୩ ନିଶାସକ୍ତ ଗାଡି ଚାଳକଙ୍କୁ ଧରାଯାଇଥିବା ଗଞ୍ଜାମ ପୋଲିସ ମୁଖ୍ୟାଳୟରୁ ସୂଚନା ମିଳିଛି ।



## ସଂକ୍ଷେପରେ

### ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ

ଧରାକୋଟ,୧।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ତହସିଲରେ ବୁଧବାର ନୂତନ ଅତିରିକ୍ତ ତହସିଲଦାର ଭାବେ ଗଣେଶ ଦଳେଇ କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କୁ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ସ୍ୱାଗତ କରିଥିଲେ। କାର୍ଯ୍ୟାଳୟ ଓ କ୍ଷେତ୍ର କର୍ମଚାରୀମାନଙ୍କ ମଧ୍ୟରେ ମୁଖ୍ୟ କିରାଣି କାଳନ୍ଦୀ ପାତ୍ର, ସୁପରଭାଇଜର ସୁଙ୍କାନୀ ବେହେରା, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, ରବୀନ୍ଦ୍ର ନାଥ ଗୌଡ଼, ଲକ୍ଷ୍ମଣ ନାୟକ, ଶ୍ରୀକାନ୍ତ ରଥ, ସାନି ଜଗେୟା, ରଞ୍ଜନ ବରାଡ, ବାବୁରାମ ନାୟକ, ଅକ୍ଷୟ ପାଢ଼ୀ, ରଞ୍ଜନ ସାହୁ, ବ୍ରହ୍ମାନନ୍ଦ ନାୟକ, ନିରଞ୍ଜନ ଶବର, ଅଭିଲେଖାଗାର ରକ୍ଷକ ସୀମାଞ୍ଚଳ ମଲିକ, ସବିତା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଧରାକୋଟ ତହସିଲରେ କାର୍ଯ୍ୟରତ ଥିବା ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ବଦଳି ପରେ ସଂପ୍ରତି ବିଡିଓ ଡେନିସ ବେହେରା ଏଠାରେ ତହସିଲଦାର ଦାୟିତ୍ୱ ତୁଲାଇ ଆସୁଥିଲେ।

### ୯ ମାସ ଭତ୍ତା ପାଇବାରୁ ବଞ୍ଚିତ ରଶ୍ମିତା



ପୋଲସରା,୧।୧୧(ସୁବ୍ରତ ବେହେରା)

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନମ୍ବର ୫ ବାଲିଘାଇର ସ୍ୱର୍ଗତ କେଦାର ସ୍ୱାଇଁଙ୍କ ସ୍ତ୍ରୀ ରଶ୍ମିତା ସ୍ୱାଇଁ ଦୀର୍ଘ ୯ ମାସ ହେବ ସରକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ନେଇ ପୋଲସରା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଦୀର୍ଘ ୯ ମାସ ହେବ ବ୍ୟାଙ୍କ୍ ଓ ଅଫିସ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ବୋଲି କହିଛନ୍ତି ରଶ୍ମିତା। ଉକ୍ତ ବିଷୟକୁ ନେଇ ତଦନ୍ତ କରି କହିବି ବୋଲି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ରଷି ମାଝୀ କହିଛନ୍ତି।

### ଆଜି 'ଆମ ଓଡ଼ିଶା ନବୀନ ଓଡିଶା' ଶୁଭାରମ୍ଭ

ଭଞ୍ଜନଗର, ୧।୧୧(ବାବୁଲା ପ୍ରଧାନ):

'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ଶୁଭାରମ୍ଭ ଗୁରୁବାର ଗଞ୍ଜାମ ଜିଲାରେ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିବେ। ଜିଲାର ୫୦୩ ପଞ୍ଚାୟତର ୫୭୦୬ ଟି ପ୍ରକଳ୍ପର ଉନ୍ନତିକରଣ ପାଇଁ ୨୫୧ କୋଟି ୫୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବେ। ତେଣୁ ଜିଲାର ପ୍ରତ୍ୟେକ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଭଞ୍ଜନଗରଠାରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ଭଞ୍ଜନଗର ବ୍ଲକ ପାଇଁ ୧୧ କୋଟି ଟଙ୍କା ଅନୁଦାନ ଘୋଷଣା କରିବା କାର୍ଯ୍ୟକ୍ରମ ରହିଛି। ଭଞ୍ଜନଗର କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେଥିପାଇଁ ଗଞ୍ଜାମ ଜିଲା ପିଡି ନୀଳମାଧବ ଭୋଇ, ଭଞ୍ଜନଗର ବିଡିଓ ଶଶୀଭୂଷଣ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଭଞ୍ଜନଗର ଠାରେ ଡେରା ପକାଇ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି।

### ଓପନ ଜିମ, ପେଭର ବ୍ଲକ ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

ଛତ୍ରପୁର,୧।୧୧ (ଦିଲ୍ଲୀପ ସାମଲ):

ଛତ୍ରପୁର ସହରର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ଅଣ୍ଟା ଭିଡିଛି ଛତ୍ରପୁର ଏନଏସି । ଏହି ପରିପେକ୍ଷୀରେ ଛତ୍ରପୁର ଏନଏସିର ୩ ନଂ ୱାର୍ଡର ଗୋଟିଏ ଓପନ ଜିମ ଓ ପେଭର ରୋଡର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଷ୍ଟେଶନ ରୋଡ ବ୍ରାହ୍ମଣବନ୍ଧ ନିକଟରେ ଗୋଟିଏ ଓପନ ଜିମ ଓ ଶୀତଳଭଣ୍ଡାର ନିକଟରେ ଗୋଟିଏ ଫେବର ରୋଡ ପାଇଁ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆଗାମୀ ଦିନରେ ସହରରେ ଆହୁରି ସୌନ୍ଦର୍ଯ୍ୟକରଣ ସମେତ ସମସ୍ତ କଚା ରାସ୍ତା ଫେବର ରୋଡ ହେବ ବୋଲି ବିଧାୟକ ଶ୍ରୀ ବେହେରା ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସି ଉପାଧକ୍ଷ ଜି.ପାପା ରାଓ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ମିଟୁ ବେହେରା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ମେ' ୩୧ ପର୍ଯ୍ୟନ୍ତ ଋଷିକୁଲ୍ୟା ମୁହାଣରେ ମାଛଧରା ମନା

ଗଞ୍ଜାମ/ଛତ୍ରପୁର,୧।୧୧ (ବିଦ୍ୟାଧର ସାହୁ / ଦିଲୀପ ସାମଲ):



ପାଟ୍ରୋଲିଂ ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି ଡିଏଫଓ।

■ ଅଲିଭ ରିଡ୍‌ଲେଙ୍କ ଆଗମନ ପାଇଁ ଆଗୁଆ ପଦକ୍ଷେପ

■ ମତ୍ସ୍ୟଜୀବୀଙ୍କ ସହାୟତା ରାଶି ୧୫ ହଜାରକୁ ବୃଦ୍ଧି

ବିରଳ ଅଲିଭ ରିଡ୍‌ଲେଙ୍କ ମିଳନ ଋତୁକୁ ଦୃଷ୍ଟିରେ ରଖି ସେମାନଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନ ଅଣ୍ଟାଭିଡ଼ିଛି। ସେମାନଙ୍କ ସୁରକ୍ଷିତ ଆଗମନ ସହ ପ୍ରଜନନ ଓ ଗଣ ଅଣ୍ଡାଦାନ ପାଇଁ ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଣ ଏକ ଏନ୍ତୁଡିଶାଳ ବା ସୁରକ୍ଷିତ ସ୍ଥାନ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ବୁଧବାରଠାରୁ ମେ' ୩୧ ପର୍ଯ୍ୟନ୍ତ ଗଞ୍ଜାମ ଋଷିକୁଲ୍ୟା ଉପକୂଳ ସମୁଦ୍ରରେ ମତ୍ସ୍ୟଜୀବୀମାନଙ୍କୁ ମାଛ ମାରିବା ବାରଣ କରାଯାଇଛି। ଏହାକୁ ନୋ ଫିସିଂ ଜୋନ୍ ଘୋଷଣା କରାଯାଇଛି। ଏହି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଯନ୍ତ୍ରଚାଳିତ ଡଙ୍ଗା କିମ୍ବା ଟ୍ରଲର ଯାତାୟତ ଉପରେ ରୋକ ଲଗାଯାଇଛି। ଯେଉଁମାନେ ଏହାକୁ ଅବମାନନା କରିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ସୁବ୍ରତ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରୟାଗିଠାରୁ ଆର୍ଯ୍ୟପଲ୍ଲୀ ସମୁଦ୍ର ଉପକୂଳ ୨୦ କିଲୋମିଟର ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରାଯାଇଛି। ଏହି ୭ମାସ ସମୟରେ ମତ୍ସଜୀବୀମାନେ ମାଛ ମାରିବା ପାଇଁ ସମୁଦ୍ରକୁ ଯାଉ ନ ଥିବାରୁ ସେମାନଙ୍କ ଜୀବିକା ଉପରେ ବିଶେଷ ପ୍ରଭାବ ପଡିଥାଏ। ତେଣୁ ରାଜ୍ୟ ସରକାର ସେମାନଙ୍କ କ୍ଷତି ବାବଦରେ ପରିବାର ପିଛା ପୂର୍ବରୁ ୭ହଜାର ୫ଶହ ଟଙ୍କାର ସହୟତା ପ୍ରଦାନ କରୁଥିବା ବେଳେ ଚଳିତ ବର୍ଷ ଏହାକୁ ବୃଦ୍ଧି କରାଯାଇ ୧୫ ହଜାର ଟଙ୍କାର ସହୟତା ରାଶି ମିଳିବ ବୋଲି କହିଛନ୍ତି। ୨୦୨୨-୨୩ ବର୍ଷରେ ୩୬୩୮ ମତ୍ସଜୀବୀଙ୍କ ବ୍ୟାଙ୍କ ଖାତାରେ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ସହାକରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଶ୍ୱଭୂଷଣ ଜେନା ସୂଚନା ଦେଇଛନ୍ତି। ଯେଉଁମାନଙ୍କ ଯନ୍ତ୍ରଚାଳିତ ଡଙ୍ଗା କିମ୍ବା ଟ୍ରଲର ପଞ୍ଜିକରଣ କରିଥିବେ ସେମାନଙ୍କ ପରିବାରକୁ ଏହି ସହାୟତା ରାଶି ମିଳିଥାଏ। ଜିଲାରେ ୫୨ କିମି ସମୁଦ୍ର ବେଳାଭୂମି ରହିଥିବା ବେଳେ ବଟେଶ୍ୱର ଠାରୁ ପୁରୁଣାବନ୍ଧ ଏହି ୫ କିମି ମଧ୍ୟରେ ଅଲିଭ ରିଡଲେଙ୍କ ଆଗମନ ହୋଇଥାଏ। ବୁଧବାର ପାଟ୍ରୋଲିଂକୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋକର ଉଦଘାଟନ କରିଥିଲେ। ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ରମ୍ଭା ଫରେଷ୍ଟର ରତ୍ନା କୁମାର ବେହେରା ପ୍ରମୁଖଙ୍କ ସହ ପାଟ୍ରୋଲିଂ ଟିମ ସମୁଦ୍ର ମଧ୍ୟରେ ପ୍ରାୟ ୧୦ ରୁ ୧୫ କିଲୋମିଟର ପର୍ଯ୍ୟନ୍ତ ବୁଲି ଆସିଥିଲେ।

## ଠିକାଦାର ହତ୍ୟା ମାମଲା
# ୩ଜଣଙ୍କୁ ଆଜୀବନ କାରାଦଣ୍ଡ, ୨ ନିର୍ଦ୍ଦୋଷ

କୋଦଳା,୧।୧୧(ଅମିତ କୁମାର ପଟ୍ଟନାୟକ)

ଜଣେ ଠିକାଦାରଙ୍କୁ ହତ୍ୟା କରିବା ମାମଲାରେ କୋଦଳା ଅତିରିକ୍ତ ଜିଲା ବିଚାରପତି ଚିନ୍ମୟ ଗୋଛାୟତ ୩ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଏକବର୍ଷ ଅଧିକା ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏସ୍ ନୂଆଗାଁର ପ୍ରଦୀପ କୁମାର ସ୍ୱାଇଁ, ମୁନା ସ୍ୱାଇଁ ଏବଂ ଲମ୍ବୋଦର ସ୍ୱାଇଁ। ଅନ୍ୟପଟେ ପ୍ରମାଣ ଅଭାବରୁ ଏହି ମାମଲାରେ ଉକ୍ତ ଗ୍ରାମର ରବୀନ୍ଦ୍ର ସ୍ୱାଇଁ ଏବଂ ସନ୍ତୋଷ ସ୍ୱାଇଁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୂଚନା ଅନୁସାରେ, ଗତ ୧୬ ମାର୍ଚ୍ଚ ୨୦୧୮ରେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏସ୍ ନୂଆଗାଁ ଗ୍ରାମର ହନୁମାନ ମନ୍ଦିର ନିର୍ମାଣକୁ ନେଇ ଗ୍ରାମର ପୀତବାସ ମଲିକ ଏବଂ ଅଭିଯୁକ୍ତମାନଙ୍କ ସହ ବିବାଦ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ପୀତବାସଙ୍କ ଫାର୍ମହାଉସ ନିକଟରେ ବିଭିନ୍ନ ମରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଏ ନେଇ ପୀତବାସଙ୍କ ସ୍ତ୍ରୀ ଝୁନୁ ମଲିକ କବିସୂର୍ଯ୍ୟନଗର ଥାନାରେ ପାଞ୍ଚ ଜଣଙ୍କ ନାମରେ ଏତଲା ଦେଇଥିଲେ। ଏନେଇ କୋଦଳା ଅତିରିକ୍ତ ଜିଲା ବିଚାରପତି କୋର୍ଟ କେସ୍ ନଂ. ଏସ୍‌ଟି ୧୨୦/୨୦ରେ ବିଚାର କରାଯାଇ ଉଭୟ ପକ୍ଷରୁ ୨୨ଜଣ ସାକ୍ଷୀଙ୍କ ଆଧାରରେ ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ କାରୀଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ବାଳକୃଷ୍ଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ଉଦ୍ୟୋଗ ବିକାଶ ତାଲିମ ଶିବିର ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କୋଦଳା,୧।୧୧(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ବ୍ଲକ ପରିସରରେ ଓପିଏମ୍‌ଡିସି ପକ୍ଷରୁ ଗତ ୧୨ଦିନ ହେଲା ଚାଲିଥିବା ଉଦ୍ୟୋଗ ବିକାଶ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଓପିଏମ୍‌ଡିସିର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପ୍ରସନ୍ନ କୁମାର ପାତ୍ର, ଅନ୍ୟ ଅତିଥି ଭାବେ ବେଗୁନିଆପଡା ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼, ସହକାରୀ ମ୍ୟାନେଜର ହୃଷୀକେଶ ବେହେରା, ବେଗୁନିଆପଡା ଆଇପିଓ ଆଶିଷ କୁମାର ନନ୍ଦୀ, ବରିଷ୍ଠ ସାମାଜିକ କର୍ମୀ ମହେଶ୍ୱର ବରାଡ଼ ପ୍ରମୁଖ ଉପସ୍ଥିତ ରହି ୩୨ଜଣ ଉଦ୍ୟୋଗୀଙ୍କୁ ମାନପତ୍ର ସହ ସମ୍ମାନିତ କରିଥିଲେ। ଓପିଏମ୍‌ଡିସି କର୍ମଚାରୀ ବି. ମାଧବୀ, ସୁଶୀଲ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୁଗୁଡ଼ା ବ୍ଲକରେ ମରୁଡି ଆଶଙ୍କା

ବୁଗୁଡ଼ା,୧।୧୧(କାଳୀ ଚରଣ ଦାଶ)



ଶୁଷ୍କ ହୋଇପଡ଼ିଛି ଜମି।

**ଜଳ ଅଭାବ, ଜମି ଫାଟି ଆଁ**

ଚଳିତବର୍ଷ ବିଳମ୍ବରେ ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। କିନ୍ତୁ ଲୋକମାନେ ଡେରିରେ ଚାଷ କାର୍ଯ୍ୟ ଶେଷ କରିଥିଲେ। ବର୍ତ୍ତମାନ ଧାନ ଗଛରେ ଫଳ ଧରିବା ସମୟରେ ଘୋର ଜଳର ଅଭାବ ଦେଖାଦେଇଛି। ବୁଗୁଡ଼ା ବ୍ଲକର କରଚୁଲି, କରସିଂ, ମାଣିତରା, ସଂକୁରୁ, ମୋଟାବାଡ଼ି, ଅନ୍ତରପଡା, କଳମ୍ବ, ଅରଖପୁର ଆଦି ପଞ୍ଚାୟତରେ ଜଳ ଅଭାବରୁ ଚାଷ ଜମି ଫାଟି ଏବେ ଆଁ ହୋଇଗଲାଣି। ଚାଷ ଜମିକୁ ପାଣି ଯୋଗାଇ ଦେବା ପାଇଁ ସରକାରଙ୍କ କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ ବିଭାଗ ଜରିଆରେ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପ୍ରକୃତରେ ଚାଷୀଙ୍କ ପାଖରେ ପହଞ୍ଚି ପାରୁନି ଏହି ଯୋଜନା। କରସିଙ୍ଗି ପଞ୍ଚାୟତରେ ଦୁଇ ଦୁଇଟି ଉଠା ଜଳସେଚନର ବ୍ୟବସ୍ଥା ଥିଲେ ମଧ୍ୟ ତାହା କାମରେ ଆସୁ ନ ଥିବା ଚାଷୀ କହିଛନ୍ତି। ଭୋଟ ସମୟ ଆସିଲେ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଦେଉଛନ୍ତି ନେତା, ହେଲେ ଭୋଟ ସରିଗଲେ ଚାଷୀଙ୍କ ଦୁଃଖ ବୁଝିବାକୁ କେହି ଆସୁ ନ ଥିବା ଅଭିଯୋଗ କରିଛନ୍ତି ଚାଷୀ। ଚାଷୀ ବିଲରେ ଧାନ ରୋଇବା ସହ ସାର ପକାଇ ଖର୍ଚ୍ଚାନ୍ତ ହୋଇଛି। ଧାନ ଫସଲ ଅମଳ ହେଲେ ଋଣ ଶୁଝିବା ସହ ବର୍ଷ ସାରା ପରିବାର ପ୍ରତିପୋଷଣ ଆଶା ରଖିଥିବା ବେଳେ ଏବେ ଜଳ ଅଭାବ ଯୋଗୁ ମରୁଡି ଆଶଙ୍କା ଦେଖାଦେଇଥିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଲେଣି। ଆଗକୁ ବର୍ଷା ନ ହେଲେ ମରୁଡି ସୁନିଶ୍ଚିତ। ଏଥି ପୂର୍ବରୁ ସରକାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ହିଞ୍ଜିଳିକାଟୁ, ୧।୧୧( ଦ୍ୱିତୀକୃଷ୍ଣ ପଣ୍ଡା):

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ୫୯ ନଂ ଜାତୀୟ ରାଜପଥ ଚୈତନ୍ୟପଡାଠାରେ ରାସ୍ତା କାମରେ ନିୟୋଜିତ ଏକ ଭାରୀଯାନ ସହ ବାଇକ ଧକ୍କା ହେବାରୁ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବଡଗଡ ଥାନା କେନ୍ଦୁଆପଲ୍ଲୀ ଗ୍ରାମର ନୀଳକଣ୍ଠ ତ୍ରିପାଠୀ(୫୨)। ନୀଳକଣ୍ଠ ବାଇକ ଯୋଗେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିବା ବେଳେ ଚୌତନ୍ୟପଡା ଛକ ନିକଟରେ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ କରୁଥିବା ଏକ ଭାରୀଯାନ ପଛପଟେ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହିଞ୍ଜିଳି ପୁଲିସ ଉଭୟ ଗାଡ଼ିକୁ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ମୃତକଙ୍କ ଭାଇ ମନୋଜ ତ୍ରିପାଠୀଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ମାମଲା ରୁଜୁ କରିଛି।

## ବୁଥସ୍ତରୀୟ କମିଟି ଗଠନ ନେଇ ବିଜେଡିର ବୈଠକ

ଶେରଗଡ, ୧।୧୧(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ବିଜେଡ୍‌ର ବୁଥସ୍ତରୀୟ କମିଟ ଗଠନ ହେବ। ପ୍ରତିବୁଥରେ ଗୋଟିଏ କମିଟି ଗଠନ ହେବ। ବ୍ଲକର ସମସ୍ତ ବୁଥ କମିଟି ସଦସ୍ୟମାନଙ୍କୁ ଭୋଟ ପରିଚାଳନା ସଂପର୍କରେ ତାଲିମ ପ୍ରଦାନ କରାଯିବ। ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତି ହୋଇଥିଲା। ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ସଂଯୋଜନ କରିଥିଲେ। ବୈଠକରେ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ନେତା ହୀନ ବେହେରା, ପ୍ରମୋଦ କୁମାର ପାତ୍ର, ଅନିଲ ମହାପାତ୍ର, ରଞ୍ଜନ ସେଠୀ, ସରୋଜ କୁମାର ପାତ୍ର, ବରୁଣ ପଲେଇ, ଜିତେନ୍ଦ୍ର ପ୍ରଧାନ, ମାଧବାନନ୍ଦ ପଣ୍ଡା, ଦୁର୍ଗାପ୍ରସାଦ ବିଷୋୟୀ ସମେତ ପ୍ରତି ଜୋନର ସରପଞ୍ଚ, ସମିତି ସଭ୍ୟ ଓ ନେତାମାନେ ଯୋଗ ଦେଇଥିଲେ।

# ଓକିଲ ସଂଘ ସଭାଗୃହର ଭିତ୍ତି ପ୍ରସ୍ତର ସ୍ଥାପନ

ଛତ୍ରପୁର,୧।୧୧(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ):



ଛତ୍ରପୁର ଓକିଲ ସଂଘର ପୁରାତନ ଗୃହ ପରିସରରେ ଓକିଲମାନଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଆନୁକୂଲ୍ୟରେ ଏକ ଗୋଷ୍ଠୀ କେନ୍ଦ୍ର (ସଭାଗୃହ) ନିର୍ମାଣ ଲାଗି ବୁଧବାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଗୋଷ୍ଠୀ କେନ୍ଦ୍ର ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଏହି ଅବସରରେ ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, ସମ୍ପାଦକ ଏଲ. ଗୋପାଳ ରାଓ, ଉପ ସଭାପତି ପ୍ରମୋଦ କୁମାର ପୁରୋହିତ, କୋଷାଧକ୍ଷ ଅନାମ ପ୍ରଧାନ, ଜିତୁନ ପାଢୀ, ଟି. ମୋହନ ରେଡ୍ଡୀ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ସାମନ୍ତରାୟ, କୃଷ୍ଣଚନ୍ଦ୍ର ମିଶ୍ର, ଅଶୋକ କୁମାର ଚୌଧୁରୀ, ରାମକୃଷ୍ଣ ଦାଶ, ସୀମାଞ୍ଚଳ ମହାପାତ୍ର, ବି ସୁଦାମ, ସରକାରୀ ଓକିଲ ସୁରେଶ ପଣ୍ଡା, ଭୈରବୀ ପଟ୍ଟନାୟକ, ପ୍ରଦୀପ ପାତ୍ର, ଡମିନାଥ ସାହୁ ଓ କାଳୀ ପ୍ରସାଦ ଦାଶଙ୍କ ସମେତ ଓକିଲ ସଂଘର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ବିନା ଶୁଳ୍କରେ ପେନ୍‌ସନ ଉପଭୋକ୍ତାଙ୍କ ପ୍ରମାଣପତ୍ର ଦାଖଲ




ପେନ୍‌ସନ ଉପଭୋକ୍ତାଙ୍କୁ ବାର୍ଷିକ ଜୀବନ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ବାଲିଗୁଡା,୧।୧୧(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପ କୋଷାଗାର କାର୍ଯ୍ୟାଳୟଠାରେ ବିନା ଶୁଳ୍କରେ ପେନ୍‌ସନ ଉପଭୋକ୍ତାଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ମୋ ସେବା କେନ୍ଦ୍ରରେ ସହାୟତା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ଉପ କୋଷାଗାର ଅଧିକାରୀ ସୁଧାକର କହଁର, ତପନ କୁମାର ଦିଗାଳ, ପ୍ରଦୀପ କୁମାର ବେହେରା, ମିନତୀ କୁମାରୀ ମିଶ୍ର, ଶରତ କୁମାର ପୂଜାରୀ, ମୋ ସେବା କେନ୍ଦ୍ରର ଜିଲା ପରିଚାଳକ ଗୋଲକ ବିହାରୀ ନାୟକଙ୍କ ସମେତ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବାଲିଗୁଡ଼ା ଅଞ୍ଚଳର ବହୁ ପେନ୍‌ସନ ଉପଭୋକ୍ତା ନିଜର ଆଧାର କାର୍ଡ, ପେନ୍‌ସନ ବହି, ବ୍ୟାଙ୍କ ପାସ୍‌ବୁକ ଏବଂ ମୋବାଇଲ ନମ୍ବର ସଂଯୋଗ କରି ବିନା ଶୁଳ୍କରେ ସେମାନଙ୍କ ଜୀବନ ପ୍ରମାଣପତ୍ର ହାତ ପାଆନ୍ତାରେ ପାଇପାରିବେ। ମୋ ସେବା କେନ୍ଦ୍ର ମାଧ୍ୟମରେ ପେନ୍‌ସନ ଉପଭୋକ୍ତାଙ୍କ ଘରକୁ ଯାଇ ସେବା ଦେବାର ବ୍ୟବସ୍ଥା ମଧ୍ୟ ରହିଛି। ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ପେନ୍‌ସନ ଉପଭୋକ୍ତା ସାଧୁବାଦ ଜଣାଇଛନ୍ତି।

# ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଗଞ୍ଜାମ,୧।୧୧(ବିଦ୍ୟାଧର ସାହୁ)

ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଏବଂ ଦିଗ୍‌ଦର୍ଶନ ଫାଉଣ୍ଡେଶନ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଆସନ୍ତା ୨୬ ତାରିଖରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ବୁଧବାର ଏକ ପାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଗ୍‌ଦର୍ଶନ ଫାଉଣ୍ଡେଶନ ନିର୍ଦ୍ଦେଶକ ଉମାକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ସଭାପତି ଶବର କୁମାର ତରାଇ, ମ୍ୟାନେଜର ଗୋବିନ୍ଦ ରେଡ଼ି, ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ, ଯୁବ ସଙ୍ଗଠକ ରାକେଶ ରଞ୍ଜନ ଦାସ, ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ମୁଖ୍ୟ ବଳରାମ ତରାଇ, ପ୍ରେସ କ୍ଲବ ସମ୍ପାଦକ ବିଦ୍ୟାଧର ସାହୁ, ଫାଉଣ୍ଡେଶନ ଉପସଭାପତି ରାକେଶ କୁମାର ନାୟକ, ସମ୍ପାଦିକା ବିଜୟ ଲକ୍ଷ୍ମୀ ମହାଙ୍କୁଡ, ସହସମ୍ପାଦକ ସୁଦର୍ଶନ ପାଢ଼ୀ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସୁନୀଲ କୁମାର ବେହେରା, ପ୍ରଦୀପ କୁମାର ପଣ୍ଡା, ବଟକୃଷ୍ଣ ରାଉଳ, ରଜନୀ ରେଡ୍ଡୀ, ପପୁ ପଣ୍ଡା, ଋତୁରାଜ ମହାପାତ୍ର ଉପସ୍ଥିତ ଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକ ଏବଂ ସ୍ଥାନୀୟ ଅଞ୍ଚଳର ଲୋକକଳା ସ୍ଥାନିତ ହେବ। ଗୁରୁବାର ଠାରୁ ଅନ୍‌ଲାଇନରେ ନିଜ ଗ୍ରୁପ ଓ ନାମ ପଞ୍ଜୀକରଣ କରିପାରିବେ। ଅଫ ଲାଇନରେ ମଧ୍ୟ ନିଜ ଗ୍ରୁପର ନାମ ପଞ୍ଜୀକରଣ କରିଥିଲେ।

# ଶେଷ ସମୟର ବନ୍ଧୁ ନରହରି ସ୍ୱାଇଁ

ଛତ୍ରପୁର,୧।୧୧(ଦିଲ୍ଲୀପ ସାମଲ):

**ଦାହ କଲେଣି ୪୪୨୫ ମୃତଦେହ**



ନରହରି ସ୍ୱାଇଁ



ଦାହ ପରେ ସଂଗ୍ରହ କରିଥିବା ପଇସା

ମଣିଷ ଜୀବନରେ ଜନ୍ମ ଆଉ ମୃତ୍ୟୁ ଧ୍ରୁବ ସତ୍ୟ। ମୃତ୍ୟୁ ପରେ ଯେ ଶ୍ମଶାନରେ ଉପସ୍ଥିତ ରହେ, ସେ ହିଁ ପ୍ରକୃତ ବନ୍ଧୁ। ଏଭଳି ଜଣେ ଦରଦୀ ବନ୍ଧୁ ମଣିଷ ହେଉଛନ୍ତି ଗଞ୍ଜାମ ଜିଲାର ସଦର ମହକୁମା ଛତ୍ରପୁର ସିନେମାହଲ ସାହିର ନରହରି ସ୍ୱାଇଁ(୭୪)। ସ୍ୱାଇଁ ବାବୁ କହିଲେ ଛତ୍ରପୁର ଏବଂ ଆଖପାଖ ଅଞ୍ଚଳରେ ସଭିଏଁ ଜାଣନ୍ତି। ଯେ କୌଣସି ବ୍ୟକ୍ତିଙ୍କ ବିୟୋଗଙ୍କ ଖବର ଶୁଣିବା ମାତ୍ରକେ, କେହି କୁହନ୍ତୁ ବା ନ କୁହନ୍ତୁ, କାନ୍ଧରେ ଖଣ୍ଡିଏ ଗାମୁଛା ପକାଇ ବାହାରିପଡନ୍ତି। ତାଙ୍କ ପାଇଁ ନିଜ, ପର କିଛି ବାଛ ବିଚାର ନାହିଁ। ଯେଉଁଠି ମୃତଦେହ ସେଠି ସ୍ୱାଇଁ ବାବୁ। ମୃତଦେହ ଦାହ ପାଇଁ ସାମଗ୍ରୀ ଆଣିବା, କୋକେଇ ଯୋଗାଡିବା, ମୃତଦେହ ଗାଧୋଇଦେବା, ବୋହିବା ଏବଂ ଦାହ କରିବା ପର୍ଯ୍ୟନ୍ତ ସେ ମୃତକଙ୍କ ସମ୍ପର୍କୀୟମାନଙ୍କ ସହ ରୁହନ୍ତି । ଏପରି ଅନନ୍ୟ କର୍ମର ଫଳ ସ୍ୱରୁପ ସେ ବହୁବାର ସମ୍ମାନିତ ହୋଇଛନ୍ତି। ଆଜି ଯାଏଁ ସେ ୪୪୨୫ଟି ମୃତଦେହ ଦାହ କରିଥିବା କହିଛନ୍ତି। ଗତ କରୋନା ମହାମାରୀ ସମୟରେ ମଧ୍ୟ ଭୟ ନ କରି ୧୦୦ରୁ ଊର୍ଦ୍ଧ୍ୱ ମୃତଦେହ ଦାହ କରିଥିଲେ। କେବଳ ହିନ୍ଦୁ ନୁହେଁ, ମୁସଲମାନ, ଖ୍ରୀଷ୍ଟିଆନ ଏବଂ ଅନ୍ୟାନ୍ୟ ଧର୍ମାବଲମ୍ବୀ ବ୍ୟକ୍ତିଙ୍କ ମୃତଦେହ ମଧ୍ୟ ସେ ତାଙ୍କ ରୀତିନୀତି ଅନୁସାରେ ସତ୍କାର କରିଥିବା କହିଛନ୍ତି। ଗଞ୍ଜାମର ବିଭିନ୍ନ ସ୍ଥାନ ସମେତ ପୁରୀ, ଖୋର୍ଦ୍ଧା ଓ କୋରାପୁଟକୁ ମଧ୍ୟ ମୃତଦେହ ସତ୍କାର ପାଇଁ ଯାଇଛନ୍ତି। ଶେଷ ସମୟର ସାଥି ହେବାକୁ ସେ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି ।

ସୋରଡା ବ୍ଲକ ବଡଗଡ ଗ୍ରାମରେ ନରହରିଙ୍କ ଜନ୍ମ। ପିଲାଟି ବେଳୁ ଜନସେବା ପ୍ରତି ଆଗ୍ରହ। ବଡଗଡ ସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଜଣେ ମାଳୀଙ୍କ ମୃତଦେହ ଦାହ କରିବା ତାଙ୍କ ଜୀବନର ପ୍ରଥମ ଅନୁଭୂତି। ଖଲ୍ଲିକୋଟ କଲେଜରେ ଯୁକ୍ତ ୨ କଳାରେ ଉତ୍ତୀର୍ଣ୍ଣ ହେବା ପରେ ୧୯୭୨ରେ ସେ ଛତ୍ରପୁର ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ କିରାଣି ଭାବେ ଯୋଗଦେଲେ। ସେହି ଦିନଠାରୁ ଛତ୍ରପୁର ତାଙ୍କ ପାଇଁ କର୍ମଭୂମି ପାଲଟିଛି। ସ୍ତ୍ରୀ ପ୍ରେମଲତା ଓ ପିଲାମାନେ ତାଙ୍କୁ ସମାଜସେବା ପାଇଁ ସବୁବେଳେ ଉତ୍ସାହିତ କରନ୍ତି ବୋଲି ସେ କହିନ୍ତି। ନରହରିଙ୍କ ଏଭଳି ନିଃସ୍ୱାର୍ଥପର ସେବା ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବହୁ ସରକାରୀ ଓ ବେସରକାରୀ ସଂସ୍ଥା ତାଙ୍କୁ ବହୁବାର ସମ୍ମାନିତ କରିଛନ୍ତି। ତେବେ ଏପରି ଅବିସ୍ମରଣୀୟ ସ୍ମୃତିକୁ ସାଉଁଟି ରଖିବା ପାଇଁ ସେ ମୃତଦେହ ଦାହ କରିବା ସମୟର ବିଭିନ୍ନ ଫଟୋ ଏବଂ ପୁରୁଣା ପଇସାକୁ ସାଉଁଟି ସାଇତି ରଖିଥାନ୍ତି।

## ସଂକ୍ଷେପରେ

### ଜୋତାମାଳ ପିନ୍ଧାଇ ଖୁଣ୍ଟରେ ବାନ୍ଧିଲେ ଚୋରି କରୁଥିବା ଦୁର୍ବୃତ୍ତଙ୍କୁ କାବୁ କଲେ ଗ୍ରାମବାସୀ

ଯାଜପୁର ଟାଉନ,୧।୧୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଟାଉନ ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଗାଁରେ ଦୀର୍ଘଦିନ ଧରି ବିଭିନ୍ନ ଘରୁ ଓ ଦୋକାନରୁ ଚୋରି ହେଉଥିବା ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ। ମାତ୍ର ମଙ୍ଗଳବାର ଭୋର୍ ୪ଟାରେ ଜଣକ ଘରୁ ଦୁର୍ବୃତ୍ତ ଚୋରି କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରିଥିଲେ। ଦୁର୍ବୃତ୍ତ ଜଣକ ଘରୁ ପିତଳ ହାଣ୍ଡି, ଥାଳି, ମୋବାଇଲ୍ ଫୋନ୍ ଏବଂ ବିଭିନ୍ନ ଜିନିଷପତ୍ର ଚୋରି କରୁଥିଲେ। ଗ୍ରାମବାସୀ ଦୁର୍ବୃତ୍ତ ଜଣଙ୍କୁ କାବୁ କରିବା ପରେ ତା' ବେକରେ ଯୋତାମାଳ ପିନ୍ଧାଇବା ସହ ଗାଁରେ ବୁଲାଇ ବୁଲାଇ ଏକ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ଦୁର୍ବୃତ୍ତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

### ଯାଜପୁର ନଗର ଶିଶୁମନ୍ଦିରର ୬ ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ

ଯାଜପୁର ଟାଉନ,୧।୧୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବ୍ଲକ ଓ ପୌରାଞ୍ଚଳର ପ୍ରାଥମିକ, ଉଚ୍ଚପ୍ରାଥମିକ, ନୋଡ଼ାଲ ୟୁପି ସ୍କୁଲ ଓ ନୋଡାଲ ହାଇସ୍କୁଲର ୫ମ ଓ ୩ୟ ଶ୍ରେଣୀର ବୃତ୍ତି ପରୀକ୍ଷାଫଳ ପ୍ରକାଶିତ ହୋଇଛି। ଏହି ବୃତ୍ତି ପରୀକ୍ଷାରେ ଯାଜପୁର ନଗର ଶିଶୁମନ୍ଦିରର ୬ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସରସ୍ୱତୀ ଶିଶୁ ମନ୍ଦିର ଯାଜପୁର ନଗରର ୫ମ ଶ୍ରେଣୀ ଛାତ୍ର ଶୁଭମ ପୁହାଣ, ସାଇସୋମ୍ ପ୍ରକାଶ ଦାସ, ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବଳ ଓ ଶ୍ରଦ୍ଧା ସାହୁ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ସେହିପରି ସରସ୍ୱତୀ ଶିଶୁ ମନ୍ଦିର ଯାଜପୁର ନଗରର ୩ୟ ଶ୍ରେଣୀର ଛାତ୍ର ସ୍ମୃତିରଞ୍ଜନ ସାହୁ, ଶ୍ରୀୟାଂସୁ ପତି , ଛାତ୍ରୀ ଗ୍ଲୋରିୟା ପଣ୍ଡା ପ୍ରମୁଖ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ଝାମ୍ପିନେଲେ ୬୦ହଜାର

ରାଇବଣିଆ, ୧।୧୧(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ପାଇକସିଦା ଗ୍ରାମର ରୀତା ପାଲ ନାମ୍ନୀ ମହିଳା ବୁଧବାର ଦିନ ଦ୍ୱିପ୍ରହରରେ ବ୍ୟାଙ୍କରୁ ଟଙ୍କା ଉଠାଇ ଆସୁଥିବା ବେଳେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ୬୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି। ସେ ଜଳେଶ୍ୱରର ପୁରୁଣା କୋର୍ଟବଜାରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଆବାସ ଯୋଜନା ପାଇଁ ଆସିଥିବା ଟଙ୍କା ବ୍ୟାଙ୍କରୁ ଉଠାଇ ଚାଲି ଚାଲି ଆସୁଥିବା ବେଳେ ବ୍ୟାଙ୍କଠାରୁ କିଛି ଦୂରରେ ୨ ଜଣ ଯୁବକ କଳା ପଲସର୍‌ରେ ପଛପଟୁ ଆସି ମହିଳାଙ୍କଠାରୁ ଟଙ୍କା ବ୍ୟାଗ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ।

# ବୋନସ ନ ଦେବାରୁ କର୍ମଚାରୀଙ୍କ ଧାରଣା

**ବାଲେଶ୍ୱର ଆଲଏଜ ଖଣି**

■ ଫଟୋ ଉଠାଉଥିବା ଖବରଦାତାଙ୍କୁ ଏତଲା ଧମକ

କାଳିଆପାଣି,୧।୧୧(ଅସିତ ମହାନ୍ତ): ସୁକିନ୍ଦା ବାଲେଶ୍ୱର ଆଲଏଜ ଖଣି କର୍ତ୍ତୃପକ୍ଷ ବୋନସ ନ ଦେବାରୁ କର୍ମଚାରୀମାନେ ଖଣି କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ବୁଧବାର ଧାରଣା ଦେଇଛନ୍ତି। କ୍ରୋମଜୋନର ସମସ୍ତ ଖଣି କର୍ତ୍ତୃପକ୍ଷ କ୍ଷତି ଦର୍ଶାଇ ୮.୩୩% କର୍ମଚାରୀଙ୍କୁ ବୋନସ ପ୍ରଦାନ କରିଥିବାବେଳେ ବାଲେଶ୍ୱର ଆଲଏଜ ଖଣି କମ୍ପାନୀ ପକ୍ଷରୁ ବୋନସ ଦିଆ ନ ଯାଇ ଗିଫ୍ଟ ଆକାରରେ ନିୟମିତ କର୍ମଚାରୀଙ୍କୁ ୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ମାତ୍ର ଖଣିରେ କାର୍ଯ୍ୟରତ ୨୪୮ ଠିକା କର୍ମାରୀମାନଙ୍କୁ ଗିଫ୍ଟ ଦିଆଯାଇନାହିଁ। ଏହାକୁ ନେଇ ଗତ ମାସ ୨୦ ତାରିଖରେ ଠିକା କର୍ମଚାରୀ କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଖଣି କାର୍ଯ୍ୟ ବନ୍ଦ ରହିବା ପରେ ଖଣି ପ୍ରତିନିଧିମାନେ କର୍ମଚାରୀ ପ୍ରତିନିଧି ବିଶ୍ୱଜିତ ମହାନ୍ତ, ଜଗଦିଶ ହେସା, ଭବାନୀ ମହାନ୍ତ ଓ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧିରଙ୍କ ସହ ଆଲୋଚନା କରି ୩୦ ତାରିଖ ପର୍ଯ୍ୟନ୍ତ ସମୟ ନେଇ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



କର୍ମଚାରୀମାନେ ବାଲେଶ୍ୱର ଆଲଏଜ ଖଣି କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ବୁଧବାର ଧାରଣା ଦେଇଛନ୍ତି।

ସୋମବାର ପର୍ଯ୍ୟନ୍ତ ସମାଧାନ ନ ହେବାରୁ ପୁନର୍ବାର କର୍ମଚାରୀ ଧାରଣା ଦେଇଛନ୍ତି। ଏକଥା ଜାଣି ଜଣେ ଖବରଦାତା ଖବର ସଂଗ୍ରହ ପାଇଁ ସେଠାରେ ପହଞ୍ଚିଥିଲେ। କର୍ମଚାରୀ ନାରାବାଜି କରିବାବେଳେ ଖବରଦାତା ଫୋଟ ଉଠାଇଥିଲେ। ଏହି ସମୟରେ କମ୍ପାନୀ ସୁରକ୍ଷା କର୍ମଚାରୀମାନେ ତାଙ୍କୁ ମନା କରିବା ସହ ସାର୍‌ଙ୍କୁ ଦେଖାକରି ଫଟୋ ଉଠାଇବାକୁ ନିବେଦନ କରିଥିଲେ। ଖବରଦାତା ଜଣକ ଫଟୋ ଉଠାଇସାରିବା ପରେ କମ୍ପାନୀ ଅଧିକାରୀଙ୍କ ମତାମତ ନେବାକୁ କାର୍ଯ୍ୟାଳୟକୁ ଯାଇଥିଲେ। କାର୍ଯ୍ୟାଳୟରେ ମାନବ ସମ୍ବଳ ଅଧିକାରୀ ସଞ୍ଜୟ କୁମାର ସିଂ ଖବରାଦାତାଙ୍କୁ ଦେଖି ଉତକ୍ଷିପ୍ତ ହୋଇ ବିନା ଅନୁମତିରେ ଫଟୋ ଉତ୍ତୋଳନ କରିଥିବାରୁ ତାଙ୍କ ନାମରେ ଥାନାରେ ଏତଲା ଦେବାକୁ ଧମକ ଦେଇଥିଲେ। କମ୍ପାନୀ କର୍ମଚାରୀଙ୍କୁ ଦରମା, ବୋନସ, ଏଲଟିସି, ବକେୟା ଦରମା ଓ ୨୦୧୯ରୁ ୨୩ ପର୍ଯ୍ୟନ୍ତ ଇପିଏଫ୍ ଡିପୋଜିଟ କରିନାହିଁ। ଏବେ ବୋନସ ଦେବାକୁ ମନା କରିବା ଘଟଣା ବାହାରେ ପ୍ରକାଶ ହୋଇଯିବା ଭୟରେ ଅଧିକାରୀମାନେ ଏପରି କରୁଛନ୍ତି ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। କମ୍ପାନୀ ବୋନସ ବାବଦରେ ୫୦୦୦ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରୁଥିବାବେଳେ କର୍ମଚାରୀଙ୍କ ୫ ବର୍ଷର ଇପିଏଫ୍ କିପରି ଡିପୋଜିଟ କରିନାହିଁ। ଖଟିଖିଆ କର୍ମଚାରୀମାନେ କିପରି ପରିବାର ଚଳାଇବେ ବୋଲି କହିଛନ୍ତି। ଏନେଇ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର କହିଛନ୍ତି, କମ୍ପାନୀ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ବକେୟା ଦରମା ପ୍ରଦାନ କରିବା ସହ ଇପିଏଫ୍ ତୁରନ୍ତ ଡିପୋଜିଟ କରନ୍ତୁ। ଏହା ନ ହେବା ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିବ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କମ୍ପାନୀର ମାନବ ସମ୍ବଳ ଅଧିକାରୀ ସିଂଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

# ସିଂହପୁର ଡାକଘର ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

ସିଂହପୁର,୧।୧୧(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଉପଡାକଘର ଆନୁକୂଲ୍ୟରେ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଡିଭିଜନର ସହ ଅଧୀକ୍ଷକ ହରିଶଙ୍କର ସୁବୁଦ୍ଧି ଉପସ୍ଥିତ ରହି କାର୍ଯ୍ୟକ୍ରମଙ୍କୁ ଉଦ୍‌ଘାଟନ କରିଥିଲେ। ସିଂହପୁର ଉପଡାକପାଳ ଅମିୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅତିଥିଭାବେ ବିଜୟ କୁମାର ଦାସ, ଓଭରସିଅର ଆର୍ତ୍ତତ୍ରାଣ ନାୟକ, ଦେବେନ୍ଦ୍ର କୁମାର ଧଳ, ଅନିଲ କୁମାର ନାୟକ, ସୁରେଶ ଚନ୍ଦ୍ର ବେହେରା ଓ ବିପିନ ବିହାରୀ ଜେନାଙ୍କ ସମେତ ସିଂହପୁର ଉପଡାକଘର ଅଧୀନରେ ଥିବା ୧୦ଟି ଶାଖା ଡାକଘର କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସାମାଜିକ କର୍ମୀ ଅଭିମନ୍ୟୁ ସାହୁ, ଅଭୟ ବେହେରା, ଅଭିମାନ ଦାସ ଓ ଅମିୟ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଧନଞ୍ଜୟ ବେହେରା ପ୍ରଥମ ସ୍ଥାନ ଅଧିକାର କରି ସହ ଅଧୀକ୍ଷକ ସୁବୁଦ୍ଧିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଡାକବିଭାଗର ଯୁବପ୍ରତିଭା ଶଶାଙ୍କ ଶେଖର ପୁହାଣ, ଦୀପକ କୁମାର ସାମଲ, ନିଳୟ କୁମାର ଅଟୋଇ, ଅନସୂୟା ପରିଡ଼ା, ହକିମ ମାରାଣ୍ଡି, ଅସିମ ପଣ୍ଡା, ନିରାକାର ସେଠୀ ଓ ଅନ୍ୟମାନେ ପରିଚାଳନା କରିଥିଲେ।



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଡାକବିଭାଗର ଅଧିକାରୀ ଓ ଅନ୍ୟମାନେ।

# ଭତ୍ତା ଟଙ୍କା ବାଟମାରଣା ଅଭିଯୋଗ



ବିଡିଓଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ହିତାଧିକାରୀମାନେ।

କଳିଙ୍ଗନଗର,୧।୧୧(ଶୁଭାଶିଷ ରାଉତ):

ଭତ୍ତା ଟଙ୍କା ବାଟମାରଣା ହେଉଥିବା ନେଇ ମଙ୍ଗଳବାର ଦାନଗଦି ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଶାଳିଜଙ୍ଗା ପଞ୍ଚାୟତ ବଜ୍ରପଲ୍ଲୀ ଗ୍ରାମର ୫ଜଣ ହିତାଧିକାରୀ ସେମାନଙ୍କ ପ୍ରାପ୍ୟ ଟଙ୍କାରୁ ଅଧା ଟଙ୍କା ପ୍ରତି ମାସରେ ଚଞ୍ଚକତା କରି ହଡ଼ପ କରାଯାଉଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଶକୁନ୍ତଳା ପୂର୍ତ୍ତି, ନାଗୁରୀ କୁରୁଆ, ଚାନ୍ଦ ପୂର୍ତ୍ତି ଓ ଦ୍ରୌପଦୀ ହୋ ପ୍ରତି ଥର ଅଧା ଭତ୍ତା ଟଙ୍କା ପାଉଥିବା କହିଛନ୍ତି। ସେମାନଙ୍କ ବାକି ଟଙ୍କା କିଏ ନେଉଛି ସେ ସମ୍ପର୍କରେ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନାହିଁ। ଖାତାରେ ପୁରା ଟଙ୍କା ଲେଖିଖାତା ଭିତରେ ଅଧା ଟଙ୍କା ରଖି ସେମାନଙ୍କ ହାତରେ ଧରାଇ ଦିଆଯାଉଛି। ସେହିପରି ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବୃଦ୍ଧ ସିଦ୍ଦିଓ ପୂର୍ତ୍ତିଙ୍କ ଭତ୍ତା ୮ ମାସ ତଳୁ ବନ୍ଦ ହୋଇଯାଇଛି। ବନ୍ଦର କାରଣ ସମ୍ପର୍କରେ ଜାଣିବାକୁ ସେ ପ୍ରଶାସନ ଦ୍ୱାରକୁ ବାରମ୍ବାର ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।

### ଦର୍ଶନ ଉଚ୍ଚ ବିଦ୍ୟାଳୟ ଇ-ଲାଇବ୍ରେରିରୁ କମ୍ପ୍ୟୁଟର ଚୋରି

ରସୁଲପୁର/ବ୍ରହ୍ମବରଦା,୧।୧୧
(ରଞ୍ଜିତ ରାଉତ/ଯଯାତିକେଶରୀ ବେହେରା)

ବ୍ରହ୍ମବରଦା ଥାନା ଅଧୀନରେ ଥିବା ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣା ଗ୍ରାମର ଦର୍ଶନ ଉଚ୍ଚ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟାଳୟ ଶ୍ରେଣୀଗୃହ ତାଲା ଭାଙ୍ଗି ଇ-ଲାଇବ୍ରେରି କକ୍ଷରୁ ୪ କମ୍ପ୍ୟୁଟର, ଗୋଟିଏ ଘଣ୍ଟି, ଖେଳ ସାମଗ୍ରୀ ଓ କିଛି ପୁସ୍ତକ ଚୋରି କରି କରିଛନ୍ତି। ଏନେଇ ପ୍ରଧାନଶିକ୍ଷକ ସୁଷମା ସାମଲ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣା ସମ୍ପର୍କରେ ଥାନାରେ ନମ୍ବର ୧୩୭/୨୩ରେ ଏକ ମାମଲା ରୁଜୁ ହୋଇଛି। ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ କୁହନ୍ତି, ଉକ୍ତ ବିଦ୍ୟାଳୟରେ ୫/୬ ମାସ ତଳେ ଜଣେ ୱାଚମ୍ୟାନ ନିଯୁକ୍ତି ପାଇଁ ସୂଚନା ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ୱାଚ୍‌ମ୍ୟାନ୍ ନିଯୁକ୍ତି ହୋଇ ପାରିନାହାନ୍ତି। ସେଥିପାଇଁ ଚୋରି ହେଉଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରୁ ଏକାଧିକ ଥର ଚୋରି ହେଉଥିବା ଅଭିଯୋଗ ହେଉଛି। ତେଣୁ ପୋଲିସ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରିବାକୁ ଦାବି ହେଉଛି।

# ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ

ପ୍ରୀତିପୁର,୧।୧୧(ସୁଶାନ୍ତ ବେହୁରିଆ):

ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ନାଉବଙ୍କଠାରେ ପାଳିତ ହୋଇଯାଇଛି। ଏଥିରେ ଶତାଧିକ ଇନ୍ଦିରା ପ୍ରେମୀ ଉପସ୍ଥିତ ରହି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ପିସିସି ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ, ବିଶିଷ୍ଟ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ବେହେରା ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ରାଜ୍ୟ ଯୁବ କଂଗ୍ରେସ କମିଟି ସାଧାରଣ ସମ୍ପାଦିକା ସୁଶ୍ରୀ ବନିତା ଦାସ ବରେଣ୍ୟ ଅତିଥି, ଦଶରଥପୁର ବ୍ଲକ କଂଗ୍ରେସ କମିଟି ସଭାପତି ଶ୍ୟାମସୁନ୍ଦର କର ମୁଖ୍ୟବକ୍ତା ଓ ଦଳିତ ନେତା ହୃଷୀକେଶ ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଇନ୍ଦିରାଙ୍କ ସ୍ୱପ୍ନର ଭାରତ ଏବଂ ଦେଶର ବିକାଶ ପ୍ରତି ରହିଥିବା ଅବଦାନ ବଖାଣିଥିଲେ। ବରିଷ୍ଠ ନେତା ସରୋଜ ନାୟକ, ବସନ୍ତ ଦାସ, ଶେଖ୍ ହନିଫ, କାଳନ୍ଦୀ ମଳିକ, ପ୍ରକାଶ ଦାସ, ପ୍ରସନ୍ନ ନାୟକ, ଜ୍ଞାନେନ୍ଦ୍ର ବେଉରିଆ, ନାରଦ ମଳିକ ଓ ବୁବୁ ଦାସଙ୍କ ସମେତ ଶତାଧିକ ଯୁବ କଂଗ୍ରେସ ଏବଂ କଂଗ୍ରେସ କର୍ମୀ ଉପସ୍ଥିତ ରହି ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ଯୁବ କଂଗ୍ରେସ ପୂର୍ବତନ କୋଷାଧ୍ୟକ୍ଷ ବିଜନ କୁମାର ଦାସ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ସଙ୍କୀର୍ତ୍ତନ କଳାକାରଙ୍କୁ ନେଇ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚହଟା ଗ୍ରାମରୁ ଚୋରି

ଧର୍ମଶାଳା,୧।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଧୀନ ଚହଟା ଗ୍ରାମର ଆଇନଜୀବୀ ସ୍ୱର୍ଗତ ମହମ୍ମଦ ନିଆଜ ହବିବଙ୍କ ଘରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଭାଇ ମୁସ୍ତାକ ହବିବ ଅଭିଯୋଗ କରିଛନ୍ତିଯେ, ଭାଉଜ ଘରେ ନ ଥିଲେ। ଏହାର ସୁଯୋଗରେ ପାଚେରି ଡେଇଁ ଦୁର୍ବୃତ୍ତମାନେ ଭାଇଙ୍କ ଶୋଇବା ଗୃହ କବାଟ ଭାଙ୍ଗି ଦେଇଥିଲେ। ପରେ ଷ୍ଟିଲ ଆଲମିରା ତାଡି ସେଥିରେ ଥିବା ୨୦ ହଜାର ଟଙ୍କା, ଦୁଇ ସୁନା ହାର ଓ କାନ ଫୁଲ ଆଦି ବିପୁଳ ଟଙ୍କାର ସୁନା ଅଳଙ୍କାର ନେଇ ଯାଇଛନ୍ତି। ତାଙ୍କ ଅଭିଯୋଗ କ୍ରମେ ନଂ.୬୮୩/୨୩ରେ ମାମଲା ରୁଜୁ କରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ଗୁରୁବାର ସାଇଣ୍ଟିଫିକ ଟିମ ଓ ସନ୍ଧାନି କୁକୁର ସାହାଯ୍ୟରେ ଅନୁସନ୍ଧାନ କରାଯିବ ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନର ବାର୍ଷିକୋତ୍ସବ

ଯାଜପୁରରୋଡ୍,୧।୧୧ (ପବିତ୍ର ରଞ୍ଜନ ମହାନ୍ତି):

ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନର ୨ୟ ବାର୍ଷିକୋତ୍ସବ ସ୍ଥାନୀୟ ହୋଟେଲ ରୟାଲ କଳିଙ୍ଗଠାରେ ପାଳିତ ହୋଇଯାଇଛି। ଏଥିରେ ବ୍ୟାସନଗର ପୌରପାଳିକାର ପ୍ରାକ୍ତନ ଉପାଧ୍ୟକ୍ଷ ହୃଦାନନ୍ଦ ସାମଲ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ. ଅକ୍ଷୟ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଯୋଗଦେଇ ଫାଉଣ୍ଡେଶନର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଯୋଗଦେଇ ଫାଉଣ୍ଡେଶନର ସମାଜସେବା ଓ ପରିବେଶ ସୁରକ୍ଷା କାର୍ଯ୍ୟ ଉପରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥିଭାବେ ବନାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ପର୍ଯ୍ୟାପ୍ତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଯୁଗଳ କିଶୋର ମିଶ୍ର ବେଦପାଠ କରିଥିଲେ। ପରେ ଅତିଥିମାନେ ବ୍ୟାସନଗର ରେଳବାଇ ବସ୍‌ଷ୍ଟାଣ୍ଡଠାରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଉତ୍ସବରେ ପୂର୍ବତନ ପୌରାଧ୍ୟକ୍ଷ ରସାନନ୍ଦ ମହାନ୍ତି, ସରୋଜିନୀ ବଳ, ବନ୍ଦିତା ପରିଡ଼ା, ସବିତା ରାଉତ, ଶ୍ରମିକନେତା ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ, ଖବରଦାତା ବାବୁରାମ ଜେନା, ଚିନ୍ତାମଣି ପାଢ଼ୀ, ଶିକ୍ଷାବିତ ଶ୍ୟାମସୁନ୍ଦର ପଣ୍ଡା, ବୁଦ୍ଧିଜୀବୀ ନରେନ୍ଦ୍ର ଜେନା, ଗିରିଧାରୀ ବାରିକ, ପ୍ରବଚକ ଯୁଗଳ କିଶୋର ମିଶ୍ର, ସାହିତ୍ୟିକ ଡ. ରଙ୍ଗାଧର ମହାପାତ୍ର, ଚିକିତ୍ସକ ଡ. ପ୍ରସନ୍ନ କୁମାର ସାହୁ, ଡ. ପ୍ରମୋଦ ଶତପଥୀ, ସାମାଜିକ କର୍ମୀ ରାଜେନ୍ଦ୍ର ବିଶ୍ୱାଳ, ରାକେଶ କୁମାର ରାଉତ, ନରେଶ ଚନ୍ଦ୍ର ମସକରା, ବ୍ୟବସାୟୀ ବଚନ ସାମଲ, କ୍ରୀଡ଼ାବିତ୍ ବିଜୟ କୁମାର ନାୟକ, ସ୍ୱଚ୍ଛତା କର୍ମଚାରୀ ସମୀର କୁମାର ମୁଖୀ, ନରେନ୍ଦ୍ର ଜେନା ଓ ବୃକ୍ଷପାଳକ କାର୍ତ୍ତିକ ଚନ୍ଦ୍ର ଜେନାଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବକୁ ବାଇଧର ମାଝି ଓ ହେମନ୍ତ କୁମାର ଧୀର ପରିଚାଳନା କରିଥିଲେ। ସୁଧାନିଧି ମହାପାତ୍ର, ସଦାଶିବ ଦାଶ, ଦେବେନ୍ଦ୍ର କୁମାର ସାମଲ, ଅଶୋକ କୁମାର ରାଉତ, ଦିଗନ୍ତ ରାଉତ, ବ୍ରଜେଶ୍ୱରୀ ସିଂ, ଦାମୋଦର ପଣ୍ଡା, ବସନ୍ତ କୁମାର ପାତ୍ର, ଅଶୋକ ବୋଷ, ରଘୁନାଥ ବେହେରା, ଅଧ୍ୟାପକ ଦେବୀପ୍ରସାଦ ଦାସ, ଜିତେନ୍ଦ୍ର କୁମାର ସାହୁ, ବିନୋଦ ବିହାରୀ ସାହୁ, ନୀଳମଣି ଜେନା, ଗଣେଶ୍ୱର ଜେନା ଓ ସୁନୀଲ କୁମାର ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି ସଭାକୁ ପରିଚାଳନା କରିଥିଲେ। ହୃଷୀକେଶ ସାହୁ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଉପସ୍ଥିତ ମୁଖ୍ୟ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

# ରାସ୍ତାରେ ଢାଳିଲେ ଚୋରାବାଲି



ହାଇୱାକୁ ଅଟକାଇ ଲୋକେ ବାଲି ରାସ୍ତାରେ ଢାଳୁଛନ୍ତି।



ବାଲିଘାଟ ସ୍ଥଳରେ ବିରୋଧ କରାଯାଉଛି।

ଯାଜପୁର ଟାଉନ,୧।୧୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

**ବେଆଇନ ବାଲି ଚୋରା ଚାଲାଣକୁ ବିରୋଧ**

ଯାଜପୁର ତହସିଲ ଅଧୀନ କମଳପୁର ଓ ବନ୍ଧମୁଣ୍ଡା ବେଆଇନ ବାଲିଘାଟରୁ ଚୋରାଚାଲାଣକୁ ବିରୋଧ କରି ଗ୍ରାମବାସୀ ହାଇୱାରୁ ରାସ୍ତାରେ ଲକ୍ଷାଧିକ ଟଙ୍କାର ଚୋରା ବାଲି ବୁଧବାର ଢ଼ାଳି ଦେଇଛନ୍ତି। ଦୀର୍ଘଦିନ ଧରି ଏହି ବେଆଇନ ବାଲି ଘାଟ ଚାଲିଥିବା ବେଳେ ଏଠାରୁ ଜିଲା, ଜିଲା ବାହାରକୁ ଓଭର ଲୋଡିଂ ହୋଇ ଖୋଲମଖୋଲା ଚାଲାଣ କରାଯାଉଛି। ଏଥିରେ କୌଣସି 'ୱାଇ-ଫର୍ମ' ଦିଆଯାଇ ନ ଥାଏ। ଏହି ଓଭରଲୋଡିଂ ଗାଡ଼ି ଯିବା ଫଳରେ କମଳପୁରରୁ ବନ୍ଧମୁଣ୍ଡା ଓ ବନ୍ଧମୁଣ୍ଡାରୁ ବୁଢ଼ାଘାଟ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏ ନେଇ ଗ୍ରାମବାସୀ ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅନେକ ସମୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବୁଧବାର ଗ୍ରାମବାସୀଙ୍କ ସହାୟତାରେ ଶତାଧିକ ଯୁବକ ଏବଂ ଭାଜପା ଯୁବମୋର୍ଚ୍ଚା ସହାୟତାରେ ବାସୁଦେବପୁର, ଗୋବିନ୍ଦପୁର, କମଳପୁର ଆଦି ଅଞ୍ଚଳର ଲୋକମାନେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ହାଇୱାରେ ଯାଉଥିବା ବାଲିଗାଡିକୁ ଅଟକାଇ ୱାଇ-ଫର୍ମ ମାଗିବାରୁ ସମ୍ପୃକ୍ତ ଡ୍ରାଇଭର ଏହା ନ ଥିବା କହିଥିଲେ। ପରେ ଯୁବକମାନେ କେତେଗୋଟି ହାଇୱାରୁ ବାଲିକୁ ରାସ୍ତାରେ ଢ଼ାଳି ଦେଇଥିଲେ। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇ ଦୀର୍ଘ ଦେଢ଼ବର୍ଷ ହେଲା ଉକ୍ତ ବାଲି ଘାଟରୁ ତହସିଲକୁ ରାଜସ୍ୱ ପୈଠ କରାଯାଇ ନ ଥିବା ବେଳେ ବିନା ୱାଇ-ଫର୍ମରେ ଜିଲା ଓ ରାଜ୍ୟ ବାହାରକୁ ବାଲି ଚୋରା ଚାଲାଣ କରାଯାଉଛି। ଏଥିରେ ତହସିଲ ପ୍ରଶାସନ ଓ ବାଲି ବ୍ୟବସାୟୀଙ୍କ ସମ୍ପର୍କ ଯୋଗୁ ଚୋରାଚାଲାଣ କରାଯାଉଥିବା ଅଭିଯୋଗ କରିଛନ୍ତି। ଏହି ବାଲିଘାଟକୁ ତୁରନ୍ତ ବନ୍ଦ କରା ନ ଗଲେ ଆଗାମୀଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପାତ୍ର କହିଛନ୍ତି।

## ସଂକ୍ଷେପରେ

### ରଞ୍ଜନ କ୍ଷତ୍ରିୟ ସମାଜ ସଭାପତି ମନୋନୀତ

ମାର୍ଶାଘାଇ, ୧।୧୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ମାର୍ଶାଘାଇ ବ୍ଲକ ଖଣ୍ଡାୟତ କ୍ଷତ୍ରିୟ ସମାଜର ସଭାପତି ଭାବେ ସାମାଜିକ କର୍ମୀ ରଞ୍ଜନ କୁମାର ନାୟକଙ୍କୁ ମନୋନୀତ କରାଯାଇଛି। କେନ୍ଦ୍ରାପଡ଼ା ଜିଲା କ୍ଷତ୍ରିୟ ସମାଜ ସଭାପତି ଶରତ କୁମାର ବେହୁରାଙ୍କ ସଭାପତିତ୍ୱରେ ବାଲା ବାବା ମଠଠାରେ ଜିଲା ମହାସଂଘ ବୈଠକରେ ନାୟକଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ଦାୟିତ୍ୱ ନେବା ପରେ ନାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କ୍ଷତ୍ରିୟ ସମାଜର ବିକାଶ ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

### ଶିକ୍ଷାବିତ୍ ବସନ୍ତ ପାଣିଙ୍କ ଶ୍ରାଦ୍ଧ ବାର୍ଷିକୀ

ରାଜନଗର, ୧।୧୧
(ଭାସ୍କର ରାଉତରାୟ)

ରାଜନଗର ଅଞ୍ଚଳର ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନଶିକ୍ଷକ ବସନ୍ତ କୁମାର ପାଣିଙ୍କ ୩ୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ ତାଙ୍କ ବାସଭବନ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାହାରଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମହେଶ୍ୱର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ପୂର୍ବତନ ଏବିଇଓ ବିଜୟ କୁମାର ଜେନା, ସଚ୍ଚିଦାନନ୍ଦ ବିଶ୍ୱାଳ, ଯୁବ ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, ଶିକ୍ଷାବିତ୍ ଅନାଦି ଚରଣ ଜେନା, ଜଗନ୍ନାଥ ଦାସ, କବି ଅଭିରାମ ସାହୁ, ବାସୁଦେବ ରାଉତ, କୈଳାସ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଣିଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଖବରଦାତା ଭାସ୍କର ରାଉତରାୟ, ବସନ୍ତ କୁମାର ହାତୀ, ପୂର୍ବତନ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ବିଶ୍ୱାଳ, ହେନ୍ତାଳ ମିତ୍ର ନିରାକାର ବେହେରା, ଯଶୋବନ୍ତ ବେହେରା, ଚିତ୍ରଶିଳ୍ପୀ ସୌମ୍ୟ ରଞ୍ଜନ ବଳଙ୍କୁ ବସନ୍ତ ପାଣି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୩ ବାର୍ଷିକ ପରୀକ୍ଷାରେ ନଳିନୀକାନ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଧାଂଶୁବାଳା ରାଉତ, ଶୁଭମ୍ ନାୟକ, ପଞ୍ଚୁବରାହୀ ହାଇସ୍କୁଲର ପ୍ରତିକ୍ଷା ଜେନା, ସାବିତ୍ର ଦେବୀ ବାଳିକା ହାଇସ୍କୁଲର ମୋନାଲିସା ସ୍ୱାଇଁ ଓ ବ୍ଲକ ଟପ୍ପର ଆୟେଶା ମିଶ୍ରଙ୍କୁ ଉତ୍ତରୀୟ, ଟ୍ରଫି, ଆର୍ଥିକ ସହାୟତା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମାନସ ମିଶ୍ର, ବିଶ୍ୱଜିତ ପାଣି, ସତ୍ୟଜିତ ପାଣି, ହେମନ୍ତ ମିଶ୍ର, ଦିଲୀପ ପାଣି ପ୍ରମୁଖ ପରିଚାଳନା କରିଥିଲେ।

# ପାଣି ଅଭାବରୁ ଧାନଗଛରୁ ଥୋଡ଼ ବାହାରୁନି



ରାଜଗଡ଼ ଅଞ୍ଚଳରେ ଚାଷଜମିରେ ଫାଟ। ଧାନ ପେଟରେ ଥୋଡ଼ ବାହାରି ପାରୁନି।

- ହଜାରରୁ ଊର୍ଦ୍ଧ୍ୱ ଏକର ଧାନ ଫସଲ ନଷ୍ଟ ଆଶଙ୍କା
- ଜଳସେଚନ ପ୍ରକଳ୍ପଗୁଡ଼ିକ ଅଚଳ
- କେନାଲରେ ପାଣି ନାହିଁ, ଢିପଜମି ଫାଟି ଆଁ

ମହାକାଳପଡ଼ା, ୧।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନରେ କେନାଲ ବନ୍ଧ ପାର୍ଶ୍ୱ ଖାଲୁଆ ଜମିକୁ ଛାଡ଼ି ଦେଲେ ଅନ୍ୟ ଢିପଜମି ଫାଟି ଆଁ କଲାଣି। ଅଣଜଳସେଚିତ ଜମିରେ ପାଣି ଅଭାବରୁ ଧାନଗଛ ଏବେ ଗର୍ଭ ଧାରଣ କରିଛି। ପାଣି ମୁନ୍ଦେ ପାଇଁ ଧାନଗଛରୁ ଥୋଡ ବାହାରିପାରୁନି ବୋଲି ଚାଷୀମାନେ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବ୍ଲକରେ ୨୮ ହଜାର ହେକ୍ଟର ଜମି ରହିଛି। ସେଥିମଧ୍ୟରୁ ୭ ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଛି। ହେଲେ କେନାଲ ଜଳସେଚନରେ ବାଧା ଉପୁଜିବାରୁ ଜମିର ଶେଷମୁଣ୍ଡରେ ପାଣି ପହଞ୍ଚି ପାରୁନି। ବ୍ଲକରେ ଦେଢ଼ଶହରୁ ଅଧିକ ଉଠାଜଳସେଚନ ପ୍ରକଳ୍ପ ଥିଲେ ମଧ୍ୟ ଶହେରୁ ଅଧିକ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଉଠାଜଳସେଚନ ଓ କେନାଲରେ ପାଣି ଆସୁନାହିଁ। ବିଭାଗୀୟ କର୍ମଚାରୀମାନଙ୍କ ଖାମଖିଆଲ ନୀତି ଯୋଗୁ ସ୍ଥାନୀୟ ଚାଷୀମାନଙ୍କୁ ଜଳସେଚନ ସୁବିଧା ମିଳୁନାହିଁ ବୋଲି ବ୍ଲକ ଅଧୀନ ରାଜଗଡ଼ ଗାଁର ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏହି ଚାଷୀମାନଙ୍କ କହିବା କଥା ଆମେ ସଙ୍କରଜାତୀୟ ଧାନ ଫସଲ କରିଛୁ। ଟଙ୍କା ଧାର କରଜ ଓ ଋଣ କରି ଫସଲ କରିଥିଲେ ମଧ୍ୟ ପାଣି ଅଭାବ ଯୋଗୁଁ ଧାନ ଫସଲ ନଷ୍ଟ ହେଉଛି ବୋଲି ଚାଷୀ ମାନସ ରଞ୍ଜନ ଦାସ, ପ୍ରକାଶ ଚନ୍ଦ୍ର ବାରିକ ପ୍ରମୁଖ କହିଛନ୍ତି। ସେହିପରି ମହାକାଳପଡ଼ା ବ୍ଲକ ସମ୍ମୁଖ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲରେ ପାଣି ଆସୁନି। ଫଳରେ ତଳିଆ ଅଞ୍ଚଳରେ ଜଳସେଚନ ହୋଇପାରୁନି ବୋଲି କୁହାଯାଇଛି। ତେବେ ନଦୀକୂଳରେ ଜମିରେ ଜଳ ନାହିଁ। ଲୋକମାନେ ବାଧ୍ୟ ହୋଇ ସେଣା, ମଟରରେ ପାଣି ଉଠାଇ ଚାଷ କରୁଥିବା ଦେଖିବାକୁ ମିଳୁଛି। ତେବେ କେନାଲରେ ଉପର ମୁଣ୍ଡରୁ ଜଳ ଛାଡିବା ପାଇଁ ସ୍ଥାନୀୟ ଚାଷୀମାନେ କହିଛନ୍ତି। ସବୁ ଅଞ୍ଚଳର ଖାଲ ପାଟରେ ପାଣି ଶୁଖି ଗଲାଣି ବୋଲି ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଉପର ମୁଣ୍ଡରୁ ଜଳ ଯୋଗାଣ ପର୍ଯ୍ୟାୟକ୍ରମେ ହେଉଛି। ତେବେ ସବୁ ଅଞ୍ଚଳରେ ପାଣିର ଆବଶ୍ୟକତା ରହିଛି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ପ୍ରଦୀପଙ୍କୁ ନ୍ୟାୟ ପାଇଁ ଓସାର ବିକ୍ଷୋଭ




କେନ୍ଦ୍ରାପଡ଼ାରେ ଓସା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ରାପଡ଼ା, ୧।୧୧ (ଜଗନ୍ନାଥ ଧଳ)

ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ତଥା ମୋ ଦଳର ସମ୍ପାଦକ ପ୍ରଦୀପ ପ୍ରଧାନଙ୍କୁ ଭୁବନେଶ୍ୱର ମହିଳା ପୋଲିସ ଗିରଫ କରିଛି। ଏହାକୁ ବିରୋଧ କରି ଓସାର କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ କରାଯାଇଛି। ଏ ସମ୍ପର୍କରେ ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ରାଜ୍ୟ ପୋଲିସର ଏହା ଏକ ଆକ୍ରୋଶମୂଳକ ଗିରଫ। ରାଜ୍ୟ ଆବାହକ ପ୍ରଧାନ ଏବେ ମୋ ଦଳର କାର୍ଯ୍ୟକର୍ତ୍ତା ହୋଇଛନ୍ତି। ତାଙ୍କ ବିରୋଧରେ ୨୦୨୦ରେ ଏକ ସାମାଜିକ ଗଣମାଧ୍ୟମର ପୋଷ୍ଟକୁ ଫରୱାର୍ଡ ପାଇଁ ଦୂତି ଚାନ୍ଦଙ୍କ ଦ୍ୱାରା ଏକ ମାମଲା ହୋଇଥଲା। ଏହି ମାମଲାରେ ସେ ନ୍ୟାୟାଳୟରୁ ଅନ୍ତରୀଣ ଜାମିନ ପାଇଥିଲେ। ତେବେ ଦୂତିଙ୍କ ଦ୍ୱିତୀୟ ଥର ଆବେଦନରେ ତଳ କୋର୍ଟରେ ମାମଲା ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଆଦେଶ ସମ୍ପର୍କରେ କୋର୍ଟ ପକ୍ଷରୁ କୌଣସି ନୋଟିସ ଆସିନାହିଁ। ଅପରପକ୍ଷରେ ମାମଲାରେ ଥିବା ଧାରାଗୁଡିକ ଜାମିନ ଯୋଗ୍ୟ ହୋଇଥିଲେ ମଧ୍ୟ ମହିଳା ପୋଲିସ ଆକ୍ରୋଶମୂଳକ ଭାବେ ଗତ ୨୯ ତାରିଖରେ ପ୍ରଧାନଙ୍କୁ ଗିରଫ କରିଛି। ନ୍ୟାୟ ଓ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଓସା ସବୁବେଳେ ଲଢ଼େଇ କରିଛି। ଆଗାମୀଦିନରେ ଏହି ଲଢ଼େଇ ଜାରି ରହିବ ବୋଲି ସେ ମତ ଦେଇଛନ୍ତି। ଏହି ବିକ୍ଷୋଭରେ ଓସାର କର୍ମକର୍ତ୍ତା ନୀରଞ୍ଜନ ପରିଡା, ସୋମନାଥ ବାରିକ, ବିଭୂତି ଭୂଷଣ ମହାପାତ୍ର, ନଗେନ୍ଦ୍ର ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

କେନ୍ଦ୍ରାପଡା, ୧।୧୦ (ଜଗନ୍ନାଥ ଧଳ)

ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ କେନ୍ଦ୍ରାପଡ଼ା ଜିଲା ଉତ୍ସବମୁଖର ହୋଇଛି। ଏହି ଅବସରରେ ଓପାକ ମୁଖ୍ୟ ତଥା ସାମାଜିକ କର୍ମୀ ଶୁଭଙ୍କର ନାୟକଙ୍କ ଆବାହକତ୍ୱରେ ଏକ ବନ୍ଧୁମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ମାନସଭୂଷଣ ପଣ୍ଡିତ ହୃଷୀକେଶ ରଥ, ଶିକ୍ଷାବିତ୍ ଅଜୟ ସାମଲ, କବି ଡ. ଅପର୍ଣ୍ଣା ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କେନ୍ଦ୍ରାପଡ଼ା ଜିଲାର ଆର୍ଥିକ, ସାଂସ୍କୃତିକ ଓ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଭାବଗ୍ରାହୀ କଳା ନିକେତନ ପ୍ରତିଷ୍ଠାନର ପ୍ରତିଷ୍ଠାତା ବିମଳ କୁମାର ପରିଡାଙ୍କ ନିର୍ଦ୍ଦେଶନାରେ ଚିର ସବୁଜ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଏଥିରେ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କୁ ପୁତ୍ର ଚିତ୍ରଭାନୁ ଯୋଗଦେଇ ବାପାଙ୍କ କେତେକ ଗୀତ ଗାଇଥିଲେ। ଏହି କାର୍ଯ୍ୟକ୍ରମକୁ ଭାବଗ୍ରାହୀ କଳା ନିକେତନର କଳାକାର ଓ ସୋନାଶିଷ ଜେନା ପରିଚାଳନା କରିଥିଲେ।

## ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ସହାୟତା

ରାଜନଗର, ୧।୧୧
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ଯଦୁଚନ୍ଦ୍ରପୁର ଗାଁର ଶ୍ରୀକାନ୍ତ ପରିଡ଼ା ହାଇଦ୍ରାବାଦରେ ସେପ୍ଟେମ୍ବର ୨୩ରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ୩୯ ବର୍ଷୀୟ ଶ୍ରୀକାନ୍ତଙ୍କ ମୃତ୍ୟୁ ପରେ ଘରେ ତାଙ୍କ ସ୍ତ୍ରୀ ଓ ୩ ଛୋଟ ଝିଅ ଅସହାୟ ହୋଇ ପଡିଛନ୍ତି। ଏହି ଖବର ପାଇବା ପରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଚାନ୍ଦିବାଉଁଶମୂଳ ୧୯୯୯ ବ୍ୟାଚର ସଚ୍ଚିଦାନନ୍ଦ ସାହୁ, ସଞ୍ଜୟ ପାତ୍ର, ଅଜୟ ଦାସ, ରତ୍ନାକର ବେହେରା, ସତ୍ୟଜିତ ମହାପାତ୍ର, ନିର୍ମଳ ରାଉତ, ବିଚିତ୍ର ରାଉତ, ମଞ୍ଜୁଲତା ବାରିକ, ପ୍ରଭାତ ଭୂୟାଁ, ସୁବାସ ପ୍ରଧାନ ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ପରିବାରକୁ ଭେଟି ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ ୩ ଛୋଟ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।



## ମଣ୍ଡଳସ୍ତରୀୟ ସୁରଭିରେ ୪୨୦ ଛାତ୍ରୀଛାତ୍ର



ରାଜକନିକା ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଜକନିକା, ୧।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ବରାଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜକନିକା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ବାବାଜୀ ଚରଣ ବାରିକ, ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସୁରୁଚିପ୍ରଭା ଦାଶ, ବରାଡ଼ିଆ ନୋନାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୀୟ କୁମାର ଦାସ, ମାଧ୍ୟମିକ ନୋଡ଼ାଲ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ, ବାଘବୁଦା ନୋଡ଼ାଲ ସ୍କୁଲର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ, ମୋ ସ୍କୁଲ ଅଭିଯାନର ସଭାପତି ସୁରେଶ ଚନ୍ଦ୍ର ମିଶ୍ର, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ତ୍ରିଲୋଚନ ମଲ୍ଲିକ ଯୋଗଦେଇଥିଲେ। ସେମାନେ ଶିଶୁ ପ୍ରତିଭାର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ମତବ୍ୟକ୍ତ କରିଥିଲେ। ସିଆରସିସି ଖଗେଶ୍ୱର ପଢିହାରୀ ଅତିଥି ପରିଚୟ ଦେଇଥିବା ବେଳେ, ସିଆରସିସି ମହେନ୍ଦ୍ର ମାହୁଁନ୍ତ ଧନ୍ୟବାଦ ଦେଇଥିଲେ। ରାଜକନିକା ବ୍ଲକ ଶିକ୍ଷା ଅଧିକାରୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଶୁ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ମିନତି ରାଉତ, ମୁଖ୍ୟବକ୍ତା ଭାବେ ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ବରାଡ଼ିଆ ସରପଞ୍ଚ ସଂଯୁକ୍ତା ବେହୁରା, ସମିତିସଭ୍ୟା କବିତା ଦାସ, ଜିଲାପରିଷଦ ସଭ୍ୟା ଅମିତା ସାହୁ, ବରାଡ଼ିଆ ନୋଡ଼ାଲ ସ୍କୁଲର ପ୍ରଧାନ ଶିକ୍ଷକ ଅମୀୟ କୁମାର ଦାସ ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ନିଜ ପ୍ରତିଭାର ବିକାଶ କରିପାରିବେ ବୋଲି କହିଥିଲେ। ସିଆରସିସି ସଞ୍ଜୟ କୁମାର ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବିଆରସିସି କୈଳାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିଆରସିସି ଅଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଫିରୋଜ୍ କୁମାର ଖାଁ, ସମୀର ଶେଖର ଦାସ ପରିଚାଳନା କରିଥିବା ବେଳେ ରାଜକନିକା ମଣ୍ଡଳର ସମସ୍ତ କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଭାଗରେ ୨୮୫ ଓ କନିଷ୍ଠ ବିଭାଗରେ ୧୩୫ ଛାତ୍ରୀଛାତ୍ର ଯୋଗଦେଇ ୧୮ଟି ବିଭାଗର ବିଭିନ୍ନ ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରୀମାନେ ଆସନ୍ତା ୧ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି।




କର୍ମଶାଳାରେ ଜିଲାପାଳ ଅମୃତ ଋତୁରାଜ ଓ ଅନ୍ୟମାନେ।

## ପଟ୍ଟାମୁଣ୍ଡାଇରେ ଜିଲାସ୍ତରୀୟ ରାଜସ୍ୱ କର୍ମଶାଳା

ପଟ୍ଟାମୁଣ୍ଡାଇ, ୧।୧୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ରାଜସ୍ୱ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାର ଜନସାଧାରଣଙ୍କୁ ଉତ୍ତମ ଓ ତ୍ୱରିତ ରାଜସ୍ୱ ସେବା ଯୋଗାଇବା ଉପରେ ଗୁରୁତ୍ୱଆରୋପ କରୁଥିଥିଲେ। ସେ ଦିଗରେ ଯତ୍ନବାନ ହେବାକୁ ରାଜସ୍ୱ ବିଭାଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ମାସେ ମଧ୍ୟରେ ସିବିଏସ ରୟତମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ ନିମନ୍ତେ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଓ ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପଡା ଓ ଗ୍ରାମକୁ ମୂଳ ଗ୍ରାମରୁ ବିଚ୍ଛେଦ କରି ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା ସହ ପଟ୍ଟା ପ୍ରଦାନ କରିବା ଦିଗରେ ତତ୍ପରତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଳି ତରାଇ ଓ ଆଳି ତହସିଲଦାର ଦେବ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟ ତାଲିମଦାତା ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ରାଜସ୍ୱ ସେବା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଥିବା ନୀତିନିୟମ ଉପରେ ଆଲୋକପାତ କରିବା ସହିତ ଉପସ୍ଥିତ ରାଜସ୍ୱ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। କର୍ମଶାଳାରେ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ତହସିଲର ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନମାନେ ଯୋଗଦେଇ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି କରିବା ସହ ପଟ୍ଟା ପ୍ରଦାନ ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। ଜିଲା ପ୍ରଶାସନର ଏହି ପରିକଳ୍ପନା କାର୍ଯ୍ୟକାରୀ ହେଲେ ଜିଲାର ୧୧୦୦୦ ସିକିମ ଖାତାର ୫୭୦୦୦ ରୟତଙ୍କର ୨୭୦୦ ଏକର ଜମି ପଟ୍ଟା ହେବା ସହ ଦୀର୍ଘ ୭୦ ବର୍ଷର ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।

# ପାହାଡ଼ ଗୁମ୍ଫାରେ ମା'ଗଜଲକ୍ଷ୍ମୀ

ଡେରାବିଶ, ୧।୧୧ (ବେବର୍ତ୍ତା ଅଜୟ ଦାସ)

ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ବୁଧବାର ହେଉଛି ପଞ୍ଚମ ସନ୍ଧ୍ୟା। ଡେରାବିଶ ବ୍ଲକରେ ଗଣପର୍ବ ପାଲଟିଥିବା ଏହି ପୂଜା ପାଇଁ ବିଭିନ୍ନ ଗାଁ ଉତ୍ସବମୁଖର ହୋଇଛି। ୭୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ ମା' ପୂଜା ପାଉଛନ୍ତି। ବ୍ଲକ୍ ଅଧୀନ ଛୋଟି ପଞ୍ଚାୟତର ନେତୁଆ ଓ ଛୋଟି ମା'ଙ୍କ ପୂଜା ପାଇଁ ଚଳିତ ବର୍ଷ ଚଳଚଞ୍ଚଳ ହୋଇଛି। ନେତୁଆରେ ଏକ ପାହାଡ଼ର ଗୁମ୍ଫା ଆକୃତି ତୋରଣ ମଧ୍ୟରେ ମା'ଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି। ପାହାଡ଼ର ସବୁଜ ବନାନୀ ଦର୍ଶକଙ୍କୁ ଆକୃଷ୍ଟ କରିଛି। ପ୍ରତ୍ୟେହ ସନ୍ଧ୍ୟାରେ ଗୁମ୍ଫା ମଧ୍ୟକୁ ଯାଇ ମା'ଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିବା ସହ ମଣ୍ଡପ ପରିସରରେ ନିର୍ମିତ ହୋଇଥିବା ରୂପମୂର୍ତ୍ତି (ବାରୁଆଳି) ଅଧିକ ଆକୃଷ୍ଟ କରିଛି। ଏଥିସହିତ ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବହୁ ସମୟ ଧରି ସେଠାରେ ବାନ୍ଧି ରଖିଛି। ଏଥିସହିତ ନେତୁଆ ଗାଁ ଏକ ଅସ୍ଥାୟୀ ସହର ପାଲଟିଛି। ଘରକରଣା ସାମଗ୍ରୀର ଅସ୍ଥାୟୀ ଦୋକାନ ସହ ଗୁପଚୁପ୍ ଓ ଚାଟ୍ ଦୋକାନ ସହ ଫାଷ୍ଟଫୁଡ଼୍‌ର ଦୋକାନରେ ମହିଳା ଓ ଯୁବତୀମାନଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏହି ପୂଜାରେ ପ୍ରକୃତିକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ପୂଜା କମିଟିର ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲ ଓ ସମ୍ପାଦକ ରଞ୍ଜନ କୁମାର ମଲ୍ଲ କହିଛନ୍ତି। ସେହିପରି ଛୋଟିଠାରେ ଯୁଗଜ୍ୟୋତି ଯୁବକସଂଘ ଦ୍ୱାରା ଆୟୋଜିତ ପୂଜାମଣ୍ଡପରେ ପୂଜା ପାଉଥିବା ମା'ଙ୍କୁ ଦର୍ଶନ ପାଇଁ ପ୍ରତ୍ୟେହ ସନ୍ଧ୍ୟାରେ ଭିଡ଼ ଜମୁଛି। ପୂଜା ମଣ୍ଡପ ନିକଟରେ ଏକ ନଦୀର ଭ୍ରମ ସୃଷ୍ଟି କରାଯାଇ ଜଣେ ମହିଳାଙ୍କୁ କୁମ୍ଭୀରର ଆକ୍ରମଣର ଦୃଶ୍ୟ (ବାରୁଆଳି) ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି। ଏଥିସହିତ ପ୍ରତ୍ୟେହ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଓ ମେଲୋଡ଼ି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଛି। ଉଭୟ ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ଭସାଣୀ ଉତ୍ସବ ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବ। ପ୍ରତ୍ୟେହ ସନ୍ଧ୍ୟାରେ ଭିଡ଼କୁ ଦୃଷ୍ଟିରେ ରଖି ନିକିରେଇ ଥାନା ପକ୍ଷରୁ ପୋଲିସ ବ୍ୟବସ୍ଥା କରାଯାଇଛି। ପଞ୍ଚାୟତ ପକ୍ଷରୁ ଶୃଙ୍ଖଳା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଥିବା ସରପଞ୍ଚ ରଜନୀ ମଳିକ ସୂଚନା ଦେଇଛନ୍ତି।

**ମହିଳାଙ୍କୁ କୁମ୍ଭୀର ଆକ୍ରମଣର ଦୃଶ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ**




ଡେରାବିଶ ବ୍ଲକ ନେତୁଆ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ନିର୍ମିତ ପାହାଡ଼ ଗୁମ୍ଫା ଆକୃତିର ତୋରଣ ଓ ମହିଳାଙ୍କୁ କୁମ୍ଭୀର ଆକ୍ରମଣର ଝଲକ।

## ସଂକ୍ଷେପରେ

### ଟ୍ରେନ୍‌ରୁ ପଡ଼ି ଜଣେ ମୃତ

**ନୟାଗଡ଼/ନୂଆଗାଁ,୧।୧୧(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ):** ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପଥର ମହିପୁର ଷ୍ଟେଶନ ନିକଟରେ ଟ୍ରେନରୁ ଓହ୍ଲାଉଥିବା ବେଳେ ଜଣେ ଯୁବକ ପଡି ପ୍ରାଣ ହରାଇଛନ୍ତି । ମୃତକ ହେଲେ ଅମୂଲ୍ୟ କୁମାର ସାହୁ। ବୟସ ୪୮ । ଘର ନୂଆଗାଁ ଥାନା ଥୁଆବାରୀ ଗାଁରେ । ଅମୂଲ୍ୟ ଗତ ମଙ୍ଗଳବାର ଭାଉଜକୁ ପୁରୀ ଟ୍ରେନରେ ଛାଡିବା ପାଇଁ ମହିପୁର ଷ୍ଟେଶନ ଯାଇଥିଲେ । ଭାଉଜଙ୍କୁ ଟ୍ରେନରେ ବସାଇ ଓହ୍ଲାଉଥିବାବେଳେ ତଳେ ପଡି ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବୁଧବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଥିଲା।

**କଳିଙ୍ଗା ଘାଟିରେ ଦୁର୍ଘଟଣା**

### ୩୦ ଫୁଟ ତଳକୁ ଖସିଲା ଟ୍ରେଲର

**ଜି.ଉଦୟଗିରି,୧।୧୧(ଶିଶିର ପଟ୍ଟନାୟକ):** ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରେ ପୁଣି ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଟି ପଟା ବୋଝେଇ ୧୮ ଚକିଆ ଟ୍ରଲର ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୋଟିଏ ଟ୍ରଲର ୩୦ ଫୁଟ ତଳକୁ ଖସି ପଡିଥିବା ବେଳେ ଆଉ ଗୋଟିଏ ଟ୍ରଲର ଗାଡୱାଲରେ ଝୁଲି ରହିଥିବା ଦେଖିବାକୁ ମିଳିଛି। ଟ୍ରଲରଟି କଳିଙ୍ଗାଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ସମୟରେ କଳିଙ୍ଗାଠାରୁ ମାତ୍ର ୫ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଆହତ ଚାଳକଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଜି.ଉଦୟଗିରି ପୋଲିସ ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ସ୍ୱାଇଁ, ଏସ୍‌ଆଇ ବିନୟ କୁମାର ମହାରଣା ପୋଲିସ ଟିମ ସହ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ଏଭଳି ବାରମ୍ବାର କଳିଙ୍ଗା ଘାଟିରେ ଗୋଟିଏ ମାସ ମଧ୍ୟରେ ୬ ଦୁର୍ଘଟଣା ଦେଖିବାକୁ ମିଳିଛି। ଅନ୍ୟପଟେ ଜି.ଉଦୟଗିରି ହସ୍ପିଟାଲରେ ଟ୍ରମା କେର କେନ୍ଦ୍ର ନଥିବାରୁ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଯାଇ ପାରୁନାହିଁ। ଏଣୁ କଳିଙ୍ଗା ଜାତୀୟ ରାଜପଥ ରାସ୍ତା ନିକଟସ୍ଥ ଜି.ଉଦୟଗିରିରେ ଏକ ଟ୍ରମାକେୟାର ସେଣ୍ଟର ଶୀଘ୍ର ଖୋଲିବାକୁ ଯୁବ ସାମାଜିକ କର୍ମୀ ଆମନ ଚନ୍ଦ୍ର ନାୟକ ଏବଂ ଅଞ୍ଚଳବାସୀ ମଧ୍ୟ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି।

### ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଭଞ୍ଜନଗର, ୧।୧୧(ବାବୁଲା ପ୍ରଧାନ):** ଭଞ୍ଜନଗର ବନବିହାର ସମ୍ମୁଖ ୧୧କେଭି ବିଦ୍ୟୁତ ଖୁଣ୍ଟରେ ଚଢ଼ି ଜଣେ ଯୁବକ ଧରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଯୁବକ ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଯୁବକ ଜଣଙ୍କ ହେଲେ ବ୍ରହ୍ମପୁର ର ଅଶୋକ ମହାନ୍ତି। ଖବରପାଇ ଭଞ୍ଜନଗର ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତି କରିଛନ୍ତି। ପ୍ରକାଶ ଯେ, ସମ୍ପୃକ୍ତ ଯୁବକଙ୍କ ସମେତ ବ୍ରହ୍ମପୁରର ୪ଜଣ ମିଶି ଭବାନୀପାଟଣା ମାଣିକେଶ୍ୱରୀ ଯାତ୍ରାକୁ ପାମ୍ପଡ଼ ବିକ୍ରି କରିବାକୁ ଯାଇଥିଲେ। ବୁଧବାର ସେ ବ୍ରହ୍ମପୁର ଅଭିମୁଖେ ଟ୍ରକ ଯୋଗେ ବାହାରି ଥିଲେ। ଅପରାହ୍ନରେ ଭଞ୍ଜନଗର ବନ ବିହାର ସମ୍ମୁଖରେ ଥିବା ହୋଟେଲରେ ଖାଇବା ପରେ ସମସ୍ତେ ବାହାରକୁ ଆସି କିଛି କଥା ହେଉଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ଜଣଙ୍କ ହୋଟେଲ ସମ୍ମୁଖ ଦେଇ ଯାଇଥିବା ୧୧ କେଭି ଖୁଣ୍ଟରେ ଚଢ଼ି ଯାଇଥିଲେ। ତାଙ୍କ ସାଙ୍ଗ, ପୁଅ ଏବଂ ଅନ୍ୟମାନେ ଏହା ଦେଖି ତାଙ୍କୁ ଆତ୍ମହତ୍ୟା କରିବାକୁ ବାରଣ କରିଥିଲେ ମଧ୍ୟ ସେ ବିଦ୍ୟୁତ୍ ତାରକୁ ଧରି ଦେବାରୁ ପୋଡି ହୋଇ ଗୁରୁତର ଆହତ ହୋଇଛନ୍ତି। ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### କୃତ୍ରିମ ଅଙ୍ଗ ବଣ୍ଟନ କାର୍ଯ୍ୟକ୍ରମ

**ଆସିକା,୧।୧୧ (ସୁରେନ୍ଦ୍ର ନାଥ ସାହୁ):** ଆସିକା ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ବୁଧବାର ଅନୁଷ୍ଠିତ ଏକ ଶିବିରରେ ୧୦ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଆସିକା ବ୍ଲକର ୮ଜଣ, ସୋରଡା ଓ କୋଦଳା ବ୍ଲକର ଜଣେ ଲେଖାଏଁ ଅଛନ୍ତି। ଆସିକା ବ୍ଲକ ପ୍ରଶାସନ ପକ୍ଷରୁ ରାଜସ୍ଥାନ ଜୟପୁରର ଫୁଟ ଅନ ହ୍ୱିଲସ୍ ସଂସ୍ଥା ଏବଂ ବିଜୁ ମହାବୀର ଫୁଟ୍ ସେଣ୍ଟର ମିଳିତ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

# ପଦାରେ ପଡ଼ିଲା ରାଶନକାର୍ଡ ଅନିୟମିତତା

**ନୟାଗଡ଼/ଓଡ଼ଗାଁ,୧।୧୧(ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ):** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଆଦର୍ଶ ପଞ୍ଚାୟତ ଭାବେ ରାଜ୍ୟସ୍ତରରେ ପୁରସ୍କୃତ କୁରାଳ ପଞ୍ଚାୟତରେ ରାଶନ କାର୍ଡ ପ୍ରଦାନରେ ଅନିୟମିତତା ଚର୍ଚ୍ଚାକୁ ଆସିଛି । ଏଠାରେ ସରପଞ୍ଚଙ୍କ ବାପା ପେନଶନଧାରୀ ହୋଇଥିଲେ ହେଁ ରାଶନକାର୍ଡ ହାତେଇ ନେବା ଘଟଣା ଅଭିଯୋଗ ହେବା ଓ ଏନେଇ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଜାତୀୟ ଖାଦ୍ୟ ନିରାପତ୍ତା ସୁରକ୍ଷା ପୋର୍ଟାଲରୁ କ୍ରମିକ ନଂ. ଡିଲିଟ୍ କରାଯାଇଛି। ରାଶନକାର୍ଡ କେଳେଙ୍କାରୀର ତଦନ୍ତ କରିବାକୁ ଗଣମାଧମକୁ ବିବୃତ୍ତି ରଖିଥିବା ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ମଲିକ ଖାଦ୍ୟ ନିରାପତ୍ତା ସୁରକ୍ଷା ପୋର୍ଟାଲରୁ ରାଶନକାର୍ଡର କ୍ରମିକ ନମ୍ବର ଡିଲିଟ୍ କରିବାରେ ସହଯୋଗ କରି ସନ୍ଦେହ ଘେରକୁ ଆସିଛନ୍ତି । ଯଦି ଜାତୀୟ ଖାଦ୍ୟ ନିରାପତ୍ତା ସୁରକ୍ଷା ପୋର୍ଟାଲରୁ କ୍ରମିକ ନମ୍ବର ଡିଲିଟ କରାଗଲା ତେବେ ଜଣେ ପେନଶନଧାରୀଙ୍କୁ କାହିଁକି ରାଶନକାର୍ଡରେ ସାମିଲ କରାଯାଇଥିଲା। ବହୁ ଗରୀବ ଲୋକ ରାଶନ କାର୍ଡ ପାଇବାକୁ ଅପେକ୍ଷାରେ ଥିବାବେଳେ ସରକାରୀ ନିୟମକୁ ଅଣଦେଖା କରାଯାଇ କାହିଁକି ଜାଲିଆତି କରାଯାଇଛି ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ରାଶନକାର୍ଡରେ ଉଠିଥିବା ରାଶନ ଉପକରଣର ପ୍ରାପ୍ୟ କାହିଁକି ସରକାରଙ୍କୁ ଫେରସ୍ତ କରାଯାଇ ନାହିଁ ବୋଲି ଅନୁରୂପ ଭାବେ ପ୍ରଶ୍ନ କରାଯାଇଛି। ପୁଣି କାହିଁକି କେଶ କରାଯାଇ ନାହିଁ ବୋଲି କୁହାଯାଇଛି। ଏଭଳି ଅଭିଯୋଗ ପଦାକୁ ଆସିବା ପରେ କୁରାଳ ସରପଞ୍ଚ ସମାଲୋଚିତ ହୋଇଛନ୍ତି। ଜିଲା ଯୋଗାଣ ଅଧିକାରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

କିଛି ଦିନ ତଳେ ୧ ନମ୍ବର ଜିଲା ପରିଷଦ ସଦସ୍ୟା ଝିଲି ପ୍ରଧାନଙ୍କ ନାମରେ ରାଶନ କାର୍ଡ ରହିଥିବା ଅଭିଯୋଗ ହୋଇଥିଲା । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ତଦନ୍ତ ପୂର୍ବରୁ ରାଶନ କାର୍ଡ ବାତିଲ କରାଯାଇଥିବା କୁହାଯାଇଥିଲା । ରାଶନ କାର୍ଡରେ ଜିଲା ପରିଷଦ ସଦସ୍ୟଙ୍କ ନାଁ କାହିଁକି ଥିଲା, କେଉଁଥିପାଇଁ କଟିଲା ସେନେଇ କିଛି ଉତ୍ତର ମିଳିଲା ନାହିଁ । ବରଂ ମିଳିମିଶି ଘଟଣାକୁ ଚାପିଦେଲେ ବୋଲି ଅଭିଯୋଗ ହୋଇଥିଲା। ସମ୍ପ୍ରତି କୁରାଳ ସରପଞ୍ଚ ବିଜନ ପାଇକରାୟଙ୍କ ପିତା ଦୁର୍ଗାଚରଣ ପାଇକରାୟଙ୍କ ନାମରେ କ୍ରମିକ ସଂଖ୍ୟା ୧୯୯୨ ରେ ୨୪୦୭୫୧୩୨୫୪ ନମ୍ବର ରାଶନ କାର୍ଡ ରହିଥିବା ଜାତୀୟ ଖାଦ୍ୟ ନିରାପତ୍ତା ସୁରକ୍ଷା ପୋର୍ଟାଲରୁ ଜଣାପଡିଥିଲା । ଗତ ଅକ୍ଟୋବର ୩୧ରେ ଏନେଇ ଅଭିଯୋଗ ହେବା, ଗଣମାଧମର ପ୍ରତିନିଧିମାନେ ବ୍ଲକ ଯୋଗାଣ ନିରୀକ୍ଷକଙ୍କ ମତାମତ ନେବା, ଖବର ଗଣମାଧମରେ ନଭେମ୍ବର ୧ରେ ପ୍ରକାଶ ପାଇବା ପରେ ହଟଚମଟ ସୃଷ୍ଟି ହୋଇଛି। ତେବେ ଜାତୀୟ ଖାଦ୍ୟ ନିରାପତ୍ତା ସୁରକ୍ଷା ପୋର୍ଟାଲରେ ସରପଞ୍ଚଙ୍କ ବାପାଙ୍କ ନାମ ଆଉ ନାହିଁ । ନାମ ବାଦ ପଡିବା ପରେ ୧୯୯୨ କ୍ରମିକ ନମ୍ବର ତଳ ହିତାଧିକାରୀଙ୍କ ନାମ ଓ କାର୍ଡ ସଂଖ୍ୟା ସ୍ଥାନ ପାଇଛି ।

- ଅଭିଯୋଗ ପରେ ଡିଲିଟ୍ ହେଲା କ୍ରମିକ ନମ୍ବର
- ବ୍ଲକ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟ ସନ୍ଦେହଘେରରେ
- ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲା ଯୋଗାଣ ଅଧିକାରୀ
- ପେନ୍‌ସନଧାରୀ ହାତେଇ ଥିଲେ ରାଶନ କାର୍ଡ
- ବାପାଙ୍କୁ ଅନୁକମ୍ପା ଦେଖାଇ ସମାଲୋଚିତ ସରପଞ୍ଚ

**ସମିତି ସଭ୍ୟା ଅନ୍ତୋଦୟ ହିତାଧିକାରୀ:** କୁରାଳ ସମିତିସଭ୍ୟା କନକ ପାତ୍ରଙ୍କ ସମେତ ତାଙ୍କ ପରିବାରର ୪ ଜଣ ସଦସ୍ୟଙ୍କ ନାମରେ କ୍ରମିକ ସଂଖ୍ୟା ୮୦୦ରେ ୨୪୦୭୧୫୧୧୧୧୧ ନମ୍ବରରେ ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ କାର୍ଡ ରହିଛି । ଏହି ପରିବାର ମାସିକ ୩୫ କେଜି ଚାଉଳ ନେଉଥିବା କୁହାଯାଉଛି । ସମିତି ସଭ୍ୟା ପାତ୍ର ତାଙ୍କ ନାମରେ ରାଶନ କାର୍ଡ ରହିଥିବା କଥା ସ୍ୱୀକାର କରିଥିବା ବେଳେ ମୁଁ ଜଣେ ଯୋଗ୍ୟ ହିତାଧିକାରୀ ବୋଲି କହିଛନ୍ତି। ହେଲେ ସମିତି ସଭ୍ୟାଙ୍କ ଶାଶୁ ଘରର ଦୁଇଟି କୋଠା ଘର ଓ ଯାନବାହାନ ରହିଥିବା ଅଭିଯୋଗ ହୋଇଛି। ଘର ନ ଥିବା, ଖାଇବାକୁ ପାଉ ନ ଥିବା ବ୍ୟକ୍ତି ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ ହୋଇ ପାରୁ ନ ଥିବାବେଳେ ଲୋକ ପ୍ରତିନିଧି ବୋଲି କଣ ସମିତି ସଭ୍ୟାଙ୍କ ପାଇଁ ଅଲଗା ଆଇନ ବୋଲି ପ୍ରଶ୍ନ ଉଠିଛି । ଏନେଇ ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି କୁହନ୍ତି, କୁରାଳ ସରପଞ୍ଚଙ୍କ ବାପା ପେନଶନଧାରୀ ହୋଇଥିବାବେଳେ ସେ କିପରି ରାଶନ କାର୍ଡ ହାତେଇଲେ, କାହିଁକି ତାଙ୍କ ନାଁ ଜାତୀୟ ଖାଦ୍ୟ ନିରାପତ୍ତା ସୁରକ୍ଷା ପୋର୍ଟାଲରୁ କ୍ରମିକ ନଂ. ଡିଲିଟ କରାଯାଇଛି ତଦନ୍ତ କରାଯିବ । ଅଯୋଗ୍ୟ ହିତାଧିକାରୀ ଜଣାପଡିଲେ ରାଶନ ସାମଗ୍ରୀ ନେଇଥିବା ସରକାରୀ ପ୍ରାପ୍ୟ ଆଦାୟ କରାଯିବ । ସମିତି ସଭ୍ୟାଙ୍କ କାର୍ଡ ର ମଧ୍ୟ ତଦନ୍ତ କରାଯିବ । ତଦନ୍ତ ଶେଷ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଲାଞ୍ଚ ନେଇ ଜେଲ ଗଲେ ବି ଆସୁନି ପରିବର୍ତ୍ତନ


ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସଭାରେ ମଞ୍ଚାସୀନ ଅତିଥି।

**ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

**ନୟାଗଡ଼,୧।୧୧(ଲୋକନାଥ ମିଶ୍ର)**

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ନୟାଗଡ଼ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଏକ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ କହିଥିଲେ ମାନସିକତାରେ ପରିବର୍ତ୍ତନ ଆସୁ ନ ଥିବାରୁ ଦୁର୍ନୀତିକୁ ରୋକିବା ସୁବିଧା ହେଉ ନାହିଁ । ଦୁର୍ନୀତିକୁ ରୋକିବାକୁ ହେଲେ ମିଳିମିଶି ଚେଷ୍ଟା କରିବାକୁ ପଡିବ। ଦୁର୍ନୀତିର ବିଲୋପ ପାଇଁ ସଚେତନତା ମହୋଷୌଧି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଭିଜିଲାନ୍ସ ଏସ୍‌ପି ଅନୁପମା ଜେଷ୍ଟ ଯୋଗ ଦେଇ କହିଥିଲେ ଲାଞ୍ଚ ନେଉଥିବା ଅଧିକାରୀ ଅଥବା ବ୍ୟକ୍ତି ଧରାପଡିବା ପରେ ଅଡୁଆ ବଢୁଛି। ଜେଲ ଯିବା, ଆକାଉଣ୍ଟ ସିଜ୍ ହେବା, ପେନଶନ ବନ୍ଦ ହୋଇଯିବା, ପରିବାରର ସଦସ୍ୟମାନେ ନିନ୍ଦିତ ହେବା ପରି ଘଟଣା ଘଟୁଛି । ପୁଣି ନିଜେ ବି ନିନ୍ଦିତ ହେଉଛନ୍ତି। ଚାକିରୀ ଜୀବନରେ ନିଜର କ୍ୟାରିୟରକୁ ନଷ୍ଟ କରି ଦେଉଛନ୍ତି । ଏତେସବୁ ପରେ ବି ମାନସିକତାରେ ପରିବର୍ତ୍ତନ ଆସ ନ ଥିବାରୁ ଦୁର୍ନୀତିକୁ ରୋକିବା ସମ୍ଭବ ହେଉନି ବୋଲି ଦର୍ଶାଇ କ୍ଷୋଭ ପ୍ରକାଶ କରିଥିଲେ । ତେବେ ପରିବାରର କେହି ଲାଞ୍ଚ ନେଉଥିଲେ ପ୍ରତିବାଦ କରିବା ଶିଖିବା ଦରକାର ବୋଲି ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ ଏସ୍‌ପି ରାହୁଲ ଜୈନ୍ୟ ଦୁର୍ନୀତି ନିବାରଣର ବିଭିନ୍ନ ଆଇନ ଉପରେ ଟିପ୍ପଣୀ ରଖିଥିଲେ । ନୟାଗଡ଼ ଭିଜିଲାନ୍ସ ଡିଏସ୍‌ପି ପ୍ରତ୍ୟୁଷ ମହାପାତ୍ର ଉପସ୍ଥିତ ଥିଲେ । ଜିଲାପାଳ ରବୀନ୍ଦ୍ର ନାଥ ସାହୁ କହିଥିଲେ ଶୂନ୍ୟ ସହନଶୀଳତା ନୀତି ଆପଣେଇ ଦୁର୍ନୀତିକୁ ପ୍ରତିହିତ କରିବା ପାଇଁ ମିଳିମିଶି କାମ କରିବାକୁ ପଡିବ। ଏହି ଅବସରରେ ଲାଞ୍ଚ ନେବି ନାହିଁ କି ଦେବି ନାହିଁ । ଜନସାଧାରଣଙ୍କ ପାଇଁ କାମ କରିବି। ଦାୟିତ୍ୱକୁ ସ୍ୱଚ୍ଛତାର ସହ କରିବାକୁ ଶପଥ ପାଠ ହୋଇଥିଲା। ଓଡିଆ ଡିବେଟରେ ଓଡ଼ଗାଁ ରଘୁନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଇଂଲିଶ ଡିବେଟରେ ଚୟନ ହୋଇଥିବା ରଣପୁର ବ୍ଲକ ବଳରାମପ୍ରସାଦ ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀ ଶ୍ରେୟାଶ୍ରୀ ଦାଶ ନିଜର ଭାଷଣ ରଖିଥିଲେ । ଭାଷଣ ପ୍ରସଙ୍ଗରେ ଉଭୟେ ଦର୍ଶାଇଥିଲେ ବିକାଶରେ ବାଧକ ସାଜୁଛି ଦୁର୍ନୀତି। ସବୁସ୍ତରରେ ଏହା ବଢ଼ି ଚାଲିଛି। ଏହାକୁ ରୋକିବା କାଠିକର ପାଠ ହୋଇ ପଡିଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ରୋଗ ଶଯ୍ୟାରେ ରୋଜଗାରିଆ ପୁଅ**

## ୨ ବର୍ଷ ହେଲା ନାକରୁ ବାହାରିନି ଅକ୍ସିଜେନ



**ବେଲଗୁଣ୍ଠା,୧।୧୧(କୃଷ୍ଣଚନ୍ଦ୍ର ପଟ୍ଟନାୟକ):** ଦିନେ ରୋଜଗାର କରି ପରିବାର ଚଳାଉଥିଲା ଆଜି ସେହି ପୁଅ ରୋଗାଗ୍ରସ୍ତ। ଗୋଟିଏ ମିନିଟ ପାଇଁ ମଧ୍ୟ ମୁହଁରୁ ଅକ୍ସିଜେନ ବାହାର କଲେ ଅଣନିଶ୍ୱାସୀ ହୋଇପଡୁଛି। ଭେଣ୍ଡିଆ ପୁଅ ନିଜେ କିଛି କାମ କରିପାରୁନି। ପ୍ରତ୍ୟକ କାମରେ ସହଯୋଗ କରୁଛନ୍ତି ବାପା ଓ ମା । ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଗୋପୀନାଥ ସାହିରେ ଭଡ଼ାରେ ରହୁଛନ୍ତି ସୁନୀଲ ପ୍ରଧାନ ଓ ତାଙ୍କ ପରିବାର। ସୁନୀଲ ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସୁରଟରେ ରହି କାମ କରିଆସୁଥିଲେ। ତାଙ୍କ ରୋଜଗାରରେ ବାପା ମା ଓ ଦୁଇ ଭାଇ ଚଳୁଥିଲେ। ହଠାତ ଦୁଇ ବର୍ଷ ପୂର୍ବେ ସେ ଅସୁସ୍ଥ ଅନୁଭବ କରିଥିଲେ। ନିଜ ସମ୍ବଳ ଅନୁଯାୟୀ କିଛି ମେଡିକାଲରେ ଦେଖାଇ ଥିଲେ। ପରେ ପାଖରେ ଥିବା ସମ୍ବଳ ସରିଯିବା ପରେ ନିଜ ଗାଁ ବେଲଗୁଣ୍ଠାର ଚଷା ସାହିକୁ ଫେରିଥିଲେ। ହେଲେ ପରିବାରରେ ଅଧିକ ସଦସ୍ୟ କାରଣରୁ ଘରେ ସ୍ଥାନ ନହେବାରୁ ଭଡାଘର ନେଇ ବାପା ପ୍ରକାଶ ଓ ମା ମିନତୀ ରହୁଛନ୍ତି। ସୁନୀଲ ମଝିଆ ପୁଅ ହୋଇଥିବା ବେଳେ ବଡ଼ପୁଅ ଓ ସାନ ପୁଅ ସାମାନ୍ୟ ମାନସିକ ଅନଗ୍ରସର ଅଟନ୍ତି। ରୋଜଗାରିଆ ପୁଅ ଏବେ ରୋଗରେ ପଡିଯିବାରୁ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି। ପ୍ରତି ମାସରେ ଅକ୍ସିଜେନ ଓ ଔଷଧ ପାଇଁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଆବାଶ୍ୟକ। ଏଭଳି ପରିସ୍ଥିତିରେ ତାଙ୍କ ପାଖରେ ସରକାରଙ୍କ ସ୍ୱାସ୍ଥ୍ୟ କାର୍ଡ କିମ୍ବା ରାସନ କାର୍ଡ ଭଳି ସୁବିଧା ନାହିଁ। କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ସରକାରଙ୍କ ପକ୍ଷରୁ ତାଙ୍କୁ ସହାୟତା କରିବା ପାଇଁ ପରିବାର ଓ ସାହି ପଡ଼ୋଶୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ଧାନକ୍ଷେତରେ ଗୋରୁ ଚରାଇଲେ ଚାଷୀ

**ପାରଳାଖେମୁଣ୍ଡି/ମୋହନା,୧।୧୧ (ଗିରିଧାରୀ ପରିଛା/ମନ୍ମଥ ମିଶ୍ର):** ଗଜପତି ଜିଲାରେ ମରୁଡ଼ିର ପରିସ୍ଥିତି ଦେଖିବାକୁ ମିଳିଛି। ଜମି ଫାଟି ଆଁ କଲାଣି। ଚାଷୀ ଏବେ ଚିନ୍ତାରେ ମୁଣ୍ଡରେ ହାତଦେଇ ବସିଛି। ବର୍ଷାଭାବ ଯୋଗୁ ଏପରି ସ୍ଥିତି ଉପୁଜିଥିଲେ ମଧ୍ୟ ପ୍ରଶାସନର ଉଦାସୀନତା ମନୋଭାବ ପରିଲକ୍ଷିତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜଳସେଚନ ବିଭାଗ ଜିଲାର ବିଭିନ୍ନ ଜଳଉତ୍ସ ଗୁଡିକର ମରାମତି ନ କରିବା ଫଳରେ ଚାଷୀ ପାଣି ନ ପାଇ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏବେ ଧାନ ଗର୍ଭଧାରଣ ସମୟରେ ଜମି ଫାଟି ଆଁ କରିଛି। ଗତ ତିନି ମାସ ହେଲା ଅଭାବ ବୃଷ୍ଟି ଚାଷୀଙ୍କୁ ସଙ୍କଟକୁ ଠେଲିଦେଇଛି । ସବୁବେଳେ ଅକ୍ଟୋବର ମାସରେ ଶେଷ ବର୍ଷା ହୋଇଥାଏ, ଯାହା ଧାନର ଗର୍ଭଧରିବା ଠାରୁ ଅମଳ ପର୍ଯ୍ୟନ୍ତ ପାଣି ଯୋଗାଇ ଥାଏ । କିନ୍ତୁ ଚଳିତ ବର୍ଷ ଅଗଷ୍ଟ ପ୍ରଥମ ସପ୍ତାହ ପରଠାରୁ ଆଉ ବର୍ଷାର ଦେଖାନାହିଁ । ଅଧିକାଂଶ ଜମିରେ ଧାନ ଗଛ ଶୁଖି ନଷ୍ଟ ହେଇସାରିଲାଣି।

ମୋହନା ବ୍ଲକ କେଶରା ଗାଁରେ ନିଅଣ୍ଟିଆ ବର୍ଷା ଯୋଗୁଁ ହେକ୍ଟର ହେକ୍ଟର ଧାନ ଫସଲ ନଷ୍ଟ ହୋଇଯାଇଛି। କେଶରା ଗାଁର ଭଞ୍ଜି କମାର ଲ୍ୟାମ୍ପ ସଂସ୍ଥାରୁ ୩୦ ହଜାର ଟଙ୍କା ଋଣ ନେଇ ୩ ଏକର ଜମିରେ ଧାନ ଚାଷ କରିଥିଲେ। ହେଲେ ନିଅଣ୍ଟିଆ ବର୍ଷା ଯୋଗୁଁ ଜମି ଫାଟି ଆଁ କରିଥିବା ବେଳେ ଧାନ ଫସଲ ସବୁ ପୋଡ଼ି ନଷ୍ଟ ହୋଇଯାଇଛି। ଫଳରେ ବାଧ ହୋଇ ଧାନ କ୍ଷେତରେ ଗାଈ ଚରାଇ ଦେଇଥିଲେ। ସେହିପରି ଗାଁର ବେଞ୍ଜାମିନ ମଲ୍ଲିକଙ୍କ ୪ ଏକର, କେରାଖାଲ ଗାଁର ବୃନ୍ଦାବତୀ ନାୟକଙ୍କ ପ୍ରାୟ ୪ ଏକର ଧାନ ଫସଲ ନଷ୍ଟ ହୋଇଯାଉଛି। ବିଭିନ୍ନ ସ୍ଥାନରୁ ଧାର କରଜ କରି ଚାଷ କରିଥିଲେ ଚାଷୀ। ହେଲେ ଏବେ ଋଣ କିଭଳି ପରିଶୋଧ କରିବେ ଓ ପରିବାର କିଭଳି ପତିପୋଷଣ କରିବେ ସେ ନେଇ ଚିନ୍ତାରେ ଚାଷୀକୁଳ।

ଜିଲାରେ ଅଗଷ୍ଟ ମାସରେ ୨୫୩.୬ ମିମି ବୃଷ୍ଟିପାତ ହେବାକୁ ଥିବାବେଳେ ହୋଇଛି ୧୬୬.୯୭ ମିମି ହୋଇଛି। ୮୬.୬୩ ମିମି କମ ବର୍ଷା ହୋଇଛି। ସେପ୍ଟେମ୍ବର ମାସରେ ୨୩୭.୯ ମିମି ବୃଷ୍ଟିପାତ ହେବା ବଦଳରେ ୧୩୬ ମିମି ବର୍ଷା ହୋଇଛି, ଯାହା ସ୍ୱାଭାବିକ ଠାରୁ ୧୦୧ ମିମି କମ ବୃଷ୍ଟିପାତ। ଅକ୍ଟୋବର ମାସରେ ୧୬୮.୬ ମିମି ବଦଳରେ ୨୧.୨୬ମିମି, ଯାହା ୧୪୭.୩୪ ମିମି କମ ବୃଷ୍ଟିପାତ ହୋଇଥିବା ସୂଚନା ରହିଛି। ଜିଲାରେ ୩୯,୦୭୨ ଏକର ଜମି ଜଳସେଚିତ ଓ ୪୪,୪୨୦ ଏକର ଅଣ ଜଳସେଚିତ ଜମି ରହିଛି। ଦୀର୍ଘଦିନ ଧରି ବୃଷ୍ଟିପାତ ଅଭାବ ଯୋଗୁଁ ଜିଲାର ସମସ୍ତ ଚାଷ ଜମି ଏଥିରେ ପ୍ରଭାବିତ ହୋଇଛି। ଚଳିତ ବର୍ଷ ଜିଲାରେ ୨୬,୬୮୯ ଏକର ଜମିରେ ଧାନ ଚାଷ କରାଯାଇଛି। ଜିଲାରେ ୧୭ଟି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଚାଷୀଙ୍କୁ ଜଳ ଯୋଗାଇବା ସହ ଆନ୍ଧ୍ର ଚାଷୀଙ୍କୁ ମଧ୍ୟ ଜଳ ଯୋଗାଇଥାଏ। ତେବେ ବର୍ତ୍ତମାନ ଅଭାବ ବୃଷ୍ଟି ଯୋଗୁ କୌଣସି ପ୍ରକଳ୍ପରେ ପାଣି ନାହିଁ। ଚାଷୀଙ୍କ ସ୍ଥିତିକୁ ଦେଖି ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଗଜପତିକୁ ମରୁଡି ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ସ୍ମିତିରଞ୍ଜନ ପ୍ରଧାନ କହିଛନ୍ତି, ଜିଲା ପ୍ରଶାସନ ପାଖରେ ଏନେଇ ଖବର ଅଛି । ସମସ୍ତ ଉଠାଜଳସେଚନ ପଏଣ୍ଟ ଓ ବିଦ୍ୟୁତ୍ ବିଭାଗକୁ ସତର୍କ କରାଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପ୍ରୟାସ ଜାରି ରଖିଛି। ତେବେ ଗତ ୧୫ବର୍ଷ ମଧ୍ୟରେ ଏଭଳି ଅବସ୍ଥା କେବେ ଦେଖାଦେଇନଥିବା ଚାଷୀ ଆର. ରମେଶ, କବିରାଜ ମାଳି, ଗୋପୀନାଥ ପାତ୍ର, ରଶ୍ମିରଞ୍ଜନ ସାହୁ ପ୍ରମୁଖ କହିଛନ୍ତି।

## ଜାତିଆଣ ଆକ୍ଷେପ ଅଭିଯୋଗର ତଦନ୍ତ

**ଭାପୁର,୧।୧୧(ଭରତ କୁମାର ବେହେରା)**

ଭାପୁର ବ୍ଲକ ଅନ୍ତର୍ଗତ ଭାପୁର ଗ୍ରାମପଞ୍ଚାୟତ ବୈଠକରେ ଜିଲା ପରିଷଦ ସଭ୍ୟ ୱାର୍ଡ ସଭ୍ୟଙ୍କ ପ୍ରତିନିଧିଙ୍କୁ ଜାତିଆଣ ଆକ୍ଷେପ ଓ ଦୁର୍ବ୍ୟବହାର ଘଟଣାରେ ପୋଲିସ ବିଭାଗ ତରଫରୁ ତନାଘନା ଆରମ୍ଭ ହୋଇଛି । ଏହାକୁ ନେଇ ଭାପୁର ବ୍ଲକରେ ଜୋରଦାର ଚର୍ଚ୍ଚା ଚାଲିଛି। ଭାପୁର ୧୯ନଂ.ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ ଭାପୁର ଗ୍ରାମପଞ୍ଚାୟତ ବୈଠକରେ ୧୨ନଂ.ୱାର୍ଡ ସଭ୍ୟା ରୀତା ନାଏକଙ୍କ ପୁତୁରା ବୁଲୁ ନାଏକଙ୍କୁ ଜାତିଗତ ଆପେକ୍ଷ କରିବା ସହିତ ଦୁର୍ବ୍ୟବହାର ନେଇ ଫତେଗଡ ଥାନାରେ ମାମଲା ରୁଜୁ ହୋଇଥିଲା। ବୁଧବାର ଅପରାହ୍ନରେ ନୟାଗଡ଼ ଡିଏସ୍‌ପି ହେମନ୍ତ ରାୟ ଭାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଥିଲେ। ତାଙ୍କୁ ସହଯୋଗ କରିଥିଲେ ଫତେଗଡ ଥାନାଧିକାରୀ ସୁଜିତ ଦାସ ଓ ଭାପୁର ଫାଣ୍ଡି ଅଧିକାରୀ ଏମ ଡି ଜାଫୁଲା। ଭାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଅଭିଯୋଗ କରିଥିବା ଯୁବକ ବୁଲୁ ନାଏକଙ୍କୁ ବିସ୍ତୃତ ଭାବେ ପଚାରି ବୁଝିଥିଲେ। ଏହାପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁ, ପଞ୍ଚାୟତର ରାତିଜଗୁଆଳି କୃଷ୍ଣଚନ୍ଦ୍ର ବେହେରା, ସାକ୍ଷୀ ସନାତନ ନାଏକଙ୍କୁ ପଚାରି ବୁଝିଥିଲେ। ଏହାପରେ ସେ ନୟାଗଡ଼ ଫେରି ଯାଇଥିଲେ।

## ଭାଜପା କୃଷକ ମୋର୍ଚ୍ଚାର ପ୍ରଥମ ଜିଲା କାର୍ଯ୍ୟକାରିଣୀ ବୈଠକ



**ପାରଳାଖେମୁଣ୍ଡି, ୧।୧୧ (ଗିରିଧାରୀ ପରିଛା)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଏର୍ଣ୍ଡେଲା ସାହିର ଭାଜପା କାର୍ଯ୍ୟାଳୟରେ ବୁଧବାର କୃଷକ ମୋର୍ଚ୍ଚାର ପ୍ରଥମ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତଥା ପାରଳା ବିଧାୟକ କେ. ନାରାୟଣ ରାଓଙ୍କ ଅଧ୍ୟକ୍ଷତା ଏବଂ ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପାଳଙ୍କ ପରିଚାଳନାରେ ମୁଖ୍ୟ ଅତିଥି ରୂପେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ , ରାଜ୍ୟ କିଶନ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସଂଯୋଜକ ଡ଼ଃ ଜଗନ୍ନାଥ ମହାପାତ୍ର, ରାଜ୍ୟ ସଂଯୋଜକ କୃଷକ ମୋର୍ଚ୍ଚା ଉତ୍ତମ ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଗଜେନ୍ଦ୍ର ଚୌଧୁରୀ ପ୍ରମୁଖ ମଞ୍ଚସ୍ଥ ହୋଇ ବୈଠକ ସମ୍ପର୍କରେ ଆଲୋଚନା କରିଥଲେ।

## ୨ ଦିନିଆ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ଭାପୁର,୧।୧୧(ଭରତ କୁମାର ବେହେରା)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ଗ୍ରାମସ୍ଥିତ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨ଦିନିଆ ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟିତ ଦିବସରେ ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ମଶାଲ ଜଳାଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷାଧିକାରିଣୀ ରାଜଶ୍ରୀ ପଟ୍ଟନାୟକ, ସମ୍ମାନିତ ଅତିଥି ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ବାଇଗୁଣିଆ ପଞ୍ଚାୟତ ସରପଞ୍ଚ ନିରୁପମା ମହାରଣା, ଶିକ୍ଷାବିତ୍ ବୈକୁଣ୍ଠ ଦାସ, ଫତେଗଡ଼ ଥାନାଧିକାରୀ ସୁଜିତ କୁମାର ଦାସ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ରଣା ପ୍ରମୁଖ ଯୋଗ ଦେଇଥିଲେ।



ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ନୟାଗଡ଼ ଜିଲାର ୮ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୭୫ ଛାତ୍ରୀଛାତ୍ର ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଆଜିର ଉଦଘାଟିତ ଦିବସରେ ୧୦୦ମିଟର ଦୌଡ଼ ଓ ୧୫ଶହ ମିଟର ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶହେ ମିଟର ଦୌଡ ପ୍ରତିଯୋଗୀତାରେ ଭାପୁର ବ୍ଲକ ଅନ୍ତର୍ଗତ କଇଁଫୁଲିଆ ହାଇସ୍କୁଲର ଛାତ୍ର ବବୁଲ ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୫ଶହ ମିଟର ଦୌଡ ପ୍ରତିଯୋଗୀତରେ ଫତେଗଡ ହାଇସ୍କୁର ଛାତ୍ରୀ ଶୁଭଶ୍ରୀ ଲେଙ୍କା ଓ ପଦ୍ମାବତୀ ହାଇସ୍କୁଲର ଛାତ୍ର ଜିତେଶେ ଖଟୁଆ ମିଳିତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ବ୍ଲକ କ୍ରୀଡା ସମ୍ପାଦକ ଶଙ୍କର୍ଷଣ ମଲିକ, ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଓ ବାଘୁଆପଲ୍ଲୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ, କ୍ରୀଡା ଶିକ୍ଷକ ଦେବାଶିଷ ମିତ୍ର । ଗୁରୁବାର ଉଦ୍‌ଯାପନୀ ଦିବସରେ ଅନ୍ୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ କହିଛନ୍ତି।


କେନ୍ଦ୍ରାପଡ଼ାରେ ଗଜଲକ୍ଷ୍ମୀ ପୂଜା: ବଳଗଣ୍ଡି ବଜାର


ବାଟମଙ୍ଗଳା


ବାୟାମଠ


ବ୍ଲକ ଛକ


ବ୍ଲକ ରୋଡ


ବ୍ୟାସ ସରୋବର


ଚଉଦକୁଲାଟ


ଛୋଟି ଡେରାବିଶ


ଦୁହୁରିଆ ରେଳ ଲାଇନ


ଗଙ୍ଗା ଭାଗୀରଥି


ସାନ ମଙ୍ଗଳା


ନୂଆ ବସ୍‌ଷ୍ଟାଣ୍ଡ, ଥାନପତି


ଗୋପ ଛକ


ଜୟଗୁରୁ କ୍ଲବ


ଏକନାଖଣ୍ଡି


ନେତୁଆ, ଡେରାବିଶ


କାକଟ ମଙ୍ଗଳା


ମିରାପାଟଣା


ମାନକାରପୁର


ନୃସିଂହ ଅବତାର

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଗସ୍ତି ନିଲୁ


@ ବିକାଶ


@ ରଶ୍ମିକାନ୍ତ


@ ଲବକିଶୋର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଯାଜପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତର ଗୋପୀନାଥପୁରରେ ପୂଜାପାଉଥିବା ଗଜଲକ୍ଷ୍ମୀ ।

# ଭଙ୍ଗା ଗମ୍ବୁଜ ମରାମତି କରି ଅର୍ଥ ଲୁଟ୍ ମସୁଧା

**ବ୍ୟାସସରୋବରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ**

■ ସହରବାସୀଙ୍କ ସହଯୋଗରୁ ଫାଇଦା ନେବାକୁ ଚକ୍ରାନ୍ତ

**ଯାଜପୁର,୧।୧୧(ହର୍ଷବର୍ଦ୍ଧନ ବେହେରା):**

ମହାଭାରତ ଯୁଗର ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ଯାଜପୁର ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବରର ସୌନ୍ଦର୍ଯ୍ୟ ସର୍ବଜନବିଦିତ । ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ପଡିରହିଥିବା ଏବେ ଏହି ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍‌ଏଫ୍)ରୁ ଚାଲିଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଏହି ସହରରେ ଆମୋଦ ବିନୋଦନ ପାଇଁ ସେଭଳି କିଛି ସ୍ଥାନ ନ ଥିବାରୁ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ସମସ୍ତ ସହରବାସୀ ସହଯୋଗ କରୁଛନ୍ତି। ଏପରି କି ଏନ୍‌ଜିଟିରେ ହୋଇଥିବା ମାମଲାକୁ ମଧ୍ୟ ସହରବାସୀ ନିନ୍ଦା କରିଛନ୍ତି। ନିର୍ବାଚନ ପୂର୍ବରୁ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ କରି ସହରବାସୀଙ୍କ ପାଇଁ ଉତ୍ସର୍ଗୀକୃତ ହେବ ବୋଲି ଶୁଣିବାକୁ ମିଳିଛି। ଏଥିରେ ସହରବାସୀଙ୍କ ଏଭଳି ସହଯୋଗର ଫାଇଦା ନେବାକୁ ଯାଇ ଦିଲ୍ଲୀର ଠିକାସଂସ୍ଥା କ୍ରିଷ୍ଣା ବିଲ୍‌ଡର ବିପୁଳ କୋଟି ଟଙ୍କା ହରିଲୁଟ କରୁଥିବା ଅଭିଯୋଗ ହୋଇଛି। ବ୍ୟାସ ସରୋବରର ମୁଖ୍ୟ ଫାଟକଠାରୁ ଗୁପ୍ତ ଗଙ୍ଗା ପର୍ଯ୍ୟନ୍ତ ପ୍ରାୟ ୧୦ ବର୍ଷର ପୁରୁଣା ଭଙ୍ଗା ଗମ୍ବୁଜର ମରାମତି କରି ବିପୁଳ ଅର୍ଥ ଚଳୁ କରିବାକୁ ଉଦ୍ୟମ ହେଉଥିବା ଜଣାପଡିଛି। ଏହାସହ ଷ୍ଟେନଲେସ ଷ୍ଟିଲ ବଦଳରେ ଲୁହା ପାଇପ ଲଗାଇ ଯାଇଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ସହରବାସୀଙ୍କ ପକ୍ଷରୁ ନୂତନ ଗମ୍ବୁଜ ନିର୍ମାଣ କରାଯାଉ ବୋଲି ଦାବି ହେଉଛି।


ବ୍ୟାସସରୋବରରେ ଥିବା ପୁରୁଣା ଗମ୍ବୁଜର କେତେକ ସ୍ଥାନରେ ଲୁହାରଡ୍ ଦେଖାଯାଉଛି ।

ବ୍ୟାସ ସରୋବର ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟ ୨୦୨୧ରୁ ଆରମ୍ଭ ହୋଇଛି। ଏଥିରେ ଡିଏମ୍‌ଏଫ୍ ପାଣ୍ଠିରୁ ପ୍ରାୟ ୬୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି। ତେବେ ମଝିରେ ଏନ୍‌ଜିଟି ମାମଲା ଯୋଗୁ କେତେକ ମାସ ନିର୍ମାଣରେ ବ୍ୟାହତ ହୋଇଥିଲା। ମନୋରଞ୍ଜନ ପାଇଁ ସହରରେ କୌଣସି ବିକଳ୍ପ ସୌନ୍ଦର୍ଯ୍ୟସ୍ଥଳୀ, ପାର୍କ, ବୋଟିଂ କ୍ଲବ ଇତ୍ୟାଦି ନ ଥିବାରୁ ଏହି ପ୍ରକଳ୍ପର ଶେଷ ହେବାକୁ ସହରବାସୀ ଚାହିଁ ରହିଛନ୍ତି। ଏପରିକି ପ୍ରକଳ୍ପ ନିର୍ମାଣରେ କୌଣସି ପ୍ରକାର ବିରୋଧ କିମ୍ବା ବାଧକ ନ ସାଜିବାକୁ ସହରବାସୀ ସତର୍କ କରୁଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ବ୍ୟାସ ସରୋବରର ସୌନ୍ଦର୍ଯ୍ୟକରଣ ପାଇଁ ୧୦ରୁ ଊର୍ଦ୍ଧ୍ୱ ଗମ୍ବୁଜ ନିର୍ମାଣ କରାଯାଇ ଟାଇଲ ବିଛା ଯାଇଥିଲା। ତେବେ ତାହା ନିମ୍ନମାନର କାର୍ଯ୍ୟ ଯୋଗୁ ଖୁବ କମ୍ ସମୟରେ ଭାଙ୍ଗି ଯାଇଥିଲା। ଏବେ ସେଠାରେ ଥିବା ୧୧ଟି ଗମ୍ବୁଜରେ ଫାଟ ସୃଷ୍ଟି ହୋଇ ଲୁହା ରଡ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ସେହି ଗମ୍ବୁଜଗୁଡିକ ଖୁବ କମ ଦିନରେ ଭାଙ୍ଗି ଯିବ ବୋଲି ଆଶଙ୍କା ସୃଷ୍ଟି କରୁଛି। କିନ୍ତୁ ନିୟୋଜିତ ଠିକାସଂସ୍ଥା କ୍ରିଷ୍ଣା ବିଲଡ୍‌ର କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଛନ୍ତି। ଅଧିକ ଲାଭ ଜଗିବା ଆଶାରେ ସେହି ଗମ୍ବୁଜଗୁଡିକରେ ସିମେଣ୍ଟ ପ୍ରଲେପ ଦେଇ ମରାମତି କରି ଛାଡି ଦେବାକୁ ଯୋଜନା କରୁଥିବା ଖୋଦ ଠିକାସଂସ୍ଥାର ମ୍ୟାନେଜରର ପ୍ରକାଶ କରିଛନ୍ତି। ପୂର୍ବରୁ ଗୁପ୍ତ ଗଙ୍ଗା ଏବଂ ରାଘୁଜୀ ଗୋସାଇଁ ମନ୍ଦିର ଚତୁଃପାର୍ଶ୍ୱରେ ନିମ୍ନମାନର ପାଇପ୍ ଲଗାଯାଇଥିବା ଦେଖିବାକୁ ମିଳିଛି। ଏହାବାଦ୍ ନିର୍ମାଣ ହୋଇଥିବା ଜଳାଶୟ ଆବଶ୍ୟକ ଗଭୀର ହୋଇ ନ ଥିବା ଦେଖଣାହାରୀଙ୍କ ମୁହଁରୁ ଶୁଣିବାକୁ ମିଳିଛି। ଏହି ପ୍ରକଳ୍ପରେ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସହରୀ ଜଙ୍ଗଲ ସୃଷ୍ଟି, ପାର୍କ, ଦୂବକ୍ଷେତ, ଜଳାଶୟ, ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ମାଛ ଆଖି, ବୋଟିଂ, ବ୍ରିଜ, ଫୁଲ ବଗିଚା, ଭୀଷ୍ମ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି ନିର୍ମାଣର ପରିକଳ୍ପନା କରାଯାଇଛି। ଏହାବାଦ ବ୍ୟାସରୋବର ଛକଠାରୁ ସରୋବର ପର୍ଯ୍ୟନ୍ତ ଓସାରିଆ ରାସ୍ତା ନିର୍ମାଣ କରିବାକୁ ଯୋଜନା ରହିଛି।

ଏ ସଂକ୍ରାନ୍ତରେ କ୍ରିଷ୍ଣା ବିଲଡର୍ ଠିକାସଂସ୍ଥାର ମ୍ୟାନେଜର ଜୟବୀରଙ୍କୁ ପଚାରିବାରୁ ସେ କହିଛନ୍ତି ପୁରୁଣା ଗମ୍ବୁଜଗୁଡିକ ଦୁର୍ବଳ ହୋଇନାହିଁ। ସେଗୁଡିକର ମରାମତି କରାଗଲେ କୌଣସି କ୍ଷତି ହେବ ନାହିଁ। ସମୟକ୍ରମେ ଯୋଜନା ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଛି। ଏଥିରେ କୌଣସି ଅନିୟମିତତା ହୋଇନାହିଁ।

# ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା

**କଳିଙ୍ଗନଗର,୧।୧୧(ଶୁଭାଶିଷ ରାଉତ):**

ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ବାରଗଡ଼ିଆ ଗ୍ରାମରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। ବୁଧବାର ସକାଳେ ଘରେ କେହି ନ ଥିବା ବେଳେ ସ୍ତ୍ରୀ କୁନି ସାହୁ(୪୬)ଙ୍କ ତଣ୍ଟି ଚିପି ସ୍ୱାମୀ ପ୍ରଫୁଲ୍ଲ ସାହୁ(୫୫)ହତ୍ୟା କରିଥିବା ଜଣାପଡ଼ିଛି। ଘଟଣାପରେ ପ୍ରଫୁଲ୍ଲ ଫେରାର ହୋଇ ଯାଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଲିଚନ୍ଦ୍ରପୁର ବାଲିକୁଦା ଗ୍ରାମର ପ୍ରଫୁଲ୍ଲ ୮ ବର୍ଷ ହେବ ବାରଗାଡ଼ିଆ ଗ୍ରାମରେ ରହିଆସୁଥିଲେ। କୁନିଙ୍କ ସହିତ ତାଙ୍କ ଦୁଇ ପୁଅ ମଧ୍ୟ ବାରଗଡ଼ିଆରେ ରହୁଥିଲେ। ସାନ ପୁଅ ଚିଣ୍ଟୁ କିଛି ମାସ ତଳେ ବାପାଙ୍କଠାରୁ ମାଛ ବେପାର କରିବାକୁ ୧ଲକ୍ଷ ଟଙ୍କା ଆଣିଥିଲେ। ବୁଧବାର ଦୁଇ ପୁଅ ମାଛ ବିକ୍ରି ପାଇଁ ଡୁବୁରିକୁ ଯାଇଥିବା ବେଳେ ଘରେ ସ୍ୱାମୀସ୍ତ୍ରୀ ଥିଲେ। କୌଣସି କାରଣବଶତଃ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପ୍ରଫୁଲ୍ଲ ଉତ୍‌କ୍ଷିପ୍ତ ହୋଇ କୁନିଙ୍କ ତଣ୍ଟି ଚିପି ହତ୍ୟା କରିଥିବା କୁହାଯାଉଛି। ଏନେଇ ଥାନାରେ ନମ୍ବର ୨୦୯/୨୩ରେ ଏକ ମାମଲା ରୁଜୁ ହୋଇଛି।

# ସଜେଇ ହେଉଛି ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ


ସେଲ୍ଫି ପଏଣ୍ଟ ପାଇଁ ଏକ ଶଗଡ଼କୁ ରଙ୍ଗ ଦିଆଯାଇଛି।



ବାଲୁକା ଶଯ୍ୟାରେ ନିର୍ମାଣ ଚାଲିଥିବା ଟେଣ୍ଟ

**ଗଣିଆ, ୧।୧୧ (ସନ୍ତୋଷ କୁମାର ପ୍ରଧାନ)**

■ ପର୍ଯ୍ୟଟକଙ୍କ ପାଇଁ ୧୫ରୁ ଖୋଲିବ ବାଲୁକା ଟେଣ୍ଟ
■ ସେଲ୍ଫି ପଏଣ୍ଟ ପାଲଟିବ ଶଗଡ଼ଗାଡ଼ି

ପ୍ରତିବର୍ଷ ପରି ଚଳିତ ବର୍ଷ ନଭେମ୍ବର ୧୫ରୁ ଖୋଲିବ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟର ବାଲୁକା ଟେଣ୍ଟ । ଏ ନେଇ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପରିଚାଳନା କମିଟି ତରଫରୁ ଜୋରଦାର ପ୍ରସ୍ତୁତି ଚାଲିଛି । ଏହି ପର୍ଯ୍ୟଟନ କେନ୍ଦ୍ରରେ ବିଗତ ଦିନରେ କ୍ୟାନପି ୱାକ ମୁଖ୍ୟ ଆକର୍ଷଣ ପାଲଟିଥିବା ବେଳେ ଚଳିତ ବର୍ଷ ଶଗଡ଼ଗାଡ଼ି ପର୍ଯ୍ୟଟକଙ୍କ ପାଇଁ ସେଲ୍ଫି ପଏଣ୍ଟ ପାଲଟିବ ବୋଲି ପରିଚାଳନା କମିଟି ତରଫରୁ ସୂଚନା ମିଳିଛି ।

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ନୟାଗଡ଼ ଜିଲା ଗଣିଆ ବ୍ଲକ ସାଉଥ୍ ବଡ଼ମୂଳ ମଙ୍ଗାନାସୀଠାରେ ଥିବା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଅନ୍ୟତମ । ପ୍ରତିବର୍ଷ ଭଳି ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ସଜେଇ ହେଉଛି । ମହାନଦୀର ବାଲୁକା ଶଯ୍ୟାରେ ଲାଗୁଥିବା ବାଲୁକା ଟେଣ୍ଟଗୁଡିକର ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିଲେ ମଧ୍ୟ ଚଳିତ ମାସ ୧୫ରେ ଏହାର ଶୁଭ ଉଦ୍‌ଘାଟନ କରାଯିବା ପାଇଁ ସ୍ଥିର ହୋଇଥିବା ମୁଦୁଲିଗାଡିଆ ମା'ସାତଭଉଣୀ ପର୍ଯ୍ୟଟନ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ପୂର୍ବବର୍ଷ ପରି ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଉପରେ ଚଳିତ ବର୍ଷ ୧୬ଟି ଅଣ ଶୀତତାପ ନିୟନ୍ତ୍ରିତ ଅସ୍ଥାୟୀ ଟେଣ୍ଟ ନିର୍ମାଣ କରାଯିବ । ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ୍ରମେ ଆବଶ୍ୟକସ୍ଥଳେ ଟେଣ୍ଟ ସଂଖ୍ୟାକୁ ବୃଦ୍ଧି କରାଯିବ ବୋଲି ସୂଚନା ମିଳିଛି । ସାତକୋଶିଆ ଗଣ୍ଡକୁ ଲାଗି ରହିଥିବା ଏହି ପର୍ଯ୍ୟଟନସ୍ଥଳୀ ନିକଟରେ ମହାନଦୀର ନୀଳ ଜଳରାଶି ଉପରେ ବୋଟିଂର ମଜା ଚଳିତ ବର୍ଷ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିବ । ସେହିପରି ପିଲାଙ୍କ ପାଇଁ ଖେଳଣା ପାର୍କ, ଦୋଳି, ପର୍ଯ୍ୟଟକଙ୍କ ପାଇଁ ଭଲି, ବ୍ୟାଡ୍‌ମିଣ୍ଟନ, ସାଇକେଲିଂ, ଜଙ୍ଗଲ ଟ୍ରାକିଂ, ରୋପ୍ ୱେ, ଲାଇବ୍ରେରି, ବୋଟିଂ, କ୍ୟାମ୍ପ ଫାୟାର ଓ ମନୋରଞ୍ଜନ ପାଇଁ ଲୋକକଳା ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଥିବାରୁ ବର୍ଷସାରା ଦେଶ ବିଦେଶରୁ ବହୁ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହେଉଛି । ପର୍ଯ୍ୟଟନ ଋତୁରେ ବାଲୁକା ଶଯ୍ୟାରେ ଅସ୍ଥାୟୀ ଟେଣ୍ଟ ବ୍ୟତୀତ ମଙ୍ଗାନାସୀ ପାହାଡ଼ରେ ୩ଟି ଶୀତତାପ ନିୟନ୍ତ୍ରିତ କଟେଜ ଓ ପାହାଡ଼ ପାଦଦେଶରେ ୪ଟି ଶୀତତାପ ନିୟନ୍ତ୍ରିତ ଟେଣ୍ଟ ବର୍ଷ ତମାମ ପର୍ଯ୍ୟଟକଙ୍କ ପାଇଁ ରହିଛି । ତେବେ ପ୍ରକୃତିରାଣୀ କୋଳରେ ଜୈବ ବିବିଧତାର ଗନ୍ତାଘର ପାଲଟିଥିବା ସାତକୋଶିଆ ଗଣ୍ଡରେ ରଙ୍ଗବେରଙ୍ଗର ଦେଶୀୟ ଓ ବିଦେଶୀ ପକ୍ଷୀଙ୍କୁ ସମାଗମ ଦେଖି ପର୍ଯ୍ୟଟକମାନେ ଖୁସି ହେବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମଜା ଉଠାଇ ଥାଆନ୍ତି । ସେଥିପାଇଁ ବହୁ ପ୍ରକୃତିପ୍ରେମୀଙ୍କ ସେଠାକୁ ଆଗମନ ହୋଇଥାଏ ।

ସେହିପରି ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ମଙ୍ଗାନାସୀ, ବଡମୂଳ ଆଦି ସ୍ଥାନରେ ବଣଭୋଜି ପାଇଁ ଧୀରେ ଧୀରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଲାଣି । ପର୍ଯ୍ୟଟକଙ୍କୁ ବଣଭୋଜି ପାଇଁ ବଡମୂଳଠାରେ ପିଣ୍ଡି ନିର୍ମାଣ କରାଯିବା ସହ ବଡମୂଳ ଓ ମାଳିସାହି ୨ଟି ସ୍ଥାନରେ ବୋଟିଂ ବ୍ୟବସ୍ଥା କରାଯାଇଛି ।

# ବିପଦସଙ୍କୁଳ ଅବସ୍ଥାରେ ବାଳିକା ହାଇସ୍କୁଲ


ବିଡିଓ ଓ କନିଷ୍ଠ ଯନ୍ତ୍ରୀ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୁଲି ଦେଖୁଛନ୍ତି।

**ଖଣ୍ଡପଡ଼ା, ୧।୧୧ (ଅଜୟ କୁମାର ମହାରଣା)**

■ ଛାତରୁ ଖସୁଛି ସିମେଣ୍ଟ ପ୍ଲାଷ୍ଟର୍
■ ରୂପାନ୍ତରଣ କାମ ବୁଲି ଦେଖିଲେ ବିଡିଓ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍‌ରେ ନୂତନ ବିଡିଓ ଭାବେ ଅଙ୍କୁର ଅଭିଷେକ ଦାୟିତ୍ୱ ଗ୍ରହଣ କରିବା ପରେ ମଙ୍ଗଳବାର ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବଡ଼ବାଣପୁର ବସନ୍ତ କୁମାର ବିଦ୍ୟାପୀଠ ପରିଦର୍ଶନ କରି ୫-ଟି ରୂପାନ୍ତରଣ କାର୍ଯ୍ୟ ତଦାରଖ କରିଛନ୍ତି । ସେ ପ୍ରଥମେ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିବା ପରେ କଣ୍ଟିଲୋ ପଞ୍ଚାୟତର ପାହାଡ଼ ଉପରେ ଅସୁରକ୍ଷିତ ଅବସ୍ଥାରେ ଥିବା କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଉପରମହଲା କୋଠରି ପରିଦର୍ଶନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା ସ୍କୁଲର ସମସ୍ୟା ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଇଥିଲେ । ୫୮ ବର୍ଷର ଏହି ସ୍କୁଲ ଶ୍ରେଣୀଗୃହର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ବିଭିନ୍ନ ସମୟରେ ଛାତରୁ ପଲସ୍ତରା ଖସି ବିପଦ ସୃଷ୍ଟି କରୁଥିବା ପଣ୍ଡା ଦର୍ଶାଇଥିଲେ । ତେବେ ନିୟମ ଅନୁଯାୟୀ, ଉକ୍ତ ମରାମତି କାମ ୫-ଟି ରୂପାନ୍ତରଣ ଯୋଜନାରେ ହୋଇପାରିବ ନାହିଁ । ପରବର୍ତ୍ତୀ ସମୟରେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ଏହାର ରକ୍ଷଣାବେକ୍ଷଣ କରାଯିବାକୁ ବିଡିଓ ଅଭିଷେକ ସୂଚନା ଦେଇଛନ୍ତି । ପରେ ବିଡିଓ ଅଭିଷେକ ବଡବାଣପୁର ବସନ୍ତ କୁମାର ବିଦ୍ୟାପୀଠ ରୂପାନ୍ତରଣ ଯୋଜନାରେ ନିର୍ମାଣ ହୋଇଥିବା ଇ-ଲାଇବ୍ରେରି, ବିଜ୍ଞାନାଗାର, ସ୍ମାର୍ଟ କ୍ଲାସ, ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ମହାନ୍ତି ରୂପାନ୍ତରଣ ଯୋଜନାରେ ବିଦ୍ୟାଳୟର ୩.୬୦ ଏକର ପରିମିତ ଜାଗାରେ ଏକ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଓ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ବିଦ୍ୟାଳୟର ଏକ ତୋରଣ(ଗେଟ) ପାଇଁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ବିଡିଓଙ୍କ ସହ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁନୀତା ବେହେରା ଉପସ୍ଥିତ ଥିଲେ ।

# କଣ୍ଟିଲୋରେ ବିଜେଡିର କର୍ମୀ ସମ୍ମିଳନୀ

**ଖଣ୍ଡପଡ଼ା, ୧।୧୧ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ଶ୍ମଶାନ ଚଣ୍ଡୀପୀଠରେ ୬ନଂ.ଜୋନ୍‌ରେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୬ନଂ.ଜୋନ ସଭାପତି ମାଧବ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏବଂ ବ୍ଲକ୍ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ କଣ୍ଟିଲୋ, ବଡବାଣପୁର, ସିଧାମୂଳା, ବେଣାଗାଡିଆ ଓ ବୋଦସା ପଞ୍ଚାୟତରୁ ୪ଶହରୁ ଉର୍ଦ୍ଧ୍ୱ ବିଜେଡି ନେତା, କର୍ମୀ ତଥା ଉପାଧ୍ୟକ୍ଷ ସାହୁଙ୍କ ସହଯୋଗୀ ଯୋଗଦେଇଥିଲେ। ଆଗାମୀ ବିଧାନସଭା ନିର୍ବାଚନରେ ଉପାଧ୍ୟକ୍ଷ ଶିଶିର ସାହୁଙ୍କ ନେତୃତ୍ୱରେ କିଭଳି ଦଳୀୟ ସଙ୍ଗଠନ ସୁଦୃଢ ହୋଇପାରିବ ସେ ନେଇ ଆଲୋଚନା ହୋଇ ଦଳୀୟ ରଣନୀତି ସ୍ଥିର ହୋଇଥିଲା। ଉପାଧ୍ୟକ୍ଷ ସାହୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳକୁ ତୃଣମୂଳସ୍ତରରୁ ସୁଦୃଢ କରିବା ପାଇଁ କର୍ମୀମାନେ ସଂକଳ୍ପ ନେଇଥିଲେ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରତ୍ୟେକ ପଞ୍ଚାୟତର ୱାର୍ଡସ୍ତରରୁ ଦଳକୁ ମଜଭୁତ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ନିର୍ବାଚିତ କରିବାକୁ ସମୂହ ଶପଥପାଠ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ଉମେଶ ବଳବନ୍ତରାୟ, ଜୋନ୍ ଉପ ସଭାପତି ଜୟକୃଷ୍ଣ ବେହେରା, ସମ୍ପାଦକ ମହେଶ୍ୱର ରାଉତ, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ବିଜେଡି ସଭାପତି ଖଲେଶ୍ୱର ସାହୁ, ସମିତି ସଭ୍ୟାଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ପୂର୍ବତନ ସରପଞ୍ଚ ଦେବରାଜ ସେଠୀ, ଅନନ୍ତ ନାରାୟଣ ମହାପାତ୍ର, ବଡ଼ବାଣପୁର, ସିଧାମୂଳା, ବେଣାଗାଡିଆ, ବୋଦସା ପଞ୍ଚାୟତର ବିଜେଡି ସଭାପତି ଯଥାକ୍ରମେ ଉଦୟନାଥ ବେହେରା, ରଞ୍ଜନ ବେହେରା, ପ୍ରଭାତ ନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ହୃଷୀକେଶ ରାଉତ, ସିଧାମୂଳା ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ନାୟକ, ସମିତି ପ୍ରତିନିଧି ରଞ୍ଜନ ବେହେରା, ସିଧାମୂଳା ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ନାୟକ, ଜଗନ୍ନାଥ ପ୍ରସାଦ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ବହୁ ବିଜେଡି କର୍ମୀ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଜୟ କୁମାର ତ୍ରିପାଠୀ ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।


କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

# ପାଣି ପାଇଁ ଗଣ୍ଡଗୋଳ

**ନୟାଗଡ଼, ୧।୧୧ (ଲୋକନାଥ ମିଶ୍ର)**

■ ମରୁଡ଼ି ସମୟରେ ପାଣି ଚିନ୍ତା
■ କେନାଲରେ ପାଣି ଆସୁନି
■ କାମରେ ଲାଗୁନି ଉଠା ଜଳସେଚନ ପ୍ରକଳ୍ପ

ବର୍ଷା ଅଭାବରୁ ନୟାଗଡ଼ ଜିଲାରେ ଧାନ ଜମି ଫାଟି ଧାନଗଛ ଜଳିଗଲାଣି । ପୁଣି କେତେକ ସ୍ଥାନରେ ଧାନଗଛ ମରିବାକୁ ବସିଛି । ଏଭଳି ସ୍ଥଳେ ଜିଲାର ଅଧିକାଂଶ ସ୍ଥାନରେ ପାଣି ପାଇଁ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଛି । ଚାଷୀ ବନ୍ଧ, ପୋଖରୀ, ଉଠାଜଳସେଚନ ପ୍ରକଳ୍ପ, ନଦୀରେ ବନ୍ଧ ପକାଇ ଜମିରେ ପାଣି ମଡାଇବାକୁ ଉଦ୍ୟମ କରୁଛି। ତେବେ ଅଧିକାଂଶ ସ୍ଥାନରେ ଉଠାଜଳସେଚନ ପ୍ରକଳ୍ପ କାମରେ ଲାଗୁନି । ପ୍ରକଳ୍ପ ଅଚଳ ରହିଥିବାବେଳେ କେତେକ ପ୍ରକଳ୍ପ ସଚଳ ଥାଇ ବି ଜମିରେ ପାଣି ମାଡ଼ିପାରୁନି ବୋଲି ଅଭିଯୋଗ ହୋଇଛି । ପୁଣି ବନ୍ଧ, ପୋଖରୀ ମଧ୍ୟ କାମରେ ଲାଗୁନି । କେତେକ ସ୍ଥାନରେ ବନ୍ଧ ଓ ପୋଖରୀରୁ ପାଣି ନେବାକୁ ନେଇ ଚାଷୀ ଓ ଚାଷକୁ ବିରୋଧ କରାଯାଉଛି। ଜିଲାରେ ଚାଷୀଙ୍କୁ ଏବେ ପାଣି ଚିନ୍ତା ଘାରିଛି । କାଁ ଭାଁ ସ୍ଥାନରେ ବନ୍ଧ ଓ ନଦୀରୁ ଜମିରେ ପାଣିମଡ଼ା ଯାଉଛି । ତେବେ ପରିସ୍ଥିତି ଏଭଳି ହେଲାଣି ବର୍ଷା ନ ହେଲେ ପରିସ୍ଥିତି ଭୟାବହ ହେବ ବୋଲି ଚାଷୀମାନେ କହିଛନ୍ତି ।

ଜିଲାରେ ୪୫୪ ସଚଳ ଉଠା ଜଳସେଚନ ପ୍ରକଳ୍ପ ଅଛି । ଏହି ପ୍ରକଳ୍ପରୁ ୯ ହଜାର ୫୬୩ ହେକ୍ଟର ଜମିରେ ପାଣିମାଡୁଛି ବୋଲି କୁହାଯାଉଛି। ତେବେ ଏବେକାର ସ୍ଥିତି ପରଖିଲେ ଉଠା ଜଳସେଚନ ପ୍ରକଳ୍ପ କାମରେ ଲାଗୁନି । ସେହିଭଳି ଜିଲାରେ ଜଳସମ୍ପଦ ବିଭାଗର ୩୪ଟି ଜଳସେଚନ ପ୍ରକଳ୍ପ ରହିଛି । ସୁନାମୁହିଁ ବାଘୁଆ ଜଳସେଚନ ପ୍ରକଳ୍ପର ଅଧିକାଂଶ କେନାଲ ସଫେଇ ହୋଇନି। ଏଣୁ ଜମିରେ ପାଣିମାଡୁନି। ସେହିଭଳି ଦଶପଲ୍ଲା ପଙ୍କାଳସାହିର ହଗୁରି ଓ ସାକେଣି ମଇଁଷିଆ ଡ୍ୟାମ୍ ମଧ୍ୟ ଚାଷୀଙ୍କ କାମରେ ଆସୁନି ବୋଲି ଅଭିଯୋଗ ରହିଛି। ଓଡ଼ଗାଁ ବ୍ଲକର କଇଁଫୁଲିଆ ଡ୍ୟାମ୍‌ର ଜଳ କେତେଜଣ ଚାଷୀଙ୍କ ଜମିରେ ମାଡ଼ିଥିବାବେଳେ ଆଉ ଆସୁନି । ନୟାଗଡ଼ ବ୍ଲକ ଶିଆଳିଖୋଲ ଡ୍ୟାମ୍‌ରେ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଚାଷୀଙ୍କ କାମରେ ଲାଗିଲାନି । ବନ୍ଧ ତଳ ଲକ୍ଷ୍ମୀପ୍ରସାଦ ଗାଁର ଜମିଗୁଡ଼ିକ ଫାଟି ଆଁ କରି ରହିଛି । ପୁଣି ବିଭିନ୍ନ ନଦୀରେ ୧୦୦ରୁ ଊର୍ଦ୍ଧ୍ୱ ଆନିକଟ, ଚେକ୍‌ଡ୍ୟାମ କରାଯାଇଛି। ହେଲେ ଚେକ୍‌ଡ୍ୟାମ୍ ଓ ଆନିକଟ ନିକଟରେ ନଦୀ ଶୁଖିଲା ପଡିଛି । ବିଫଳତା ଭିତରେ ବୁଢ଼ାବୁଢ଼ୀଆଣି ଡ୍ୟାମ୍‌ରୁ କେନାଲ ଯୋଗେ ପାଣି ମାଡିବାରୁ ନନ୍ଦିଘୋର, ଗୌଡପୁଟ, ଆରଡା, ପଞ୍ଚରିଡାମାନପୁର, ହରିହରପୁର, ଗୋଡିପଲ୍ଲୀ, ଆରଡା ପରି ପଞ୍ଚାୟତର କିଛି ଚାଷ ଜମି ମରୁଡ଼ିରୁ ରକ୍ଷା ପାଇ ଯାଇଛି । ପୁଣି ଲୁଣିଝରା ନଦୀର ଡାହୁକା ପ୍ରକଳ୍ପରୁ ବରପଲ୍ଲୀ ବୋଦାପଡ଼ା ଅଞ୍ଚଳରେ ପାଣି ମାଡୁଛି । ହେଲେ ବର୍ଷା ନ ହେଲେ ଆଉ କିଛି ଦିନ ପରେ ସମ୍ପୃକ୍ତ ଧାନ ଫସଲ ଉଜୁଡିବାର ଭୟ ରହିଛି ।

ଏନେଇ ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ମରୁଡ଼ିରୁ ରକ୍ଷା ପାଇବାକୁ ଚାଷୀ ଅହରହ ଉଦ୍ୟମ କରୁଛି । ହେଲେ ଚାଷୀକୁ ସହଯୋଗ ମିଳୁନି । ପାଣି ପାଇଁ ଚାଷୀ କେଉଁଠାରେ ବିରୋଧର ସମ୍ମୁଖୀନ ହେଉଛି ତ ଆଉ କେଉଁଠାରେ ପାଣି ଷ୍ଟକ୍ ଥାଇ ଜମିରେ ମାଡ଼ି ପାରୁନି । ମରୁଡ଼ି ସମୟରେ ଚାଷୀଙ୍କୁ ସହଯୋଗ ନ କଲେ ଚାଷୀ ବର୍ଷକର ଫସଲ ହରାଇବ ଏଥିରେ ସନ୍ଦେହ ନାହିଁ। କିଛି ଜମିର ଫସଲ ଉଜୁଡି ଗଲାଣି। ତେବେ ଯେଉଁ କିଛି ଜମି ରହିଛି ସେଥିରେ ପାଣି ମଡାଇବାକୁ ସହଯୋଗ କରିବା ଦରକାର ବୋଲି ସେ କହିଛନ୍ତି।

# ତହସିଲଦାରଙ୍କୁ ନାଗରିକ ଫୋରମ ପକ୍ଷରୁ ସମ୍ବର୍ଦ୍ଧନା



ନାଗରିକ ଫୋରମ୍ ପକ୍ଷରୁ ତହସିଲଦାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି

**ଖଣ୍ଡପଡ଼ା, ୧।୧୧ (ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ତହସିଲରେ ନୂତନ ତହସିଲଦାର ଭାବେ ଯୋଗଦେଇଥିବା ଧୋବେଇ ନାୟକଙ୍କୁ ଖଣ୍ଡପଡ଼ା ପଠାଣି ସାମନ୍ତ ନାଗରିକ ଫୋରମ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରି ସମ୍ବର୍ଦ୍ଧିତ ଦିଆଯାଇଛି। ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣାଙ୍କ ନେତୃତ୍ୱରେ ଉପସଭାପତି ପ୍ରଭାକର ଶିରୋମଣି, ସମ୍ପାଦକ ଲକ୍ଷ୍ମୀଧର ସିଂ ଓ ସଦସ୍ୟ ସରୋଜ କୁମାର ମିଶ୍ର ପ୍ରମୁଖ ଏକ ପ୍ରତିନିଧି ଦଳ ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଖଣ୍ଡପଡ଼ାଠାରେ ନାଗରିକ ଫୋରମର ଏକ ଗୃହ ପାଇଁ ପୂର୍ବରୁ ପ୍ରସ୍ତାବିତ ଭୂମି ଯୋଗାଇଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅଂଶୁମାନ


@ ଅଗସ୍ତି ନିଲୁ


@ ବିକାଶ


@ ରଶ୍ମିକାନ୍ତ


@ ଲବକିଶୋର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବରିଷ୍ଠ ନାଗରିକଙ୍କ ବିୟୋଗରେ ସ୍ମୃତିସଭା

**ଖଣ୍ଡପଡ଼ା, ୧।୧୧ (ଅଜୟ କୁମାର ମହାରଣା):** ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ସଦସ୍ୟ ଭଗବାନ ବେହେରା(୬୭)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବରିଷ୍ଠ ନାଗରିକ ଫୋରମର ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବରିଷ୍ଠ ନାଗରିକ ସଂଘର ଉପସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ୱର୍ଗତ ବେହେରାଙ୍କ ବିୟୋଗରେ ବୁଧବାର ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଗୋପିନାଥ ସାହୁ, ଭିକାରୀ ଖଣ୍ଡାୟତ, ବୈକୁଣ୍ଠନାଥ ରାଜ, ବିଜୟ ମିଶ୍ର, ଦୁର୍ଗାମାଧବ ଦାଶ, ଭାଗିରଥି ନାଏକ, ତ୍ରିନାଥ ସାହୁ, ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ସ୍ୱର୍ଗତ ବେହେରାଙ୍କ ବିୟୋଗରେ ନୟାଗଡ଼ ଜିଲା ବରିଷ୍ଠ ନାଗରିକ ଫୋରମର ସଭାପତି ପ୍ରମୋଦ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ଓଡ଼ଗାଁରେ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ



**ଓଡଗାଁ, ୧।୧୧ (ଆଦର୍ଶ କୁମାର ପଟ୍ଟନାୟକ):** ଓଡ଼ଗାଁ ଥାନା ଓ ସଦର ଅଞ୍ଚଳରେ ଆରମ୍ଭ ହୋଇଥିବା ସପ୍ତାହବ୍ୟାପୀ ଗଜଲକ୍ଷ୍ମୀ ପୂଜା ବୁଧବାର ଉଦ୍‌ଯାପିତ ହୋଇଛି । ନାନା ଯାକଜମକ ଓ ରଙ୍ଗିନ ଆଲୋକମାଳାରେ ଏହି ପୂଜା ଆୟୋଜନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନଙ୍କୁ ଆକର୍ଷଣ କରିଥିଲା। ବିଭିନ୍ନ ପେଣ୍ଡାଲରେ ପୌରାଣିକ, ଲୋକକଳା ସମ୍ବଳିତ ଭାରତଲୀଳା ଓ ସାମାଜିକ ନାଟକ ପରିବେଷଣ ହୋଇଥିଲା। ହେଲେ ସ୍ଥାନୀୟ ଲକ୍ଷ୍ମୀ ବଜାରର ଅଧିଷ୍ଠାତ୍ରୀ ଦେବୀ ମା'ଲକ୍ଷ୍ମୀଙ୍କ ସମ୍ମୁଖରେ ତିନିଦିନ ବ୍ୟାପୀ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବଜାର ସାହି, ଶିଳ୍ପୀ ନଗର ସାହି ଓ ବିଜୟମଣ୍ଡପ ସାହିରେ ବୁଧବାର ଭସାଣି ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଅନ୍ନକୁଟ ହୋଇଥିଲା । ସମସ୍ତ ପୂଜା ମଣ୍ଡପକୁ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ସମର୍ଥକଙ୍କ ସହିତ ପରିଦର୍ଶନରେ ଆସିଥିଲେ । ବୁଧବାର ସନ୍ଧ୍ୟାରେ ବିନା ଡିଜେରେ କେବଳ ଦୁଲୁଦୁଲି ବାଜାରେ ମେଢ଼ ବିସର୍ଜନ କରାଯାଇଥିଲା।

# ଆକ୍ସନ ନିଶା


ସାରା

ଯାହାହେଉ ସୈଫ ତନୟା ସାରା ଅଲ୍ଲୀ ଖାଁଙ୍କର ଆଶା ପୂରଣ ହୋଇଛି। କଥା କ'ଣ କି ସେ ଏକ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବାକୁ ଚାହୁଁଥିଲେ। ଆଉ ଏହି ଆଶା ତାଙ୍କର ପୂରଣ ହୋଇଛି। ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡ଼ିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ପ୍ରାୟ ୩-୪ଥର ଆଲୋଚନା ହେବା ପରେ ସବୁ କଳ୍ପନା ଜଳ୍ପନାର ଅବସାନ ଘଟିଛି। ଏ ସମ୍ପର୍କରେ ସେ କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପ୍ରଯୋଜକ ଏବଂ ମୋ ଭିତରେ କୌଣସି ମନୋମାଳିନ୍ୟ ନାହିଁ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।'

# ବସ୍


ବର୍ଷା

ଅନେକ ବର୍ଷ ପୂର୍ବେ ମହିଳାମାନଙ୍କୁ ଅବଳା, ଦୁର୍ବଳା ଭାବରେ ଗଣନା କରାଯାଉଥିଲା। ସେମାନେ ପ୍ରାୟ ନିଜକୁ ଘରର ଚାରିକାନ୍ଥ ଭିତରେ ଆବଦ୍ଧ କରି ରଖୁଥିଲେ। କିନ୍ତୁ ଏବେ ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ସାଉଁଟି ଚାଲିଛନ୍ତି ପ୍ରଶଂସା। ଏପରି କି ସେମାନେ ଅନେକ କ୍ଷେତ୍ରରେ ପୁରୁଷମାନଙ୍କ ସହ ସମକକ୍ଷ ହେଲେଣି। କେବଳ ସେତିକି ନୁହେଁ, ସମାଜରେ ପରିବର୍ତ୍ତନ ଆଣିବାରେ ସେମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବସ୍'। ଏକ କମ୍ପାନୀର ବସ୍ କିପରି ସମାଜର ଉନ୍ନତି ପାଇଁ ଚେଷ୍ଟା କରୁଛି ତାହାକୁ ନେଇ କାହାଣୀ ଗତିଶୀଳ। ଆର.ଆର. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଟାଇଟଲ ଭୂମିକାରେ ବର୍ଷା ପ୍ରିୟଦର୍ଶିନୀ ଅଭିନୟ କରୁଥିବା ବେଳେ ଅନ୍ୟାନ୍ୟ ରୋଲ୍‌ରେ ଅଭିନୟ କରିଛନ୍ତି ହରିହର ମହାପାତ୍ର, ରାଜ ରାକେଶ, ଐଶ୍ୱର୍ଯ୍ୟା, ପୁଷ୍ପା, ଅରବିନ୍ଦ ଷଡ଼ଙ୍ଗୀ ଏବଂ ଶିଶୁ କଳାକାର ଶିବାନ୍ ପ୍ରମୁଖ । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ।

# ଅପେକ୍ଷା ରଜକୁ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି କିପରି ତାଙ୍କ ଅଭିନୀତ ଲଗାତର ଦୁଇଟି ସିନେମା 'ଦମନ' ଏବଂ 'ମାଲ୍ୟଗିରି' ଦର୍ଶକାଦୃତ ହୋଇପାରିଛି। ହଁ, ସେହି ଭାଗ୍ୟବାନ୍ ଅଭିନେତା ଜଣକ ହେଉଛନ୍ତି ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ବାବୁସାନ୍। କଥା କ'ଣ କି ଚଳିତ ବର୍ଷ ଦୁର୍ଗାପୂଜାରେ ରିଲିଜ ହୋଇଥିବା 'ମାଲ୍ୟଗିରି'ର ପ୍ରଯୋଜକ ରିଙ୍କୁ ରିନୁ ଜେନା ତାଙ୍କୁ ପୁଣି ଥରେ ରିପିଟ୍ କରିବାକୁ ଯାଉଛନ୍ତି। ଆସନ୍ତା ବର୍ଷ ରଜରେ ଏହି ଫିଲ୍ମଟି ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।


ବାବୁସାନ୍

ନିକଟରେ ଏହାର ମହୁରତ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ବିଗ୍ ବଜେଟ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ରେନ୍‌ଡ୍ରପ ପିକ୍ଚର୍ସ, ତଥ୍ୟ ପ୍ରଡକ୍ସନ ଏବଂ ବାବୁସାନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ଚିତ୍ରର ଅନ୍ୟତମ ପ୍ରଯୋଜକ ଅଛନ୍ତି ନିରଞ୍ଜନ ନାୟକ ଏବଂ ବାବୁସାନ ମହାନ୍ତି। ଏହାର ଲାଇନ୍ ପ୍ରଯୋଜକ ଦାୟିତ୍ୱ ତୁଲାଇବେ ସମ୍ବିତ ଜେନା। ଖାସ୍ କଥା ହେଲା, ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଅଶୋକ ପତି। ପୂର୍ବରୁ ଅଶୋକ-ବାବୁସାନ୍‌ଙ୍କ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇସାରିଛି। ଏଥିରେ ସଂଯୋଜିତ ଗୀତଗଡ଼ିକୁ ସ୍ୱର ଦେବେ ଗୌରବ ଆନନ୍ଦ। ତେବେ ଏହି ସିନେମାରେ କ'ଣ ମସଲା ରହିଛି ତାହା ଜାଣିବାକୁ ଆସନ୍ତା ବର୍ଷ ରଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହିଁ ପଡ଼ିବ।

# ଚାହିଁ ରହିଛନ୍ତି ପ୍ରିୟଙ୍କା

ଦିନ ଥିଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବରେ ପରିଗଣିତ ହେଉଥିଲେ। ହେଲେ ସେ ହଲିଉଡ୍‌ରେ ସୁଯୋଗ ପାଇବା ପରେ ତାଙ୍କୁ ଆଉ ହିନ୍ଦୀ ସିନେମାରେ ଦେଖିବାକୁ ମିଳି ନ ଥିଲା। କିଛି ବର୍ଷର ଗ୍ୟାପ୍ ପରେ ପ୍ରିୟଙ୍କା ପୁଣି ଥରେ ବଲିଉଡ୍‌କୁ ଫେରିଛନ୍ତି। ଜୋୟା ଅଖତରଙ୍କ ରିଲିଜ ଅପେକ୍ଷାରେ ଥିବା ସିନେମା 'ଜି ଲେ ଜରା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏ ନେଇ ପ୍ରିୟଙ୍କା କହନ୍ତି, 'ମୁଁ ସବୁଦିନ ପାଇଁ ହିନ୍ଦୀ ସିନେମାକୁ ଗୁଡ୍‌ବାୟ କରିଦେଇଛି ବୋଲି ଭାବିବା ଆଦୌ ଠିକ୍ ନୁହେଁ। ଏଇତ ମୋ ଅଭିନୀତ 'ଜି ଲେ ଜରା' ରିଲିଜ ହେବାକୁ ଯାଉଛି। ଆଗକୁ ଯଦି ଏଭଳି ଭଲ ଅଫର ମିଳେ ତେବେ ନିଶ୍ଚୟ ତାହାକୁ ଗ୍ରହଣ କରିବି।' ଏଥିରେ ପ୍ରିୟଙ୍କାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ଦେଖିବାକୁ ମିଳିବ।

# ସୋନାକ୍ଷୀଙ୍କ ନୂଆ ଯୋଜନା

ଦବଙ୍ଗ ଗର୍ଲ ସୋନାକ୍ଷୀ ଏବେ ନିଜ କ୍ୟାରିୟର ପ୍ରତି ବେଶ୍ ସଚେତନ। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସିଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ସେ । ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍, ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡ଼ିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡ଼ିକ ବକ୍ସ ଅଫିସରେ ଫ୍ଲପ୍ ହେବା-କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।' ସୋନାକ୍ଷୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ'। ତା'ପରେ ସେ ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡ଼ିକ ହେଉଛି 'ରାଉଡି ରାଠୋର', 'ଜୋକର', 'ସନ୍ ଅଫ୍ ସର୍ଦ୍ଦାର', 'ଦବଙ୍ଗ-୨', 'ଲୁଟେରା', 'ଆର...ରାଜକୁମାର', 'ଆକ୍ସନ ଜ୍ୟାକସନ', 'ଅକିରା', 'ଫୋର୍ସ-୨' ଏବଂ 'ଡବଲ ଏକ୍ସଏଲ'। 'ଦବଙ୍ଗ' ଫିଲ୍ମ ପାଇଁ ତାଙ୍କୁ ୩୦ କିଗ୍ରା ଓଜନ କମାଇବାକୁ ପଡ଼ିଥିଲା। ଏଥିପାଇଁ ତାଙ୍କୁ ଦୁଇବର୍ଷ ସମୟ ଲାଗିଥିଲା।


ସୋନାକ୍ଷୀ

## ପରଦାରେ..
# ପ୍ରଥା


ଶୀତଲ

ଚଳିତ ମାସ ୩ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ସିନେମା 'ପ୍ରଥା'। ଏକ ଭିନ୍ନଧରଣର କଥାବସ୍ତୁକୁ ଭିତ୍ତିକରି ଏହାକୁ ନିର୍ମାଣ କରାଯାଇଛି। କାହିଁ କେବେଠାରୁ ଆମେ ବିଭିନ୍ନ ପ୍ରଥା, ପରମ୍ପରାକୁ ମାନି ଆସିଛେ। ସେହିପରି କିଛି ପ୍ରଥା, ପରମ୍ପରା, ରୀତିନୀତି ଏବଂ ଏଥିରେ ଥିବା କିଛି ବିଶ୍ୱାସ, ଅବିଶ୍ୱାସ ଓ ଏଥିରେ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକ କିପରି ଆପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା, ଏଥିରେ ରୋମାଣ୍ଟିକ ନାୟକ ସ୍ୱରାଜ ବାରିକଙ୍କୁ ଭିନ୍ନଧରଣର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ସାନ୍ନିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚଳଚ୍ଚିତ୍ରରେ ସ୍ୱରାଜଙ୍କ ବ୍ୟତୀତ ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍ରନ କୌର, ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତୀଶ୍ ପଟେଲ ଓ ଇଲ୍ଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ କାଷ୍ଟିଂରେ ଅଛନ୍ତି। ଏହି ଚିତ୍ରରେ ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ । ଫିଲ୍ମଟିର ସଫଳତାକୁ ନେଇ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ।

# ରହସ୍ୟ ଖୋଲିଲେ ଅର୍ଜୁନ

ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ବୋନି କପୁରଙ୍କ ପୁଅ ଅର୍ଜୁନ କପୁର ଅଭିନୟକୁ କ୍ୟାରିୟର କରିବା ପଛରେ ଏକ ରହସ୍ୟ ଲୁଚି ରହିଥିଲା। ହେଲେ ତାହା କ'ଣ ? ଆଜି ସେ କାହା ପାଇଁ ଅଭିନେତା ସାଜି ପାରିଛନ୍ତି। ଏ ନେଇ ଅର୍ଜୁନ କହନ୍ତି, 'ଆଜି ମୁଁ ବଲିଉଡରେ ଏଣ୍ଟ୍ରି କରିପାରିଛି ଆଉ କେତୋଟି ସିନେମାର ମଧ୍ୟ ଅଭିନୟ କରିଛି। ଏ ସବୁ ସମ୍ଭବ ହୋଇଛି କେବଳ ଜଣଙ୍କ ପାଇଁ। ଆଉ ସେ ହେଲେ ସଲମାନ ଖାଁ। ଏକଦା ତାଙ୍କ ସହ ମୋର ଭେଟ ହେବା ପରେ ସେ ମୋତେ ଆକ୍ଟିଂ ଲାଇନକୁ ଆପଣେଇବାକୁ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, କିପରି ଅଭିନୟ ମାଧ୍ୟମରେ ମୁଁ ଦର୍ଶକଙ୍କ ମନ ଜିଣିପାରିବି ସେ ନେଇ ଟିପ୍ସ ମଧ୍ୟ ଦେଇଥିଲେ। ମୋ ପ୍ରତି ତାଙ୍କର ସବୁଠାରୁ ବଡ ସହଯୋଗ ଥିଲା ଫିଟ୍‌ନେସ୍‌କୁ ନେଇ। ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବାକୁ ତାଙ୍କର ପରାମର୍ଶ ମୋ ପାଇଁ ବରଦାନ ସଦୃଶ ଥିଲା। ତେଣୁ ଏ ସବୁର ଶ୍ରେୟ ମୁଁ ତାଙ୍କୁ ହିଁ ଦେବି। ଏଥିଲାଗି ସଲମାନ୍‌ଜୀଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ଅଭିନୟ କରିବା ପୂର୍ବରୁ ଅର୍ଜୁନ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ ଦୁଇଟି ସିନେମା-'କଲ୍ ହୋ ନା ହୋ' ଏବଂ 'ସଲାମ୍-ଇ-ଇସ୍କ'ରେ କାମ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା 'ଇସ୍କଜାଦେ'।


ଅର୍ଜୁନ



OFM RUCHI FOODLINE™
Since 1976
Karlo Dosti Sehat Se...
ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
ବମ୍ପର ପୁରସ୍କାର
3ଟି କାର୍
30ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ଫେଷ୍ଟିଭାଲ୍ ବୋନାଞ୍ଜା ଅଫର୍
ଲକି ଡ୍ରରେ ଭାଗନେବା ପାଇଁ
(ଷ୍ଟେପ୍-1)
ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" ଟିକୁ ଖୋଜନ୍ତୁ
(ଷ୍ଟେପ୍-2)
STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
www.ruchifoodline.com

# ଶ୍ରୀଲଙ୍କା ଚ୍ୟାଲେଞ୍ଜ ପାଇଁ ଭାରତ ପ୍ରସ୍ତୁତ

**ମୁମ୍ବାଇ, ୧।୧୧**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଗୁରୁବାର ଏହାର ୭ମ ମ୍ୟାଚ ଖେଳିବ। ଏଥର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଶ୍ରୀଲଙ୍କା। ପୂର୍ବ ମ୍ୟାଚଗୁଡ଼ିକରେ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡକୁ ହରାଇ ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଛି ଟିମ୍ ଇଣ୍ଡିଆ। ମୋମେଣ୍ଟମ ବଜାୟ ରଖି ଶ୍ରୀଲଙ୍କା ବିପକ୍ଷରେ ବିଜୟ ହାସଲ ରୋହିତ ଶର୍ମାଙ୍କ ଦଳର ମୁଖ୍ୟ ଲକ୍ଷ୍ୟ। ୧୨ ପଏଣ୍ଟ ପାଇ ସାରିଥିବା ଭାରତ ଆଗାମୀ ମ୍ୟାଚ ଜିତିଲେ ସେମିଫାଇନାଲ ପ୍ରବେଶ ନିଶ୍ଚିତ ହୋଇଯିବ। ଅନ୍ୟପକ୍ଷରେ ପରାଜିତ ହେଲେ ଶ୍ରୀଲଙ୍କାର ବିଶ୍ୱକପ୍ ଅଭିଯାନ ଏକପ୍ରକାର ଶେଷ ହେବ। ୨୦୧୧ ବିଶ୍ୱକପ୍ ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଶେଷ ଥର ପାଇଁ ୨୦୧୯ ବିଶ୍ୱକପ୍‌ରେ ଉଭୟ ଦଳ ମଧ୍ୟରେ ମୁକାବିଲାରେ ମଧ୍ୟ ଭାରତ ବାଜି ମାରିଥିଲା। ତେଣୁ ବର୍ତ୍ତମାନର ଫର୍ମକୁ ଦେଖିଲେ ଭାରତ ଫେଭରାଇଟ ବିବେଚିତ ହୋଇଛି। ତେବେ ଅତ୍ୟଧିକ ଆତ୍ମବିଶ୍ୱାସ ଦଳକୁ କ୍ଷତି ପହଞ୍ଚାଇପାରେ ବୋଲି ମଧ୍ୟ ଭାରତୀୟ ଦଳକୁ ମନେ ରଖିବାକୁ ହେବ। ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଦଳ ଏକଦା ୨ ରନ ମଧ୍ୟରେ ୩ ଉଇକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। ସେହିପରି ଲକ୍ଷ୍ନୌରେ ଇଂଲଣ୍ଡ ବିପକ୍ଷରେ ଦଳୀୟ ଇନିଂସ ୨୨୯/୯ରେ ଶେଷ ହୋଇ ଯାଇଥିଲା।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଦଳ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ମହମ୍ମଦ ଶାମି ନିଜ ଚୟନକୁ ଯଥାର୍ଥ ସାବ୍ୟସ୍ତ କରିଛନ୍ତି। ସେ ୨ଟି ମ୍ୟାଚରେ ଥରେ ୫ ଉଇକେଟ ସହ ୯ ଉଇକେଟ ହାସଲ କରି ସାରିଛନ୍ତି। ଆଗକୁ ବଡ଼ ମୁକାବିଲା ଆସୁଛି। ତେଣୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ସତେଜ ରଖିବା ଦିଗରେ କୋଚ୍ ରାହୁଲ ଦ୍ରାବିଡ ଓ ଅଧିନାୟକ ରୋହିତ ଶର୍ମାଙ୍କୁ ଚିନ୍ତା କରିବାକୁ ହେବ। କାରଣ ନେଦରଲାଣ୍ଡ୍ସ ବିପକ୍ଷ ଶେଷ ଲିଗ୍ ମ୍ୟାଚ ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଆଶା ନାହିଁ। ଉଭୟ ଶୁବମନ ଗିଲ୍ ଓ ଶ୍ରେୟସ ଆୟର ଦିନିକିଆରେ ସ୍ଥିର ପ୍ରଦର୍ଶନ ସହ ବିଶ୍ୱକପ ଅଭିଯାନ ଆରମ୍ଭ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଉଭୟଙ୍କ ବ୍ୟାଟ୍‌ରୁ ସେପରି ଇନିଂସ ଦେଖିବାକୁ ମିଳିନାହିଁ। ଡେଙ୍ଗୁରେ ଆକ୍ରାନ୍ତ ଯୋଗୁ ଭାରତର ପ୍ରଥମ ୨ଟି ମ୍ୟାଚ ଖେଳିପାରି ନ ଥିବା ଗିଲ୍ ଅବଶିଷ୍ଟ ମ୍ୟାଚଗୁଡ଼ିକରେ ବ୍ୟାଟିଂ କରିଥିଲେ ହେଁ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରି ପାରିଛନ୍ତି। ଏବେ ବଡ଼ ଇନିଂସ ଖେଳିବା ସମୟ ଆସିଯାଇଛି ବୋଲି ଗିଲ୍ ନିଶ୍ଚିତ ଅନୁଭବ କରୁଥିବେ। ଆୟର ମଧ୍ୟ ୬ ଇନିଂସରେ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ପାକିସ୍ତାନ ବିପକ୍ଷରେ ଚେଜ୍ ସମୟରେ ୫୩ ରନରେ ଅପରାଜିତ ରହି ପ୍ରଶଂସାର ପାତ୍ର ହୋଇଥିଲେ ଆୟର। ମାତ୍ର ଅନେକ ସମୟରେ ବଡ଼ ଇନିଂସ ଖେଳି ମ୍ୟାଚକୁ ଫିନିଶ୍ କରିବାର ସୁଯୋଗ ସେ ହାତଛଡ଼ା କରିଛନ୍ତି। ଆଗାମୀ ମ୍ୟାଚ ଘରୋଇ ପଡ଼ିଆରେ ଖେଳିବାକୁ ଯାଉଥିବାରୁ ଆୟରଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ରୋହିତ, ସୂର୍ଯ୍ୟକୁମାର ଯାଦବ ଓ ଶାର୍ଦ୍ଦୂଳ ଠାକୁରଙ୍କର ମଧ୍ୟ ଏହା ଘରୋଇ ପଡ଼ିଆ। ଚଳିତ ବିଶ୍ୱକପ୍‌ରେ ଗୋଟିଏ ଶତକ, ୨ଟି ଅର୍ଦ୍ଧଶତକ ସହ ୬୬.୩୩ ଆଭରେଜରେ ୩୯୮ ରନକରି ଭାରତର ଅଗ୍ରଣୀ ସ୍କୋରର ଥିବା ରୋହିତ ସ୍ଥାନୀୟ ଦର୍ଶକଙ୍କ ସମ୍ମୁଖରେ ନିଜ ବ୍ୟାଟ୍‌ର ଯାଦୁ ଦେଖାଇ ଇନିଂସକୁ ସ୍ମରଣୀୟ କରିବାକୁ ନିଶ୍ଚିତ ଆଶା ରଖିଥିବେ।

କ୍ୱାଲିଫିକେଶନ ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ କରିଥିବା ଶ୍ରୀଲଙ୍କା ଦଳର ପ୍ରଦର୍ଶନ ମୁଖ୍ୟ ଟୁର୍ନାମେଣ୍ଟରେ ଦେଖିବାକୁ ମିଳିନାହିଁ। ଆହତ ସମସ୍ୟା ଏବଂ ଦଳରେ କେତେକ ମୁଖ୍ୟ ଖେଳାଳିଙ୍କ ଅନୁପସ୍ଥିତି ଦଳରେ ଗୁରୁତର ଅନୁଭବ ହୋଇଛି। କେତେକ ଯୁବ ଖେଳାଳି ନିଜ ପ୍ରଦର୍ଶନ ମାଧ୍ୟମରେ ଯଦିଓ ପ୍ରଭାବିତ କରିଛନ୍ତି ତେବେ ତାହା ଦଳର ଅଗ୍ରଗତି ପାଇଁ ପର୍ଯ୍ୟାପ୍ତ ହୋଇନାହିଁ। ସଦିରା ସମରବିକ୍ରମା ୬ ଗେମ୍‌ରେ ୩୩୧ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ। ସେ ଏପର୍ଯ୍ୟନ୍ତ ଶ୍ରୀଲଙ୍କାର ଅଗ୍ରଣୀ ରନ୍ ସ୍କୋରର ରହିଛନ୍ତି। ଭାରତର ଶୁବମନ ଗିଲ୍‌ଙ୍କ ପରେ ଦ୍ୱିତୀୟ ଖେଳାଳିଭାବେ ଚଳିତ ସିଜନରେ ଦିନିକିଆରେ ୧୦୦୦ ରନ ପୂରଣ କରିଥିବା ପଥୁମ ନିସଙ୍କା ମଧ୍ୟ ବିଶ୍ୱକପ୍‌ରେ ଭଲ ଖେଳିଛନ୍ତି। ୪ଟି ଅର୍ଦ୍ଧଶତକ ହାସଲ କରିସାରିଥିବା ନିସଙ୍କାଙ୍କ ଉପରେ ବିପକ୍ଷ ଦଳଗୁଡ଼ିକର ନଜର ରହିଛି। ସେ ଚଳିତ ସିଜନରେ ୨୬ ମ୍ୟାଚରେ ୪୮.୧୭ ଆଭରେଜରେ ୧,୧୦୮ ରନ ସ୍କୋର କରିଛନ୍ତି। ଏହା ମଧ୍ୟରେ ୨ ଶତକ ଓ ୯ ଅର୍ଦ୍ଧଶତକ ସାମିଲ। ଅଧିନାୟକ କୁସାଲ ମେଣ୍ଡିସ ଓ ଆଞ୍ଜେଲୋ ମାଥ୍ୟୁସଙ୍କଠାରୁ ମ୍ୟାଚ ବିଜୟୀ ପ୍ରଦର୍ଶନ ଆଶା କରାଯାଉଛି। ଅଭିଜ୍ଞ ବୋଲରଙ୍କ ଅନୁପସ୍ଥିତିରେ ଶ୍ରୀଲଙ୍କା ଯୁବ ବୋଲରମାନେ ସୁଯୋଗର ସଦ୍‌ବ୍ୟବହାର କରିବାକୁ ଚେଷ୍ଟା କରିଛନ୍ତି।




ବୁଧବାର ଅଭ୍ୟାସ ଅବସରରେ ଶୁବମନ ଗିଲ୍ ଓ ବିରାଟ କୋହଲି।

### ବିଶ୍ୱକପ୍ ରେକର୍ଡ

**● ମ୍ୟାଚ ୯: ଭାରତ-୪, ଶ୍ରୀଲଙ୍କା-୪**

- ➤୧୯୭୯ ଜୁନ ୧୬: ଶ୍ରୀଲଙ୍କା ୪୭ ରନରେ ବିଜୟୀ
- ➤୧୯୯୨ ଫେବୃୟାରୀ ୨୮: ଫଳାଫଳ ବିହୀନ
- ➤୧୯୯୬ ମାର୍ଚ୍ଚ ୨: ଶ୍ରୀଲଙ୍କା ୬ ଉଇକେଟରେ ବିଜୟୀ
- ➤୧୯୯୬ ମାର୍ଚ୍ଚ ୧୩: ଦର୍ଶକ ଗଣ୍ଡଗୋଳ ଯୋଗୁ ଅସମାପ୍ତ ମ୍ୟାଚରେ ଶ୍ରୀଲଙ୍କା ବିଜୟୀ
- ➤୧୯୯୯ ମେ' ୨୬: ଭାରତ ୧୫୭ ରନରେ ବିଜୟୀ
- ➤୨୦୦୩ ମାର୍ଚ୍ଚ ୧୦: ଭାରତ ୧୮୩ ରନରେ ବିଜୟୀ
- ➤୨୦୦୭ ମାର୍ଚ୍ଚ ୨୩: ଶ୍ରୀଲଙ୍କା ୬୯ ରନରେ ବିଜୟୀ
- ➤୨୦୧୧ ଏପ୍ରିଲ ୨: ଭାରତ ୬ ଉଇକେଟରେ ବିଜୟୀ
- ➤୨୦୧୯ ଜୁଲାଇ ୬: ଭାରତ ୭ ଉଇକେଟରେ ବିଜୟୀ

# ୱାଙ୍ଖେଡେରେ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ମୁମ୍ବାଇ,୧।୧୧(ପି.ଟି.)**

ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ଏକ ପ୍ରତିମୂର୍ତ୍ତି ବୁଧବାର ୱାଙ୍ଖେଡେ ଷ୍ଟାଡିୟମରେ ଉନ୍ମୋଚିତ ହୋଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପତ୍ନୀ ଅଞ୍ଜଳି ଓ ଝିଅ ସାରାଙ୍କ ସହିତ ସଚିନ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଷ୍ଟ୍ରୋକ୍ ଖେଳୁଥିବା ମୁଦ୍ରାରେ ଏହି କିମ୍ବଦନ୍ତୀ ବ୍ୟାଟରଙ୍କ ପ୍ରତିମୂର୍ତ୍ତୀଟି ସଚିନ ତେନ୍ଦୁଲକର ଷ୍ଟାଣ୍ଡ ନିକଟରେ ରଖାଯାଇଛି। ତେନ୍ଦୁଲକରଙ୍କ ମୂର୍ତ୍ତି ଉନ୍ମୋଚନ ଅବସରରେ ପୂର୍ବତନ ବିସିସିଆଇ ଓ ଆଇସିସି ସଭାପତି ଶରଦ ପଓ୍ୱାର, ବିସିସିଆଇ ସମ୍ପାଦକ ଜୟ ଶାହା, କୋଷାଧ୍ୟକ୍ଷ ଆଶିଷ ଶେଲାରଙ୍କ ସମେତ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଅଫିସିଆଲ, ସଭାପତି ଅମୋଲ କାଲେ ଓ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ। ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ମୂହୂର୍ତ୍ତ। ଏହି ଗ୍ରାଉଣ୍ଡ ସହିତ ମୋର ଅନେକ ସ୍ମୃତି ଜଡିତ ଥିବା ବେଳେ ଏଠାରେ ମୋର ପ୍ରତିମୂର୍ତ୍ତି ନିର୍ମାଣ ହେବା ମୋ ପାଇଁ ଏକ ସମ୍ମାନର ବିଷୟ ବୋଲି ତେନ୍ଦୁଲକର କହିଛନ୍ତି।



ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ବୁଧବାର ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅନ୍ୟମାନେ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ଶ୍ରୀଲଙ୍କା**

**ସ୍ଥାନ: ମୁମ୍ବାଇ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଦକ୍ଷିଣ ଆଫ୍ରିକାର ବୃହତ୍ ବିଜୟ

**ପୁଣେ, ୧।୧୧**

କ୍ୱିଣ୍ଟନ ଡି'କକ୍ ଓ ରସି ଭାନ୍ ଡର୍ ଡୁସେନଙ୍କ ଶତକ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ଦିନିକିଆ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧୯୦ ରନରେ ପରାସ୍ତ କରିଛି। ଏଥିସହ ଏହି ଦଳ ସେମିଫାଇନାଲ ଦ୍ୱାରରେ ପହଞ୍ଚି ଯାଇଛି। ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୪ ଉଇକେଟ ହରାଇ ୩୫୭ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ୩୫.୩ ଓଭରରେ ୧୬୭ ରନକରି ଅଲ୍‌ଆଉଟ ହୋଇଛି। ୭ ମ୍ୟାଚରୁ ୬ଷ୍ଠ ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲର ଶୀର୍ଷକୁ ପ୍ରତ୍ୟାବର୍ତ୍ତନ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୪ ବିଜୟ ପରେ କ୍ରମାଗତ ୩ଟି ମ୍ୟାଚ ହାରି ପରାଜୟରେ ହ୍ୟାଟ୍ରିକ କରିଛି। ଏଥିସହ ଦଳ ଟେବୁଲର ୪ର୍ଥ ସ୍ଥାନକୁ ଖସିଛି। ନ୍ୟୁଜିଲାଣ୍ଡର ପରାଜୟ ଫଳରେ ପାକିସ୍ତାନ ଓ ଆଫଗାନିସ୍ତାନର ସେମିଫାଇନାଲ ପ୍ରବେଶ ଆଶା ବଢ଼ି ଯାଇଛି। ନ୍ୟୁଜିଲାଣ୍ଡ ୭ ମ୍ୟାଚରୁ ୮ ପଏଣ୍ଟରେ ସ୍ଥିର ରହିଥିବାବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ୬ ପଏଣ୍ଟ ଲେଖାଏ ପାଇଛନ୍ତି। ତେଣୁ ସେମିଫାଇନାଲ ପ୍ରବେଶ ପାଇଁ ଆଗାମୀ ଦିନରେ ମୁକାବିଲା ଅଧିକ ରୋଚକ ହେବା ନିଶ୍ଚିତ ହୋଇଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ଓପନିଂ ଯୋଡ଼ିରେ ୩୮ ରନ ସଂଗ୍ରହ ପରେ ଦକ୍ଷିଣ ଆଫ୍ରିକା ଯଦିଓ ଅଧିନାୟକ ଟେମ୍ବା ବଭୁମାଙ୍କ ଉଇକେଟ ହରାଇଥିଲା ତେବେ କ୍ୱିଣ୍ଟନ ଡି'କକ୍ ଓ ରସି ଭାନ୍ ଡର୍ ଡୁସେନ ଦ୍ୱିତୀୟ ଉଇକେଟରେ ଦ୍ୱିଶତକୀୟ ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁହେଁ ଶତକ ହାସଲ କରିବା ସହ ୧୮୯ ବଲ୍‌ରୁ ୨୦୦ ରନ ଯୋଗ କରିଥିଲେ। ୪୦ ଓଭରରେ ସ୍କୋର ୨୩୮ ହୋଇଥିବାବେଳେ ଡି'କକ୍‌ଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡକୁ ବ୍ରେକ୍ ଥ୍ରୁ ଦେଇଥିଲେ ଟିମ୍ ସାଉଦି। ଏହାଥିଲା ଡି'କକ୍‌ଙ୍କର ଚଳିତ ବିଶ୍ୱକପରେ ୪ର୍ଥ ଏବଂ ଦିନିକିଆ କ୍ରିକେଟରେ ୨୧ତମ ଶତକ। ଗୋଟିଏ ବିଶ୍ୱକପରେ ସର୍ବାଧିକ ଶତକ ହାସଲ କରିବାରେ ସେ ଶ୍ରୀଲଙ୍କାର କୁମାର ସଙ୍ଗକାରା (୨୦୧୫)ଙ୍କ ସମକକ୍ଷ ହୋଇଥିଲେ। କେବଳ ଭାରତର ରୋହିତ ଶର୍ମା (୨୦୧୯) ଗୋଟିଏ ବିଶ୍ୱକପରେ ୫ଟି ଶତକ ହାସଲ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ୧୧୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡି'କକ୍ ୧୦ ଚୌକା ଓ ୩ ଛକା ସହାୟତାରେ ୧୧୪ ରନ କରିଥିଲେ। ଶେଷ ୧୦ ଓଭରରେ ଦକ୍ଷିଣ ଆଫ୍ରିକା ୧୧୯ ରନ ସଂଗ୍ରହ କରିଥିଲା। ଏଥିରେ ଡୁସେନ ଓ ଡେଭିଡ ମିଲରଙ୍କ ବଡ଼ ଯୋଗଦାନ ରହିଥିଲା। ୬ଷ୍ଠ ଦିନିକିଆ ଶତକ ହାସଲ କରିଥିବା ଡୁସେନ ୧୧୮ ବଲ୍‌ରୁ ୯ ଚୌକା ଓ ୫ ଛକା ସହିତ ସର୍ବାଧିକ ୧୩୩ ଏବଂ ମିଲର ୩୦ ବଲ୍‌ରୁ ୨ ଚୌକା ଓ ୪ ଛକା ସହ ୫୩ ରନ କରିଥିଲେ।

ବଡ଼ ସ୍କୋରର ପିଛା କରିଥିବା ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପରେ ପ୍ରଥମଥରପାଇଁ ଆଶ୍ଚର୍ଯ୍ୟଜନକଭାବେ ବିନା ଲଢ଼େଇରେ ଆତ୍ମସମର୍ପଣ କରିଥିଲା। ବଡ଼ ପାର୍ଟନରଶିପ୍‌ର ଅଭାବ ଦଳକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲା। ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୬୦ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୫୭/୪ (ରସି ଭାନ୍ ଡର୍ ଡୁସେନ-୧୩୩, କ୍ୱିଣ୍ଟନ ଡି'କକ୍-୧୧୪, ଡେଭିଡ ମିଲର-୫୩, ଟିମ୍ ସାଉଦି-୨/୭୭, ଟ୍ରେଣ୍ଟ ବୋଲ୍ଟ-୧/୪୯, ଜେମ୍ସ ନିଶାମ-୧/୬୯)। ନ୍ୟୁଜିଲାଣ୍ଡ ୩୫.୩ ଓଭରରେ ୧୬୭/ଅଲ୍‌ଆଉଟ (ଗ୍ଲେନ୍ ଫିଲିପ୍ସ-୬୦, ୱିଲ ୟଙ୍ଗ-୩୩, କେଶବ ମହାରାଜ-୪/୪୬, ମାର୍କୋ ଜାନସେନ-୩/୩୧, ଗେରାଲ୍ଡ କୋଜି-୨/୪୧, କାଗିଶୋ ରାବାଡ଼ା-୧/୧୬)।




ଶତକ ହାସଲ ପରେ ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ ଓ କ୍ୱିଣ୍ଟନ ଡି'କକ୍।

# ଶବ୍ଦକୋଷରେ ସାମିଲ ହେଲା 'ବାଜ୍‌ବଲ୍'

**ଲଣ୍ଡନ,୧।୧୧(ପି.ଟି.):** ଇଂଲଣ୍ଡ ଦଳ ପକ୍ଷରୁ ଖେଳାଯାଉଥିବା ଆକ୍ରମଣାତ୍ମକ କ୍ରିକେଟକୁ ବାଜ୍‌ବଲ୍ କୁହାଯାଉଥିବା ବେଳେ ଏହାକୁ ଶବ୍ଦକୋଷ (ଡିକ୍ସନାରି)ରେ ସ୍ଥାନ ମିଳିଛି। କଲିନ୍ସ ଡିକ୍ସନାରିରେ ଏହି ଶବ୍ଦକୁ ସ୍ଥାନ ମିଳିଥିବା ବେଳେ ଏହାର ଅର୍ଥ ଟେଷ୍ଟ କ୍ରିକେଟରେ ନିର୍ଭୀକ ଓ ଆକ୍ରମଣାତ୍ମକ କ୍ରିକେଟ ଖେଳିବା ରଖାଯାଇଛି। ଏହି ଶବ୍ଦଟିକୁ ବିଶେଷ୍ୟ (ନାଉନ୍) ଭାବରେ ରଖାଯାଇଛି। ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ତଥା ବର୍ତ୍ତମାନ ଇଂଲଣ୍ଡ ଟିମ୍‌ର କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ନାମରେ ଏହି ଶବ୍ଦଟି ପ୍ରଥମେ ବ୍ୟବହୃତ ହୋଇଥିଲା। ମ୍ୟାକ୍‌କୁଲମ ବାଜ୍ ନାମରେ ପରିଚିତ ଥିବାବେଳେ ଏହି ରଣନୀତିକୁ ବାଜ୍‌ବଲ୍ ବୋଲି କୁହାଯାଇଥିଲା।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୭ | ୬ | ୧ | ୧୨ | +୨.୨୯୦ |
| ଭାରତ | ୬ | ୬ | ୦ | ୧୨ | +୧.୪୦୫ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ନ୍ୟୁଜିଲାଣ୍ଡ | ୭ | ୪ | ୩ | ୮ | +୦.୪୨୪ |
| ପାକିସ୍ତାନ | ୭ | ୩ | ୪ | ୬ | -୦.୦୨୪ |
| ଆଫଗାନିସ୍ତାନ | ୬ | ୩ | ୩ | ୬ | -୦.୭୧୮ |
| ଶ୍ରୀଲଙ୍କା | ୬ | ୨ | ୪ | ୪ | -୦.୨୭୫ |
| ନେଦରଲାଣ୍ଡ୍ସ | ୬ | ୨ | ୪ | ୪ | -୧.୨୭୭ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |

# ଦିଲ୍ଲୀ, ମୁମ୍ବାଇ ଷ୍ଟାଡିୟମରେ ଆତସବାଜି ମନା

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବଡ ନିଷ୍ପତ୍ତି ନେଇଛି ବିସିସିଆଇ। ଦିଲ୍ଲୀ ଓ ମୁମ୍ବାଇର ବିଭିନ୍ନ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡିକ ପରେ ବାଣ ଫୁଟା ହେବନି। ଉଭୟ ସହରରେ ବାୟୁ ପ୍ରଦୂଷଣର ମାତ୍ରା ଢେର ଅଧିକ ରହିଛି। ଫଳରେ ଏଠାରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡିକରେ ଏଣିକି ଆତସବାଜି ଦେଖିବାକୁ ମିଳିବ ନାହିଁ। ଦିଲ୍ଲୀରେ ଆଉ ଗୋଟିଏ ମ୍ୟାଚ୍ ବାକି ରହିଛି। ନଭେମ୍ବର ୬ ତାରିଖରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ। ତେବେ ମୁମ୍ବାଇରେ ଆଉ ୩ ମ୍ୟାଚ୍ ଖେଳାଯିବାକୁ ଅଛି। ନଭେମ୍ବର ୨, ନଭେମ୍ବର ୭ ତାରିଖରେ ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ନଭେମ୍ବର ୧୫ରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ପରିବେଶ ପ୍ରଦୂଷଣକୁ ନେଇ ବିସିସିଆଇ ସର୍ବଦା ଏହାର ପକ୍ଷ ରଖିଥାଏ। ଏହି ପ୍ରସଙ୍ଗରେ ଆମେ ଆଇସିସି ସହିତ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା କହିଛନ୍ତି ବିସିସିଆଇ ସମ୍ପାଦକ ଜୟ ଶାହା। ବିଶ୍ୱକପ୍‌ରେ ଆମେ ରଙ୍ଗାରଙ୍ଗ କରିବା ପାଇଁ ଆଗ୍ରହୀ, କିନ୍ତୁ ସମସ୍ତଙ୍କ ସୁରକ୍ଷା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ କ୍ରମାଗତ ପଞ୍ଚମ ଦିନ ପାଇଁ ଅତ୍ୟନ୍ତ ଖରାପ ରହିଛି। ବୁଧବାର ବାୟୁ ପ୍ରଦୂଷଣ ସୂଚକାଙ୍କ ୩୭୨ ରହିଥିଲା। ସମାନ ଭାବରେ ମୁମ୍ବାଇରେ ମଧ୍ୟ ସ୍ଥିତି ସମାନ ପରିମାଣରେ ଖରାପ।


ସଂଯୁକ୍ତା ଡୁଙ୍ଗଡୁଙ୍ଗ, ସ୍ୱିଟି, ଆଂଶିକା ଭାରତୀ, ରେଶମା କୁମାରୀ ମିଞ୍ଜ


ରିତୁ କାଉଦି ଓ ସୋନାଲି ସ୍ୱାଇଁ।


ସବିତା ରାମଚାରି


ବିକ୍ରମ ଟୁଡୁ

# ରୋଇଂରୁ ଓଡ଼ିଶାକୁ ୨ ବ୍ରୋଞ୍ଜ

**ଜାତୀୟ କ୍ରୀଡ଼ା**

ଭୁବନେଶ୍ୱର, ୧।୧୧
(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାର ରୋଇଂ ଇଭେଣ୍ଟରେ ଓଡ଼ିଶା ୨ଟି ବ୍ରୋଞ୍ଜ ପଦକ ହାସଲ କରିଛି। ଫଳରେ ଓଡ଼ିଶାର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୨ ବ୍ରୋଞ୍ଜ ସହ ୨୬ରେ ପହଞ୍ଚିଛି। ଫଳରେ ପଦକ ହାସଲରେ ଓଡ଼ିଶା ପ୍ରତିଯୋଗୀମାନେ ପୂର୍ବ ସଂସ୍କରଣର ସମକକ୍ଷ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରିତୁ କାଉଦି ଓ ସୋନାଲି ସ୍ୱାଇଁ ଡବ୍ଲ୍ୟୁ୨-ଏଫ୍୧ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ସଂଯୁକ୍ତା ଡୁଙ୍ଗଡୁଙ୍ଗ, ସ୍ୱିଟି, ଆଂଶିକା ଭାରତୀ ଓ ରେଶମା କୁମାରୀ ମିଞ୍ଜଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଡବ୍ଲ୍ୟୁ୪-ଏଫ୍୧ ଇଭେଣ୍ଟରେ ମଧ୍ୟ ବ୍ରୋଞ୍ଜ ପାଇଛନ୍ତି। ଟାଏକୋଣ୍ଡୋ ଇଭେଣ୍ଟରେ ଓଡ଼ିଶା ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି ସବିତା ରାମଚାରି। ସେ ମହିଳା ୫୭ କେଜିରୁ କମ୍ ବର୍ଗରେ ଏହି ସଫଳତା ପାଇଛନ୍ତି। ଓଡ଼ିଶା ରୋଇଂ ଦଳର ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି କୋଚ୍ ଇନ୍ଦରପାଲ ସିଂ। ''ଆମେ ଯଦିଓ ଆହୁରି ଭଲ ପ୍ରଦର୍ଶନ କରିବାର ଦକ୍ଷତା ରଖିଛୁ ତେବେ ବ୍ରୋଞ୍ଜ ପଦକ ପାଇଁ ଖୁବ୍ ଖୁସି। ଓଡ଼ିଶା ପ୍ରତିଯୋଗୀଙ୍କ ପାଇଁ ପଦକ ଜିତିବା ଚ୍ୟାଲେଞ୍ଜ ସଦୃଶ ଥିଲା। ରୋଇଂରେ ଟ୍ରେନିଂ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋ ସହିତ ଆମର କେତେଜଣ କୋଚ୍ ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳ ସହ ଚାଇନା ଯାଇଥିଲେ। ଏହା ସତ୍ତ୍ୱେ ଆମ ଆଥଲେଟ୍‌ମାନେ ଯେପରି ପ୍ରଦର୍ଶନ କଲେ ତାହା ପ୍ରଶଂସାଯୋଗ୍ୟ। ଜଗତ୍‌ପୁରରେ ଉପଲବ୍ଧ ଭିତ୍ତିଭୂମୀ ବହୁତ ଭଲ। ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଉଥିବାରୁ ଆମେ ଭାଗ୍ୟବାନ ମନେ କରୁଛୁ'' ବୋଲି ଇନ୍ଦରପାଲ କହିଛନ୍ତି। ରୋଇଂ ବ୍ୟତୀତ ଉଷୁ ଇଭେଣ୍ଟରେ ଓଡ଼ିଶା ଏକ ବ୍ରୋଞ୍ଜ ପଦକ ପାଇଛି। ବିକ୍ରମ ଟୁଡୁ ତାଓଲୁ ଇଭେଣ୍ଟରେ ଏହି ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଜାତୀୟ କ୍ରୀଡ଼ାର ଉଷୁ ଇଭେଣ୍ଟରେ ଓଡ଼ିଶାର ଏହାଥିଲା ପ୍ରଥମ ପଦକ। ସେହିପରି ଓଡ଼ିଶା ମହିଳା ଫୁଟବଲ ଦଳ ହରିୟାଣା ନିକଟରୁ ୦-୪ ଗୋଲରେ ପରାଜିତ ହୋଇଥିଲେ ହେଁ ସେମି ଫାଇନାଲରେ ପ୍ରବେଶ କରିଛି।

# '୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ପୂରଣ ହୋଇଛି'

ନୂଆଦିଲ୍ଲୀ,୧।୧୧(ପି.ଟି.)


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଓଡ଼ିଶାର ପ୍ରମୋଦ ଭଗତ ଓ ଅନ୍ୟ ଭାରତୀୟ ପାରା ଆଥଲେଟ୍।

ପାରା ଏସିଆନ୍ ଗେମ୍ସରେ ଦେଶର ସମ୍ମାନ ବୃଦ୍ଧି କରିଥିବା ଆଥ୍ଲେଟମାନଙ୍କୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିଥିଲେ। ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହାଙ୍ଗଝୋରେ ଅନୁଷ୍ଠିତ ପାରା ଗେମ୍ସରେ ଭାରତ ୧୧୧ ପଦକ ସହିତ ପଞ୍ଚମ ସ୍ଥାନରେ ରହିଥିଲା। ଏହା ଦେଶର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ଆଥ୍ଲେଟିକ୍ସ ସପକ୍ଷରେ ବର୍ତ୍ତମାନ ହାୱା ବହୁଛି ବୋଲି କହିଛନ୍ତି ମୋଦି। ବର୍ତ୍ତମାନର ସରକାର ଆଥ୍ଲେଟଙ୍କ ସମ୍ମୁଖରେ ଥିବା ସମସ୍ତ ବାଧାବିଘ୍ନକୁ ଦୂରେଇବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଥିଲେ। ପୂର୍ବରୁ କ୍ରୀଡାକୁ କ୍ୟାରିୟର କରିବା ପୂର୍ବରୁ ଏହାକୁ ଏକ ସ୍ଥିର କ୍ୟାରିୟର ଭାବେ ଗ୍ରହଣ କରାଯାଉ ନ ଥିଲା। ମାତ୍ର ବର୍ତ୍ତମାନ ସମୟରେ ପରିବର୍ତ୍ତନ ଆସିଛି। ସରକାର ବର୍ତ୍ତମାନ କ୍ରୀଡା ଓ କ୍ରୀଡାବିତ୍‌ଙ୍କ ପଛରେ ଛିଡା ହୋଇଥିବାରୁ ଏହି ଧାରଣାରେ ପରିବର୍ତ୍ତନ ଆସିଛି। ଏହା ସହ ୟୁଥ୍ ଅଲିମ୍ପିକ୍ସ ୨୦୩୦ ଓ ଅଲିମ୍ପିକ୍ସ ୨୦୩୬ ପାଇଁ ଭାରତ ବିଡ୍ ଦାଖଲ କରିଥିବା ବେଳେ ଏହା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି।

ଭାରତ ସର୍ବଦା ଭଲ ଆଥ୍ଲେଟ ସୃଷ୍ଟି କରିଥାଏ। ତେବେ ଆର୍ଥିକ ପ୍ରତିବନ୍ଧକ ଖେଳାଳିଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ରହିଥିଲା। ବିଗତ ୯ ବର୍ଷ ମଧ୍ୟରେ ଏହି ସମସ୍ୟା ଦୂର ହେବାରେ ଲାଗିଛି। ବର୍ତ୍ତମାନ ପ୍ରତି ଆଥ୍ଲେଟ ପିଛା ସରକାର ୪-୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାର ଏହାର ସମସ୍ତ ଧ୍ୟାନ ଆଥ୍ଲେଟଙ୍କ ଆଡକୁ କେନ୍ଦ୍ରିତ କରିଥିବା ବେଳେ ସେମାନଙ୍କ ରାସ୍ତାରୁ ପ୍ରତିବନ୍ଧକ ଦୂର ହୋଇଥିଲା। ଦକ୍ଷତାକୁ ଯେତେବେଳେ ଉପଯୁକ୍ତ ପ୍ଲାଟଫର୍ମ ମିଳେ ସେତେବେଳେ ଆଥ୍ଲେଟମାନେ ଆଗକୁ ବଢିଥାନ୍ତି। ସରକାରଙ୍କ ପକ୍ଷରୁ ଖେଲୋ ଇଣ୍ଡିଆ ଓ ଟପ୍ସ ପରି ସ୍କିମ୍ ଲଞ୍ଚ କରାଯାଇଛି। ଚଳିତ ପାରା ଗେମ୍ସରେ ଭାରତୀୟ ଆଥ୍ଲେଟ ଜିତିଥିବା ପଦକ କେବଳ ପଦକ ନୁହେଁ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ବୋଲି ସେ କହିଛନ୍ତି। ୨୦୧୪ରେ ଆମେ ୧୫ ନମ୍ବର ସ୍ଥାନରେ ରହିଥିବା ବେଳେ ଚଳିତ ବର୍ଷ ଆମେ ୫ ନମ୍ବର ସ୍ଥାନରେ ରହି ଅଭିଯାନ ଶେଷ କରିବା ଏକ ଚମତ୍କାର ଉପଲବ୍ଧି ବୋଲି କହିଛନ୍ତି ମୋଦି। ବିଗତ କିଛି ବର୍ଷ କ୍ରୀଡା ପାଇଁ ଏକ ଚମତ୍କାର ସମୟ ରହିଥିବା ବେଳେ ଏଥିରେ ଆଥ୍ଲେଟମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସେହିପରି ଦିବ୍ୟାଙ୍ଗ ଆଥ୍ଲେଟମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୁବ୍‌ଶୀଘ୍ର ଖୋଲାଯିବ ବୋଲି ସେ କହିଥିଲେ।

## ବିଶ୍ୱକପ୍ ପରେ ଅବସର ନେବେ ୱିଲି

**ବେଙ୍ଗାଲୁରୁ,୧।୧୧(ପି.ଟି.):** ଇଂଲଣ୍ଡ ଦଳର ଅଲରାଉଣ୍ଡର ଡେଭିଡ୍ ୱିଲି ଚଳିତ ଦିନିକିଆ ବିଶ୍ୱକପ୍ ଶେଷ ହେବା ପରେ ଅବସର ଗ୍ରହଣ କରିବା ନେଇ ସୂଚନା ଦେଇଛନ୍ତି। ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଜରିଆରେ ସେ ଏହି ଘୋଷଣା କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ଦଳର ଖରାପ ପ୍ରଦର୍ଶନ ଏଥିପାଇଁ ଦାୟୀ ନୁହେଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ପକ୍ଷରୁ ଏକ ସପ୍ତାହ ତଳେ ଏହାର ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ପ୍ରକାଶ ପାଇଥିଲା। ଏହି ତାଲିକାରୁ ୱିଲି ବାଦ୍ ପଡିଥିବା ବେଳେ ଏଥିପାଇଁ ସେ ଏଭଳି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଏପରି ଦିନ କେବେ ଆସିବ ବୋଲି ମୁଁ ଅନୁମାନ କରିପାରୁ ନ ଥିଲି। ସର୍ବଦା କ୍ରିକେଟ ଖେଳିବା ମୋ ପାଇଁ ସ୍ୱପ୍ନ ଥିଲା। ତେବେ ଅନେକ ଚିନ୍ତା କରିବା ପରେ ଅବସର ନେବା ଠିକ୍ ନିଷ୍ପତ୍ତି ବୋଲି ମୁଁ ଅନୁଭବ କରୁଛି। ତେଣୁ ବିଶ୍ୱକପ୍ ପରେ ଅବସର ଗ୍ରହଣ କରିବାର ଉଚିତ୍ ସମୟ। ଇଂଲଣ୍ଡର ଟି ଶାର୍ଟ ଓ ଜର୍ସି ପିନ୍ଧିବା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଲେଖିଛନ୍ତି।

## ଅଲ୍ ଦୱାସାରି, ସାମ୍ କେର୍ ପ୍ଲେୟର୍ ଅଫ୍ ଦ ଇୟର

ଦୋହା,୧।୧୧(ପି.ଟି.)

ଏସିଆନ୍ ଫୁଟ୍‌ବଲ କନ୍‌ଫେଡେରେଶନ୍ (ଏଏଫ୍‌ସି) ପକ୍ଷରୁ ଚଳିତ ବର୍ଷର ଶ୍ରେଷ୍ଠ ଖେଳାଳି ଭାବରେ ଅଲ ଦୱାସାରି ଓ ସାମ୍ କେର୍‌ଙ୍କୁ ପୁରସ୍କୃତ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏଏଫ୍‌ସି ପକ୍ଷରୁ ସାଉଦି ଆରବର ସାଲେମ୍ ଅଲ ଦୱାସାରି ଓ ଅଷ୍ଟ୍ରେଲିଆର ସାମ୍ କେର୍‌ଙ୍କୁ ଯଥାକ୍ରମେ ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳି ଭାବରେ ସମ୍ମାନିତ କରାଯାଇଛି। ୨୦୨୨ ଫିଫା ପୁରୁଷ ଫୁଟ୍‌ବଲ ବିଶ୍ୱକପ୍‌ରେ ଚାମ୍ପିୟନ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା ସାଉଦି ଆରବ। ୱିଙ୍ଗର ସାଲେମ୍ ଅଲ୍ ଦୱାସାରି ଏହି ମ୍ୟାଚରେ ସ୍କୋର କରିଥିଲେ। ଏହା ସହିତ ଚଳିତ ବର୍ଷ ସେ ଅଲ୍ ହିଲାଲକୁ ଏସିଆନ୍ ଚାମ୍ପିୟନ୍ସ ଲିଗ୍‌ର ଫାଇନାଲରେ ପହଞ୍ଚାଇଥିଲେ। କାତାରର ଅଲମୋଏଜ୍ ଅଲୀ ଓ ଅଷ୍ଟ୍ରେଲିଆର ମାଥ୍ୟୁ ଲେକି ଶ୍ରେଷ୍ଠ ପୁରୁଷ ଖେଳାଳି ତାଲିକାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ମହିଳା ଖେଳାଳି ଭାବରେ ଅଷ୍ଟ୍ରେଲିଆର ସାମ୍ କେର୍ ବିଜୟ ହୋଇଥିଲେ। ଅଳ୍ପକେ ଦ୍ୱିତୀୟ ସ୍ଥାନରେ ରହି ବାଲନ୍ ଡି'ଓର ପୁରସ୍କାରରୁ ବଞ୍ଚିତ ହୋଇଥିଲେ ମଧ୍ୟ ଏଏଫ୍‌ସିରେ ଶ୍ରେଷ୍ଠ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି।

## ରାୟଗଡ଼ାର ଭାଇଭଉଣୀଙ୍କୁ ସ୍ୱର୍ଣ୍ଣ

ରାୟଗଡ଼ା,୧।୧୧
(ଆଶିଷ ରଞ୍ଜନ ପଣ୍ଡା)

**ବିଶ୍ୱ କ୍ରସ୍‌ବୋ ଶୁଟିଂ**

ବିଶ୍ୱ କ୍ରସ୍‌ବୋ ଶୁଟିଂରେ ସ୍ୱର୍ଣ୍ଣ ପଦକ ଜିତି ରାୟଗଡ଼ା ଜିଲା ଓ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଭାଇଭଉଣୀ ଏ.ଲୋହିତ ପଟ୍ଟନାୟକ ଓ ଏ.ନେହା ପଟ୍ଟନାୟକ। ଇଣ୍ଡିଆନ୍ କ୍ରସ୍‌ବୋ ଶୁଟିଂ ଆସୋସିଏଶନ ପକ୍ଷରୁ ଉତ୍ତରପ୍ରଦେଶର ଆଗ୍ରାଠାରେ ଆୟୋଜିତ ବିଶ୍ୱ କ୍ରସ୍‌ବୋ ଶୁଟିଂରେ ରାୟଗଡ଼ା ହାଉସିଂ ବୋର୍ଡ କଲୋନି ବାସିନ୍ଦା ଆନନ୍ଦ ପଟ୍ଟନାୟକଙ୍କ ଝିଅ ନେହା ମହିଳା ଓପନ ଫ୍ରି ଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୁଅ ଲୋହିତ ମେନ୍ସ ଓପନ ଷ୍ଟାଣ୍ଡାର୍ଡ କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅକ୍ଟୋବର ୨୫ରୁ ୩୧ ପର୍ଯ୍ୟନ୍ତ ଆଗ୍ରାଠାରେ ଆୟୋଜିତ ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାରତ, ଇଷ୍ଟୋନିଆ, ୟୁନାଇଟେଡ୍ କିଙ୍ଗଡମ୍, ୟୁଏସ୍‌ଏ, ସୁଇଡେନ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଭଳି ଦେଶରୁ ୬୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ କେନ୍ଦ୍ର ଆଇନ ମନ୍ତ୍ରୀ ଏସ୍‌ପି ସିଂ ବାଘେଲ ମୁଖ୍ୟ ଅତିଥି ଏବଂ ଉତ୍ତରପ୍ରଦେଶ ମନ୍ତ୍ରୀ ବେବିରବି ମୌର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଉଭୟ ଭଉଣୀଭାଇଙ୍କ ଏହି କୃତିତ୍ୱ ହାସଲ ପାଇଁ ଜିଲାରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ଭାଇଭଉଣୀ ଆଗକୁ ଏହିଭଳି ଜିଲାର ନାଁ ବିକାଶ କରିବେ ବୋଲି କହିଛନ୍ତି।



ଏ.ଲୋହିତ ପଟ୍ଟନାୟକ ଓ ଏ.ନେହା ପଟ୍ଟନାୟକ।

## ଫିଲ୍ଡିଂ ମେଡାଲ ଓ ବିଟିଏସ୍

ଗୌତମ ଗମ୍ଭୀର

ବର୍ତ୍ତମାନ ଇଣ୍ଟରନେଟ୍‌ରେ ଭାରତୀୟ କ୍ରିକେଟ ଦଳର ବିହାଇଣ୍ଡ ଦ ସିନ୍(ବିଟିଏସ୍) ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ବ୍ୟକ୍ତିଗତ ଭାବରେ ଏହ ମୋର ମଧ୍ୟ ପସନ୍ଦ। ପୁରୁଷମାନଙ୍କ ଏହି କ୍ରୀଡାରେ ଖେଳାଳି ଯୁବସୁଲଭ ବ୍ୟକ୍ତିତ୍ୱ ଦେଖିବାକୁ ମଧ୍ୟ ମିଳୁଛି। ଚମତ୍କାର କ୍ଷେତ୍ରରକ୍ଷଣ ଦକ୍ଷତା ପାଇଁ ପ୍ରତି ମ୍ୟାଚ୍ ଶେଷରେ ଫିଲ୍ଡିଂ କୋଚ୍ ଟି. ଦିଲୀପ ଦଳର ଜଣେ ସଦସ୍ୟଙ୍କୁ ଏକ ମେଡାଲ ପ୍ରଦାନ କରୁଛନ୍ତି। ପ୍ରତ୍ୟେକ ଥର ବିଜେତାଙ୍କ ନାମ ଘୋଷଣା କରିବା ପାଇଁ ସେ ନୂଆ ନୂଆ ବୈଷୟିକ କୌଶଳର ବ୍ୟବହାର କରୁଛନ୍ତି, ଯାହା ବେଶ୍ ମନୋମୁଗ୍ଧକର। ଷ୍ଟାଡିୟମର ସ୍କ୍ରିନ୍ ଓ ସ୍ପାଇଡର କ୍ୟାମେରା ବ୍ୟବହାର କରାଯାଉଥିବା ବେଳେ ଏଥିରେ ଖେଳାଳିଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଏକ ଛୋଟ ଅଭିଭାଷଣ ମଧ୍ୟ ରହିଥାଏ।

ଆଜିର ଏହି ସ୍ତମ୍ଭରେ ମୁଁ ପ୍ରଥମେ ଭିଡିଓ ସମ୍ପର୍କରେ ଉଲ୍ଲେଖ କରିବାର ଏକ କାରଣ ମଧ୍ୟ ରହିଛି। ଏଭଳି କରିବା ଦ୍ୱାରା ଦଳ ମଧ୍ୟରେ ଏକତା ଆସୁଥିବା ନେଇ ଅନେକ ଲୋକ ବିଶ୍ୱାସ କରନ୍ତି। ଏପରିକି ସମସ୍ତ ଖେଳାଳି ନିଜକୁ ଦଳର ଅଂଶ ବୋଲି ଚିନ୍ତା କରୁଥିବା ବେଳେ ଏହା ଦଳଗତ ପ୍ରଦର୍ଶନରେ ଉନ୍ନତି ଆଣିଥାଏ। ତେବେ ଏହାକୁ ନେଇ ମୋର ମତ ସାମାନ୍ୟ ଭିନ୍ନ ରହିବ। ଭାରତୀୟ ଦଳ ଏଥିପାଇଁ ଖୁସି, କାରଣ ସେମାନେ ବର୍ତ୍ତମାନ ଯାଏ ଅପରାଜେୟ ରହିଛନ୍ତି। ବିଶ୍ୱକପ୍ ପରି ଟୁର୍ନାମେଣ୍ଟରେ ଦଳ ଟେବୁଲ୍ ଟପ୍ପର ରହିବା କମ ଗର୍ବର କଥା ମଧ୍ୟ ନୁହେଁ। ସେହିପରି ଦ୍ୱିତୀୟ କାରଣ ହେଉଛି ଟିମ୍‌ରେ ପ୍ରତ୍ୟେକ ସଦସ୍ୟ ନିଜ ଦାୟିତ୍ୱକୁ ନେଇ ନିଶ୍ଚିତ ଅଛନ୍ତି। ଏହା ଦ୍ୱାରା ଡ୍ରେସିଂ ରୁମ୍‌ରେ ଏକ ସକାରାତ୍ମକ ମାହୋଲ ରହିଥାଏ। ଏହାର ଏକ ଉଦାହରଣ ହେଉଛି ବିରାଟ କୋହଲି-ରବି ଶାସ୍ତ୍ରୀ ଯୋଡି। ଉଭୟ ପ୍ରତି ମ୍ୟାଚରେ ଖେଳାଳିମାନଙ୍କୁ ପରିବର୍ତ୍ତନ କରିଥାନ୍ତି। ଯାହା ଖେଳାଳିଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହର୍ସେସ୍ ଫର କୋର୍ସେସ(ମ୍ୟାଚ୍ ହିସାବରେ ଖେଳାଳି) ଏକ ଭଲ ପ୍ରୟାସ, ତେବେ ଟିମ୍ କଲ୍ଚର ଉପରେ ଏହା ଖରାପ ପ୍ରଭାବ ପକାଇଥାଏ।

ତେବେ ରୋହିତ ଶର୍ମା ଓ ରାହୁଲ ଦ୍ରାଭିଡ୍‌ଙ୍କ ଯୋଡି ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ଉଭୟ ନିଜ ଖେଳାଳିଙ୍କୁ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ଦେଉଛନ୍ତି। ଫଳରେ ଭାରତ ଦଳଗତ ଭାବରେ ନିର୍ଭୀକ କ୍ରିକେଟ ଖେଳୁଛି। ଆରମ୍ଭରୁ ମହମ୍ମଦ ଶାମିଙ୍କୁ ନ ଖେଳାଇବା ଓ ଠିକ୍ ସମୟ, ପରିବେଶକୁ ଦୃଷ୍ଟିରେ ରଖି ତାଙ୍କୁ ସୁଯୋଗ ଦେବା ଯୋଜନାବଦ୍ଧ ଥିଲା। ଜଣେ ଖେଳାଳିଙ୍କୁ ଦଳରେ ସ୍ଥାନ ମିଳୁ ନ ଥିବା ବେଳେ ମ୍ୟାନେଜମେଣ୍ଟ ତାଙ୍କ ସହିତ କଥା ହେବା ଦ୍ୱାରା ଉଭୟ ଖେଳାଳି ଓ ଟିମ୍‌ର ମାହୋଲ ସକାରାତ୍ମକ ରୁହେ। ଏହାର ଆଉ ଏକ ଉଦାହରଣ ହେଉଛନ୍ତି ଲୋକେଶ ରାହୁଲ। ମୁମ୍ବାଇର ଛୋଟ ଗ୍ରାଉଣ୍ଡ ଓ ଫ୍ଲାଟ ପିଚ୍‌କୁ ଦୃଷ୍ଟିରେ ରଖିଲେ ରନ୍ ଭୋଜି ଦେଖିବାକୁ ମିଳିବ। ବ୍ୟକ୍ତିଗତ ଭାବରେ ଭାରତୀୟ ବୋଲରଙ୍କ ନିକଟରୁ ଏକ ସଫଳ ଇନିଂସ ଆଶା କରିବି। ଟିମ୍ ହିସାବରେ ଏହା ବିଫଳ ହୋଇଥିବା ବେଳେ କିଛି ଖେଳାଳି ବ୍ୟକ୍ତିଗତ ଭାବରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏହା ହିଁ ଭାରତକୁ ଏହି ମ୍ୟାଚ୍‌ରେ ହଟ୍ ଫେଭରିଟ୍ ଭାବରେ ଗଢି ତୋଳୁଛି।

(ଗେମ୍ ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ